


Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

Vol. 34 | ISSUE 56 | ଭାଗ ୩୪ | ସଂଖ୍ୟା ୫୬

Bhubaneswar | Moday 19 May 2025 | Page 8 Rs. 4.00

● ଭୁବନେଶ୍ୱର ସୋମବାର ୧୯ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ପୁରୀକୁ ଲମ୍ବିଛି ଦେଶଦ୍ରୋହ ଚେର !



## ଜ୍ୟୋତି ବାନ୍ଧବୀଙ୍କୁ ଆଇବିର ଜେରା

## ଝିଅକୁ ନିର୍ଦ୍ଦୋଷ କହିଲେ ବାପା

**ପୁରୀ,୧୮।୫ (ସଂଚାର ବ୍ୟୁରୋ):** ପାକିସ୍ତାନର ସ୍ପାଏ ଭାବେ କାର୍ଯ୍ୟ କରୁଥିବା ହରିୟାଣାର ପ୍ରସିଦ୍ଧ ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ଗିରଫ ପରେ ପୁରୀର ପ୍ରିୟଙ୍କାଙ୍କ ସହ ଲିଙ୍କ ନେଇ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ଓଡ଼ିଶା ପୁଲିସ ସହିତ ମିଶି ତନାଘନା ଆରମ୍ଭ କରିଛି । ୟୁଟ୍ୟୁବର୍ ଜ୍ୟୋତି ମାଲହୋତ୍ରା ଗିରଫ ପରେ ତାଙ୍କର ପୁରୀ ସହ ସମ୍ପର୍କକୁ ନେଇ ଏବେ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଜ୍ୟୋତି ଗତ ସେପ୍ଟେମ୍ବରରେ ପୁରୀ ବୁଲିବାକୁ ଆସିଥିଲେ। ପୁରୀ ବେଳାଭୂମି, ଶ୍ରୀମନ୍ଦିର ସହ ଅନ୍ୟାନ୍ୟ ସ୍ଥାନ ବୁଲିଥିଲେ। ଏପରିକି ପୁରୀରେ ପ୍ରିୟଙ୍କା ସେନାପତିଙ୍କ ସହ ବନ୍ଧୁତା କରିଥିଲେ । ବାନ୍ଧବୀ ପ୍ରିୟଙ୍କା ଜ୍ୟୋତିଙ୍କ ସାଙ୍ଗରେ ପାକିସ୍ତାନ ବୁଲିଛନ୍ତି। ଜ୍ୟୋତିଙ୍କ ସହ ପ୍ରିୟଙ୍କାଙ୍କ ସମ୍ପର୍କକୁ ନେଇ ମଧ ଆଶଙ୍କା ବଢ଼ିଛି । ପ୍ରିୟଙ୍କା ମଧ ପୂର୍ବରୁ ପାକିସ୍ତାନ ଯାଇ ଅନେକ ଭିଡିଓ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ଏହି ସମ୍ପର୍କରେ ପୁଲିସ ତଦନ୍ତ ଆରମ୍ଭ କରିଛି। ପ୍ରିୟଙ୍କା ପୁରୀ ଶ୍ରୀମନ୍ଦିର ନିକଟ କାଳିକାଦେବୀ ସାହିର ବାସିନ୍ଦା। ତେବେ ଏ ନେଇ ପ୍ରିୟଙ୍କାଙ୍କ ବାପା ରାଜ କିଶୋର ସେନାପତି କହିଛନ୍ତି, ମୋ ଝିଅ କେବଳ ଅନଲାଇନରେ ସାଙ୍ଗ ହୋଇଛି ଏବଂ ଆମେ ଏସମସ୍ତ ଘଟଣାରେ ପୁଲିସକୁ ତଦନ୍ତରେ ସହଯୋଗ କରିବୁ ବୋଲି କହିଛନ୍ତି। ସେହିପରି ଜ୍ୟୋତିଙ୍କ ସମ୍ପର୍କରେ ବିଭିନ୍ନ ଗଣମାଧମରୁ ଜାଣିବା ପରେ ପ୍ରିୟଙ୍କା ନିଜ ଇନ୍‌ଷ୍ଟାଗ୍ରାମରେ ସ୍ପଷ୍ଟୀକରଣ ଦେଇ ଲେଖିଛନ୍ତି, ୟୁଟ୍ୟୁବ ମାଧମରେ ମୁଁ ଜ୍ୟୋତିଙ୍କୁ ଚିହ୍ନିଥିଲି। ତାଙ୍କ ସମ୍ପର୍କରେ ମୁଁ ଏତେ ➪ପୃଷ୍ଠା-୬

## ପାକ୍ ଏଜେଣ୍ଟଙ୍କ ସହ ନିୟମିତ ଯୋଗାଯୋଗରେ ଥିଲେ ଜ୍ୟୋତି

**ନୂଆଦିଲ୍ଲୀ:** ପାକିସ୍ତାନ ପାଇଁ ଗୁପ୍ତଚର ଏବଂ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ସହିତ ସମ୍ବେଦନଶୀଳ ସୂଚନା ବାଣ୍ଟିବା ଅଭିଯୋଗରେ ଗିରଫ ହୋଇଥିବା ହରିୟାଣାର ଟ୍ରାଭେଲ୍ ବ୍ଲଗର ଜ୍ୟୋତି ମାଲହୋତ୍ରାଙ୍କୁ 'ଏକ ସମ୍ପତ୍ତି ଭାବରେ ବିକଶିତ କରାଯାଉଥିଲା' ବୋଲି ପୁଲିସ ରବିବାର କହିଛି। ପୁଲିସ ଏହା ମଧ କହିଛି ଯେ ଜ୍ୟୋତି ଭାରତ-ପାକ୍ ସଂଘର୍ଷ ସମୟରେ ଏଜେଣ୍ଟମାନଙ୍କ ସହିତ ଯୋଗାଯୋଗରେ ଥିଲେ, କିନ୍ତୁ ପ୍ରତିରକ୍ଷା ସମ୍ବନ୍ଧୀୟ କୌଣସି ସୂଚନା ପାଇଁ ତାଙ୍କର ସିଧାସଳଖ ପ୍ରବେଶ ନଥିଲା। ହିସାର ପୁଲିସ ଅଧୀକ୍ଷକ (ଏସପି) ଶଶାଙ୍କ କୁମାର ସାୱନ ରବିବାର କହିଛନ୍ତି ଯେ ଜ୍ୟୋତି ପ୍ରାୟୋଜିତ ଯାତ୍ରାରେ ବହୁବାର ପାକିସ୍ତାନ ଗସ୍ତ କରିଥିଲେ ଏବଂ ପହଲଗାମ୍ ଆକ୍ରମଣ ପୂର୍ବରୁ ମଧ ଗସ୍ତ କରିଥିଲେ। ତଥାପି ସେ କହିଛନ୍ତି ଯେ ଚାଲିଥିବା ତଦନ୍ତ କୌଣସି ଯୋଗାଯୋଗ ଲିଙ୍କ ବାହାର କରିବାକୁ ଚେଷ୍ଟା କରୁଛି ➪ପୃଷ୍ଠା-୬

### ଡିଜିଏମ୍‌ଓସ୍ତରୀୟ ଆଲୋଚନା ଶେଷ

# ଜାରି ରହିବ ଭାରତ-ପାକ୍ ଅସ୍ତ୍ରବିରତି



**ନୂଆଦିଲ୍ଲୀ, ୧୮।୫:** ଭାରତ-ପାକିସ୍ତାନ ମଧରେ ଅପରେସନ ସିନ୍ଦୂରକୁ ନେଇ ସୃଷ୍ଟି ହୋଇଥିବା ସାମରିକ ଉତ୍ତେଜନା ହ୍ରାସ ପାଇଁ ସପ୍ତାହ ପୂର୍ବେ ଉଭୟ ଦେଶ ମଧରେ ଅସ୍ତ୍ର ବିରତି ହୋଇଥିଲା। ତେଣୁ ଭାରତ ଏବଂ ପାକିସ୍ତାନର ସାମରିକ ଅଭିଯାନ ମହାନିର୍ଦ୍ଦେଶକ ଡିଜିଏମଓଙ୍କ ମଧରେ ଏନେଇ ହୋଇଥିବା ବୁଝାମଣାର 'କୌଣସି ସମାପ୍ତି ତାରିଖ ନାହିଁ' ନାହିଁ ବୋଲି ଭାରତୀୟ ସେନା ପକ୍ଷରୁ ଆଜି କୁହାଯାଇଛି। ଦୁଇ ସାମରିକ ଅଭିଯାନ ମଧରେ ଉତ୍ତେଜନା ବନ୍ଦ କରିବା ପାଇଁ ହୋଇଥିବା ରାଜିନାମା ଆଜି ସନ୍ଧ୍ୟାରେ ଶେଷ ହେଉଛି ବୋଲି ରିପୋର୍ଟ ଆସିବା ପରେ ସେନା ପକ୍ଷରୁ ଏପରି ସ୍ପଷ୍ଟୀକରଣ ଦିଆଯାଇଛି। ଭାରତ ଏବଂ ପାକିସ୍ତାନର ସାମରିକ ଅଭିଯାନ ମହାନିର୍ଦ୍ଦେଶକ ଡିଜିଏମଓ ମେ ୧୨ ତାରିଖରେ ସମସ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ପାଇଁ ବୁଝାମଣା ଜାରି ➪ପୃଷ୍ଠା-୬

# ଭୟଙ୍କର ଅଗ୍ନିକାଣ୍ଡ: ୧୭ ଜଳିଗଲେ



## ମୃତକଙ୍କ ମଧ୍ୟରେ ୮ ଶିଶୁ

## ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଶୋକ

## ମୃତକଙ୍କ ପରିବାରକୁ ମିଳିବ ୬ ଲକ୍ଷ

**ହାଇଦ୍ରାବାଦ,୧୮।୫:** ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ ଆଜି ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି, ଯେଉଁଥିରେ ୧୭ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକଙ୍କ ମଧରେ ୮ ଜଣ ଶିଶୁ ଓ ୫ ଜଣ ମହିଳା ଅଛନ୍ତି। ଐତିହାସିକ ସ୍ମାରକୀ ଚାରମିନାର ନିକଟବର୍ତ୍ତୀ ହାଇଦ୍ରାବାଦ ପୁରୁଣା ସହର ଗୁଲଜାର ହାଉସ ନିକଟରେ ଥିବା କୋଠାରେ ଘଟିଥିବା ଅଗ୍ନିକାଣ୍ଡରେ ଅନେକ ଆହତ ହୋଇଛନ୍ତି। ଆଜି ସକାଳ ୫ଟାରୁ ୬ଟା ଭିତରେ ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା କୁହାଯାଇଛି। ଏପରି ଏକ ଅଘଟଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଏକ୍ସ'ରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ସମେବଦନା ଜଣାଇବା ସହ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ସେହିପରି ପ୍ରତି ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ମଧ ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ମୃତକଙ୍କ ପରିବାର ପାଇଁ ଅନୁକମ୍ପାମୂଳକ ସହାୟତା ରାଶି ଆକାରରେ ୪ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବାକୁ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଘୋଷଣା କରିଛନ୍ତି।

ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ମନ୍ତ୍ରୀ ପୋନ୍ନମ୍ ପ୍ରଭାକରଙ୍କ ସହ ଆଲୋଚନା କରିବା ସହ ଅଗ୍ନିକାଣ୍ଡ ପ୍ରଭାବିତ ପରିବାରକୁ ସହାୟତା କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଘଟଣା ସମ୍ପର୍କରେ ପୁଲିସ୍ ପକ୍ଷରୁ କୁହାଯାଇଛି ଯେ ଭୋର୍ ସମୟରେ ତଳ ମହଲାରେ ଅଚାନକ ଶର୍ଟସର୍କିଟ୍‌ରୁ ଏକ ଏସିରେ ବିସ୍ଫୋରଣ ହୋଇଥିଲା। ସଙ୍ଗେ ସଙ୍ଗେ ଅଗ୍ନିକାଣ୍ଡ ଅନ୍ୟ ମହଲାକୁ ବ୍ୟାପିଥିଲା। ଫଳରେ ଲୋକେ ➪ପୃଷ୍ଠା-୬

### ବୌଦ୍ଧ ଗସ୍ତରେ ମୁଖ୍ୟମନ୍ତ୍ରୀ: ସମୀକ୍ଷା ସମୟରେ ଚେତାଇଦେଲେ

# କାର୍ଯ୍ୟର ଗୁଣବତ୍ତାରେ ସାଲିସ୍ ହେବନି




## ଯଥାଶୀଘ୍ର ନୟାଗଡ଼ରୁ ବୌଦ୍ଧ ଗଡ଼ିବ ରେଳ

## ଖୁବ୍‌ଶୀଘ୍ର ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଓ ବସ୍‌ଷ୍ଟାଣ୍ଡ ଉଦଘାଟନ

## ପ୍ରକଳ୍ପ ବିଷୟରେ ଅବଗତ ହେଲେ ମିଳିବ ଜନସହଯୋଗ

**ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୌଦ୍ଧ ଜିଲ୍ଲା ଗସ୍ତ କରି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ଜିଲ୍ଲା ପ୍ରଶାସନର ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଏଥିରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। କିନ୍ତୁ ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସମୟରେ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ଚେତାଇ ଦେଇଛନ୍ତି ଯେ ଜନସାଧାରଣଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ କୌଣସି କାର୍ଯ୍ୟର ଗୁଣବତ୍ତାରେ ଆଦୌ ସାଲିସ୍ କରାଯାଇପାରିବ ନାହିଁ।

ମୁଖ୍ୟମନ୍ତ୍ରୀ ଏହି ଗସ୍ତ ସମୟରେ ଜିଲ୍ଲାବାସୀଙ୍କୁ ଉନ୍ନତ ଗମନାଗମନ ସୁବିଧା ଦେବା ସକାଶେ ପ୍ରାୟ ୨୮ କୋଟି ଟଙ୍କା ମୂଲ୍ୟର ସଡ଼କ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବୌଦ୍ଧରେ ଏକ ୩୦୦ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ନୂଆ ବସ୍‌ଷ୍ଟାଣ୍ଡ ଓ ବୌଦ୍ଧ ରେଳଷ୍ଟେସନ କାର୍ଯ୍ୟ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଥିବାରୁ ଖୁବ୍‌ଶୀଘ୍ର ଏସବୁ ଉଦ୍‌ଘାଟିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗୀୟ କାର୍ଯ୍ୟ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କଠାରୁ ତଥ୍ୟ ନେବା ସହ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିବା ସହ ମନ୍ଥର ଗତିରେ ଚାଲିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ➪ପୃଷ୍ଠା-୬

## ସିନ୍ଦୂର ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀ

'ଅପରେସନ ସିନ୍ଦୂର'ରେ ଆମ ସେନା ବାହିନୀର ପରାକ୍ରମ ଓ ଶୌର୍ଯ୍ୟ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି। ଆଜି କେବଳ ବୌଦ୍ଧ ନୁହେଁ ଭୁବନେଶ୍ୱର ନୁହେଁ, ଓଡ଼ିଶାର ପ୍ରତ୍ୟେକ ଗାଁରେ ଏହି ଅସୀମ ପରାକ୍ରମର ସିନ୍ଦୂର ଶୋଭାଯାତ୍ରା ହେଉଛି ଏବଂ ଏହା ଆତଙ୍କବାଦ ବିରୋଧରେ ସରକାରଙ୍କର ଶୂନ୍ୟ ସହନଶୀଳତା ନୀତିକୁ ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ➪ପୃଷ୍ଠା-୬

### କେନ୍ଦ୍ର ସରକାରଙ୍କ ଦ୍ୱନ୍ଦ୍ୱାତ୍ମକ ମାର୍ଗଦର୍ଶିକା

# ଆଶା ଆଶଙ୍କାରେ ଏନଆରଆଇ ଛାତ୍ରଛାତ୍ରୀ



## ଏମସିଆଇ ଓ ବୈଦେଶିକ ମନ୍ତ୍ରଣାଳୟରେ ନାହିଁ ତାଳମେଳ

**ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ବିଭ୍ରାନ୍ତିକର ନୀତି ଯୋଗୁଁ ଚଳିତ ବର୍ଷ ମେଡିକାଲ ପାଠ ପଢ଼ିବାକୁ ଆଗ୍ରହୀ ଛାତ୍ରଛାତ୍ରୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ବିଶେଷ କରି ଏନଆରଆଇ କୋଟାରେ ନାମ ଲେଖାଇବାକୁ ଅପେକ୍ଷା କରିଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବେ ଅନିଶ୍ଚିତତାକୁ ଠେଲି ହୋଇଯାଇଛି। କାରଣ ମେଡିକାଲ କାଉନସିଲ ଅଫ ଇଣ୍ଡିଆ (ଏମସିଆଇ) ଓ ମେଡିକାଲ କାଉନସେଲିଂ କମିଟି ଗୋଟେ କଥା କହୁଥିବା ବେଳେ କେନ୍ଦ୍ର ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଗାଇଡଲାଇନ ଭିନ୍ନ ମାନଦଣ୍ଡ ଧାର୍ଯ୍ୟ କରିଛି।

ଦେଶରେ ବିଭିନ୍ନ ସରକାରୀ ଓ ଘରୋଇ ମେଡିକାଲ କଲେଜରେ ୧ ଲକ୍ଷ ୧୨ ହଜାର ୧୧୨ଟି ସିଟ ଉପଲବ୍ଧ। ସେଥିମଧରୁ ୪୩୪ ସରକାରୀ ମେଡିକାଲ କଲେଜରେ ସିଟ ସଂଖ୍ୟା ୫୫ ହଜାର ୬୪୮ ଥିବା ବେଳେ ୩୨୦ ଘରୋଇ ମେଡିକାଲ କଲେଜର ସିଟ ସଂଖ୍ୟା ହେଉଛି ୫୩ ହଜାର ୨୫୬। ୧୫ ପ୍ରତିଶତ ସିଟ ସର୍ବଭାରତୀୟ ମେଡିକାଲ କଲେଜ ବା ଏମଏସ ଓ ଜେଆଇପିଏମଆର ପାଇଁ ସଂରକ୍ଷିତ। ଡିମଡ୍ ମେଡିକାଲ କଲେଜଗୁଡିକରେ ୧୫ ପ୍ରତିଶତ ସିଟ ବିଦେଶରେ ରହୁଥିବା ଭାରତୀୟ ବା ଏନଆରଆଇଙ୍କ ପାଇଁ ସଂରକ୍ଷିତ। ୨୦୨୪ରେ ଡିମଡ ମେଡିକାଲ କଲେଜରେ ୧୦୬୭ଟି ସିଟ ଏନଆରଆଇମାନଙ୍କ ପାଇଁ ସଂରକ୍ଷିତ ଥିଲା। ତେବେ ଚଳିତ ବର୍ଷ ବିଦେଶରେ ରହୁଥିବା ଭାରତୀୟ ଛାତ୍ରଛାତ୍ରୀମାନେ ଏନଆରଆଇ କୋଟାରେ ନିଜ ଦେଶରେ ପଢ଼ିବାର ସୁଯୋଗ ପାଇବା କାଠିକର ପାଠ ହୋଇପଡ଼ିବ। ଗତବର୍ଷ ଏନଆରଆଇ କୋଟାରେ ହୋଇଥିବା ଜାଲିଆତି ପାଇଁ କେନ୍ଦ୍ର ସରକାର ନିଜ ଗାଇଡଲାଇନରେ ପରିବର୍ତ୍ତନ କରିଦେଇଛନ୍ତି। ଏମସିଆଇର ଗାଇଡଲାଇନ କହୁଛି, ଛାତ୍ରଛାତ୍ରୀମାନେ ବିଦେଶରେ ରହୁଥିବା ନିଜ ସମ୍ପର୍କୀୟଙ୍କ ସୁପାରିସ୍ ଓ ଏନଆରଆଇ କୋଟାରେ ଭାରତର ଯେକୌଣସି ଡିମଡ ମେଡିକାଲ କଲେଜରେ ପାଠ ପଢ଼ିବାର ସୁଯୋଗ ପାଇପାରିବେ। ସମ୍ପର୍କୀୟମାନେ ମଧ ନିଜ ➪ପୃଷ୍ଠା-୬

# କକେଇ ଅନ୍ତ୍ୟେଷ୍ଟିରେ ଉଠିଲା ଝିଆରୀ କୋକେଇ

## ମଝିଆ ଉଭଣୀକୁ ମାରିଦେଲେ ଭାଇ-ଭଉଣୀ

## ଜମିବାଡି ପାଇଁ ଶତ୍ରୁ ସାଜିଲା ରକ୍ତ ସମ୍ପର୍କ



**ସମ୍ବଲପୁର,୧୮।୫(ସଂଚାର ବ୍ୟୁରୋ):** ସମ୍ବଲପୁର ଗୋବିନ୍ଦପୁର ଥାନା ମଝିପଡାରେ ଘଟିଛି ଏକ ଅଭାବନୀୟ ଘଟଣା। ପାରିବାରିକ ବିବାଦରୁ ରକ୍ତ ସମ୍ପର୍କକୁ ଭୁଲିଗଲେ ଭାଇ-ଭଉଣୀ। ସାନ ଭାଇ ଓ ବଡ଼ ଭଉଣୀ ମିଶି ମଝିଆ ଭଉଣୀକୁ ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି।

ଜମିବାଡି ବିବାଦ ପରିପ୍ରେକ୍ଷୀରେ ବଡ଼ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟାକୁ ଆସିଥିଲେ ଭାଇ ଓ ଦୁଇ ଭଉଣୀ। ସେଠାରେ କୌଣସି କାରଣରୁ ଭାଇ ଓ ଉଭଣୀଙ୍କ ମଧରେ ହୋଇଥିଲା ପ୍ରବଳ ବଚସା। ଏହା ଏତେ ଉଗ୍ର ରୂପ ନେଇଥିଲା ଯେ ଶେଷରେ ଭାଇ-ଭଉଣୀ ମିଶି ମଝିଆ ଉଭଣୀକୁ ଛୁରି ଭୁସି ହତ୍ୟା କରିଛନ୍ତି। ଏଭଳି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ତେବେ କେଉଁ କାରଣରୁ ବଚସା ଆରମ୍ଭ ହୋଇଥିଲା ସେନେଇ କିଛି ସୂଚନା ମିଳିନଥିବା ବେଳେ ପୂର୍ବର କିଛି ଘଟଣାକୁ ନେଇ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଉଛି। ମୃତା ମଝିଆ ଭଉଣୀ ହେଲେ ମହୁଲପାଲି ଥାନା ସୋଲବଗାରେ ବିବାହ କରିଥିବା ଲୀନା ସାହୁ (୪୦)। ଅଭିଯୁକ୍ତ ବଡ଼ ଭଉଣୀ ପୁଷ୍ପାଞ୍ଜଳି ସାହୁ ( ୪୫) ଓ ସାନ ଭାଇ ଗୋଲକ ସାହୁ (୩୦)ଙ୍କୁ ପୁଲିସ ଗିରଫ କରି କୁଚିଣ୍ଡା ଏସଡିଜେମ୍ କୋର୍ଟକୁ ଚାଲାଣ କରିଛି। ଘଟଣାସ୍ଥଳରେ ଗୋବିନ୍ଦପୁର ଆଇଆଇସି ରାଜେନ୍ଦ୍ର ବେହେରା, କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ ଓ ସମ୍ବଲପୁରର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରୁଛନ୍ତି। ମୃତକଙ୍କ ବଡ଼ବାପା ପୁଅ ପ୍ରଭୁଦତ୍ତ ସାହୁ ଓରଫ ଅରକ୍ଷିତଙ୍କ ରିପୋର୍ଟ କ୍ରମେ ପୁଲିସ ଗୋବିନ୍ଦପୁର ଥାନାରେ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ଗୋବିନ୍ଦପୁର ମେଡିକାଲରେ ବ୍ୟବଚ୍ଛେଦ କରାଇଛି।

ସୂଚନାନୁଯାୟୀ, ବାମରା ଗୋବିନ୍ଦପୁରର ବିନୋଦ ସାହୁଙ୍କ ୨ ଝିଅ ଏବଂ ଗୋଟିଏ ପୁଅ। ବଡ଼ ଝିଅ ଓ ପୁଅ ଅବିବାହିତ ଥିବା ବେଳେ ମୃତା ମଝିଆ ଝିଅ ଲୀନା ➪ପୃଷ୍ଠା-୬

## ଭୁବନେଶ୍ୱରରେ ଏନଆଇଏ ଶାଖା

**ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ଖୋଲିବ ରାଷ୍ଟ୍ରୀୟ ତଦନ୍ତ ସଂସ୍ଥା (ଏନଆଇଏ)ର ଶାଖା। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଭୁବନେଶ୍ୱରର ଭିଏସଏସ ନଗରରେ ପ୍ରାରମ୍ଭିକ ଭାବେ ଏନଆଇଏର ଶାଖା କାର୍ଯ୍ୟ କରିବ ବୋଲି ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଦ୍ୱାରା ବିଜ୍ଞପ୍ତି ସ୍ୱାକ୍ଷରିତ ହୋଇଛି।

ଗତ ୨୦୦୮ରେ ଭାରତରେ ପ୍ରଥମ କରି ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ପ୍ରତିଷ୍ଠିତ ହୋଇଥିଲା। ଏହା ହେଉଛି ଭାରତର କେନ୍ଦ୍ରୀୟ ଆତଙ୍କବାଦ ବିରୋଧୀ ଆଇନ ପ୍ରବର୍ତ୍ତନ ସଂସ୍ଥା। ଏହାର ପ୍ରାଥମିକ ଭୂମିକା ହେଉଛି ଆତଙ୍କବାଦ ➪ପୃଷ୍ଠା-୬

# ଦୁଇ ବିରୋଧୀଦଳରେ ଅସନ୍ତୋଷ ନିଆଁ



## ଉଭୟରେ ବରିଷ୍ଠ ଉପେକ୍ଷିତ

## ଶାସକ ଦଳକୁ ସୁହାଉଛି

**ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ):** ରାଜ୍ୟର ଦୁଇ ପ୍ରମୁଖ ବିରୋଧୀଦଳ ବିଜେଡି ଓ କଂଗ୍ରେସରେ ଅସନ୍ତୋଷର ନିଆଁ କୁହୁଳିବାରେ ଲାଗିଛି। ବିଜେଡିରେ ଧିରେ ଧିରେ ଏହା ପଦାକୁ ଆସୁଥିବା ବେଳେ ଏବେ ସେହି ରାସ୍ତାରେ କଂଗ୍ରେସ ଚାଲିଛି। ଉଭୟ ଦଳରେ ସଂଗଠନ ସଜଡ଼ାକୁ ନେଇ ଦେଖାଦେଇଥିବା ଅସନ୍ତୋଷ କିନ୍ତୁ ଶାସକ ବିଜେପିକୁ ବେଶ୍ ସୁହାଇଛି।

କଂଗ୍ରେସ ତା'ର ସଂଗଠନକୁ ସଜାଡ଼ିବା ପାଇଁ ଯେଉଁ ତାଲିକା ପ୍ରକାଶ କରିଛି, ସେଥିରେ ରାଜ୍ୟ କଂଗ୍ରେସର ବରିଷ୍ଠ ନେତାମାନେ କୋଣଠେସା। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନାଙ୍କୁ ଏକପ୍ରକାର ଦୂରେଇ ଦିଆଯାଇଛି। ତାଲିକାରେ ନରସିଂହ ମିଶ୍ର, ପଞ୍ଚାୟନ କାନୁଗୋଙ୍କ ନାଁ ବି ନାହିଁ। ସଂଗଠନର ଆଗଧାଡ଼ିର ନେତା ମାନସ ଚୌଧୁରୀଙ୍କ ନାଁ ତାଲିକାରେ ନଥିବା ବେଳେ ଅନେକ ଆଶାୟୀ ବି ହତାଶ ହୋଇଛନ୍ତି। ତେବେ ସଂଗଠନ ତାଲିକାରେ ବିଧାୟକମାନଙ୍କୁ ଦେଖି ବରିଷ୍ଠ କଂଗ୍ରେସ ନେତାମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେମାନଙ୍କର ମତ ହେଉଛି ଯେ ବିଧାୟକମାନେ ନିଜ ଅଞ୍ଚଳ କଥା ବୁଝିବାକୁ ସମୟ ପାଉନାହାନ୍ତି, ସଂଗଠନ କଥା ବୁଝିବେ କେତେବେଳେ ?

ଜଣେ କଂଗ୍ରେସୀ ନେତାଙ୍କ ମତ ହେଉଛି ଯେ ଜାତୀୟ ସ୍ତରରେ ନିଜର ପତିଆରା ବଢ଼ାଇବା ପାଇଁ ଭକ୍ତ ଏଭଳି ଟିମ୍ ଗଠନ କରିଛନ୍ତି। ଏହାଦ୍ୱାରା ସେ ଗୋଟିଏ ଗୁଳିରେ ଦୁଇଟି ଶିକାର କରିଛନ୍ତି। ଗୋଟିଏ ପଟେ ବିଧାୟକମାନଙ୍କୁ ନିଜ ସପକ୍ଷରେ ରଖିଥିବା ନେଇ ବାର୍ତ୍ତା ଦେଉଥିବା ବେଳେ ଅନ୍ୟ ପଟେ ଏହି ଆଳରେ ବରିଷ୍ଠମାନଙ୍କୁ ଦୂରେଇ ଦେଇଛନ୍ତି। ତାଲିକାରେ ଏଭଳି କିଛି କର୍ମକର୍ତ୍ତା ରହିଛନ୍ତି ଯେଉଁମାନଙ୍କର ରାଜ୍ୟ ସ୍ତରରେ ସେଭଳି କିଛି ପରିଚୟ ନାହିଁ କିମ୍ବା ସେମାନଙ୍କୁ ସାଧାରଣରେ ଅନେକେ ଚିହ୍ନି ବି ନାହାନ୍ତି। ତେବେ ସବୁଠାରୁ ଆଶ୍ଚର୍ଯ୍ୟ କରିଛି ତାଲିକାରେ ମାନସ ଚୌଧୁରୀ ଓ ନବଜ୍ୟୋତି ପଟ୍ଟନାୟକଙ୍କ ଭଳି ନେତାଙ୍କ ଅନୁପସ୍ଥିତି। ଦଳରେ ଏବେ ଏଭଳି ସଂଗଠନକୁ ନେଇ ଅସନ୍ତୋଷ ଆରମ୍ଭ ହୋଇଥିବା ବେଳେ ତାହାକୁ ପ୍ରଶମିତ କରିବା ପାଇଁ ତାଲିକାରୁ ବାଦ୍ ପଡିଥିବା ବରିଷ୍ଠମାନଙ୍କୁ ଆଉ କିଛି ନୂଆ କମିଟି କରି ଥଇଥାନର ବ୍ୟବସ୍ଥା ହେବ ବୋଲି ସୂଚନା ମିଳୁଛି। କଂଗ୍ରେସରେ ଏଭଳି ଅବସ୍ଥା ଦେଖି ଅନେକେ ଏବେ ବିଜେଡି ➪ପୃଷ୍ଠା-୬

## ଅକ୍ଷୟତୃତୀୟ

**ନିବେଦିତା ପଣ୍ଡା**

ବୈଶାଖ ମାସର ଶୁକ୍ଳ ତୃତୀୟାଟି
ଅକ୍ଷୟ ତୃତୀୟା ନାମେ,
ଏହି ଧରା ଧାମେ ରହିଅଛି ଖ୍ୟାତ
ଶୁଭ ଅନୁକୂଳ କାମେ।

ଜଗନ୍ନାଥଙ୍କର ଚନ୍ଦନ ଯାତ୍ରାର
ଶୁଭାରମ୍ଭ ତିଥି ଦିନ,
ରଥକାଠ କାମ ହୁଏ ଅୟରାମ୍ଭ
ଅକ୍ଷୟ ତୃତୀୟା ଦିନ।

କୃଷି ପର୍ବ ଏହା ଉତ୍କଳ ମାଟିର
ଚାଷ କାର୍ଯ୍ୟର ଆରମ୍ଭ ,
ନିଜ କ୍ଷେତେ ଅକ୍ଷି ବୁଣି ଥାଏ ଚାଷୀ
ଅନୁକୁଳ କରି ଶୁଭ।

ଟୋକେଇରେ ନେଇ ଧାନ ଓ
ଗୌଣୀ
ନାଲି କପଡାକୁ ଢାଙ୍କି,
ଝୋଟି ଚିତା ଲେଖି ଫୁଲ ଚନ୍ଦନରେ
ଭୋଗ ନୈବେଦ୍ୟ ସମର୍ପି।

ଅତି ସନ୍ତର୍ପଣେ ନୀତି ଓ ନିୟମେ
ଅକ୍ଷିମୁଠି ବୋହି କ୍ଷେତେ,
ଲକ୍ଷ୍ମୀ ପୂଜାକରି ଧାନ ଦିଏ ବିଞ୍ଚି
କେତେ ହରସରେ ସତେ।

ଅକ୍ଷୟ ତୃତୀୟା ମହାଶୁଭ ଦିନ
ସବୁ କାମେ ଫଳ ଶୁଭ,
ବିନା ପାଞ୍ଜି ଦେଖି ତିଥି ନ ଜାଣି କି
କାର୍ଯ୍ୟ ହୁଏ ଶୁଭାରମ୍ଭ।

କୁବେରଙ୍କୁ ଧନ ଭଣ୍ଡାର ମିଳିଲା
ଅକ୍ଷୟ ତୃତୀୟା ଦିନ,
ପାଣ୍ଡବ ମାନଙ୍କୁ ଅକ୍ଷୟ ପାତ୍ର ଯେ
ସୂର୍ଯ୍ୟ କରିଲେ ପ୍ରଦାନ।

ବୃନ୍ଦାବନ ଧାମେ ବାଙ୍କ ବିହାରୀଙ୍କ
ଚରଣ ଦର୍ଶନ ଦିନ,
କନକଧାରା ସ୍ତୋତ୍ର ଶଙ୍କରାଚାର୍ଯ୍ୟ
କରିଥିଲେ ଯେ ଲିଖନ।

ଶୀତଳଷଷ୍ଠୀ ଯାତ୍ରାର ଶୁଭାରମ୍ଭ
ସମ୍ବଲପୁରରେ ଜାଣ,
ଅକ୍ଷୟ ତୃତୀୟା ତିଥିଟି ଅଟଇ
ଅନେକ ମହତ୍ତ୍ୱ ପୂର୍ଣ୍ଣ।

**ରାଉରକେଲା**

## କଲମ

**ଶୋଭାମୟୀ ପତ୍ରୀ**

କଲମଟିଏ ମୋ ହାତରେ ଦେଇ
କହିଲେ ମୋର ପିତା ,
ଏହାକୁ ସଦା କରିବୁ ସାରଥି
ହେବୁ ଜଗତ ଜିତା ।
ମନର ଭାବ କରଇ ପ୍ରକାଶ
କଲମ ହାତେ ଧରି,
କଲମ ପାଇଁ ରାଣୀ ମୁଁ ସାଜିଲି
କାବ୍ୟ କବିତା ପୁରି ।
ଲେଖନୀ ଧରି ଲେଖିକାଟିର
ଲଭିଲି ସିନା ଗୌରୀ,
କଲମ ବିନା ଜୀବନ ଯୁଦ୍ଧରେ
ଯିବି ମୁଁ ନିଶ୍ଚେ ହାରି ।
ଛୋଟ ଛୋଟ ଶବ୍ଦମାନଙ୍କୁ ଗୁନ୍ଥି
ସୁନ୍ଦର ବାକ୍ୟ ଗଢ଼ି,
କାଗଜେ ଉତାରି ସମାଜ ହିତେ
ବାର୍ତ୍ତାକୁ ଦିଏ ବାଢ଼ି ।
କଲମ ଆଣେ ମନେ ଜାଗରଣ
ସାହସ ହୃଦେ ଭରେ,
ଅନ୍ଧବିଶ୍ୱାସ କୁସଂସ୍କାର ବିପକ୍ଷେ
ସଂଘର୍ଷ ଭିଡି ଧରେ ।
ମୋ ପ୍ରିୟ କଲମ ପାଇଁ ମୁଁ ଆଜି
ପାଇଲି ପରିଚୟ,
ଜୀବନ ଘାଟେ କେତେ ସାଥି ମୋ
ସଭିଙ୍କ ମୁହିଁ ପ୍ରିୟ ।

**କେନ୍ଦ୍ରାପଡ଼ା**

# ପ୍ରାରବ୍ଧ କର୍ମଫଳ

**ଶୋଭାମୟୀ ପତ୍ରୀ**



ସୁରେଶ ଭାବୁଥିଲେ ଏଇଟା ତାଙ୍କର କେଉଁ କର୍ମର ଶାସ୍ତି । ତେବେ କଣ ଏଇଟା ତାଙ୍କ ପ୍ରାରବ୍ଧ କର୍ମ....., ସେ ଅତୀତକୁ ଘାଣ୍ଟିବାକୁ ଲାଗିଲେ , ତାଙ୍କର ଠିକ୍ ମନେ ଅଛି ହେତୁ ପାଇଲା ପରଠୁ ସେ ଏମିତି କିଛି ବି କର୍ମ କରିନଥିଲେ ଯାହା ପାଇଁ ତାଙ୍କୁ ଏତେବଡ଼ କଷ୍ଟ ସହିବାକୁ ପଡିବ, ତାହାହେଲେ ଏହା ବୋଧେ ତାଙ୍କ ପୂର୍ବଜନ୍ମର କୃତ କାର୍ଯ୍ୟରେ ଭୋଗାଭୋଗ । ହଁ ସେ ଭିତରେ ସେ ତାଙ୍କର ଏକ ବିରାଟ ଭୂଲକୁ ପାଶୋରି ପକାଇଥିଲେ କି ପତ୍ନୀ ସ୍ୱପ୍ନାଙ୍କ ପ୍ରସୁତି ସମସ୍ୟା ନେଇ ଡାକ୍ତରଙ୍କ ପରାମର୍ଶକୁ ଖାତିର ନ କରି ସ୍ୱପ୍ନାଙ୍କ ଜିଦିରେ ବଂଶକୁ ଆଗକୁ ବଢ଼ାଇବା ପାଇଁ ସ୍ୱୀକୃତି ଦେଇଥିଲେ ଫଳ ସ୍ୱରୂପ ସେ ସବୁଦିନ ପାଇଁ ସ୍ୱପ୍ନାକୁ ହରେଇ ବସିଥିଲେ ।ସେ ମନକୁ ଆଶ୍ୱସ୍ଥି ଦେଲେ , ଆଖିରୁ ଲୁହ ପୋଛି ଆକାଶକୁ ଚାହିଁଲେ , ସଞ୍ଜ ଉଖୁରି ଆସିଲାଣି, ଆଜି ବହୁତ ଡେରି ହୋଇଗଲାଣି, ସ୍ୱପ୍ନାଙ୍କ ପରେ ଏଇ ସଞ୍ଜବତୀ ଜାଳିବା କାମଟା ତାଙ୍କ ହାତକୁ ଆସିଲା ପରଠୁ ସେ କେବେ ଏମିତି ଭୂଲ୍ କରି ନ ଥିଲେ ତଥାପି ତ ସବୁ ଅମଙ୍ଗଳ ହୋଇ ଚାଲିଛି ଆଉ ଆଜିର ଅମଙ୍ଗଳ ତାର ସୀମା ଲଙ୍ଘି ସାରିଛି । ଆଜି ତାଙ୍କର ଏଇ ଠାକୁର ଘରେ ଶେଷ ସନ୍ଧ୍ୟା, ସେ ତରତର ହୋଇ ସଞ୍ଜବତୀ ଜାଳି ପ୍ରାର୍ଥନା କରିବାକୁ ହାତଯୋଡ଼ିଲେ , ତାକୁ ଲାଗୁଥିଲା ସତେ ଯେମିତି ସେ ମତିଶୂନ୍ୟ ହୋଇଯାଇଛନ୍ତି , ସେ ମନରେ ସ୍ଥିରତା ଆଣିବା ପାଇଁ ଆଖିରେ ଚଷମା ପିନ୍ଧି ହାତରେ ପୁରାଣ ଧରି ଲକ୍ଷହୀନ ଭାବେ ପୃଷ୍ଠା ପରେ ପୃଷ୍ଠା ଓଲଟେଇ ଚାଲିଲେ । ତାଙ୍କର ମନେପଡିଗଲା ଏହି ପୁରାଣରୁ ପଢିଥିବା ମହାରାଜ ଚିତ୍ରକୂଟଙ୍କୁ ମହାର୍ଷି ଅଙ୍ଗିରା କହିଥିବା କେତୋଟି ମହତ ବାଣୀ , " ଯେ ପୁତ୍ରସନ୍ତାନର କାମନା ଓ ପ୍ରାପ୍ତି ଦୁଃଖର କାରଣ, ସଂସାରରେ ଚାରି ପ୍ରକାରର ପୁତ୍ର ଥାଆନ୍ତି, ପ୍ରଥମରେ ପୂର୍ବଜନ୍ମର ଶତ୍ରୁ, ଯିଏକି ପ୍ରତିଷେଧ ନେବା ପାଇଁ ଜନ୍ମ ନେଇଥାନ୍ତି, ଦ୍ୱିତୀୟରେ ପୂର୍ବ ଜନ୍ମର ଋଣୀ,ଯେ ତାର ଋଣ ଆଦାୟ ପାଇଁ ତୁମକୁ ସର୍ବଶ୍ରାନ୍ତ କରିବାକୁ ପଛେଇବ ନାହିଁ,ତୃତୀୟରେ ଉଦାସୀନ ପୁତ୍ର, ଯିଏ ବିବାହପରେ ପିତାମାତାଙ୍କୁ ପର କରିଦିଏ ଆଉ ଚତୁର୍ଥରେ ଦାସପୁଅ ଯିଏ ପିତାମାତାଙ୍କୁ ଦେବତୁଲ୍ୟ ବ୍ୟବହାର ଏବଂ ସେବା ଶୁଶ୍ରୁଷା କରିବାକୁ ନିଜର ଧର୍ମ ମନେକରେ ।

ପୁରାଣର ପୃଷ୍ଠା ସୁରେଶଙ୍କ ଆଖି ଲୁହରେ ଭିଜି ଯାଇଥିଲା ସେ ତାଙ୍କ ଏକମାତ୍ର ପୁଅ ଭିତରେ ପୂର୍ବ ତିନି ପ୍ରକାର ଗୁଣକୁ ସ୍ପଷ୍ଟ ଉପଲବ୍ଧି କରୁଥିଲେ, ହେଲେ ଶିଶୁ ପୁତ୍ରକୁ ତାଙ୍କ କୋଳରେ ଦେଇ ସ୍ତ୍ରୀ ସ୍ୱପ୍ନା ଆରପାରିକୁ ଚାଲିଗଲା ପରେ ସେ ତାଙ୍କ ପୁଅକୁ ଚତୁର୍ଥ ପୁତ୍ର ପରି ନିତିବାନ୍, ସଂସ୍କାରି କରିବାର ଚେଷ୍ଟାରେ କେବେ ହେଳା କରିନଥିଲେ । ଅବଶ୍ୟ ଏତେ ବର୍ଷ ପରେ ପୁଅକୁ ପାଇ ସେ ପୁତ୍ର ପ୍ରେମରେ ଅନ୍ଧ ହୋଇଯାଇଥିଲେ , ସେ ପୁଣି ମାତୃହୀନ ପୁଅ, ଏଣୁ ପୁଅର ସବୁ ଜିଦିକୁ ପୂରଣ କରିବା, ତାକୁ ପାଗଳଙ୍କ ପରି ଭଲପାଇବା, ତାର ପ୍ରତ୍ୟେକ କଥାକୁ ବିଶ୍ୱାସ କରିବା ଏଗୁଡା ତାଙ୍କର ମାତୃବତ ମମତା ଭଳି ପିତୃ ପ୍ରେମ କି ତାଙ୍କର ଅର୍ଜିତ ପ୍ରାରବ୍ଧ ସେ ବୁଝି ପାରୁନଥିଲେ ଯାହାର କୁଫଳ ତାଙ୍କୁ ଆଜି ଭୋଗିବାକୁ ପଡୁଛି ।

କାନ୍ଥଘଣ୍ଟା ଟନ୍ ଟନ୍ ଶବ୍ଦକରି ତାଙ୍କ ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ସଙ୍କେତ କଲା, ସୁରେଶବାବୁ ଘଣ୍ଟାକୁ ଚାହିଁଲେ ସାଢେ ଦଶଟା ବାଜିଗଲାଣି, ସେ ତରତର ହୋଇ ପୁରାଣ ବହି ସହ ଭାଗବତ ଗୋସେଇଁଙ୍କୁ ଗୋଟେ ସଫା କପଡାରେ ବାନ୍ଧି ଆଗରୁ ସଜାଡି ରଖିଥିବା ତିନୋଟି ପୁଟୁଳି ପାଖରେ ଥୋଇ ରନ୍ଧା ଘର ଆଡ଼କୁ ଗଲେ ପେଟରେ ଭୋକ ନଥିଲେ ବି ଏଇଟା ତାଙ୍କ ପାଇଁ ଏ ଘରେ ଶେଷ ପଡି ବୋଲି ସେ ତାର ଆନନ୍ଦର କରିବାକୁ ଚାହୁଁ ନ ଥିଲେ , ହେଲେ ସେତକ ବି ତାଙ୍କ ଭାଗ୍ୟରେ ନ ଥିଲା ସେତେବେଳକୁ ହାଣ୍ଡିଶାଳ ତାଲା ପଡି ସାରିଥିଲା । କଥା ଅନୁସାରେ ତା ପରଦିନ ସୁନ୍ଦରା ଫାଟିଲା ବେଳକୁ ସେ ତାଙ୍କର ଚାରୋଟି ଗଣ୍ଠିଲି ସହ ବାହାରିଲା ବେଳକୁ ପଛରୁ କିଛି ଶବ୍ଦ ଶୁଣି ଅଟକି ଗଲା, ବୋଧହୁଏ ତାଙ୍କ ପୁଅ ତାଙ୍କୁ ଅଟକାବା ଉଦ୍ଦେଶ୍ୟରେ କିଛି କହୁଛି, ତାଙ୍କ ମନରେ ଆଶାର କିରଣ ଉଙ୍କି ମାରୁ ମାରୁ ନାରୀ କଣ୍ଠ ଶୁଭିଗଲା ଏ ବୁଢା କଣ ସବୁ ଏତେ ଗୁଡ଼ାଏ ସେ ପିଟୁଳିରେ ପୁରେଇ ନେଇଯାଉଛୁ ରହ ମୁଁ ଆଗେ ଦେଖିସାରେ । ସୁରେଶ ବାବୁ କୋହ ଭରା ହସଟିଏ ହସି ଦେଇ ସବୁତକ ପୁଟୁଳି ସେହିଠାରେ ଥୋଇଦେଇ ଗତ ରାତିରେ ସଫା ଧଳା ପୁଟୁଳି ଖୋଲି ପୁରାଣ ବହି ଆଉ ଭାଗବତ ଗୋସେଇଁଙ୍କୁ ମୁଣ୍ଡରେ ମାରି ଆଗକୁ ପାଦ କାଢିଲେ ଆଉ ଧୀର କଣ୍ଠରେ କହୁଥିଲେ ନାଇଁ ବୋହୂମାଆ ତୁମେ ସବୁତକ ରଖିନିଅ ମୁଁ କେବଳ ମୋ ପ୍ରାରବ୍ଧ କର୍ମ ହିଁ ସାଥିରେ ନେଇ ସବୁଦିନ ପାଇଁ ଚାଲିଯାଉଛି........ ।

କେନ୍ଦ୍ରାପଡ଼ା



## ପୁଣ୍ୟ ସାବିତ୍ରୀ

**ସ୍ୱାଗତିକା ସାହ**

ସତୀ ଶିରୋମଣୀ ମାଁ ସାବିତ୍ରୀ
ତୁମ ସତିତ୍ୱର ଯେବେ ଉଠେ ପ୍ରଶ୍ନ...
ଆରକ୍ତ ଅଧର ଅନ୍ତରାଳେ ତୁମ ନିଷ୍ଠା
ନାରୀତ୍ୱ ର ଅଦମ୍ୟ ସାହସ ଦୃଢ଼ ସଂକଳ୍ପ....
ସମର୍ପଣ ଓ ସମର୍ଥନ ର ମନ ଇତର
ଶ୍ରେଷ୍ଠ ପ୍ରେମ ପ୍ରିକ୍ରମାର ମଶାଲ ଦେଖି
ପ୍ରତି ଆଖି ଲୋଡ଼େ ସେହି ସବୁଜ ସ୍ୱପ୍ନ...!
ହରେଇବା ଓ ଖୋଜିବାର ଏକ ସନ୍ଧି
ତା ଭିତରେ ସୃଷ୍ଟି ଏକ
ବିରାଟ ଶୂନ୍ୟତା....!
ତଥାବି ବେଦନା ସବୁକୁ କାନ୍ଦେଇ
ମୃତ୍ୟୁର ଉହକୁ ଥିବା ଦାବାନଳକୁ
କେବେ ପଶ୍ଚାତପଦ କରିନାହିଁ...!
ମରୁକୁ କରି ସବୁଜିମା ସାଜିଲ...
ନାରୀତ୍ୱର ଅନ୍ତହୀନ ପ୍ରଦୀପ...!!
ପୂଜ୍ୟା ନାରୀ ସମାଜର ତୁମେ ତ
ସ୍ୱର୍ଣ୍ଣିମା କୁଂକୁମ....!
ପଞ୍ଚ ସତୀ ମଧ୍ୟେ ଶ୍ରେଷ୍ଠ ତୁମେ
ପୁରାଣ ବି ସ୍ତମ୍ଭିଭୂତ
ସତିତ୍ୱର ଶୁଭ୍ର ପଣତ ତଳେ...
ଅକ୍ଷୁର୍ଣ୍ଣ ମର୍ଯ୍ୟାଦା ପୂଜ୍ୟପୂଜ୍ୟାର
ଆମର ସ୍ଲୋଗାନ ଦିଏ....
ଏଇ ସତୀ ସାବିତ୍ରୀ ଗାଥା ତା ଅସ୍ମିତା
ହେ ଅଶ୍ୱପତିଙ୍କ ଦୁଲଣୀ....
ତୁମ ଅଟଳ ବିଶ୍ୱାସ ପାଖେ
ମଥାନତ ମୃତ୍ୟୁ ଦେବତା ଜନ୍ତୁପତି
ମହାରାଜା ଯମ.....!
ଜ୍ୟେଷ୍ଠ ମାସ ଅମବାସ୍ୟା ତିଥି
ପ୍ରସିଦ୍ଧ ମାଁ ସାବିତ୍ରୀଙ୍କ ବ୍ରତ ନାମେ
ମହୀୟସି ପତିପ୍ରାଣା,କର୍ତ୍ତବ୍ୟନିଷ୍ଠା
ମହା ଭାରତୀୟ ନାରୀ ରତ୍ନା....
ଯମ ପୁରୀରୁ ଯୁଝି ଆଣି ପତିଙ୍କୁ
ଦେଲ ପୁନଃଜନ୍ମ... !!
ସତୀତ୍ୱର ଜାଜୁଲ୍ୟମାନ
ଆଲୋକରେ
ହେଲେ ଆୟୁଷ୍ମାନ ସତ୍ୟବାନ...
ସମୟକୁ ଭାଙ୍ଗି ସେଇ କସ୍ତୁରୀ ବାସ୍ନାରେ
ପୁଣି ହଜିବର ଥିଲା ତାଙ୍କୁ....!
ପ୍ରଚେଷ୍ଟାର ସେଇ ଚଳନ୍ତି ମଧୁ
ଜୀବନର ପୁଞ୍ଜିଭୂତ ସତ୍ତାକୁ
କରେ ସଫଳ...!
ବାସ୍ତବ ଦାମ୍ପତ୍ୟ ଜୀବନର ଏ ଉପନ୍ୟାସ
ଅଭୁଲା ସପନ ତୂଳୀ ପତି ନିମନ୍ତେ
ପତି ପତ୍ନୀଙ୍କ ଏଇ ସୁନ୍ଦର ମାଟି...
ସମ୍ପର୍କଟି ମୁଦ୍ରାର ଦୁଇ ପାର୍ଶ୍ୱ ପରି
କାୟ ମନୋବାକ୍ୟରେ ହୁଏ ଅହ୍ୟ...!
ସାତ ଜନ୍ମରେ ଗୁଞ୍ଜରିତ
ସେ ଉପାସନା,ସାଧନା....
ଝଟକୁ ସିମନ୍ତ ସିନ୍ଦୁର ପ୍ରତି ନାରୀ ମଥାରେ
ଆଉ ହାତେ ନାଲି ଶଙ୍ଖା...
ଢ଼ାଳି ଦେଇ ଅର୍ଘ୍ୟଥାଳୀରେ
ପବିତ୍ର ପ୍ରେମର ମୋଦକ....
ତ୍ୟାଗର ସାଳିତା ଇହଧାମେ
ଚାଲୁ ଅଟଳ ବିଶ୍ୱାସ ଭରି...!
ସତୀ ଗୃହିଣୀର କର୍ମ ପନ୍ଥାନେଇ
ଦେଖୁ ଅନ୍ତର୍ମନେ ପ୍ରୀତିରସ
ଓଜାଡ଼ି ସୀମାବଦ୍ଧ ଯୌବନ....
ହେଉ ଅହ୍ୟ ସୁଲକ୍ଷଣୀ
କଲ୍ୟାଣୀ ଆସ୍ପଦ....

**ଉମରକୋଟ, ନବରଙ୍ଗପୁର**







## ପହେଲଗାମର ଜବାବ

**ଡ ଚନ୍ଦ୍ରକଳା ନାୟକ**

ସବୁଦିନ ପରି ସେଦିନ ବି ଉଇଁଥିଲା ରକ୍ତିମ ସୁରୁଜ
ଆକାଶ ବି ହସୁଥିଲା, ପାହାଡ ପାଦ ଚୁମ୍ବି
ଝରଣାର କୁଳୁକୁଳୁ ନାଦ,
ଶାନ୍ତ କାନ୍ତ କୋମଳ ଘାଟିରେ
କୋଳାହଳ ଭରି ରହିଥିଲା ।
ସ୍ୱର୍ଗର ସୁନ୍ଦରତା ମନଭରି
ପାନ କରୁ କରୁ, କିଏ ବା ଜାଣିଥିଲା
ହଠାତ ଆସିଯିବ ଜୀବନର ଶେଷଯାତ୍ରା ।
ନିଘଂଚ ବନାନୀର କୁଳୁକୁଳୁ ଧ୍ୱନୀରେ
ସଜୀବ ପାଇନର ଗଛଡାଳରେ
ସମସ୍ତ ଖୁସିର ମୁହୂର୍ତ୍ତକୁ ଭାଙ୍ଗି
କ୍ରୁର ଦାନବର ଅଟ୍ଟହାସ୍ୟ ଭିତରେ
କିଏ ବା ଜାଣିଥିଲା ସନ୍ତ୍ରାସବାଦର ତାଣ୍ଡବ ରଚିବ ।
ମୁହୂର୍ତ୍ତକରେ ବଦଳିଗଲା ରଙ୍ଗ
ସତେଜ, ସବୁଜ ଘାସ ଗାଲିଚାଟା
ମେଂଚା ମେଂଚା ରକ୍ତଛିଟାରେ
ଏଣେ ତେଣ ଧାଉଁଥିଲା ତା ଅନ୍ତରଙ୍ଗ ଲୋକଙ୍କୁ ବଂଚାଇବାକୁ ।
କ୍ଷଣିକ ମଧ୍ୟରେ ସବୁ ବଦଳିଗଲା
ସଫେଦ ଚାଦର ଉପରେ ଶୋଇଗଲା
ମୁହୂର୍ତ୍ତକର ଇତିହାସ, ନିରୀହ ନିଷ୍ପାପ
କୋମଳ ହିନ୍ଦୁ ସନାତନର ଶରୀରମାନ ।
ପ୍ରବାହିତ ହେଲା ରକ୍ତର ଧାର
ନୀରବି ଗଲା ମାତ୍ର ସାତଦିନର ଦାମ୍ପତ୍ୟ
ସ୍ତ୍ରୀ କୋଳରେ ସ୍ୱାମୀ ଓ ପୁତ୍ର ଆଗରେ ପିତା
ସେହି ପହେଲଗାମର ଶାନ୍ତ ଉପତ୍ୟକା
ଦେଖୁଥିଲା ଧର୍ମ ନାମରେ ବ୍ୟଭିଚାରର ଯାତ୍ରା ।
ହାତରୁ ଲିଭି ନଥିଲା ମେହନ୍ଦିର ବାସ୍ନା
ପାଦରୁ ଯାଇନି ଶୁଖି ଅଳତାର ଛିଟା
ବାସର ରାତିର ବାସ୍ନା ଓ ଅଭିସାରିକାର
ସ୍ୱପ୍ନକୁ ସତେଜ କରୁଥିବା ମନର ମଣିଷ ।
ଧର୍ମ ନାମରେ ଦୁଇଭାଗ କରି, 'କଲାମ'ର ପାଠ
ଧର୍ମକୁ ଚିହ୍ନିବାର ଉଲଗ୍ନ ଚିତ୍ର
ମୁଢ ଦାନବର ନଥିଲା ଅନୁଶୋଚନାର ଚିହ୍ନବର୍ଣ୍ଣ ।
ନିରିମାଖୀ ହୃଦୟକୁ ଧର୍ମର ଦ୍ୱାହି ଦେଇ
ଭୀରୁ କାପୁରୁଷ ପରି ନିରସ୍ତ୍ର
ମାନବ ଜାତିକୁ ଗୁଳିର ଶବ୍ଦରେ
କ୍ଷଣିକରେ ଖେଳିଗଲେ ରକ୍ତର ହୋଲି ।
ମନେରଖ ହେ ଭୀରୁ ସନ୍ତ୍ରାସବାଦୀ
ଆଖିର ଲୁହ ପୋଛି, ଭୁଲିସବୁ ହୃଦୟ ବିଦାରକ ଦୃଶ୍ୟକୁ
ସଧବା ନାରୀର ଛାତିର ଦମ୍ଭକୁ ଧରି
ଏ ଜାତିର ପ୍ରତିଟି ସ୍ପନ୍ଦନକୁ
ଏକତ୍ର କରି ଭୂକମ୍ପ ନିଶ୍ଚିନ୍ତ ଆସିବ
ସାତତାଳ ପଙ୍କ ଭିତରୁ ବି ଖୋଜିବ
ତୁମରି ସତ୍ତାକୁ, ନିରସ୍ତ୍ର ନୁହେଁ ହିନସ୍ତା କରି
ସମଗ୍ର ଭାରତ ବର୍ଷ ଏକତ୍ର ପୁତ୍ରରେ
ଅପରେସନ ' ସିନ୍ଦୁର ' ଭିତରେ
ସଧବା ନାରୀର ସ୍ୱାଭିମାନଙ୍କୁ ପାଥେୟ କରି
ଉପଯୁକ୍ତ ସମ୍ମାନଟିକକବି ରକ୍ଷା କରିଗଲା ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, **ଛତିଆ, ଯାଜପୁର,**
**ମୋବାଇଲ: ୯୪୩୭୯୫୭୬୧୭**





## ବିଜୟ ସିନ୍ଦୂର

**ଡଃ ତାନଶ୍ରୀ ପାଣିଗ୍ରାହୀ**

ସିନ୍ଦୂର ଟୋପା ଲିଭିଗଲା ସିନା
ବୀରାଙ୍ଗନା ମଥା ପରେ
ସେ ସିନ୍ଦୂର ଆଜି ରକ୍ତ ପରି ଝରେ
ମାଟି ମାଆର ଶରୀରେ...

ଯେଉଁ ମାଆଠାରୁ ନେଲୁ ତୁ ଜନମ
ତାର ସର୍ବନାଶ କଲୁ
ଭାରତୀୟ ନାରୀ ସହିବା ଶକତି
ପରୀକ୍ଷା ତୁ କରୁଥିଲୁ...

ଜାଣି ନାହୁଁ କେବେ ଅସୀମ ତା ଧୈର୍ଯ୍ୟ
ତ୍ୟାଗ ବୀରତ୍ୱର ଗାଥା
ଅହଂକାର ତୋର ଭାଙ୍ଗି ଦେବ ସେ
କଙ୍କାଳ କହିବ କଥା...

ସିନ୍ଦୂର ମହତ୍ତ୍ୱ ବୁଝି ନାହୁଁ ବୋଲି
ପୋଛି ଥିଲୁ ତୋର ହାତେ
ବିଶ୍ୱାସ ଘାତକ ସାଜି ଗଲୁ ସିନା
ଧର୍ମ ସହିବନି ତୋତେ...

ବୀରାଙ୍ଗନା ଏହି ଭାରତୀୟ ନାରୀ
ଅସୀମ ମାଟିମା ମୋହ
ବିଜୟ ସିନ୍ଦୂର ପିନ୍ଧିଲା ସେ ଦିନେ
ଦେଖିଲା ତା ପ୍ରାଣପ୍ରିୟ ॥

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**
**ବାଲିଆ,ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**

## ସେଇ ଝିଅଟି



**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**




ଗତ ମହିଳା ଦିବସରେ ମହିଳାଙ୍କ ରାଜନୈତିକ ସ୍ୱାଧୀନତା ଉପରେ ହେଉଥିବା ଗୋଟିଏ ଆଲୋଚନା ଚକ୍ରରେ ଥାଇ ଗୋଟିଏ ପ୍ରଶ୍ନର ଆମେ ସାମ୍ନା କରିଥିଲୁ। ଯଦିଓ ପ୍ରଶ୍ନଟି ସିଧା ସଳଖ ଜନୈକ ଆଲୋଚିକାଙ୍କୁ ପଚରା ଯାଇଥିଲା, ସେଠାରେ ମୋର ଉତ୍ତର ରଖିବା ସମ୍ଭବ ହେଇନଥିଲା। ପ୍ରଶ୍ନଟି ଥିଲା ଯଦି ଜଣେ ଝିଅ ନିଜର କ୍ୟାରିଅର ଓ ଜୀବନ ଗଢିବାର ସ୍ୱାଧୀନତା ଚାହୁଁ ଥିବା ବେଳେ ପରିବାରର ବିରୋଧର ସମ୍ମୁଖୀନ ହୁଏ, ତେବେ ସେ କଣ କରିବା ଉଚିତ୍। ଏହା ନିଶ୍ଚିତ ଭାବରେ ଏକ ଜଟିଳ ପ୍ରଶ୍ନ। ମାତ୍ର ମୋ ଦେଖିବାରେ ଦୃଢ଼ ଇଚ୍ଛା ଶକ୍ତି ପାରିବାରିକ ଓ ସାମାଜିକ ବାଧା ବନ୍ଧନକୁ ପ୍ରତିହତ କରି ପାରେ। ଆମେ କେଉଁ ରାସ୍ତାରେ ଯିବା ଉଚିତ୍ ଓ କେଉଁ ରାସ୍ତା ଆମ ପାଇଁ ଠିକ୍, ତାର ଅବବୋଧ ଆମ ମଧ୍ୟରେ ଥିବା ଚାହି। ମୁଁ ପଢିବି, ଏପରି ଏକ ସ୍ଲୋଗାନ ଆଉ ନୂଆ ହୋଇ ନାହିଁ। ପାଠ ହେଉ କିମ୍ବା ଯେ କୌଣସି କ୍ଷେତ୍ର, ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଭିଡ଼ ମଧ୍ୟରେ ନିଜକୁ ଅଲଗା କରି ପାରିବାର କ୍ଷମତା ରଖିବାକୁ ପଡ଼ିବ। ଲକ୍ଷସ୍ଥଳରେ ପହଞ୍ଚିବା ପାଇଁ ବାଧା ବିଘ୍ନ ଆସିବା ଗୋଟିଏ ସାଧାରଣ କଥା। ମାତ୍ର ପରିବାରର ଆଡ଼ ଆକଟ ଓ ପ୍ରୋତ୍ସାହନ ଉଭୟ ଆମ ପାଇଁ ଜରୁରୀ।

ପ୍ରତିବର୍ଷ ବାହାଋତୁ ପରି ଗୋଟେ ରଜ କମେଡି ଶୋ ଆସି ଯାଉଛି। ରଜ କୁଇନ୍, ରଜ ସୁନ୍ଦରୀ ପରି ଏହି କଦର୍ଯ୍ୟ କାର୍ଯ୍ୟକ୍ରମଗୁଡିକ କଣ ଯେ ଉପକାର କରୁଛନ୍ତି ସେଇ ଟିଭି ଚ୍ୟାନେଲ ମାଲିକଗୁଡ଼ିକ ଜାଣିଥିବେ। କିଛି ବର୍ଷ ଚକୁଳି ପିଠାରେ କେତେଟା କଣା, ସମୁଦ୍ର ମଝିରେ କଣ ଅଛି ଟ୍ରୋଲ ହେଲା ପରେ ପୁଣି ବରାବର ରିଲରେ ଆସିଲା ଆମ ଦେଶର ନାଁ କଣ। ଝିଅମାନେ ଲାଜେଇ ଯାଇ କହୁଛନ୍ତି ଓଡିଶା। ମୁଁ ବୁଝି ପାରୁନି ଯେଉଁ ପୈଶାଚିକ ଆନନ୍ଦରେ ବିଚାରକମାନେ ହସି ଗଡି ଯାଉଛନ୍ତି, ସେଥିରେ ଆଉ ଓଡ଼ିଆମାନଙ୍କୁ ଲଜ୍ଜା ଲାଗୁନି କାହିଁକି। କାହିଁକି ଏପରି ସମ୍ମାନ ହାନି ହେବା ପରି ଶୋ ବନ୍ଦ କରାଯାଉନି। ଏଇ ଝିଅମାନେ ବି ଧନ୍ୟ। ଦେଶର ନାଁ, ରାଜ୍ୟର ନାଁ ଆସୁନି। ଗୋଟିଏ ଟ୍ୟାଲେଣ୍ଟ ଶୋ'ର ମାନ ଏତେ ତଳେ କାହିଁକି? ସେଇ ଲଜ୍ୟାକର ଅଡିସନଗୁଡ଼ିକ କାଟି ନ ଦେଇ ପୁଣି ବହୁଳ ଭାବରେ ପ୍ରଚାର ହେଉଛି କେଉଁ ଉଦ୍ଦେଶ୍ୟରେ? ଆମ ଟିଭିବାଲା ସବୁ କପି ପେଷ୍ଟ କରୁଥିବା ଭଳି ଆଉ ଭଲ ଶୋ ବି କରି ପାରନ୍ତେ। କିନ୍ତୁ ଆମର ଅଜ୍ଞତାକୁ ନେଇ ଆମର ମହୋତ୍ସବ।

ବରଂ ଏସବୁ ପ୍ରାୟୋଜିତ ମନେହୁଏ। ସତରେ କଣ ସେଇ ଝିଅଟି ଜାଣେ ନାହିଁ ଆମ ଦେଶର ନାଁ? ନା କିଛି ପ୍ରଲୋଭନ ବଦଳରେ ତାକୁ ଶିଖାଇ ଦିଆ ଯାଇଥାଏ ଏପରି କହିବାକୁ? ସେ ଯେବେ ଗାଁକୁ ଫେରିବ, ତାକୁ ତ ଘରୁ ବାହାର ଯାଏଁ ଟୀକା ଟିପ୍ପଣୀ ଶୁଣିବାକୁ ପଡ଼ିପାରେ? ସେଥିରେ ତା'ର ଯେଉଁ ମାନ ହାନି ଏବଂ ମନ ଦୁଃଖ ହେବ, ସେଥିପାଇଁ ଦାୟୀ କିଏ? ନିଜର ଅଜ୍ଞତା ନେଇ ନିଜ ଘରେ ରହିବା ତ ଭଲ, ସଂସାର ସାରା ଦେଖାଇବା କଣ ଜରୁରୀ? ଆମେ ନାରୀ ସଶକ୍ତିକରଣ ଓ ନାରୀବାଦର ଡିଣ୍ଡିମ ପିଟୁ ଥିବାବେଳେ ଆମ ଝିଅମାନଙ୍କୁ ସର୍ବନିମ୍ନ ଶିକ୍ଷା ତଥା ଆତ୍ମସମ୍ମାନ ଶିଖାଇ ପାରିନାହୁଁ। ନହେଲେ ଏପରି କୁତ୍ସିତ କାର୍ଯ୍ୟକ୍ରମକୁ ଛାଡ଼ନ୍ତେ ନାହିଁ। ଏମିତି ନାଚି କି ଦେଖାଅ, ବେଙ୍ଗ ପରି ଡେଇଁ କି ଆସ, ଯାକୁ ତାକୁ ମିମିକ୍ରି କର, ମୂଲ୍ୟହୀନ ପ୍ରଶ୍ନର ସାମ୍ନା କରି ବେଇଜତ୍ ହୁଅ ଆଦି ପରିସ୍ଥିତି ଦେଖିବାକୁ ପଡନ୍ତା ନାହିଁ। ଆଉ ତା ଛଡ଼ା ରଜ ସାଙ୍ଗରେ ଏଇ ସବୁ ଡିଆଁ କୁଦାର ସଂପର୍କ କଣ ବି ବୁଝା ପଡୁନି। କାଇଁ ମୁଁ ଆଉ କେଉଁଠି ଏମିତି ଶୋ ଦେଖିନାହିଁ। ଆମ ଲୋକେ ତାକୁ ପୁଣି ଏତେ ପ୍ରଚାର କରୁଛନ୍ତି ଯେମିତି ଗୋଟେ ଭାରି ଗର୍ବର ବିଷୟ।

ଏଇ ନିକଟରେ ଆମେ ସୋଫିଆ କୁରେଶୀ ଓ ବ୍ୟୋମିକା ସିଂଙ୍କ ପରି ନାରୀଙ୍କୁ ଭେଟିଲେ। ଯୁଦ୍ଧ ବିମାନ ଉଡ଼ାଇ ସେମାନେ ଶତ୍ରୁ ଶିବିରରେ ଆତଙ୍କ ଖେଳାଇ ପାରନ୍ତି। ଦେଶକୁ ଆଣି ପାରନ୍ତି ଗର୍ବ ଓ ଗୌରବ। ଯଦି ଝିଅମାନଙ୍କ ଟ୍ୟାଲେଣ୍ଟକୁ ନେଇ କିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଉଚି, ତେବେ ସେମାନଙ୍କ ଅନ୍ତର୍ନିହିତ ଗୁଣ, ସାହସ, ଶକ୍ତି, ବିଦ୍ୟା ଓ ବୁଦ୍ଧିର ପରୀକ୍ଷା କାହିଁକି କରାଯାଉନି? ନୃତ୍ୟ, ସଙ୍ଗୀତ ଓ ଅଭିନୟର ପରୀକ୍ଷା ଶାଳିନତା ମଧ୍ୟରେ ମଧ ନିଆଯାଇପାରିବ। ମାତ୍ର, କୌଣସି ଅବବୋଧ ନ ଥିବା କିଛି ଅଶିଷ୍ଟ ଅଭିନେତା, ଅଭିନେତ୍ରୀଙ୍କୁ ବସାଇ ଶସ୍ତା କାର୍ଯ୍ୟକ୍ରମଟିଏ କରି ଝିଅମାନଙ୍କୁ ଅପମାନିତ କରିବାରେ କଣ ଲାଭ? ଏହି ତଥା କଥିତ କାର୍ଯ୍ୟକ୍ରମ ସବୁ ପାଇଁ ବର୍ତ୍ତମାନ ଯୁବ ପୀଢ଼ି ପଥଭ୍ରଷ୍ଟ। ସାମାନ୍ୟ ଅଙ୍ଗ ଚାଳନାରେ ମିଳୁଥିବା ବାହା ବାହାକୁ ନେଇ ସେମାନେ ଉତ୍ସାହିତ। ପ୍ରତି ବର୍ଷ ମାଟ୍ରିକ ଓ ଦ୍ୱାଦଶ ଫଳ ବାହାରିଲା ବେଳକୁ ଶୁଣାଯାଏ ଛାତ୍ରଙ୍କଠାରୁ ଛାତ୍ରୀଙ୍କ ସଫଳତା ଅଧିକ। ତେବେ କୁଆଡେ ଯାଆନ୍ତି ସେ ଝିଅମାନେ? କାହିଁକି ପରବର୍ତ୍ତୀ ସମୟରେ ଆମେ ସେତିକି ସଫଳ ପଦାଧିକାରୀ ଭାବରେ ମହିଳାମାନଙ୍କୁ ଭେଟେ ନାହିଁ? କାହିଁକି ଉଚ୍ଚଶିକ୍ଷିତା ଝିଅଟିଏ ରୋଷେଇ, ଘର କାମ ଓ ସ୍ୱାମୀ ପିଲାଙ୍କ ଭିତରେ ନିଜକୁ ସାଉଁଟି ନିଏ? କାହିଁକି ସେ ଜାଣେ ନାହିଁ ଦେଶରେ କଣ ଘଟୁଛି, ସେୟାର ବଜାରରେ କଣ ବଢୁଛି କମୁଛି, ଅର୍ଥନୀତି ଓ ରାଜନୀତିରେ କଣ ଚାଲିଛି। କାହିଁକି ଝିଅଟିଏ 'କିଛି ଜାଣେ ନାହିଁ'ର ବନ୍ଧନୀ ଭିତରେ ନିଜକୁ ହିଁ ଯୋଗ, ବିୟୋଗ, ହରଣ, ଗୁଣନ କରି ସାରି, ଶେଷରେ ଗୋଟେ ଶୂନ୍ୟ ଭାଗଫଳ ନେଇ ଅସହାୟ ହୁଏ? ଆଜିକାଲି ବିବାହ ବଜାରରେ ଏକ ଭିନ୍ନ କଥା ପରିଲକ୍ଷିତ ହେଉଛି। ଆଗ କାଳରେ ଝିଅର ଗୁଣ, ତାର ଶିକ୍ଷା କଥା ପଚରା ଯାଉଥିଲା। ଏବେ କଣ ଝିଅର ବାର୍ଷିକ ପ୍ୟାକେଜ ବା ବ୍ୟାଙ୍କ୍ ବାଲାନସ କଥା ପଚରା ଯାଉଚି। ଗୋଟିଏ ଝିଅ ଠାରୁ ଶୁଣିଲି, ତାର ବିବାହ ପୂର୍ବରୁ ସର୍ତ୍ତ ରଖା ଗଲା କି ମାସ ଶେଷରେ ସେ ତାର ଦରମା ଟଙ୍କା ଶ୍ୱଶୁରଙ୍କ ଆକାଉଣ୍ଟକୁ ପଠାଇ ଦବ। କିଛି ଆବଶ୍ୟକ ହେଲେ ତାଙ୍କ ଠାରୁ ମାଗି ନେବ। ଯଦିଓ ଘରର ସାମଗ୍ରିକ ଦଶଲକ୍ଷ ମାସିକ ଆୟ ତୁଳନାରେ ତାର ଷାଠିଏ ହଜାର କିଛି ନୁହେଁ, ତେବେ ଏହା ହିଁ ଘରର ନିୟମ।ବାହାରୁ ଖାଇ ଆସି ପାରିବ ନାହିଁ କିମ୍ବା ମଗେଇ ପାରିବ ନାହିଁ। ଘରର ସଦସ୍ୟ ମାନଙ୍କ ପିନ୍ଧା ପିନ୍ଧି, ବୁଲା ବୁଲି ଘରର ମୁରବୀ ହିଁ ସ୍ଥିର କରିବେ। କହିବା ବାହୁଲ୍ୟ, ଝିଅ ଟି ନିଜ ତରଫରୁ ପ୍ରସ୍ତାବ ଭାଙ୍ଗି ଦେଲା। ତାକୁ ତାର ବୃଦ୍ଧ ପିତା ମାତାଙ୍କୁ ମଧ ଦେଖିବାର ଥିଲା। ତାଙ୍କର ଆବଶ୍ୟକତାକୁ ମଧ ଧ୍ୟାନ ଦେବାର ଥିଲା। ମାତ୍ର ଆତ୍ମ ନିର୍ଭର ହେବା ସତ୍ତ୍ୱେ ଅର୍ଥନୈତିକ ସ୍ୱାଧୀନତା ଅନେକ ଝିଅଙ୍କର ନ ଥାଏ। ଅନେକ କର୍ମଜୀବୀ ମହିଳାଙ୍କ ବ୍ୟାଙ୍କ୍ ପାସ୍ ବୁକ୍ ଓ ଏଟିଏମ କାର୍ଡ ତାଙ୍କ ସ୍ୱାମୀଙ୍କ ପାଖରେ ଥାଏ ଓ ସେମାନେ ନିଜ ଇଚ୍ଛାରେ ଟଙ୍କା ଟିଏ ମଧ ଖର୍ଚ୍ଚ କରି ପାରେ ନାହିଁ। ତେବେ ଏସବୁ ବିଷୟରେ ଆଲେଚନା ହୁଏ ନାହିଁ କାହିଁକି? ଅନେଗୁଡ଼ିଏ ପରିବାରରେ ଝିଅଟିଏକୁ ତାର ମନ ମୁତାବକ କ୍ୟାରିଅର ଗଢିବାର ସ୍ୱାଧୀନତା ନଥାଏ। ମାତ୍ର ବର୍ତ୍ତମାନ ସମୟରେ ନିଜର ଉତ୍ତମ ପ୍ରଦର୍ଶନ ବଳରେ ପରିବାରର ମତ ପରିବର୍ତ୍ତନ କରା ଯାଇ ପାରିବ। ମୂର୍ଖାମୀର ବିପଣି ଧରି ପ୍ରଲୋଭନ ଦେଖାଉ ଥିବା ବଜାର ନୁହେଁ, ଏକ ଉତ୍ତମ ମାର୍ଗ ଚୟନ ହିଁ ସଫଳତାର ମୂଳ ମନ୍ତ୍ର।

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ଏସ୍‌ଜେଟିଏ ଅନୁଯାୟୀ ସମସ୍ତ ଜମିର ସୁରକ୍ଷା କରାଯିବ




**ପୁରୀ, ୧୮।୫ (ସଂଚାର ବ୍ୟୁରୋ) :** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତି ସମ୍ପର୍କିତ ଏକ ମାମଲାରେ ଶ୍ରୀମନ୍ଦିର ପ୍ରଶାସନ ସପକ୍ଷରେ ରାୟ ଦେଇଛନ୍ତି ହାଇକୋର୍ଟ। ଖୋର୍ଦ୍ଧା ଜିଲ୍ଲା ଜଟଣୀ ତହସିଲ କନ୍ତିଆ ମୌଜାର ବହୁମୂଲ୍ୟ ୧୫ ଏକର ଜମିକୁ ନେଇ ଏକ ସଂସ୍ଥା ପକ୍ଷରୁ ଦାଏର ହୋଇଥିବା ମାମଲାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରିଭ୍ୟୁ ପିଟିସନ ଦାଖଲ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ (ଏସ୍‌ଜେଟିଏ) ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ବଳିଷ୍ଠ ଯୁକ୍ତି ବାଢ଼ିଥିବା ବେଳେ ନିଜେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଅଦାଲତରେ ହାଜର ହୋଇ ମହାପ୍ରଭୁଙ୍କ ଭୂସମ୍ପତ୍ତିର ସୁରକ୍ଷା ପାଇଁ ପକ୍ଷ ରଖିଥିଲେ। ଆଡଭୋକେଟ୍ ଆନନ୍ଦ ଚନ୍ଦ୍ର ସ୍ୱାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।ହାଇକୋର୍ଟଙ୍କ ରାୟ ସମ୍ପର୍କରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି ଯେ କୌଣସି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବା ଅନୁଷ୍ଠାନର ଲୋଲୁପ ଦୃଷ୍ଟିକୁ ବରଦାସ୍ତ କରାଯିବ ନାହିଁ। ଶ୍ରୀସମ୍ପତ୍ତିଗୁଡ଼ିକର କମ୍ପ୍ୟୁଟରୀକରଣ ସହ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ରାଜ୍ୟ ସରକାରଙ୍କ ସମାନ ନୀତି (ୟୁନିଫର୍ମ ପଲିସି) ଓ ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ (ଏସ୍‌ଜେଟିଏ)-୧୯୫୫ ଅନୁଯାୟୀ ସମସ୍ତ ଜମିର ସୁରକ୍ଷା କରାଯିବ। ଏହି ମାମଲାରେ କୋର୍ଟ ଦେଇଥିବା ନିର୍ଦ୍ଦେଶ ଆଗାମୀ ଦିନରେ ଶ୍ରୀମନ୍ଦିରର ଭୂସମ୍ପତ୍ତି ପରିଚାଳନା କ୍ଷେତ୍ରରେ ଏକ ମାର୍ଗଦର୍ଶକ ସାଜିବ ଏବଂ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବା ସକାଶେ ମନ୍ଦିର ପ୍ରଶାସନ ବଦ୍ଧପରିକର ବୋଲି ସେ କହିଛନ୍ତି।

### ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳିତ

# ଗୌରବମୟ ଇତିହାସ ସହ ଯୋଡ଼ିହେବାର ବଳିଷ୍ଠ ମାଧ୍ୟମ

**ଭୁବନେଶ୍ୱର, ୧୮।୫ (ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳିତ ହୋଇଥିବା ବେଳେ ଏହି ଅବସରରେ ରାଜ୍ୟ ସଂଗ୍ରହାଳୟରେ 'ସମାଜର ଦ୍ରୁତ ପରିବର୍ତ୍ତନରେ ସଂଗ୍ରହାଳୟର ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ ସଂଗ୍ରହାଳୟ ହେଉଛି ଆମ ଗୌରବମୟ ଇତିହାସ ସହିତ ସମ୍ପୃକ୍ତ ହେବାର ଏକ ବଳିଷ୍ଠ ମାଧ୍ୟମ। ଆମ ସଭ୍ୟତା, ସାହିତ୍ୟ ଓ ସଂସ୍କୃତି ସହ ସଂଗ୍ରହାଳୟ ଆମକୁ ପରିଚିତ କରାଇଥାଏ। କୌଣସି ସ୍ଥାନ ଓ ସମ୍ପ୍ରଦାୟର ଇତିହାସ ସମ୍ବନ୍ଧରେ ଜାଣିବାକୁ ହେଲେ ଆମକୁ ସେହି ସ୍ଥାନରେ ଥିବା ସଂଗ୍ରହାଳୟ ବୁଲି ଦେଖିବା ଉଚିତ। କାରଣ ସଂଗ୍ରହାଳୟ ହିଁ ଏକମାତ୍ର ସ୍ଥାନ ଯେଉଁଠି ସମସ୍ତ ବିଷୟବସ୍ତୁର ସବିସ୍ତୃତ ବିବରଣୀ ମିଳିଥାଏ। ସାମ୍ପ୍ରତିକ ସମୟରେ ସଂଗ୍ରହାଳୟର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହା ଆମକୁ ଭବିଷ୍ୟତରେ ଆମ ରାଜ୍ୟ ଓ ଆମ ଦେଶ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ନିମନ୍ତେ ପ୍ରେରିତ କରିଥାଏ ବୋଲି ଶ୍ରୀ ଦାଶ କହିଥିଲେ। ଏଥିସହ ଆମ ରାଜ୍ୟ ଓ ଦେଶରେ ରହିଥିବା ବିଭିନ୍ନ ସଂଗ୍ରହାଳୟ ଏବଂ ତା'ର ବିଶେଷତ୍ୱ ସମ୍ପର୍କରେ ମଧ୍ୟ ଶ୍ରୀ ଦାଶ ଆଲୋକପାତ କରିଥିଲେ।

ସମ୍ମାନିତ ଅତିଥି ଭାବେ ଏଏସଆଇର ଅବସରପ୍ରାପ୍ତ ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ଡ. ଜୀବନ କୁମାର ପଟ୍ଟନାୟକ ଓ ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟର ପ୍ରଭାରି ବୈଜ୍ଞାନିକ ଶ୍ରୀ




ଗୌରବ ଯୋଗଦେଇଥିଲେ। ଆଜିର ଡିଜିଟାଲ୍ ଯୁଗରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ବିଭିନ୍ନ ଡିଜିଟାଲ୍ ଟେକନୋଲୋଜିର ପ୍ରୟୋଗ ମାଧ୍ୟମରେ ସଂଗ୍ରହାଳୟରେ ରହିଥିବା ତଥ୍ୟ, ବିବରଣୀକୁ କିପରି ରୋଚକ ଭାବରେ ଦର୍ଶକଙ୍କ ଆଗରେ ପ୍ରସ୍ତୁତ କରିପାରିବା, ଯୁବପିଢ଼ି ଯେପରି ଆମ ଗୌରବମୟ ଇତିହାସ ଓ ସଭ୍ୟତା ସହ ପରିଚିତ ହୋଇପାରିବେ ଏବଂ ସଂଗ୍ରହାଳୟ ମାଧ୍ୟମରେ ଆମ ଭାଷା, ସାହିତ୍ୟ, ସଂସ୍କୃତିର ଯେପରି ବହୁଳ ପ୍ରଚାର ଓ ପ୍ରସାର ହୋଇପାରିବ ସେ ସମ୍ବନ୍ଧରେ ଉଭୟ ମତ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ହଳଧର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

---

● ଅଳିଆ ଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ବୈଠକ

## ଅଳିଆ ଟ୍ରିଟ୍‌ମେଣ୍ଟ୍ ପ୍ଲାଣ୍ଟ୍‌କୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି



**ଭୁବନେଶ୍ୱର, ୧୮।୫(ସଂଚାର ବ୍ୟୁରୋ):** ଅଳିଆ ଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ଗତକାଲି ଏକ ବୈଠକ ହୋଇଥିବା ବେଳେ ଏଥିରେ ପଳାଶୁଣୀର ଶୁଖିଲା ଅଳିଆ ଟ୍ରିଟ୍‌ମେଣ୍ଟ୍ ପ୍ଲାଣ୍ଟ୍ କାମ ପୂରା ହୋଇଯାଇଥିବାରୁ ଏହାକୁ ୨ ଦିନ ଭିତରେ କାର୍ଯ୍ୟକ୍ଷମ କରିବା ସକାଶେ ଦାବି ହୋଇଛି। ଏହାଦ୍ୱାରା ଗାଡ଼କଣକୁ ଦୈନିକ ଆସୁଥିବା ୧୫୦ ମେଟ୍ରିକ୍ ଟନ୍ ଶୁଖିଲା ଅଳିଆକୁ ସ୍ଥାନୀୟ ଅଞ୍ଚଳକୁ ମୁକ୍ତ କରଯାଇପାରିବ। ଏନେଇ ଅଭିଯାନ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ନିବେଦନ କରାଯିବା ସକାଶେ ବୈଠକରେ ନିଷ୍ପତ୍ତି ହୋଇଛି। ନିକଟରେ ବିଏମସି ଅଧିକାରୀମାନେ ଗ୍ରାଉଣ୍ଡ ଜିରୋରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଗାଡ଼କଣ ଅଳିଆ ଗଦା ସହ ପ୍ରସ୍ତାବିତ ପଳାଶୁଣୀ ଶୁଖିଲା ଅଳିଆ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ମେହେରପଲ୍ଲୀ ଓଦା ଅଳିଆ ଟ୍ରିଟମେଣ୍ଟ ପ୍ଲାଣ୍ଟର ମଧ୍ୟ ସରଜମିନ ସର୍ବେକ୍ଷଣ କରିଥିଲେ। ତେବେ ଆଗାମୀ ଦିନରେ ପୂର୍ବରୁ ଅସମାପ୍ତ ଥିବା ଆଲୋଚନା ମଧ୍ୟ ବିଏମ୍‌ସି କମିଶନରଙ୍କ ସହ ପୂରା କରିବାକୁ ନିଷ୍ପତ୍ତି ହୋଇଛି। ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ଆସନ୍ତା ଜୁନ ୧୨ ସୁଦ୍ଧା ଶୁଖିଲା ଅଳିଆ ଆଉ ଗାଡ଼କଣ ନଯାଇ ପଳାଶୁଣୀ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ପ୍ରୋସେସିଂ କରାଯିବ ବୋଲି ଅନୁଧ୍ୟାନ ସମୟରେ କହିଥିଲେ। ସେହିପରି ଆଗାମୀ ଦେଢ଼ ବର୍ଷ ଭିତରେ ମେହେରପଲ୍ଲୀ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଓଦା ଅଳିଆ ସବୁ ପ୍ରୋସେସିଂ କରାଯିବ ବୋଲି ମେହେରପଲ୍ଲୀ ଓଦା ଅଳିଆ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥିତି ଅନୁଧ୍ୟାନ ସମୟରେ ଆଲୋଚନା ହୋଇଥିଲା। ଯେହେତୁ ଏବେ ଅତ୍ୟାଧୁନିକ ପ୍ରଣାଳୀରେ ସବୁ ନିର୍ମାଣ କାର୍ଯ୍ୟ ହେଉଛି, ତେଣୁ ବିଏମସି ପକ୍ଷରୁ ତ୍ୱରିତ ପଦକ୍ଷେପ ସ୍ୱରୂପ ଆଗାମୀ ୬/୭ ମାସ ଭିତରେ ଉକ୍ତ ଟ୍ରିଟ୍‌ମେଣ୍ଟ୍ ପ୍ଲାଣ୍ଟ୍‌କୁ କାର୍ଯ୍ୟକ୍ଷମ କରାଯିବାକୁ ଦାବି ହୋଇଛି। ଏଥିସହ ସୈନିକ ସ୍କୁଲ ଅଳିଆଗଦାରୁ ଅଳିଆ ହଟାଯାଇଥିବା ସ୍ଥାନରେ ବନୀକରଣ ଦିଗରେ ପଦକ୍ଷେପ ନେବା ସକାଶେ ମଧ୍ୟ ଦାବି କରାଯାଇଛି। ଆଜିର ବୈଠକରେ ଆବାହକ ଭିକ୍ଷାକାରୀ ତ୍ରିପାଠୀ, ବାସୁଦେବ ଭଞ୍ଜ, ଅଶୋକ ପାଇକରାୟ, ସିଦ୍ଧେଶ୍ୱର ନାୟକ, ପ୍ରସନ୍ନ ବିଷୋୟୀ, ଦିଲୀପ ଦାଶଶର୍ମା, ଚିନ୍ତାମଣି ବାରିକ, ଦାମୋଦର ବେହେରା, ଆଶୁତୋଷ ମିଶ୍ର, ଚିନ୍ତାମଣି ବାରିକ, ପ୍ରତାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

---

## କିଶୋର ସାମଲଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଲା ପୁରାତନ ଛାତ୍ର ସଂସଦ



**ଭୁବନେଶ୍ୱର, ୧୮।୫ (ସଂଚାର ବ୍ୟୁରୋ) :** ଲୋକପ୍ରିୟ ସଂଗଠକ, ଜଣାଶୁଣା ସମାଜସେବୀ, ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ କାଉନସିଲର ତଥା ଚୌଦ୍ୱାର କଲେଜର ପୁରାତନ ଛାତ୍ର ସଂସଦର ଉପସଭାପତି କିଶୋର ସାମଲଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ରବିବାର ସନ୍ଧ୍ୟାରେ ସ୍ଥାନୀୟ ଦୋଳଯାତ୍ରା ପଡ଼ିଆ ସନ୍ନିକଟ କଳାନିକେତନ କ୍ଲବ ପରିସରରେ ଚୌଦ୍ୱାର କଲେଜ ପୁରାତନ ଛାତ୍ର ସଂସଦ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସଂସଦର ସଭାପତି ବିବେକାନନ୍ଦ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଉପାଧକ୍ଷ ଦାମୋଦର ସାହୁ, ଚୌଦ୍ୱାର ପୌର ସଂସ୍ଥାର ପୂର୍ବତନ ନଗରପାଳ ପ୍ରେମାନ୍ଦ ନାୟକ, ବିଜେପିର ବରିଷ୍ଠ ନେତା ପ୍ରଶାନ୍ତ କୁମାର ହୋତା ଏବଂ କଟକ ଜିଲ୍ଲା ଯୁବ କଂଗ୍ରେସର ବରିଷ୍ଠ ନେତା ଜୀନେଶ ଦାସଙ୍କ ସମେତ ଦଳମତ ନିର୍ବିଶେଷରେ ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ସ୍ୱର୍ଗୀୟ ସାମଲଙ୍କ ସମାଜସେବା ଏବଂ ଚୌଦ୍ୱାର ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ବିଶେଷ ଅବଦାନ ସର୍ବୋପରି ଗରିବ ଲୋକମାନଙ୍କୁ ସହାୟତା ପ୍ରଦାନ କରିବାର ଅଗ୍ରଣୀ ଭୂମିକା ଉପରେ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଚୌଦ୍ୱାର କଲେଜର ପ୍ରତିଷ୍ଠା, କଲେଜର ପ୍ରତିଷ୍ଠାତା ରାଜକିଶୋର ରାମଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଚୌଦ୍ୱାର କଲେଜ ଛାତ୍ର ସଂସଦ ଗଠନ ଠାରୁ ଆରମ୍ଭ କରି ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମରେ ସର୍ବଦା ଅଗ୍ରଣୀ ଭୂମିକା ଗ୍ରହଣ କରି ଆସିଥିବା ସ୍ୱର୍ଗତଃ ସାମଲଙ୍କ ଅକାଳ ବିୟୋଗ ସମଗ୍ର ଅଞ୍ଚଳ ପାଇଁ ଏକ ବଡ଼ କ୍ଷତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବର୍ତ୍ତମାନ ସମାଜରେ ଏଭଳି ନିସ୍ୱାର୍ଥପର ସେବକଙ୍କର ଅଭାବ ପରିଲକ୍ଷିତ ହେଉଛି ବୋଲି ସେମାନେ କହିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ କାଉନସିଲର ବିଷ୍ଣୁଚରଣ ପରିଡ଼ା, କିରଣବାଳା ନାୟକ, ଯାଜପୁର ଜିଲ୍ଲା ପରିଷଦ ୨୦ ନମ୍ବର ଜୋନ୍ ସଭ୍ୟା ଜୟଶ୍ରୀ ସାମଲ, ଆନନ୍ଦ ସାମଲ, ନିର ସାମଲ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନୁରୂପ ଭାବେ ପୁରାତନ ଛାତ୍ର ସଂସଦର ସମ୍ପାଦକ କେଶବ ସାହୁ, ବରିଷ୍ଠ ସଦସ୍ୟ ବିଭୂତି ଭୂଷଣ ସାହୁ, ଝୁଲେନ୍ଦ୍ର ନାୟକ, ଅଞ୍ଜନ କୁମାର ଜେନା, ରବୀନ୍ଦ୍ର କୁମାର ମହାପାତ୍ର, ସୌମିତ୍ର ସ୍ୱାଇଁ, ମୁରଲୀଧର ବେଉରା, ବିଜୟ ବେହେରାଙ୍କ ସମେତ ବହୁ ପୁରାତନ ସଭ୍ୟସଭ୍ୟା ଶ୍ରଦ୍ଧାଞ୍ଜଳି ସଭାରେ ସାମିଲ୍ ହୋଇଥିଲେ।

## ନଦୀରେ ବୁଡ଼ି ଜଣେ ମୃତ, ୨ ନିଖୋଜ

### ସେଲ୍‌ଫି ନେବା ବେଳେ ବୁଡ଼ିଗଲେ ଇଞ୍ଜିନିୟରିଂ ଛାତ୍ର

**କଟକ/ରାଉରକେଲା, ୧୮।୫(ସଂଚାର ବ୍ୟୁରୋ):** ଆଜି ରାଜ୍ୟର ଦୁଇଟି ପୃଥକ୍ ସ୍ଥାନରେ ନଦୀରେ ବୁଡ଼ି ୨ ଜଣ ନିଖୋଜ ହୋଇଯାଇଥିବା ବେଳେ ଜଣେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଏଥି ମଧ୍ୟରୁ ଗୋଟିଏ ଘଟଣା କଟକ ସିଡିଏ ୧୧ ନିକଟସ୍ଥ କାଠଯୋଡ଼ି ଗଡ଼ା ନିକଟରେ ଘଟିଥିବା ବେଳେ ଅନ୍ୟ ଘଟଣାଟି ରାଉରକେଲାର କୋଏଲ୍ ନଦୀରେ ଘଟିଛି। କାଠଯୋଡ଼ିରେ ଗାଧୋଉଥିବା ସମୟରେ ଦୁଇ ଯୁବ ଇଞ୍ଜିନିୟର୍ ଗାଧୋଇବା ସମୟରେ ଅସାବଧାନତାବଶତଃ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ଅଗ୍ନିଶମ ବାହିନୀ କର୍ମଚାରୀମାନେ ଜଣଙ୍କ ମୃତଦେହ ଉଦ୍ଧାର କରିଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଅନ୍ୟ ଇଞ୍ଜିନିୟରଙ୍କ କୌଣସି ପତ୍ତା ମିଳିପାରିନାହିଁ। ଏସିବି ସମ୍ପ୍ରସାରଣ କାର୍ଯ୍ୟରେ ଏକ କମ୍ପାନୀ ପକ୍ଷରୁ ନିୟୋଜିତ ରୁତିକେଶ ମାତାଲ (୨୫) ଓ ରତ୍ୱିକ ଭନ୍‌ଜେ (୨୪) କାଠଯୋଡ଼ିକୁ ଗାଧୋଇବା ପାଇଁ ଆସିଥିବା ବେଳେ ଏପରି ଅଘଟଣର ସମ୍ମୁଖୀନ ହୋଇଛନ୍ତି। ଉଭୟଙ୍କ ଘର ମହାରାଷ୍ଟ୍ରରେ ବୋଲି ଜଣାପଡ଼ିଛି। ସିଡିଏ ୧୧ସ୍ଥିତ କାଠଯୋଡ଼ି ଗଡ଼ା ନିକଟକୁ ୪ ଜଣ ସାଙ୍ଗ ହୋଇ ଆସିଥିବା ବେଳେ ରୁତିକେଶ ଓ ରତ୍ୱିକ ନଦୀରେ ଗାଧୋଇବାକୁ ଯାଇଥିଲେ। ଅନ୍ୟ ଦୁଇ ସାଙ୍ଗ ବୁରୁଜ ଉପରେ ବସିଥିଲେ। ଅନ୍ୟପକ୍ଷରେ ଆଜି କୋଏଲ୍ ନଦୀରେ ଗାଧୋଇବା ସକାଶେ ୪ ଜଣ ଇଞ୍ଜିନିୟରିଂ ଛାତ୍ର ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ର ପ୍ରଧାନପାଲି ଅଞ୍ଚଳରେ ସେଲ୍‌ଫି ନେବା ସମୟରେ ନଦୀ ଭିତରକୁ ଖସିପଡ଼ିଥିଲେ। ତୁରନ୍ତ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଅବଗତ କରାଯିବା ପରେ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀମାନେ ଖୋଜାଖୋଜି ଆରମ୍ଭ କରିଥିଲେ। ରିପୋର୍ଟ ଲେଖାଯିବା ବେଳକୁ ଉକ୍ତ ଛାତ୍ରଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ତେବେ କୋଏଲ୍ ନଦୀରେ ନିୟମିତ ଭାବେ ଅସାବଧାନତା କାରଣରୁ ଅଘଟଣ ଘଟୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଏହାକୁ ରୋକିବା ଦିଗରେ କୌଣସି ପ୍ରକାର ପଦକ୍ଷେପ ନେଉନଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ସାଙ୍ଗକୁ ବଞ୍ଚାଇବାକୁ ଯାଇ ସାଙ୍ଗ ମୃତ

**ଆନନ୍ଦପୁର, ୧୮।୫(ସଂଚାର ବ୍ୟୁରୋ):** କଥାରେ ଅଛି ସାଙ୍ଗଠାରୁ ନିଜର କେହି ବି ନାହିଁ। ଅର୍ଥାତ୍ ଜୀବନରେ ଯଦି ଆପଣଙ୍କ ପାଖରେ ଜଣେ ଭଲ ବନ୍ଧୁ ଅଛି, ତା'ହେଲେ ଆପଣ ବୋଧହୁଏ ସବୁଠାରୁ ଭାଗ୍ୟଶାଳୀ। ସ୍ଥାନୀୟ ଅଞ୍ଚଳରେ ଜଣେ ଯୁବକ ଏପରି ପ୍ରବାଦକୁ ପ୍ରମାଣିତ କରିଛନ୍ତି। ସେ ହେଉଛନ୍ତି କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ବଡ଼ପଦନା ଗାଁର ଶୁଭମ ସାହୁ। ନିଜ ସାଙ୍ଗର ଜୀବନ ବଞ୍ଚାଇବାକୁ ଯାଇ ସେ ନିଜ ଜୀବନକୁ ବଳି ପକାଇଦେଇଛନ୍ତି। ମିଳିଥିବା ସୂଚନାନୁସାରେ, ଶୁଭମ ଓ ମାନସ ଅନ୍ଧାରୀ ଗାଁର ଅନ୍ୟ ଜଣେ ସାଙ୍ଗ ଘରକୁ ଜନ୍ମଦିନ ଭୋଜି ଖାଇବାକୁ ଯାଇଥିଲେ। ତେବେ ଛାତ ଉପରେ ଭୋଜି ଚାଲିଥିବା ସମୟରେ ଅଚାନକ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ ମାନସ। ସେଠାରେ ଉପସ୍ଥିତ ଥିବା ଶୁଭମ୍ ଅବିଳମ୍ବେ ମାନସଙ୍କୁ ବଞ୍ଚାଇବା ସକାଶେ ଉଦ୍ୟମ କରିଥିଲେ। ଏଥିରେ ମାନସ ସିନା ବଞ୍ଚିଯାଇଥିଲେ, କିନ୍ତୁ ଶୁଭମ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପରି ଏକ ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି। ବାସ୍ତବରେ ଭାଗ୍ୟରେ ଥିଲେ ଶୁଭମ୍‌ଙ୍କ ପରି ସାଙ୍ଗ ମିଳିଥାଏ ବୋଲି ଲୋକେ କହୁଥିବା ବେଳେ ଏହା ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ସ୍ତ୍ରୀ ଓଢ଼ଣୀରେ ଝୁଲିପଡ଼ିଲା ସ୍ୱାମୀ



**କେନ୍ଦୁଝର, ୧୮।୫(ସଂଚାର ବ୍ୟୁରୋ):** ସ୍ତ୍ରୀର ଓଢ଼ଣୀରେ ଝୁଲିପଡ଼ିଲା ସ୍ୱାମୀ। କେନ୍ଦୁଝର ଧୋବାଡିହା ମାଝି ସାହିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ଜଣଙ୍କ ରାଜନଗର ଅଞ୍ଚଳର ସୌମ୍ୟ ରଞ୍ଜନ ବେହେରା ବୋଲି ଜଣାପଡ଼ିଛି। ସୌମ୍ୟରଞ୍ଜନ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିଲେ। ପରିବାର ସହ ସେ ମାଝିସାହିରେ ଘର ଭଡ଼ା ନେଇ ରହିଆସୁଥିଲେ। ତେବେ ଆଜି ସକାଳେ ସୌମ୍ୟରଞ୍ଜନ ଡ୍ୟୁଟିରୁ ଘରକୁ ଫେରିଥିଲେ। କିନ୍ତୁ କିଛି ସମୟ ପରେ ସେ ପୁଅକୁ ବାଏ ବାଏ କହିଥିଲେ। ଏହା ତାଙ୍କ ପତ୍ନୀଙ୍କୁ ସାମାନ୍ୟ ଅସ୍ୱାଭାବିକ ଲାଗିଥିଲେ ମଧ୍ୟ ସେ କିଛି ଜାଣିପାରିନଥିଲେ। କିନ୍ତୁ କିଛି ସମୟ ପରେ ଘର ଭିତରକୁ ଯାଇ ସେ ଯାହା ଦେଖିଲେ ସେଥିରେ ତାଙ୍କ ମୁଣ୍ଡ ଘୂରାଇଦେଇଥିଲା। କାରଣ ଘର ଭିତରେ ତାଙ୍କ ଓଢ଼ଣୀ ଲଗାଇ ସୌମ୍ୟରଞ୍ଜନ ଝୁଲିପଡ଼ିଥିଲେ। କ୍ଷଣକ ଭିତରେ ତାଙ୍କ ସଂସାର ଉଜୁଡ଼ିଯାଇଥିଲା। ଖବର ପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସୌମ୍ୟଙ୍କ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସୌମ୍ୟରଞ୍ଜନଙ୍କ ଏପରି ଚରମ ନିଷ୍ପତ୍ତି ପଛର କାରଣ କ'ଣ, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ।

## ପାହାଡ଼କୁ ଧକ୍କାଦେଲା ବସ୍: ୭ ଯାତ୍ରୀ ଆହତ

**ଗଜପତି, ୧୮।୫(ସଂଚାର ବ୍ୟୁରୋ):** ଗଜପତି ଜିଲ୍ଲା ରାୟଗଡ଼ା ବ୍ଲକ ଅନ୍ତର୍ଗତ ମାର୍ଲ୍ଲଭା ଘାଟିରେ ଇସ୍ପାତ ନାମକ ଘରୋଇ ବସ୍ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ଭୁବନେଶ୍ୱରରୁ ପାରଳାଖେମୁଣ୍ଡି ଅଭିମୁଖେ ଆସୁଥିବା ସମୟରେ ଘାଟିର ଗୁଡ଼ା ନିକଟରେ ଥିବା 'ଏସ' ଟର୍ଣ୍ଣକୁ ଅତିକ୍ରମ କରୁଥିଲା। କିନ୍ତୁ ଏହି ସମୟରେ ଅଚାନକ ଡ୍ରାଇଭର୍ ଜଣଙ୍କ ଭାରସାମ୍ୟ ହରାଇଥିଲେ। ଫଳରେ ବସ୍‌ଟି ରାସ୍ତା କଡ଼ରେ ଥିବା ପାହାଡ଼କୁ ଧକ୍କା ଦେଇଥିଲା। ଉକ୍ତ ବସ୍‌ରେ ଯାଉଥିବା ୪୫ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ




ମଧ୍ୟରୁ ୭ ଜଣ ଏଥିରେ ଆହତ ହୋଇଛନ୍ତି। କିନ୍ତୁ ଡ୍ରାଇଭର ଜଣଙ୍କ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ସେମାନଙ୍କ ମୁଣ୍ଡ ଓ ହାତ ମାଡ଼ ହୋଇଛି। ସମସ୍ତ ଆହତଙ୍କୁ ରାୟଗଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ବସଟି ଯେଉଁ ସ୍ଥାନରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛି, ସେଠାରେ ଅଦ୍ୟାବଧି ୨୦ରୁ ଅଧିକ ବସ୍ ଓ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇସାରିଛନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନଟିକୁ ବ୍ଲାକ ସ୍ପଟ୍ ଭାବେ ଚିହ୍ନଟ କରାଯାଇଛି। କିନ୍ତୁ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇନଥିବାରୁ ପୁଣିଥରେ ଏଠାରେ ଦୁର୍ଘଟଣା ହୋଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ସକାଶେ ଦାବି କରିଛନ୍ତି।

---

## ଗଛରୁ ସିଆରପିଏଫ୍ ଯବାନଙ୍କ ମୃତଦେହ ଉଦ୍ଧାର

**ବଲାଙ୍ଗିର, ୧୮।୫(ସଂଚାର ବ୍ୟୁରୋ):** ଗଛରୁ ସିଆରପିଏଫ୍ ଯବାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯବାନ ଜଣଙ୍କ ଘରକୁ ଛୁଟିରେ ଆସିଥିବା ବେଳେ ତାଙ୍କ ସହ ଏପରି ଅଘଟଣ ଘଟିଛି। କିନ୍ତୁ ତାଙ୍କ ପୁଅ ଆତ୍ମହତ୍ୟା କରିନାହିଁ, ବରଂ ତାକୁ ମାରି କେହି ତାକୁ ଗଛରେ ଝୁଲାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ବଲାଙ୍ଗିର ଜିଲ୍ଲା ଲରମ୍ବା ଥାନା ଘସିଏନ ଗାଁରେ ଏପରି ଏକ ଅଘଟଣ ଘଟିଥିବା ବେଳେ ମୃତକ ଜଣଙ୍କ ଦୁର୍ଲ୍ଲଭ ଭୋଇଙ୍କ ପୁଅ ଭକ୍ତରାମ ଭୋଇ ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଝାରଖଣ୍ଡରେ କାର୍ଯ୍ୟରତ ଥିବା ଭକ୍ତରାମ ଛୁଟିରେ ଘରକୁ ଆସିଥିଲେ। ତେବେ ଗତ ୧୬ ତାରିଖରେ ନିଜ କାର୍ଯ୍ୟସ୍ଥଳୀକୁ ଫେରିବା ସକାଶେ ପ୍ରସ୍ତୁତ ହୋଇଥିଲେ। କିନ୍ତୁ ଅଚାନକ ତାଙ୍କୁ କେହି ଜଣେ ଫୋନ କରି ଡାକିବାରୁ ସେ

### ପୂର୍ବରୁ ମିଳିଥିଲା ଧମକ, ପରିବାର ଲୋକଙ୍କ ହତ୍ୟା ଅଭିଯୋଗ

ଚାଲିଯାଇଥିଲେ। କିନ୍ତୁ ଏହାପରେ ସେ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଲରମ୍ବା ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଆଜି ସକାଳୁ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ପାରିପାର୍ଶ୍ୱିକ ପରିସ୍ଥିତିରୁ ସେମାନେ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରିଛନ୍ତି। ପୂର୍ବରୁ ଭକ୍ତରାମଙ୍କୁ ପ୍ରେମ ସମ୍ପର୍କ ନେଇ ହତ୍ୟା ଧମକ ଦିଆଯାଇଥିବାରୁ ଏହା ନିଶ୍ଚିତ ଭାବେ ଉକ୍ତ ଧମକ ସହ ଜଡ଼ିତ ବୋଲି ପିତା ଦୁର୍ଲ୍ଲଭ ଅଭିଯୋଗ କରିଛନ୍ତି। ତେଣୁ ଏହି ମାମଲାର ତଦନ୍ତ ସଠିକ୍ ଭାବେ କରି ପୁଲିସ୍ ତୁରନ୍ତ ଭକ୍ତରାମଙ୍କ ହତ୍ୟାର ରହସ୍ୟ ଉନ୍ମୋଚନ କରିବା ସକାଶେ ପରିବାର ଲୋକେ ଦାବି କରିଛନ୍ତି।

## ସୁକୁନ୍ ଫାଉଣ୍ଡେସନ୍ ଓ ଜୟ ଓଡ଼ିଶାର ରକ୍ତଦାନ ଶିବିର




**ଭୁବନେଶ୍ୱର, ୧୮।୫(ସଂଚାର ବ୍ୟୁରୋ):** ସ୍ଥାନୀୟ କ୍ୟାପିଟାଲ୍ ହସ୍ପିଟାଲ୍ ରକ୍ତ ଭଣ୍ଡାରରେ ଆଜି ସୁକୁନ୍ ଫାଉଣ୍ଡେସନ ପକ୍ଷରୁ ଜୟ ଓଡ଼ିଶା ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜୟ ଓଡ଼ିଶାର ରକ୍ତଦାନ ଅଭିଯାନର ଏହା କ୍ରମାଗତ ପଞ୍ଚମ ଶିବିର ହୋଇଥିବା ବେଳେ ଆଗାମୀ ଦିନରେ ମୋଟ ୧୦୦ଟି ସଂସ୍ଥା ସହଯୋଗରେ ଏପରି ଶିବିର ଆୟୋଜନ ଲକ୍ଷ୍ୟ ରହିଛି। ଏହି ଅବସରରେ ବିଜେପି ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କୁ ସମ୍ମାନିତ କରିଥିଲେ। ସେହିପରି ରାଜ୍ୟରେ ରକ୍ତ ଅଭାବ ଜନିତ ସମସ୍ୟା ଦୂର କରିବା ଦିଗରେ ଏହା ଏକ ଛୋଟ ପ୍ରୟାସ ବୋଲି ସୁକୁନ୍ ଫାଉଣ୍ଡେସନର ପ୍ରତିଷ୍ଠାତା ରଶ୍ମିତା ମଲ୍ଲିକ କହିଛନ୍ତି। ଏହି ଶିବିରରେ ଉଭୟ ସଙ୍ଗଠନର ସଦସ୍ୟସଦସ୍ୟାମାନେ ରକ୍ତଦାନ କରିଥିଲେ। ଏହି ଅବସରରେ ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ ରକ୍ତଦାନରେ ସହଯୋଗ କରୁଥିବା ସଙ୍ଗଠନ ସ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଦେଇଛନ୍ତି।

## ୧୦ ଆର୍‌ପିଏଫ୍ କନଷ୍ଟେବଲ ନିଲମ୍ବିତ

**ରାଉରକେଲା, ୧୮।୫ (ସଂଚାର ବ୍ୟୁରୋ) :** ଝାଡ଼ଖଣ୍ଡର ହଜାରିବାଗ ଏବଂ ହରିୟାଣାର ମାନେସରଠାରେ ହୋଇଥିବା ନ୍ୟାଶନାଲ୍ ସିକ୍ୟୁରିଟି ଗାର୍ଡ କମାଣ୍ଡୋ କୋର୍ସ ଟ୍ରେନିଂ ସମୟରେ ଉଚ୍ଚପଦାଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ଅଭିଯୋଗରେ ୧୦ ଆର୍‌ପିଏଫ୍ କନଷ୍ଟେବଲ ନିଲମ୍ବିତ ହେଇଛନ୍ତି। ସେମାନେ ହେଲେ ରାଉରକେଲାରେ କାର୍ଯ୍ୟରତ କନଷ୍ଟେବଲ ଅମରଜିତ କୁମାର, ଜିତେନ୍ଦ୍ର କୁମାର, ବନ୍ଧମୁଣ୍ଡାରେ କାର୍ଯ୍ୟରତ ସି.ବି ସିଂହ, ସୋନୁ କୁମାର, ଝାରସୁଗୁଡ଼ାରେ କାର୍ଯ୍ୟରତ ଗୋପାଳ ସିଂହ, ଡି.କେ ପଣ୍ଡିତ, ସିନିରେ କାର୍ଯ୍ୟରତ ରବାନୀ ଖାନ୍, ଏମ୍. କେ ଚୌହାନ୍, ଅମିତ କୁମାର ଏବଂ ଟାଟାରେ କାର୍ଯ୍ୟରତ ସି. ପି ପ୍ରଜାପତି। ଏ ନେଇ ଚକ୍ରଧରପୁର ମଣ୍ଡଳରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

---

# ଟ୍ରାଫିକ ସମସ୍ୟା ବଢ଼ାଉଛି ପାର୍କିଂ ଫି'

**ଭୁବନେଶ୍ୱର, ୧୮।୫:** ରାଜଧାନୀରେ ଅସମ୍ଭାଳ ଟ୍ରାଫିକ ସମସ୍ୟାକୁ ଏବେ କାଳ ହୋଇଛି ପାର୍କିଂ ଫି ବୃଦ୍ଧି । ପାର୍କିଂ ଟେଣ୍ଡର ନେଇଥିବା ସଂସ୍ଥାମାନେ ହଠାତ୍ ପାର୍କିଂ ଫି ଦୁଇଗୁଣା କରିବା ଫଳରେ ଲୋକେ ଗଳି କନ୍ଦିରେ ଗାଡି ରଖି ହାଟ ବଜାରକୁ ଯାଉଛନ୍ତି। ଏକ ନମ୍ବର ହାଟ ଅଞ୍ଚଳରେ ଏବେ ଏଭଳି ସ୍ଥିତି ଦେଖିବାକୁ ମିଳିଛି । ଏଠାରେ ଦୁଇଚକିଆ ଯାନ ପାଇଁ ପୂର୍ବରୁ ୫ ଟଙ୍କା କରି ଆଦାୟ ହୋଇଥିବାବେଳେ ଏବେ ତାହା ୧୦ ଟଙ୍କାକୁ ବୃଦ୍ଧି ପାଇଛି। ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା ସଂସ୍ଥାଙ୍କ ଉତ୍ତର ହେଲା, ସବୁ ସାମଗ୍ରୀର ଦରବୃଦ୍ଧିକୁ ଦେଖି ମାସେ ତଳୁ ଆମେ ଦରବୃଦ୍ଧି କରିସାରିଲୁଣି। ଏଭଳି ସଫେଇ ଦେବା ସହ ସେମାନେ ୧୦ଟଙ୍କିଆ ରସିଦ୍ ବି ଧରେଇ ଦେଉଛନ୍ତି। ଏଥିଯୋଗୁଁ ଯେଉଁମାନେ ଷ୍ଟାଣ୍ଡରେ ମୋଟର ସାଇକେଲ ରଖି ଯାଉଥିଲେ ସେମାନେ ଏବେ ଆଖପାଖ ଗଳିକନ୍ଦିରେ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି।

ସେହିଭଳି ଜନପଥରେ ପାର୍କିଂ ଟେଣ୍ଡର ନେଇଥିବା ସଂସ୍ଥାମାନେ ମଧ୍ୟ ମନଇଚ୍ଛା ପାର୍କିଂ ଫି' ଆଦାୟ କରୁଛନ୍ତି। ତେବେ ସବୁଠାରୁ ବଡ କଥା ହେଲା, ପାର୍କିଂ ପାଇଁ ଦୁଇଚକିଆ ଓ ଚାରିଚକିଆ ଯାନ ସକାଶେ ସ୍ଥାନ ବାଣ୍ଟିଦେଇଥିବାରୁ ତାହା ବଡ଼ ସମସ୍ୟା ସୃଷ୍ଟି କରୁଛି। କେତେକ ଶୋ'ରୁମ୍ ସାମ୍ନାରେ କେବଳ ଦୁଇଚକିଆ ଯାନ ରଖିବାକୁ ଅନୁମତି ମିଳୁଥିବା ବେଳେ ଚାରିଚକିଆ ମାଲିକମାନେ ପାର୍କିଂ ପାଇଁ ସ୍ଥାନ ଟିକେ ପାଉନାହାନ୍ତି। ଯେଉଁଠାରେ ଚାରିଚକିଆ ପାର୍କିଂ ପାଇଁ ଚିହ୍ନଟ ହୋଇଛି, ସେଠାରେ ଦୁଇଚକିଆ ଆରୋହୀମାନେ ସେମାନଙ୍କର ଯାନ ରଖି ପଳାଇ ଯାଉଥିବା ଲକ୍ଷ୍ୟ କରାଯାଉଛି।

ତେବେ ରାମ ମନ୍ଦିର ଛକରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ପାର୍କିଂ ପାଇଁ ଉଦ୍ଦିଷ୍ଟ ଥିବା ସ୍ଥାନ ଏବେ ସ୍ଥାନୀୟ ବ୍ୟବସାୟୀଙ୍କ ଦ୍ୱାରା କବଳିତ ହୋଇଛି। ଦୋକାନ ଓ ଦପ୍ତର ଖୋଲିବା ସହ ସେମାନେ ପାର୍କିଂ ସ୍ଥାନକୁ ଅକ୍ତିଆର କରିନେଉଛନ୍ତି। ଫଳରେ ସେହିସବୁ ସ୍ଥାନକୁ ନିଜ ନିଜର ସାମଗ୍ରୀ ଖରିଦ ପାଇଁ ଯାଉଥିବା ଲୋକେ ଗାଡି ରଖିବା ପାଇଁ ସ୍ଥାନ ଟିକେ ନ ପାଇ ହନ୍ତସନ୍ତ ହେଉଛନ୍ତି।

ମାର୍କେଟ ବିଲ୍ଡିଂ ଅଞ୍ଚଳରେ ଟ୍ରାଫିକ ଭିଡ଼ ହ୍ରାସ ପାଇଁ ବିଏମ୍‌ସି ବହୁତଳ ପାର୍କିଂ ସୌଧ ନିର୍ମାଣ କରିଛି। ହେଲେ ଏଠାରେ ଘଣ୍ଟା ପ୍ରତି ପାର୍କିଂ ଫି' ଆଦାୟ ହେଉଥିବାରୁ ଅନେକ ଏଠାରେ ଯାନବାହନ ରଖିବାକୁ ଅମଙ୍ଗ ହେଉଛନ୍ତି। ଏହା ବଦଳରେ ମାର୍କେଟ ବିଲ୍ଡିଂ ଆଖପାଖରେ ଥିବା ସରକାରୀ କ୍ୱାର୍ଟର୍ସ ସାମ୍ନାରେ ଗାଡ଼ି ରଖି ସେମାନେ କିଣାକିଣି କରିବାକୁ ଯାଉଛନ୍ତି।

ସେହିପରି ବାଣୀବିହାରଠାରୁ ଶିଶୁ ଭବନ ପର୍ଯ୍ୟନ୍ତ ରାସ୍ତାର ଗୋଟିଏ ପଟ ଖାଲି ପଡୁଥିଲେ ମଧ୍ୟ ସେଠାରେ ଯାନବାହନ ରଖି ଆର ପଟରେ ଥିବା ଦୋକାନଗୁଡିକୁ ଯିବା ସମ୍ଭବ ହେଉନାହିଁ। ବିଏମ୍‌ସି ରାସ୍ତା ମଝିରେ ସୌନ୍ଦର୍ଯ୍ୟକରଣ ପାଇଁ ବାଉଁଶ ବାଡ଼ ବୁଲାଇଥିବା ବେଳେ ଯେଉଁଠି ବି ବାଟ ରହିଛି, ସେଠାରେ ଗାଡିମୋଟରକୁ ଅତିକ୍ରମ କରି ଯିବା ସହଜ ହେଉନାହିଁ। ଫଳରେ ଗୋଟିଏ ପାର୍ଶ୍ୱ ରାସ୍ତାରେ କାଁଭାଁ ଗାଡିମୋଟର ରହୁଥିବା ବେଳେ ଆଉ ଗୋଟିଏ ପଟରେ ଲୋକେ ଗାଡିମୋଟର ରଖିବା ପାଇଁ କଲବଲ ହେଉଛନ୍ତି। ତେଣୁ ରାଜଧାନୀରେ ହଠାତ୍ ପାର୍କିଂ ଫି' ବୃଦ୍ଧି କରିବା ଓ ବଢ଼ି ଚାଲିଥିବା ଯାନବାହନ ରଖିବା ପାଇଁ ସ୍ଥାନ ଚିହ୍ନଟ ହେଉନଥିବାରୁ ଆଗକୁ ସାବିତ୍ରୀ ବଜାରରେ ଅସମ୍ଭବ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା କରାଯାଉଛି। ଉଭୟ ବିଏମ୍‌ସି ଓ କମିଶନରେଟ ପୁଲିସ୍ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। (ତଥ୍ୟ)

SANCHAR
ସଂଚାର
ସମ୍ପାଦକୀୟ
sanchar.live

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# କଡ଼ ଲେଉଟାଉଛି କୋଭିଡ

ମୂଳରୁ ବୈଜ୍ଞାନିକମାନେ କହିଥିଲେ ଯେ, କରୋନା କେବେ ସମ୍ପୂର୍ଣ୍ଣ ମୂଳପୋଛ ହେବନି। ଏହା ସବୁ ଦିନ ପାଇଁ ରହିବ। କିନ୍ତୁ ପ୍ରତିଷେଧକ ବଳରେ ଏହାକୁ କେବଳ ନିୟନ୍ତ୍ରଣ କରାଯାଇପାରିବ। କୋଭିଡ ଟିକା ନେବା ପରେ ଏବଂ ଲୋକଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ପରେ ମହାମାରୀ ଏବେ ନିୟନ୍ତ୍ରିତ ହୋଇପାରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ମଧ୍ୟ ସ୍ୱୀକାର କରିଛି ଯେ, କୋଭିଡ ମହାମାରୀ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି।

ନିକଟରେ ହଂକଂ ଏବଂ ସିଙ୍ଗାପୁରରେ କୋଭିଡ ସଂକ୍ରମଣ ବୃଦ୍ଧି ଖବର ଏସିଆ ମହାଦେଶରେ କୋଭିଡ ମହାମାରୀର ପ୍ରତ୍ୟାବର୍ତ୍ତନ ଆଶଙ୍କା ସୃଷ୍ଟି କରିଛି। ହଂକଂ ଏବଂ ସିଙ୍ଗାପୁରରେ କରୋନାର କେଉଁ ଭାରିଆଣ୍ଟ ସଂକ୍ରମଣ ବୃଦ୍ଧିର କାରଣ ହୋଇଛଇ ତାହା ଜଣାପଡ଼ିନି। ଯାହା ବି ହେଉ ଏହା ନିଶ୍ଚିତ ଭାବେ ଚିନ୍ତାର କାରଣ। ମାତ୍ର ୫ ବର୍ଷ ତଳେ କୋଭିଡ ମହାମାରୀ ଆରମ୍ଭ ହୋଇଥିଲା ଏବଂ ଦୁଇ ବର୍ଷ ଭିତରେ ସାରା ବିଶ୍ୱରେ ୫ କୋଟିରୁ ଅଧିକ ଲୋକ ପ୍ରାଣ ହରାଇଲେ। ଏଭଳି ବିପତ୍ତି ପୁନର୍ବାର ଫେରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଗତ ବର୍ଷ ଜୁନ ମାସରେ କୋଭିଡର ଏକ ନୂଆ ଭାରିଆଣ୍ଟ ଏକ୍ସଇସି ଚିହ୍ନଟ ହୋଇଥିଲା। ମାତ୍ର ୩ ମାସ ଭିତରେ ଏହା ୧୫ଟି ଦେଶକୁ ବ୍ୟାପିଯାଇଥିଲା। ଏହାର ସଂକ୍ରମଣ କ୍ଷମତା ଅତି ଅଧିକ। ଲକ୍ଷଣ ସାଧାରଣ କୋଭିଡ ଭଳି। ଏଥିରେ ଆକ୍ରାନ୍ତଙ୍କ ମୃତ୍ୟୁ ହାର ସେଭଳି ଅଧିକ ହୋଇନଥିଲେ ମଧ୍ୟ ଅନେକ ଏଥିରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଲେଣି। ଏହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଉଲ୍ଲେଖନୀୟ ଯେ, ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଥିଲା କୋଭିଡ ମହାମାରୀ ଦୂର ହୋଇନି। ଏବେ ବି କରୋନା ଭାଇରସ ନୂଆ ରୂପ ନେଇ ଆକ୍ରମଣ କରିବାର ଆଶଙ୍କା ରହିଛି। ହୁ ପକ୍ଷରୁ କୁହାଯାଇଛି ଯେ, ଅନେକ ଦେଶ ଏବେ କୋଭିଡ ସଂକ୍ରମଣର ସ୍ଥିତି ଉପରେ ନଜର ରଖି ନାହାଁନ୍ତି ବା ରିପୋର୍ଟ ଦେଉ ନାହାଁନ୍ତି। ଅନେକ ଦେଶରେ ଏବେ ବହୁ କୋଭିଡ ସଂକ୍ରମିତ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେକ ପ୍ରାଣ ହରାଉଛନ୍ତି। ତେଣୁ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବା ଏବଂ ଯେଉଁମାନେ ବୁଷ୍ଟର ଡୋଜ ନେଇ ନାହାଁନ୍ତି ସେମାନେ ତୁରନ୍ତ ଏହା ନେଇଯିବା ଲାଗି ହୁ ପକ୍ଷରୁ ପରାମର୍ଶ ଦିଆଯାଇଛି। ଭାରତରେ ଅନେକ ଏ ଯାବତ କୋଭିଡ ଟିକାର ବୁଷ୍ଟର ଡୋଜ ନେଇ ନାହାଁନ୍ତି। ଏବେ ପ୍ରତ୍ୟେକ ନାଗରିକ ଏହି ବୁଷ୍ଟର ଡୋଜ ନେଇଯିବା ଜରୁରୀ। ସ୍ମରଣ କରାଯାଇପାରେ ଯେ, ୨୦୧୯ ଶେଷ ଭାଗରେ ଚୀନରେ ଏମିତି କରୋନା ଆରମ୍ଭ ହୋଇଥିଲା। ସେତେବେଳେ କେହି କଳ୍ପନା କରିନଥିଲେ ଯେ, ଏହା ସମଗ୍ର ବିଶ୍ୱରେ ହାହାକାର ରଚିଦେବ ବୋଲି। ଚୀନର ଉହାନ ନଗରୀରୁ ପ୍ରଥମେ କୋଭିଡ ମହାମାରୀ ଜନ୍ମ ନେଇଥିଲା। ଏହା ପରେ ସାରା ବିଶ୍ୱକୁ ଏହା ଗ୍ରାସ କରିଥିଲା।



ଏବେ ବି ଭାରତ ସମେତ ବିଭିନ୍ନ ଦେଶରେ କୋଭିଡ ସଂକ୍ରମିତ ଚିହ୍ନଟ ହେଉଛନ୍ତି ଏବଂ କିଛି ଲୋକ ପ୍ରାଣ ହରାଉଛନ୍ତି। ଏହା ଏବେ ଅନ୍ୟ ରୋଗ ଭଳି ହୋଇଯାଇଛି। ଅନ୍ୟ ସାଧାରଣ ରୋଗରେ ମଧ୍ୟ ପ୍ରତିଦିନ କିଛି କିଛି ଲୋକ ଆକ୍ରାନ୍ତ ହେଉଛନ୍ତି। କରୋନା ଭାଇରସ ସଂକ୍ରମଣ ମଧ୍ୟ ସେହିପରି ସ୍ଥିତିକୁ ଆସିଯାଇଛି। ମୂଳରୁ ବୈଜ୍ଞାନିକମାନେ କହିଥିଲେ ଯେ, କରୋନା କେବେ ସମ୍ପୂର୍ଣ୍ଣ ମୂଳପୋଛ ହେବନି। ଏହା ସବୁ ଦିନ ପାଇଁ ରହିବ। କିନ୍ତୁ ପ୍ରତିଷେଧକ ବଳରେ ଏହାକୁ କେବଳ ନିୟନ୍ତ୍ରଣ କରାଯାଇପାରିବ। କୋଭିଡ ଟିକା ନେବା ପରେ ଏବଂ ଲୋକଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ପରେ ମହାମାରୀ ଏବେ ନିୟନ୍ତ୍ରିତ ହୋଇପାରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ମଧ୍ୟ ସ୍ୱୀକାର କରିଛି ଯେ, କୋଭିଡ ମହାମାରୀ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଗତ ଦୁଇ ବର୍ଷ ଭିତରେ ଏଥିରେ ଯେତେ ଜୀବନ ହାନୀ ହୋଇଛି ତାହା ଏକ ମହାଯୁଦ୍ଧରେ ବି ଦେଖିବାକୁ ମିଳେନି। ସରକାରୀ ହିସାବ ଅନୁଯାୟୀ ଏବେ ସୁଦ୍ଧା ବିଶ୍ୱରେ କୋଭିଡରେ ୬୬ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଗଲାଣି। କିନ୍ତୁ ବାସ୍ତବରେ ମୃତ୍ୟୁ ସଂଖ୍ୟା ଏହାର ୫ଗୁଣ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ସବୁ ଦେଶ କରୋନା ଆକ୍ରାନ୍ତଙ୍କ ବାସ୍ତବ ସଂଖ୍ୟା ଲୁଚାଉଛନ୍ତି। ଏଥିରେ ଚୀନ ସର୍ବାଗ୍ରେ ରହିଛି। ଚୀନରେ ସବୁ ତଥ୍ୟ ସରକାର ସବୁ ବେଳେ ଲୁଚାଇଥାନ୍ତି। ଏହା ସେ ଦେଶର ନୀତି। ମୂଳରୁ କରୋନାର ଉତ୍ପତ୍ତି ଓ ସଂକ୍ରମଣ ନେଇ ଚୀନ ତଥ୍ୟ ଲୁଚାଇଥିଲା। ଫଳରେ ଏହା ମହାମାରୀ ରୂପ ନେଇ ସାରା ପୃଥିବୀକୁ ଗ୍ରାସ କଲା। ସମଗ୍ର ମାନବ ସମାଜ ଚୀନର ଏହି ତ୍ରୁଟି ପାଇଁ ଦଣ୍ଡ ଭୋଗିଲେ। ଏବେ ଯେତିକି ଲୋକ କରୋନା ଆକ୍ରାନ୍ତ ହୋଇଥିବା କୁହାଯାଉଛି, ବାସ୍ତବରେ ତାହାଠାରୁ ଢେର ଅଧିକ ବ୍ୟକ୍ତି ଆକ୍ରାନ୍ତ ହୋଇଛନ୍ତି। ଟେଷ୍ଟିଂ ହ୍ରାସ ପାଉଥିବାରୁ ବାସ୍ତବ ସଂଖ୍ୟା ଜଣାପଡୁନି। ସେହି ଅନୁଯାୟୀ ଅନେକ ପ୍ରାଣ ହରାଉଛନ୍ତି। ସବୁଠାରୁ ଉଦବେଗର ବିଷୟ ହେଲା ଯେଉଁମାନେ ପୂର୍ବରୁ କରୋନା ଟିକା ନେଇଛନ୍ତି ସେମାନେ ମଧ୍ୟ ଏଥିରେ ଆକ୍ରାନ୍ତ ହେଉଛନ୍ତି। ବିଶେଷଜ୍ଞମାନଙ୍କ କହିବା କଥା ହେଲା କରୋନାର କିଛି ନୂଆ ଭାରିଆଣ୍ଟ ଯୋଗୁ ଏବେ ଏଥିରେ ବହୁ ଲୋକ ଆକ୍ରାନ୍ତ ହେଉଛନ୍ତି। ସ୍ମରଣ କରାଯାଇପାରେ ଯେ, ୨୦୨୧ରେ କରୋନା ଭାଇରସର ଡେଲଟା ଭାରିଆଣ୍ଟ ଯୋଗୁ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ଯଦି ବିଶେଷଜ୍ଞମାନଙ୍କ କଥା ସତ୍ୟ ହୁଏ ତେବେ ଏହା ଏକ ଅତ୍ୟନ୍ତ ଉଦବେଗର ବିଷୟ। ଏବେ ବି ସତର୍କ ରହିବାର ବେଳ ଯାଇନି। ସବୁ କଥା ସରକାର କରିବେ ବୋଲି ଚିନ୍ତା କରିବା ଭୁଲ। ଆମକୁ ନିଜକୁ ସତର୍କ ରହିବାକୁ ପଡ଼ିବ। ସରକାର ସମସ୍ତଙ୍କୁ ମାଗଣାରେ ଟିକା ଦେଲେ। ମାଗଣା ଚିକିତ୍ସା ବ୍ୟବସ୍ଥା କଲେ। ଏବେ ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ ହେଲା ନିଜେ ସତର୍କ ରହିବା, ଅନ୍ୟକୁ ସତର୍କ କରାଇବା। କରୋନା ମୁକାବିଲାର ସର୍ବନିମ୍ନ ସତର୍କତାକୁ ଆପଣାଇବା। ମାସ୍କ ପିନ୍ଧିବା, ହାତ ଧୋଇବା, ଗହଳି କରିବାନି। ଏତିକି ନିୟମ ପାଳନ କଲେ ଆମେ ଅନେକାଂଶରେ ବିପଦକୁ ଏଡ଼ାଇପାରିବା।

# ଆଣବିକ ଶକ୍ତି ଓ ଧ୍ୱଂସ ଅଭିମୁଖେ ସମଗ୍ର ବିଶ୍ୱ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ବର୍ତ୍ତମାନ ଆଣବିକ ଅସ୍ତ୍ର ଯେକୌଣସି ଦେଶର ଶକ୍ତିର ସବୁଠାରୁ ମଜବୁତ ଅସ୍ତ୍ର ଅଟେ। ବର୍ତ୍ତମାନ ଭାରତ ସମେତ ବିଶ୍ୱର ୯ ଟି ଦେଶରେ ଆଣବିକ ଅସ୍ତ୍ର ରହିଛି। ଗତ ବର୍ଷ ୨୦୨୨ ସୁଦ୍ଧା ଭାରତରେ ୧୬୦ ପରମାଣୁ ଅସ୍ତ୍ର ଥିଲା। ଭାରତ ପରମାଣୁ ଅସ୍ତ୍ରଶସ୍ତ୍ରର ଭଣ୍ଡାରକୁ ଆହୁରି ବୃଦ୍ଧି କରୁଛି। ଷ୍ଟକହୋମ ଆନ୍ତର୍ଜାତୀୟ ଶାନ୍ତି ଅନୁସନ୍ଧାନ ପ୍ରତିଷ୍ଠାନ (SIPRI) ଦାବି କରିଛି ଯେ, ଭାରତ ଆଣବିକ ଅସ୍ତ୍ର ସଂଖ୍ୟା ବୃଦ୍ଧି କରୁଛି। ରିପୋର୍ଟ ଅନୁଯାୟୀ, ଭାରତରେ ଲମ୍ବା ରେଞ୍ଜର କ୍ଷେପଣାସ୍ତ୍ର ଅଛି, ଯାହା ପଡୋଶୀ ଦେଶ ପାକିସ୍ତାନ ଏବଂ ଚୀନ୍ କୁ ମଧ୍ୟ ନଷ୍ଟ କରିପାରେ। ଆସନ୍ତୁ ଜାଣିବା ଭାରତ କିପରି ଏହାର ଭଣ୍ଡାର ବୃଦ୍ଧି କରୁଛି, ଯଦି ପରମାଣୁ ଅସ୍ତ୍ରଶସ୍ତ୍ର ସହିତ ଆକ୍ରମଣ କରିବାର ଆବଶ୍ୟକତା ଥାଏ, ତେବେ ଏହା କେତେ ଧ୍ୱଂସ ଘଟାଇବ ଏବଂ ପାକିସ୍ତାନ ଏବଂ ଚୀନ୍ କ'ଣ ପ୍ରସ୍ତୁତି କରୁଛନ୍ତି L ରିପୋର୍ଟ ଅନୁଯାୟୀ, ୨୦୨୧ ମସିହାରେ ଭାରତରେ ୧୫୬ ପରମାଣୁ ଅସ୍ତ୍ର ଥିଲା, ଯାହାର ସଂଖ୍ୟା ୨୦୨୨ ରେ ୧୬୦ କୁ ବୃଦ୍ଧି ପାଇଛି। ଏଥି ସହିତ ପାକିସ୍ତାନରେ ୧୬୫ ପରମାଣୁ ଅସ୍ତ୍ର ରହିଛି। କିନ୍ତୁ ଯଦି ଆଣବିକ ଅସ୍ତ୍ର ବ୍ୟବହାର କରିବାକୁ ଆବଶ୍ୟକ ପଡେ, ତେବେ ପାକିସ୍ତାନ ଅପେକ୍ଷା ଭାରତ ଭଲ ବୋଲି ପ୍ରମାଣ କରିବ। କାରଣ ଭାରତରେ ଲଞ୍ଚ ପ୍ୟାଡ ଏବଂ ଅସ୍ତ୍ରଶସ୍ତ୍ର ପରିବହନ ଅଧିକ ରହିଛି। ପରମାଣୁ ଅସ୍ତ୍ରଗୁଡ଼ିକରେ ନଜର ରଖୁଥିବା ବିଶେଷଜ୍ଞଙ୍କ ମୁତାବକ ପାକିସ୍ତାନ ପାଖରେ ବର୍ତ୍ତମାନ ୧୪୦ ରୁ ୧୫୦ ପରମାଣୁ ଅସ୍ତ୍ର ରହିଛି। ଯଦି ପରମାଣୁ ଅସ୍ତ୍ର ନିର୍ମାଣର ଏହି ଗତି ଜାରି ରହେ, ତେବେ ୨୦୨୫ ପର୍ଯ୍ୟନ୍ତ ଏହାର ସଂଖ୍ୟା ୨୨୦ ରୁ ୨୫୦ ପର୍ଯ୍ୟନ୍ତ ହୋଇଯିବ। ଏଭଳି ପାକିସ୍ତାନ ବିଶ୍ୱର ସର୍ବବୃହତ୍ ପରମାଣୁ ଅସ୍ତ୍ର ସମ୍ପନ୍ନ ରାଷ୍ଟ୍ର ହୋଇଯିବ। ଆମେରିକା ଗୁପ୍ତଚର ସଂସ୍ଥା ସି.ଆଇ.ଏ ର ପୂର୍ବତନ ଗୁଇନ୍ଦା ଅଧିକାରୀ କେବିନ ହଲବର୍ଟ କହିଛନ୍ତି ଯେ ପାକିସ୍ତାନ ଦୁନିଆର ସବୁଠାରୁ ଅଧିକ ବିପଦପୂର୍ଣ୍ଣ ଦେଶମାନଙ୍କ ମଧ୍ୟରୁ ଗୋଟିଏ। ପାକିସ୍ତାନ ଅଧିକ ଭୟଙ୍କର ରୂପ ନେଇଛି, କାରଣ ଏହା ତିନିଟି ମୁଖ୍ୟ ସମସ୍ୟା ସହିତ ରହୁଛି। ଆତଙ୍କବାଦ, ଅର୍ଥବ୍ୟବସ୍ଥାର ଅଧୋଗତି ଆଉ ପରମାଣୁ ଅସ୍ତ୍ରର ଅଧିକ ସଂଗ୍ରହ। ଆର୍ଥିକ ସଙ୍କଟ ଦିଗରେ ଏହାଠାରୁ ଖରାପ ଅବସ୍ଥା ଉତ୍ତର କୋରିଆରେ ରହିଛି। ଏହି ଦୁଇ ଦେଶ ଭାରତ ଆଉ ଆମେରିକା ଉପରେ ପରମାଣୁ ଆକ୍ରମଣର ଧମକ ଦେଉଛନ୍ତି।

ବର୍ତ୍ତମାନ ବିଶ୍ୱରେ ୯ଗୋଟି ପରମାଣୁ ଶକ୍ତି ସମ୍ପନ୍ନ ଦେଶ ଅଛନ୍ତି: ଆମେରିକା, ରୁଷ, ଫ୍ରାନ୍ସ, ଚୀନ, ବ୍ରିଟେନ, ଭାରତ, ପାକିସ୍ତାନ, ଇସ୍ରାଏଲ ଏବଂ ଉତ୍ତର କୋରିଆ। ଏମାନଙ୍କ ମଧ୍ୟରୁ ଆମେରିକା, ରୁଷ, ଫ୍ରାନ୍ସ, ଚୀନ ଆଉ ବ୍ରିଟେନ ପାଖରେ ପରମାଣୁ ବୋମାର ବିଶାଳ ଭଣ୍ଡାର ରହିଛି। ତେବେ ପାଞ୍ଚ ଗୋଟି ଦେଶ ପରମାଣୁ ଅପ୍ରସାର ଚୁକ୍ତିରେ ସାମିଲ ଅଛନ୍ତି। ଏହି ଚୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ ପରମାଣୁ ଅସ୍ତ୍ରର ନିର୍ମାଣ ଓ ବିକାଶକୁ ସ୍ଥଗିତ ରଖିବା। ତେବେ ଏସବୁ ଦେଶ ଏହି ଉଦ୍ଦେଶ୍ୟକୁ ପୂରଣ କରିବାକୁ ଚେଷ୍ଟା କରୁନାହାନ୍ତି। ପାକିସ୍ତାନ ଚୋରି ମାଧ୍ୟମରେ ଉତ୍ତର କୋରିଆକୁ ପରମାଣୁ ଅସ୍ତ୍ରର ନିର୍ମାଣ କୌଶଳ ହସ୍ତାନ୍ତରିତ କରିଥିଲା; ତେଣୁ ଆଜି ସେ ମଧ୍ୟ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ରୂପେ ଗଢ଼ିଉଠିଛି। ପରମାଣୁ ଅସ୍ତ୍ର ଯଦି ଅପରିଣାମଦର୍ଶୀ ଶାସକ ବା ବ୍ୟକ୍ତିଙ୍କ ହାତରେ ପଡ଼େ, ତେବେ ତାହା ପୃଥିବୀ ଧ୍ୱଂସର କାରଣ ହେବା ବିଚିତ୍ର ନୁହେଁ। ବିଶ୍ୱର ୯ ଟି ଦେଶ – ଆମେରିକା, ଋଷ, ବ୍ରିଟେନ, ଫ୍ରାନ୍ସ, ଚୀନ୍, ଭାରତ, ପାକିସ୍ତାନ, ଉତ୍ତର କୋରିଆ ଏବଂ ଇସ୍ରାଏଲର ଆଣବିକ ଅସ୍ତ୍ର ରହିଛି। ଜାନୁୟାରୀ ୨୦୨୩ ସୁଦ୍ଧା, ବିଶ୍ୱରେ ୧୨,୫୧୨ ପରମାଣୁ ଅସ୍ତ୍ର ଅଛି, ସେଥିମଧ୍ୟରୁ ୯,୫୭୬ ଟି ଅସ୍ତ୍ରଶସ୍ତ୍ର ସେନାବାହିନୀ ନିକଟରେ ଅଛି। ସେଥିମଧ୍ୟରୁ ୩,୮୪୪ ଟି କ୍ଷେପଣାସ୍ତ୍ର ଏବଂ ବିମାନ ସହିତ ନିୟୋଜିତ କରାଯାଇଛି। ବିଶେଷ ଭାବରେ ଋଷ ଏବଂ ଆମେରିକା ପ୍ରାୟ ୯୦% ସମସ୍ତ ଆଣବିକ ଅସ୍ତ୍ରଶସ୍ତ୍ରର ଅଧିକାରୀ ଅଟନ୍ତି। ଆଣବିକ ଅସ୍ତ୍ରଶସ୍ତ୍ରକୁ ଦୀର୍ଘଦିନଧରି ବିରୋଧ କରିବା ଏବଂ ଆଣବିକ ନିରସ୍ତ୍ରୀକରଣ ଉପରେ ଆବଶ୍ୟକ ପ୍ରକ୍ରିୟାର ଅଭାବ ସମ୍ପର୍କରେ ଆମ ଉଭୟଙ୍କ ଯେଉଁ ବିଚାର ରହିଛି ତା'ର ଏବେ ପ୍ରାସଙ୍ଗିକତା ରହିଛି। ତେବେ ୧୯୯୦ ଦଶକର ପ୍ରାରମ୍ଭରେ ଆଣବିକ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିବା ପ୍ରକ୍ରିୟାରେ ତୀବ୍ର ହ୍ରାସ ଘଟିବା ଦ୍ୱାରା କିଛି ଭୟ କମିଥିଲା। କିନ୍ତୁ ଯେଉଁ ଧାରାରେ ଗଚ୍ଛିତ ପ୍ରକ୍ରିୟାରେ ହ୍ରାସ ହେଉଥିଲା ତାହା ବନ୍ଦ ହୋଇଗଲା। ଏହା ମଧ୍ୟରେ ତିନି ଦଶନ୍ଧି ବିତିଗଲାଣି। ୯ଟି ଆଣବିକ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ଦେଶ ନିକଟରେ ପ୍ରାୟ ୧୩,୦୦୦ ଆଣବିକ ବୋମା ରହିଛି। ଏହି ଦେଶଗୁଡ଼ିକ ପର୍ଯ୍ୟାୟକ୍ରମେ ଏହାକୁ ହ୍ରାସ କରିବା ବଦଳରେ ଆଣବିକ ଅସ୍ତ୍ରର ଆଧୁନିକୀକରଣ ଏବଂ ସମ୍ପ୍ରସାରଣ କରିବାରେ ଲିପ୍ତ ରହୁଛନ୍ତି। ଫଳରେ ଆଣବିକ ଅସ୍ତ୍ରଶସ୍ତ୍ର ବୃଦ୍ଧି ହେଉଛି। ଏହାର ଭୁଲ୍ ମୂଲ୍ୟାୟନ କରାଯିବା ଯୋଗୁ ଦୁର୍ଘଟଣା ମଧ୍ୟ ବଢୁଛି। ଏପରି କି ଆଣବିକ ଅସ୍ତ୍ରଶସ୍ତ୍ରସବୁ ବ୍ୟବହାର କଲେ ଏହାର ପ୍ରଳୟଙ୍କରୀ ପରିଣାମଗୁଡ଼ିକ କ'ଣ ହେବ ସେ ସମ୍ପର୍କରେ ଆମେ ଭଲ ଭାବେ ଅବଗତ ଥାଇ ମଧ୍ୟ ନିରସ୍ତ୍ରୀକରଣ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଜାତୀୟ ନିରାପତ୍ତା ଦୃଷ୍ଟିରୁ ନିଆଯାଉଥିବା ଏକ ପଦକ୍ଷେପ, ଯାହା ସେହି ଦେଶ ଓ ଅନ୍ୟ ଦେଶର ଲୋକମାନଙ୍କ ଉପରେ ଏବଂ ଏବେ ମାନବତା ଉପରେ ଯେଉଁ ବିପଦ ସୃଷ୍ଟି କରୁଛି , ତାହାର ସ୍ଥାୟିତ୍ୱ ସମ୍ପର୍କରେ ସେମାନେ ବିଚାର କରିବା ଦରକାର। ତେବେ ଅସ୍ତ୍ରଶସ୍ତ୍ର ଆମକୁ ସୁରକ୍ଷା ଦେବ ବୋଲି ଯେଉଁ ବିଶ୍ୱାସ ଅଛି ତାହା ଏକ ମୌଳିକ ତ୍ରୁଟି ବୋଲି ଆମର ହୃଦ୍‌ବୋଧ ହୋଇଛି। ବାସ୍ତବରେ, ସେସବୁ ଆମ ସମସ୍ତଙ୍କ ତଥା ଆଗାମୀ ପିଢ଼ି ଉପରେ ବଡ଼ ବିପଦ ସୃଷ୍ଟି କରୁଛି।



ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ରରେ ସ୍ୱଳ୍ପ ଦୂରଗାମୀ ନସ୍ର୍, ହତଫ, ଗଜନଭି ଏବଂ ଅବଦାଲି କ୍ଷେପଣାସ୍ତ୍ର ଅନ୍ତର୍ଭୁକ୍ତ, ଯାହା ୬୦ ରୁ ୩୨୦ କିଲୋମିଟର ଦୂରତାରେ ଆକ୍ରମଣ କରିପାରିବ। ଯେଉଁଠାରେ ମଧ୍ୟମ ରେଞ୍ଜର କ୍ଷେପଣାସ୍ତ୍ର ଗୌରୀ ଏବଂ ଶାହିନ୍। ସେଗୁଡିକର ଷ୍ଟ୍ରାଇକ୍ ପରିସର ୯୦୦ ରୁ ୨୭୦୦ କିଲୋମିଟର ଅଟେ। ଯଦି ଏହି ଦୁଇ ଅସ୍ତ୍ର ମଧ୍ୟରେ ଆକ୍ରମଣ କରାଯାଏ, ତେବେ ଦିଲ୍ଲୀ, ଜୟପୁର, ଅହମ୍ମଦାବାଦ, ମୁମ୍ବାଇ, ପୁଣେ, ଭୋପାଳ, ନାଗପୁର ଏବଂ ଲକ୍ଷ୍ନୌ ପ୍ରଭାବିତ ହୋଇପାରେ। ଯଦି ଆମେ ଭାରତର ଶକ୍ତି ବିଷୟରେ କହିବା, ତେବେ ଏଥିରେ ବହୁ ଦୂରଗାମୀ କ୍ଷେପଣାସ୍ତ୍ର ଅଛି। ସର୍ଟ ରେଞ୍ଜ୍ କ୍ଷେପଣାସ୍ତ୍ରଗୁଡ଼ିକ ହେଉଛି ପୃଥ୍ୱୀ ଏବଂ ଅଗ୍ନି -୧, ଯାହାର ପରିସର ୩୫୦ ରୁ ୭୦୦ କିଲୋମିଟର ପର୍ଯ୍ୟନ୍ତ। ଯେଉଁଠାରେ, ଅଗ୍ନିର ପ୍ରକାରଗୁଡ଼ିକ ହେଉଛି ଅଗ୍ନି-୨ ଏବଂ ଅଗ୍ନି -୩, ଯାହାର ପରିସର ୨ ହଜାରରୁ ୩ ହଜାର କିଲୋମିଟର ପର୍ଯ୍ୟନ୍ତ। ଏହା ବ୍ୟତୀତ ଅଗ୍ନି-ଭି କ୍ଷେପଣାସ୍ତ୍ରର ଷ୍ଟ୍ରାଇକ୍ ରେଞ୍ଜ ହେଉଛି ୫ ହଜାର କିଲୋମିଟର। ଏହି କ୍ଷେପଣାସ୍ତ୍ରଗୁଡିକ ସାହାଯ୍ୟରେ ଭାରତ ପାକିସ୍ତାନର ଯେକୌଣସି କୋଣକୁ ପରମାଣୁ ଅସ୍ତ୍ର ଛାଡିପାରେ। ଅର୍ଥାତ୍ ଯଦି ଭାରତ ଅଳ୍ପ ଦୂରରୁ ଆଫଗାନିସ୍ତାନ ସୀମା ପର୍ଯ୍ୟନ୍ତ ଆଣବିକ ଅସ୍ତ୍ର ଛାଡିଦିଏ, ତେବେ ରାୱଲପିଣ୍ଡି, ଲାହୋର, ଇସଲାମାବାଦ ଏବଂ କରାଚିର ନାମ ଏବଂ ଚିହ୍ନ ଲିଭିଯିବ। ଆମେରିକାର ପ୍ରତିରକ୍ଷା ବିଭାଗର ମୁଖ୍ୟାଳୟ ପେଣ୍ଟାଗନ୍‌ର ରିପୋର୍ଟ ଅନୁଯାୟୀ, ୨୦୨୧ ମସିହାରେ ଚୀନ୍‌ରେ ୪୦୦ ପରମାଣୁ ଅସ୍ତ୍ର ଥିଲା, ଯାହାର ସଂଖ୍ୟା ୨୦୨୩ ମସିହାରେ ୫୦୦ରୁ ଅଧିକ ହୋଇଯାଇଥିଲା। ପେଣ୍ଟାଗନ୍ ଅନୁଯାୟୀ ଚୀନ୍ ପରମାଣୁ ଅସ୍ତ୍ରଶସ୍ତ୍ର ବୃଦ୍ଧି ଦିଗରେ ନିରନ୍ତର କାର୍ଯ୍ୟ କରୁଛି, ଯେଉଁ କାରଣରୁ ୨୦୩୦ ସୁଦ୍ଧା ସେଗୁଡିକର ସଂଖ୍ୟା ୧୦୦୦ ଏବଂ ୨୦୨୫ ସୁଦ୍ଧା ୧,୫୦୦ ରେ ପହଞ୍ଚିପାରେ।

ଭାରତ-ପାକିସ୍ତାନ ଉତ୍ତେଜନା ଭିତରେ ବଢୁଛି ପାକିସ୍ତାନର ଆଣବିକ ଧମକ। ଯଦି ପାକିସ୍ତାନର ସ୍ଥିତି ପ୍ରତି ବିପଦ ଆସେ ତେବେ ଆଣବିକ ଅସ୍ତ୍ର ପ୍ରୟୋଗ ଲାଗି ପଛଘୁଞ୍ଚା ଦିଆଯିବ ନାହିଁ ବୋଲି କହିସାରିଛନ୍ତି ପାକ୍ ମନ୍ତ୍ରୀ ହନିଫ ଆବାସି, ଆମେରିକା ଲାଗି ନିଯୁକ୍ତ ରାଷ୍ଟ୍ରଦୂତ ରିଜୱାନ ଶେଖ ଓ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ। ଦୁଇ ଦେଶ ମଧ୍ୟରେ ସୃଷ୍ଟ ଉତ୍ତେଜନା ପ୍ରଶମିତ କରିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ନିକଟରେ ଅନୁରୋଧ କରିଥିଲେ ରାଷ୍ଟ୍ରଦୂତ ଶେଖ୍। ଏବେ ପ୍ରଶ୍ନ ଉଠୁଛି ସମ୍ଭାବ୍ୟ ଆଣବିକ ଟେନସନରେ ଆମେରିକାର ଭୂମିକା କଣ ରହିବ। ଅତୀତରେ ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଓ ଜର୍ଜ ଡବ୍ଲୁ ବୁଶଙ୍କ ସମୟରେ ପାକିସ୍ତାନର ଆଣବିକ ଅସ୍ତ୍ରର ସୁରକ୍ଷା ଲାଗି ଆମେରିକା ପଦକ୍ଷେପ ନେଇଥିଲା। ତେଣେ ବେଲାରୁଷ ଓ ଚୀନ ସହାୟତାରେ ପାକିସ୍ତାନ ଲଙ୍ଗରେଞ୍ଜ ମିସାଇଲ ଓ ପେଲୋଡ ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମ ଜାରି ରଖିଛି। ଏହି ଯୋଜନା ବଳରେ କିଛି ବର୍ଷ ମଧ୍ୟରେ ପାକିସ୍ତାନ ୩ ହଜାର କିଲୋମିଟର ଦୂରକୁ ହିଟ୍ କରିପାରୁଥିବା କ୍ଷେପଣାସ୍ତ୍ରର ଅଧିକାରୀ ହେବ। ପାକିସ୍ତାନକୁ ଆଣବିକ ଯନ୍ତ୍ରାଂଶ ସହଯୋଗ କରୁଥିବାରୁ ଚୀନ ଓ ବେଲାରୁଷର କେତେକ ଫାର୍ମ ସମେତ ପାକିସ୍ତାନର କେତେକ ସରକାରୀ ସଂସ୍ଥା ବିରୋଧରେ ଆମେରିକା କଟକଣା ଜାରି କରିସାରିଛି। ୨୦୧୫ରେ ପ୍ରଥମେ ପାକିସ୍ତାନ ପରୀକ୍ଷା କରିଥିବା ସାହିନ-୩ ମିସାଇଲର କ୍ଷମତା ୨ ହଜାର ୭୫୦ କିଲୋମିଟର ଥିଲା। ଏହାର ଅର୍ଥ ଭାରତର ଯେ କୌଣସି ସ୍ଥାନକୁ ହିଟ୍ କରିବାର କ୍ଷମତା ପାକିସ୍ତାନ ନିକଟରେ ରହିଛି।

ଜାପାନର ଆଣବିକ ବିଧ୍ୱଂସରେ ବିଚଳିତ ହୋଇ ୯ ଜୁଲାଇ ୧୯୫୫ରେ ଆଲବର୍ଟ ଆଇନଷ୍ଟାଇନ ଓ ପ୍ରସିଦ୍ଧ ବ୍ରିଟିଶ ଦାର୍ଶନିକ ବର୍ଟ୍ରାଣ୍ଡ ରସେଲ ସଂଯୁକ୍ତ ବିଜ୍ଞପ୍ତି ଜାରିକରି ଶାନ୍ତିର ଉପାୟ ଅବଲମ୍ବନ କରିବାକୁ ନିବେଦନ କରି କହିଥିଲେ, ''ଏହା ନିଶ୍ଚିତ ଯେ ତୃତୀୟ ବିଶ୍ୱଯୁଦ୍ଧରେ ପରମାଣୁ ଅସ୍ତ୍ରର ପ୍ରୟୋଗ ହେବ। ଏଥିଯୋଗୁଁ ମଣିଷଜାତିର ଅସ୍ତିତ୍ୱ ସଙ୍କଟ ଦେଖାଯିବ; କିନ୍ତୁ ଚତୁର୍ଥ ବିଶ୍ୱଯୁଦ୍ଧ ଲାଠି ଆଉ ପଥର ମାଧ୍ୟମରେ ହେବ।'' ଏହି ବିଜ୍ଞପ୍ତିରେ କୁହାଯାଇଥିଲା ଯେ, ନରସଂହାର କଳାଭଳି ସମସ୍ତ ଅସ୍ତ୍ରକୁ ନଷ୍ଟ କରିଦିଆଯିବା ଆବଶ୍ୟକ। ଆମର ପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଏହି ଭୟାବହତାକୁ ଅନୁଭବ କରିପାରିଥିଲେ। ସେଥିପାଇଁ ସେ ସଂଯୁକ୍ତ ରାଷ୍ଟ୍ରରେ ଆଣବିକ ଅସ୍ତ୍ରର ସମୂଳ ନଷ୍ଟ ପାଇଁ ପ୍ରସ୍ତାବ ରଖିଥିଲେ; କିନ୍ତୁ ପରମାଣୁ ମହାଶକ୍ତିଗୁଡ଼ିକ ଏହି ପ୍ରସ୍ତାବ ଉପରେ କୌଣସି ଆଗ୍ରହ ପ୍ରକାଶ କଲେ ନାହିଁ, କାରଣ ପରମାଣୁ ପ୍ରଭୁତ୍ୱରେ ହିଁ ସେମାନଙ୍କ ଶକ୍ତି ଅନ୍ତର୍ନିହିତ ରହିଛି। ବର୍ତ୍ତମାନ ପରମାଣୁ ଶକ୍ତି ସଂପନ୍ନ ଦେଶଗୁଡ଼ିକର ୟୁରାନିୟମର ବେପାର କରୁଛନ୍ତି। ସେମାନେ ପରମାଣୁ ଅସ୍ତ୍ରର ବିପଦକୁ ସାଉଁଟିବାରେ ବ୍ୟସ୍ତ ଅଛନ୍ତି। ଏପରି ରହିଲେ ସମ୍ଭାବ୍ୟ ବିଶ୍ୱ ଧ୍ୱଂସ କୁ ଏଡ଼ାଇ ଦିଆଯାଇ ନ ପାରେ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**

# ନିବୁଜ ଘରର କାହାଣୀ



**ଡ, ସୀତାକାନ୍ତ ତ୍ରିପାଠୀ**

ଗାଁ ମୁଣ୍ଡରେ ଗୋଟିଏ ଘର ଦୀର୍ଘ ଦିନ ଧରି ପରିତ୍ୟକ୍ତ ହୋଇ ପଡ଼ିଥାଏ। ତାହା କେବେଠାରୁ ଆଉ କାହିଁକି ବନ୍ଦ ହୋଇ ପଡ଼ି ରହିଛି ତାହାର ସଠିକ୍ ଓ ସନ୍ତୋଷ ଜନକ ଉତ୍ତର କେହି ଦେଇ ପାରନ୍ତି ନାହିଁ। କିଛି ଲୋକ କୁହନ୍ତି ସେ ଘରେ ଏବେ ଅଶରିରୀ ମାନେ ରହୁଛନ୍ତି। ତେଣୁ ରାତିରେ ସେ ଘର ଦେଇ ଯିବା ଆସିବା କରିବା ପାଇଁ ଲୋକମାନେ ଡରନ୍ତି। ଆଉ କିଛି ଲୋକଙ୍କ ମତରେ ସେଠାରେ ସାପ, ବେଙ୍ଗ, ମୂଷା ଆଦି ବିଭିନ୍ନ ସରୀସୃପ, ଜୀବଜନ୍ତୁ ରହୁଛନ୍ତି। ଯଦି କୌଣସି କାରଣରୁ ଗାଁ ସଭାରେ ଉକ୍ତ ପ୍ରସଙ୍ଗ ଉଠେ ତେବେ ଉକ୍ତ ଆଲୋଚନାରେ ବୟସ୍କ ଲୋକଙ୍କ ଠାରୁ ଯୁବକମାନେ ନିଜକୁ ଦୁରେଇ ରଖିବା ପାଇଁ ଚେଷ୍ଟା କରିଥାଆନ୍ତି। ଉକ୍ତ ଘରକୁ ଖୋଲିଲେ କାଳେ ସେମାନଙ୍କ ଉପରେ କେଉଁ ଅଦୃଶ୍ୟ ଶକ୍ତିର ନଜର ପଡ଼ିଯିବ ବା ଗାଁର କୌଣସି କ୍ଷତି ହୋଇଯିବ ବୋଲି ଆତଙ୍କିତ ହୋଇ ପରିତ୍ୟକ୍ତ ଘରଟିକୁ ସେହିଭଳି ଅବସ୍ଥାରେ ଛାଡ଼ି ଦିଆଯାଇ ଆସୁଛି। କେତେକଙ୍କ ମତରେ ପୂର୍ବରୁ ଉକ୍ତ ଘରଟି ଜଣେ ଧନୀ ଲୋକଙ୍କର ଥିଲା ତେବେ ସିଏ ନିଜ ଧନ ଓ ପ୍ରତିପତ୍ତି ଗର୍ବରେ ଲୋକମାନଙ୍କ ଉପରେ ଖୁବ୍ ଅତ୍ୟାଚାର କରୁଥିଲେ। କେତେବେଳେ ସିଏ ଲୋକମାନଙ୍କ ଠାରୁ ଅଧିକ ସୁଧ ଆଦାୟ କରୁଥିବା ବେଳେ ଆଉ କେତେବେଳେ ଅନ୍ୟମାନଙ୍କ ସମ୍ପତ୍ତି ଓ ଝିଅ ବୋହୁଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଉଥିଲେ। କିଛି ବର୍ଷ ତାଙ୍କ ଜୀବନ ଖୁବ୍ ଖୁସି ମଜାରେ କଟିଗଲା ସିନା ଲୋକମାନଙ୍କ ଲୁହର ବନ୍ୟାରେ ତାଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟ ଧିରେଧିରେ ଭାସିଗଲା। ତାଙ୍କ ଦୁଇ ପୁଅଙ୍କର ଅକାଳ ବିୟୋଗ ହେବା ପରେ ପରେ ସେହି ଚିନ୍ତାରେ ସ୍ତ୍ରୀ ଆର ପାରିକୁ ବାଟ କାଟିଲେ। ବିଭିନ୍ନ ମକଦ୍ଦମାରେ ଛନ୍ଦି ହୋଇଯିବା ଫଳରେ ତାଙ୍କର ସମ୍ପତ୍ତି, ଟଙ୍କା-ପଇସା ସବୁ ସରିବାରେ ଲାଗିଲା। ଯାହା ଫଳରେ ବନ୍ଧୁ ବାନ୍ଧବ ତଥା ସମ୍ପର୍କୀୟ ମାନେ ତାଙ୍କ ଠାରୁ ଦୁରେଇବାରେ ଲାଗିଲେ। ଶେଷକୁ ସିଏ ନିଜେ ବିଭିନ୍ନ ଅସାଧ ରୋଗ ଭୋଗି ବିଛଣାରେ ପଡ଼ି ମରିଗଲେ। ସେହିଭଳି ଜଣେ ଅତ୍ୟାଚାରୀ ଏବଂ ଅସାଧୁ ଲୋକଙ୍କ ବିଷୟରେ ଆଉ କେହି ଆଲୋଚନା କରିବାକୁ ଭଲ ପାଆନ୍ତି ନାହିଁ। ହୁଏତ ଘରଟି ନିୟମିତ ବ୍ୟବଧାନରେ ଖୋଲାଥିଲେ, ଚଳପ୍ରଚଳ ଥିଲେ, ଠିକ୍ ସମୟରେ ମରାମତି ହେଉଥିଲେ ସର୍ବୋପରି ଗୃହ କର୍ତ୍ତାଙ୍କର ବୁଦ୍ଧି ବିଚାର ଏବଂ ଚରିତ୍ର ଠିକ୍ ଥିଲେ ଘରଟି ଠିକ୍ ଅବସ୍ଥାରେ ରହିପାରି ଥାଆନ୍ତା। ପ୍ରତ୍ୟେକ ଘରକୁ ପାଞ୍ଚ ଲୋକ ଆସନ୍ତି ଏବଂ ପଚିଶ ଆଲୋଚନା କରନ୍ତି ଯଦି କୌଣସି କାରଣରୁ ଗୃହକର୍ତ୍ତାଙ୍କର ବିଚାରଧାରା, ନୀତି, ଆଦର୍ଶ ତଥା କାର୍ଯ୍ୟଶୈଳୀ ସମାଜ ବିରୋଧି ହୁଏ କିମ୍ବା ଅସାଧୁ ଉପାୟ ଅବଲମ୍ବନ କରନ୍ତି ତାହେଲେ ଅଧିକାଂଶ ସମୟରେ ଘରର ମୁଳଦୁଆ ଭୁଷୁଡ଼ି ପଡ଼େ। କିଛି ଲୋକ କିଛି ଦିନ ପାଇଁ ହୁଏତ ଯିବା ଆସିବା କରି ପାରନ୍ତି କିନ୍ତୁ ସମୟକ୍ରମେ ସେମାନେ ମଧ୍ୟ ସେଥିରୁ ବିରତ ରହି ଥାଆନ୍ତି। ଆଉ ଧିରେଧିରେ ଏସବୁ କଥା ଜନ ସ୍ମୃତିରୁ ହଜିଯାଏ। ଯାହା ଫଳରେ ଘରଟି ଅପନ୍ତରା ହୋଇ ପଡ଼େ ଏବଂ ତା' ପ୍ରତି କାହାର ନଜର ପଡ଼େ ନାହିଁ। କିଛି ଲୋକ ଯୋର ଜବରଦସ୍ତ ଏହାକୁ ଅଧିକାର କରିବା ପାଇଁ ଚାହିଁଲେ ମଧ୍ୟ ଅଦୃଶ୍ୟ ଶକ୍ତିର ଭୟରେ ଏଥିରୁ ନିବୃତ୍ତ ରହିଥାଆନ୍ତି। ମଣିଷର ମନ ମଧ୍ୟ ଠିକ୍ ସେହି ନିବୁଜ ଘର ପରି ଏଥିରେ ଅନେକ କଥା ଅଚେତନ, ଅବଚେତନ ଓ ସଚେତନ ଅବସ୍ଥାରେ ରହଥାଏ। ତାର ମନ ଏବଂ ଚିନ୍ତାଧାରା ଯଦି କୌଣସି କାରଣରୁ କଳୁଷିତ ହୁଏ ତେବେ ତାହା ଧିରେ ଧିରେ ଶରୀରକୁ ମଧ୍ୟ କ୍ଷୀଣ କରିଥାଏ। ଏହାକୁ ଖୋଲା ରଖିଲେ ଅନେକ ନୁଆ କଥା, ଚିନ୍ତାଧାରା ଏହା ଭିତରକୁ ଆସିବା ପାଇଁ ସୁଯୋଗ ମିଳିଥାଏ। ମନକୁ ପାଳି ପୋଷି ଯତ୍ନର ସହିତ ରଖି ପାରିଲେ ତାହା ନିଜକୁ ଭଲରେ ରଖିବା ସହିତ ଅନ୍ୟ ମାନଙ୍କୁ ମଧ୍ୟ ହସ ଖୁସି ତଥା ଶାନ୍ତିରେ ରହିବା ପାଇଁ ଖୋରାକ୍ ଯୋଗାଇଥାଏ। ନହେଲେ ଜଣେ ଲୋକ କିଛିଦିନ ପାଇଁ ହୁଏତ ଜନାଦୃତ ହୋଇପାରେ କିନ୍ତୁ ଲମ୍ବା ସମୟର ଅବଧି ମଧ୍ୟରେ ସିଏ ଲୋକମାନଙ୍କ ଘୃଣାର ପାତ୍ର ହୋଇଯାଏ। ବେଳେବେଳେ କ୍ଷମତା ଓ ପ୍ରତିପ୍ରତ୍ତିକୁ ନେଇ ଉକ୍ତ ମଣିଷଟି ନିଜକୁ ସିନା ସର୍ବେସର୍ବା ମନେ କରିଥାଏ କିନ୍ତୁ ଏହା କ୍ଷଣିକ ଏବଂ କେତେବେଳେ ଜଣକ ପାଖରୁ ଅନ୍ୟ ଜଣକ ପାଖକୁ ଚାଲିଯିବ ଯେ କଥା କହିବା ଅସହଜ। କୌଣସି କ୍ଷେତ୍ରରେ ମନକୁ ପରିତ୍ୟକ୍ତ ଘର ଭାବେ ଛାଡ଼ି ନଦେଇ ଏହାର ରକ୍ଷଣା ବେକ୍ଷଣ କରି ପାରିଲେ ନିଜେ ଭଲରେ ରହିବା ସହିତ ଅନ୍ୟ ମାନଙ୍କୁ ମଧ୍ୟ ଭଲରେ ରହିବାକୁ ସୁବିଧା ମିଳିବ। ମନ ରୂପକ ଘରକୁ ନିବୁଜ ନକରି ଖୋଲା ରଖି ପାରିଲେ ଯାଇ ସବୁ ସଙ୍କୀର୍ଣ୍ଣତା ଦୁରେଇଯାଇ ଉଚ୍ଚ ଚିନ୍ତାଧାରା ଏବଂ ଜୀବନଶୈଳୀକୁ ଆମେ ଆପଣେଇବାରେ ସମର୍ଥ ହୋଇ ପାରିବା। ଏହା ଭିତରକୁ ଆଉ କାହାକୁ ପଶିବାର ସୁଯୋଗ ଦେବା ଅପେକ୍ଷା ନିଜକୁ ଯଦି ଜଣେ ଖୋଲା ହୃଦୟର ମଣିଷ ଭାବେ ଗଢ଼ି ତୋଳିବାରେ ସକ୍ଷମ ହେବା ତାହେଲେ ହୁଏତ ନିଜକୁ ଜଣେ ସ୍ୱୟଂ ସମ୍ପୁର୍ଣ୍ଣ ମଣିଷ ଭାବେ ପରିଚିତ କରାଇ ପାରିବା ସହିତ ଅନ୍ୟମାନଙ୍କ ଆତ୍ମପ୍ରତ୍ୟୟ ଜାଗ୍ରତ କରିବାରେ ମଧ୍ୟ ସହାୟକ ହୋଇ ପାରିବା ନତୁବା ଅନ୍ୟ ମାନଙ୍କ ଆଗରେ ଅପଚରା ହୋଇ ରହିବା ସାର ହେବ।

**ଭଦ୍ରକ, ମୋବାଇଲ୍: ୯୭୭୮୭୬୪୩୯୪**

# ଅସ୍ତ୍ରବିରତିର ସନ୍ଦେଶ



**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**

ଦୀର୍ଘ ଚାରି ଦିନ ଧରି ସୀମା ପାର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଗତ ରବିବାର ଠାରୁ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ସହମତି ଦୁଇ ପଡୋଶୀ ଦେଶରେ ଶାନ୍ତି ପ୍ରତିଷ୍ଠାର ପଥ ପରିଷ୍କାର ହୋଇଛି। ଯୁଦ୍ଧ ଉତ୍ତେଜନା ହ୍ରାସ କରିବା ପାଇଁ ଦୁଇଦେଶର ସାମରିକ ମହାନିର୍ଦ୍ଦେଶକ (ଡିଜିଏମଓ) ସ୍ତରୀୟ କଥାବାର୍ତ୍ତାରେ ସହମତି ପ୍ରକାଶ ପାଇବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଆହୁରି ମଧ୍ୟ ସୀମାରୁ ସେନା ହ୍ରାସ କରିବା ସହ କେହି କାହା ଉପରେ ଗୁଳିମାଡ ନକରିବା ପାଇଁ ନିଷ୍ପତି ହୋଇଥିବାବେଳେ ଗତ ଦୁଇଦିନ ଧରି ସୀମାନ୍ତ ପରିସ୍ଥିତି ଶାନ୍ତ ରହିଛି। ତେବେ ଶନିବାର ଦିନ ଅସ୍ତ୍ରବିରତି ଘୋଷଣାର ୩ଘଂଟା ପରେ ପାକିସ୍ଥାନ ପଟୁ ଯେଭଳି କିଛି ସମୟ ପାଇଁ ଗୁଳିମାଡ ହୋଇଥିଲା, ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। କହିବା ବାହୁଲ୍ୟ ଯେ, ଦୁଇଦେଶ ମଧ୍ୟରେ ୭୦ଦଶକରେ ଅସ୍ତ୍ରବିରତି ରାଜିନାମା ପରଠାରୁ ପାକିସ୍ଥାନ ପ୍ରତିବର୍ଷ ଶହଶହ ଥର ଏହାକୁ ଲଂଘନ କରିଥିବା ବହୁ ଉଦାହରଣ ରହିଛି। କିନ୍ତୁ ଏବେ ପାକିସ୍ଥାନ ଆଉ ଅସ୍ତ୍ରବିରତି ଉଲଂଘନ ନେଇ ସେପରି ଦୁଃସାହସ କରିନପାରେ। ଗଲା ମାସ ୨୨ତାରିଖରେ ପହଲଗାମରେ ୨୬ଜଣ ହିନ୍ଦୁ ପର୍ଯ୍ୟଟକଙ୍କୁ ଆତଙ୍କବାଦୀଙ୍କ ହତ୍ୟା ଘଟଣାରେ ପ୍ରତିଶୋଧପୂର୍ବ ଭାରତ ଗ୍ରହଣ କରିଥିବା ସାମରିକ କାର୍ଯ୍ୟକାନୁଷ୍ଠାନରେ ପାକିସ୍ଥାନର ମେରୁଦଣ୍ଡ ଭାଙ୍ଗି ଯାଇଥିବା କହିଲେ ହୁଏତ ଅତିରଂଜିତ ହୋଇନପାରେ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ଥାନର ୧୦ଟି ବାୟୁସେନା ଘାଟି ସହ ଆତଙ୍କବାଦୀଙ୍କ ୯ଟି ଆଡ୍ଡା ତଥା ତାଲିମ ସ୍ଥାନ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। କେବଳ ଏତିକି ନୁହେଁ ପାକିସ୍ଥାନର ୪୦ଜଣ ଯବାନ ନିହତ ହୋଇଛନ୍ତି, ଯାହାକି ଅସ୍ତ୍ରବିରତି ପାଇଁ ପଡୋଶୀ ରାଷ୍ଟ୍ରକୁ ବାଧ କରିଥିଲା। ଏଥିଲାଗି ପାକିସ୍ଥାନ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ଶରଣାପନ୍ନ ହୋଇଥିଲା। ତେବେ ଭାରତ ଅସ୍ତ୍ରବିରତି ପାଇଁ ସହମତି ହେବା ସହ ଯେଉଁ ସ୍ପଷ୍ଟ ବାର୍ତ୍ତା ଦେଇଛି, ସେଥିରେ ପାକିସ୍ଥାନ ଆଉ ଯୁଦ୍ଧବିରତି ଉଲଂଘନ କରିବାକୁ ସାହାସ କରିବ ନାହିଁ। ଭାରତ ସ୍ପଷ୍ଟ ଭାବେ କହିଛି ଯେ, ପାକିସ୍ଥାନ ଯଦି ଅସ୍ତ୍ରବରିତି ଉଂଲଘନ କରି ଗୁଳି ବର୍ଷଣ କରେ, ତେବେ କଠୋର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏଥିସହ ଏଣିକି ଭାରତ ପ୍ରତି ଆତଙ୍କବାଦୀ ଆକ୍ରମଣକୁ ଯୁଦ୍ଧ ବୋଲି ଘୋଷଣା କରିବା ସହ ଏହାକୁ ଏକ ନୂତନ ଧାରା ବୋଲି ଘୋଷଣା କରିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୬ରେ ଉରି ସାମରିକ ଘାଟି ଆତଙ୍କବାଦୀଙ୍କ ହମଲା ଘଟଣାରେ ପାକିସ୍ଥାନ ବିରୁଦ୍ଧରେ ସର୍ଜିକାଲ ଷ୍ଟାଇକ୍ ଆରମ୍ଭ କରି ଆତଙ୍କବାଦିଙ୍କ ଆଡ୍ଡାସ୍ଥଳୀ ଧ୍ୱଂସ କରିଦେଇଥିଲା। ସେହିପରି ୨୦୧୯ରେ ଫୁଲୱାମା ଆକ୍ରମଣ ଘଟଣାରେ ପାକିସ୍ଥାନର ବାଲାକୋଟରେ ସର୍ଜିକାଲ ଷ୍ଟ୍ରାଇକ କରିଥିଲା। ଭାରତର ଏହି କାର୍ଯ୍ୟନୁଷ୍ଠାରେ ସାରା ବିଶ୍ୱ ସ୍ତମ୍ଭିଭୂତ ଯାହାକୁ ଏବେ ନୂତନ ଧାରା ଭାବେ ନୂଆଦିଲ୍ଲୀ ବର୍ଣ୍ଣନା କରିଛି। ପହଲଗାମ୍ ଆତଙ୍କୀଙ୍କ ନରସଂହାର ପରେ ଭାରତୀୟ ସେନା ଲାହୋରଠାରୁ ସାରଗୋଧା, ଚକୱାଲାଠାରୁ ଜାକୋବବାଦ, ପିଓକେ ଠାରୁ ପଞ୍ଜାମ ପ୍ରେଭିନସ୍ ପର୍ଯ୍ୟନ୍ତ ୯ଟି ଆତଙ୍କବାଦୀଙ୍କ ଶିବିର ଏବଂ ୧୦ଟି ବାୟୁସେନା ଘାଟି ଉପରେ ଆକ୍ରମଣ କରି ଧ୍ୱଂସ କରିଦେବା ସହ ନିଜର ସାମରିକ ସାମର୍ଥ୍ୟ ପ୍ରଦର୍ଶନ କରିପାରିଛି। ଭାରତର ଆକ୍ରମଣରେ ଅପେରସନ ସିନ୍ଦୂର ସାମରିକ କାର୍ଯ୍ୟାନୁଷ୍ଠାନରେ ୧୦୦ରୁ ଉଦ୍ଧ୍ୱର୍ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। କହିବା ବାହୁଲ୍ୟ ଯେ, ଆତଙ୍କବାଦୀ ୨୬ଜଣ ହିନ୍ଦୁ ମହିଳାଙ୍କ ମଥାରୁ ସିନ୍ଦୂର ପୋଛି ଉଡାଇ ଦେଇଛି। ଏଥିରୁ ଆତଙ୍କବାଦ ବିରୁଦ୍ଧରେ ଭାରତର କାର୍ଯ୍ୟାନୁଷ୍ଠାନ କେତେ ଭୟଙ୍କର ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ଏହା ହିଁ ଆତଙ୍କବାଦ ବିରୁଦ୍ଧରେ ଭାରତର 'ନୂଆ ଧାରା'। ଆହୁରି ମଧ୍ୟ ଆତଙ୍କବାଦ ବିରୁଦ୍ଧରେ ଭାରତର ନୂଆଧାରା ଲଢେଇ ପ୍ରତି ବିଶ୍ୱବ୍ୟାପୀ ଯେଉଁ ସମର୍ଥନ ମିଳିଛି, ତାହା ଅଦ୍‌ଭୂତ ପୂର୍ବ। ଭାରତର ଏଭଳି କାର୍ଯ୍ୟାନୁଷ୍ଠାନ ଭବିଷ୍ୟତରେ ବିଶ୍ୱର ଯେକୌଣସି କୋଣରେ ଆତଙ୍କବାଦୀ ଆକ୍ରମଣ ବିରୁଦ୍ଧରେ ପଥ ପ୍ରଦର୍ଶକ ବା ମଡେଲ ହେବ, ଏଥିରେ ସନ୍ଦେହ ନାହିଁ, ସେହିପରି ଆତଙ୍କବାଦୀ ହମଲା ଓ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ଦେଶବ୍ୟାପୀ ଯେଉଁଭଳି ଏକତା ପ୍ରକାଶ ପାଇଥିଲା, ତାହା ମଧ୍ୟ ଅଦଭୂତପୂର୍ବ। ବିରୋଧି ରାଜନୈତିକ ଦଳଗୁଡିକ ମଧ୍ୟ ସରକାରଙ୍କ ପଛରେ ଛିଡା ହୋଇଥିଲେ। ଯବାନଙ୍କ ମନୋବଳ ବୃଦ୍ଧି ପାଇଁ ଦେଶବ୍ୟାପୀ ଜାତି, ଧର୍ମ, ଦଳ ନିର୍ବିଶେଷରେ ତ୍ରିରଙ୍ଗା ଶୋଭାଯାତ୍ରା ଅଦଭୂତ୍ ଦେଶପ୍ରେମ ଭାବନାର ପ୍ରତୀକ ଥିଲା। ଏହି ଏକତା ହିଁ ହେଉଛି ଭାରତର ବଳ, ଶାନ୍ତି। ସମସ୍ତ ରାଜନୈତିକ ଦଳ ଏବଂ ସୋସାଇଟ୍ ଏହାକୁ ବଜାୟ ରଖିବା ଉଚିତ୍। ଏଥିସହ ପହଲଗାମ୍ ଆତଙ୍କି ହମଲା ପରେ ପାକିସ୍ଥାନକୁ ସରକାର ଯେଉଁ କଠୋର ସନ୍ଦେଶ ଦେଇଛନ୍ତି, ତାହା ମଧ୍ୟ ସର୍ବେତଭାବେ ସ୍ୱାଗତଯୋଗ୍ୟ। ଭାରତ ସରକାର ପାକ୍ ଅଧିକୃତ କାଶ୍ମୀର (ପିଓକେ) ଏବଂ ଆତଙ୍କବାଦୀଙ୍କୁ ହସ୍ତାନ୍ତର ବ୍ୟତୀତ ଅନ୍ୟ କୌଣସି ପ୍ରସଙ୍ଗ ଉପରେ ପାକିସ୍ଥାନ ଉପରେ ଆଲୋଚନା କରିବେ ବୋଲି ଦୃଢ ଓ ବଜ୍ର କଣ୍ଠରେ ଘୋଷଣା କରିବା ଦେଶର ଆଭିମୁଖ୍ୟକୁ କେବଳ ସ୍ପଷ୍ଟ କରିନାହିଁ, ପଡୋଶୀ ରାଷ୍ଟ୍ର ପାଇଁ ଏକ କଡା ସନ୍ଦେଶ ସଦୃଶ ହୋଇଛି। ଏହା ନିସନ୍ଦେହ ଯେ, ଅସ୍ତ୍ରବିରତି ପତି ସହମତି ପ୍ରକାଶ କରି ଭାରତ ବିଶ୍ୱକୁ ଶାନ୍ତି'ର ବାର୍ତ୍ତା ଦେଇଛି।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ପ୍ରଥମ ଥର ପାଇଁ ପାକିସ୍ତାନୀ ଆକ୍ରମଣର ଶିକାର ସୁରନକୋଟ



**ସୁରନକୋଟ, ୧୮।୫:** ଅପରେସନ୍ ସିନ୍ଦୂର ପରେ ପାକିସ୍ତାନୀ ଗୁଳିମାଡ଼ ପ୍ରଥମ ଥର ପାଇଁ ନିୟନ୍ତ୍ରଣ ରେଖାଠାରୁ ୪୦-୪୫ କିଲୋମିଟର ଦୂରରେ ଅବସ୍ଥିତ ସୁରନକୋଟରେ ପହଞ୍ଚିଥିଲା। ଯାହା ଏହାର ଦୀର୍ଘକାଳୀନ ପ୍ରତିରକ୍ଷାକୁ ଭାଙ୍ଗି ଦେଇଥିଲା ଏବଂ ତୀବ୍ର ସୀମାପାର ଆକ୍ରମଣରେ କୌଣସି ଅଞ୍ଚଳକୁ ଅସ୍ପୃଶ୍ୟ ରଖିନଥିଲା। ମେ ୮ ତାରିଖ ରାତିରେ ଜଣେ ୧୨ ବର୍ଷୀୟା ଝିଅ ହୁମୈରା ଚୌହାନ ଏବଂ ତାଙ୍କ ଯମଜ ଭଉଣୀ ଇଫଜା ଚୌହାନ ସୁରନକୋଟର ମନ୍ଦିରଗାଲି ଅଞ୍ଚଳରେ ସେମାନଙ୍କ ଘରର ଶୟନ କକ୍ଷରେ ଶୋଇଥିବା ବେଳେ ପାକିସ୍ତାନୀ ଆକ୍ରମଣର ଶିକାର ହୋଇଥିଲେ। ଯାହା ପୂର୍ବରୁ ସୀମାପାର ଗୁଳିମାଡ଼ ସମୟରେ ଶାନ୍ତିପୂର୍ଣ୍ଣ ଥିଲା।

ଗ୍ରାମଟି ନିୟନ୍ତ୍ରଣ ରେଖାଠାରୁ ପ୍ରାୟ ୪୫ କିଲୋମିଟର ଦୂରରେ ଥିଲା ଏବଂ ୧୯୬୫ ଯୁଦ୍ଧ, ୧୯୭୧ ଯୁଦ୍ଧ କିମ୍ବା ୧୯୯୮ କାର୍ଗିଲ୍ ଯୁଦ୍ଧ ହେଉ ପାକିସ୍ତାନୀ ସୈନ୍ୟଙ୍କ ଗୁଳିମାଡ଼ ପରିସର ମଧ୍ୟରେ ନଥିଲା। ପ୍ରାୟ ମଧ୍ୟରାତ୍ରିରେ, ପାକିସ୍ତାନର ରକେଟ ମାଡ ଯୋଗୁଁ ସୁରନକୋଟକୁ ଥରାଇ ଦେଇଥିଲା। ଗୋଟିଏ ଶୋଇଥିବା ଯମଜ ଭଉଣୀଙ୍କ ଘର ପାଖରେ ପଡ଼ିଥିଲା। ବିସ୍ଫୋରଣରେ ସେମାନଙ୍କ ଶୟନ କକ୍ଷ କ୍ଷତିଗ୍ରସ୍ତ ହୋଇଥିଲା, ଝରକା ଏବଂ କାଚ ଭାଙ୍ଗି ଯାଇଥିଲା। ବିଛଣା ଏବଂ ଜିନିଷପତ୍ର ଧ୍ୱଂସାବଶେଷରେ ପରିଣତ ହୋଇଥିଲା। ବିସ୍ଫୋରଣ ହେବାର କିଛି ମୁହୂର୍ତ୍ତ ପୂର୍ବରୁ ତାଙ୍କ ଯମଜ ଭଉଣୀ ଶୌଚାଳୟକୁ ଯାଇଥିବା ବେଳେ ଆମେ ହୁମାଇରାଙ୍କୁ କୋଠରୀର ଭଗ୍ନାବଶେଷରୁ ଉଦ୍ଧାର କରିଥିଲୁ ବୋଲି ହୁମାଇରାଙ୍କ ବାପା ମହମ୍ମଦ ଲିଆକତ କହିଛନ୍ତି। ଅନେକ ସ୍ପିଣ୍ଟର ଆଘାତ ଯୋଗୁଁ ଝିଅଟିର ରକ୍ତସ୍ରାବ ହେଉଥିଲା ଏବଂ ତାକୁ ନିକଟସ୍ଥ ଏକ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ଚିକିତ୍ସା କରିଥିଲେ। ତାଙ୍କ ଛାତି, ହାତ, ପିଠି ଏବଂ ଶରୀରର ଅନ୍ୟାନ୍ୟ ଅଂଶରେ ସ୍ପିଣ୍ଟର ଆଘାତ ଲାଗିଥିଲା।

# ଭର୍ତ୍ତୃହରିଙ୍କ ସମେତ ୧୭ ଜଣଙ୍କୁ 'ସଂସଦ ରତ୍ନ' ପୁରସ୍କାର

## ମହାରାଷ୍ଟ୍ରରୁ ସର୍ବାଧିକ ୭



**ନୂଆଦିଲ୍ଲୀ, ୧୮।୫:** ଚଳିତ ବର୍ଷର ସଂସଦ ରତ୍ନ ପୁରସ୍କାର ୨୦୨୫ ଦେଶର ୧୭ ଜଣ ସାଂସଦଙ୍କ ପାଇଁ ଘୋଷଣା କରାଯାଇଛି। ଚଳିତ ବର୍ଷ ସାରା ଦେଶରୁ ୧୭ ଜଣ ସାଂସଦଙ୍କୁ ଚୟନ କରାଯାଇଛି। ସେମାନଙ୍କ ମଧ୍ୟରୁ ମହାରାଷ୍ଟ୍ରର ୭ ଜଣ ସାଂସଦ ଏହି ପୁରସ୍କାର ପାଇବେ। ଏହି ପୁରସ୍କାର ପ୍ରତିବର୍ଷ 'ପ୍ରାଇମ୍ ପଏଣ୍ଟ ଫାଉଣ୍ଡେସନ୍' ଦ୍ୱାରା ପ୍ରଦାନ କରାଯାଇଥାଏ। ଏହି ପୁରସ୍କାର ସଂସଦରେ ଉଲ୍ଲେଖନୀୟ, ସ୍ଥିର ଏବଂ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ସାଂସଦମାନଙ୍କୁ ପ୍ରଦାନ କରାଯାଏ। ସଂସଦରେ ପ୍ରଶ୍ନ ପଚାରିବା, ବିତର୍କରେ ଅଂଶଗ୍ରହଣ କରିବା, ସଂସଦର କାର୍ଯ୍ୟରେ ଅବଦାନ ଏବଂ କମିଟିରେ କାର୍ଯ୍ୟ କରିବା ଭଳି ବିଭିନ୍ନ ମାନଦଣ୍ଡ ଉପରେ ଆଧାରିତ ଏକ ବିଶେଷ ମୂଲ୍ୟାଙ୍କନ ପରେ ସଂସଦ ରତ୍ନ ପାଇଁ ଚୟନ କରାଯାଏ। ଜାତୀୟ ପଛୁଆ ବର୍ଗ ଆୟୋଗର ଅଧ୍ୟକ୍ଷ ହଂସରାଜ ଆହିରଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଜୁରି କମିଟି ଏହି ପୁରସ୍କାର ପାଇଁ ସାଂସଦମାନଙ୍କୁ ଚୟନ କରିଛନ୍ତି।

ସଂସଦରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସର୍ବାଧିକ ମହାରାଷ୍ଟ୍ରର ସାତ ଜଣ ସାଂସଦଙ୍କୁ 'ସଂସଦ ରତ୍ନ' ପୁରସ୍କାରରେ ସମ୍ମାନିତ କରାଯିବ। ସେମାନେ ହେଲେ ସୁପ୍ରିୟା ସୁଲେ (ଏନସିପି-ଏସପି), ଶ୍ରୀରଙ୍ଗ ବରଣେ (ଶିବସେନା), ଅରବିନ୍ଦ ଗଣପତ ସାୱନ୍ତ (ଶିବସେନା ୟୁବିଟି), ନରେଶ ଗଣପତ ମହସ୍କେ (ଶିବସେନା), ସ୍ମିତା ଉଦୟ ୱାଘ (ବିଜେପି), ମେଧା କୁଲକର୍ଣ୍ଣି (ବିଜେପି), ବର୍ଷା ଗାୟକୱାଡ (କଂଗ୍ରେସ)। ଚଳିତ ବର୍ଷ ଦୀର୍ଘକାଳୀନ ଏବଂ ନିରନ୍ତର ଅବଦାନ ପାଇଁ ଚାରି ଜଣ ସାଂସଦଙ୍କୁ ସ୍ୱତନ୍ତ୍ର ସଂସଦ ରତ୍ନ ପୁରସ୍କାର ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି। ପ୍ରାଇମ୍ ପଏଣ୍ଟ ଫାଉଣ୍ଡେସନ୍ ଦ୍ୱାରା ଜାରି ଏକ ବିବୃତି ଅନୁଯାୟୀ, ଚାରି ଜଣ ସାଂସଦ ଭର୍ତ୍ତୃହରି ମହତାବ, ସୁପ୍ରିୟା ସୁଲେ, ଏନ. ଅଫ୍. ପ୍ରେମଚନ୍ଦ୍ରନ୍ ଏବଂ ଶ୍ରୀରଙ୍ଗ ବରଣେ ୧୬ତମ ଏବଂ ୧୭ତମ ଲୋକସଭାରେ ନିରନ୍ତର ଭଲ ପ୍ରଦର୍ଶନ କରିଛନ୍ତି ଏବଂ ଚଳିତ କାର୍ଯ୍ୟକାଳରେ ସମାନ ଭାବରେ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ସଂସଦରେ ଉପସ୍ଥାପିତ ରିପୋର୍ଟ ଆଧାରରେ ବିଭାଗୀୟ ସନ୍ଦର୍ଭ ଥିବା ଦୁଇଟି ସଂସଦୀୟ ସ୍ଥାୟୀ କମିଟି, ଅର୍ଥ ଏବଂ କୃଷିକୁ ମଧ୍ୟ ପୁରସ୍କାର ପାଇଁ ଚୟନ କରାଯାଇଛି। ଅର୍ଥ କମିଟିର ନେତୃତ୍ୱ ଭର୍ତ୍ତୃହରି ମହତାବଙ୍କ ହାତରେ ଥିବାବେଳେ କୃଷି କମିଟିର ନେତୃତ୍ୱ କଂଗ୍ରେସର ଚରଣଜିତ ସିଂହ ଚନ୍ନିଙ୍କ ହାତରେ ରହିଛି। ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ପରାମର୍ଶ କ୍ରମେ ପ୍ରାଇମ୍ ପଏଣ୍ଟ ଫାଉଣ୍ଡେସନ୍ ଏବଂ ଇ-ମାଗାଜିନ୍ ପ୍ରେସେନ୍ସ ଦ୍ୱାରା ୨୦୧୦ ମସିହାରେ ସଂସଦ ରତ୍ନ ପୁରସ୍କାର ଆରମ୍ଭ କରାଯାଇଥିଲା। ଜୁଲାଇ ଶେଷ ସପ୍ତାହରେ ନୂଆଦିଲ୍ଲୀରେ ହେବାକୁ ଥିବା ସଂସଦ ରତ୍ନ ପୁରସ୍କାର ସମାରୋହର ୧୫ତମ ସଂସ୍କରଣରେ ଏହି ପୁରସ୍କାର ପ୍ରଦାନ କରାଯିବ।

● ଅପରେସନ ସିନ୍ଦୂର ନେଇ ଆପତ୍ତିଜନକ ମନ୍ତବ୍ୟ

## ଅଶୋକା ବିଶ୍ୱବିଦ୍ୟାଳୟ ପ୍ରଫେସର ଗିରଫ



**ଚଣ୍ଡିଗଡ଼, ୧୮।୫:** ସୋନିପତର ଅଶୋକା ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଅଲି ଖାନ ମହମୁଦବାଦଙ୍କୁ ଅପରେସନ ସିନ୍ଦୁର ଉପରେ ଆପତ୍ତିଜନକ ମନ୍ତବ୍ୟ ପାଇଁ ହରିୟାଣା ରାଜ୍ୟ ମହିଳା କମିଶନ କାରଣ ଦର୍ଶାଅ ନୋଟିସ ଜାରି କରିବାର କିଛି ଦିନ ପରେ ହରିୟାଣା ପୁଲିସ ତାଙ୍କୁ ଗିରଫ କରିଛି। ତାଙ୍କ ବିରୁଦ୍ଧରେ ଦୁଇଟି ମାମଲା ରୁଜୁ ହୋଇଛି। ସୂତ୍ର ଅନୁସାରେ ବିଜେପି ଯୁବ ମୋର୍ଚ୍ଚା ନେତା ଏବଂ ଜାଠେରୀ ଗ୍ରାମର ସରପଞ୍ଚ ଯୋଗେଶ ଜାଠେରୀ ଏବଂ ହରିୟାଣା ମହିଳା କମିଶନ ଅଧ୍ୟକ୍ଷା ରେଣୁ ଭାଟିଆଙ୍କ ଅଭିଯୋଗ ଆଧାରରେ ପୁଲିସ ଦୁଇଟି ମାମଲା ରୁଜୁ କରିଛି। ପରେ ସହଯୋଗୀ ପ୍ରଫେସରଙ୍କୁ ଦିଲ୍ଲୀରୁ ଗିରଫ କରାଯାଇଥିଲା। ପୁଲିସ ଡେପୁଟି କମିଶନର ନରେନ୍ଦ୍ର କାଦ୍ୟାନ କହିଛନ୍ତି ଯେ ଅପରେସନ ସିନ୍ଦୂର ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ଦେବା ମାମଲାରେ ମହମୁଦବାଦଙ୍କୁ ଦିଲ୍ଲୀରେ ଗିରଫ କରାଯାଇଥିଲା। ସେ କହିଛନ୍ତି ଯେ ରାୟ ଥାନାରେ ମହମୁଦବାଦ ବିରୁଦ୍ଧରେ ଦୁଇଟି ଏଫଆଇଆର ରୁଜୁ ହୋଇଛି। ସେ କହିଛନ୍ତି ତାଙ୍କୁ କୋର୍ଟରେ ହାଜର କରାଯିବ ଏବଂ ପୁଲିସ ଅଧିକ ତଦନ୍ତ ପାଇଁ ତାଙ୍କ ରିମାଣ୍ଡ ଲୋଡ଼ିବ। ଏହି ସମୟରେ ଅଶୋକା ବିଶ୍ୱବିଦ୍ୟାଳୟ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି, ଆଜି ପ୍ରାରମ୍ଭରେ ପ୍ରଫେସର ଅଲି ଖାନ ମହମୁଦବାଦଙ୍କୁ ପୁଲିସ ହେପାଜତକୁ ନିଆଯାଇଛି ବୋଲି ଆମକୁ ଅବଗତ କରାଯାଇଛି। ଆମେ ମାମଲାର ବିବରଣୀ ଜାଣିବା ପାଇଁ ପ୍ରକ୍ରିୟାରେ ଅଛୁ। ତଦନ୍ତରେ ବିଶ୍ୱବିଦ୍ୟାଳୟ ପୁଲିସ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ପୂର୍ଣ୍ଣ ସହଯୋଗ କରିବ। ଗଣମାଧ୍ୟମକୁ ଏକ ବିବୃତ୍ତିରେ ମହମୁଦବାଦ କହିଛନ୍ତି, ସୋସିଆଲ ମିଡିଆରେ ମୋ ଦ୍ୱାରା କରାଯାଇଥିବା କିଛି ପୋଷ୍ଟ ସମ୍ପର୍କରେ ହରିୟାଣା ରାଜ୍ୟ ମହିଳା କମିଶନ ମୋତେ ସମନ ଜାରି କରିଥିଲେ। ମୋର ଓକିଲମାନେ ଏହି ସମନର ଏକ ବିସ୍ତୃତ ଉତ୍ତର ଦାଖଲ କରିଛନ୍ତି। ନୋଟିସରେ ସଂଲଗ୍ନ ସ୍କ୍ରିନସଟ୍ ସ୍ପଷ୍ଟ କରୁଛି ଯେ ମୋର ମନ୍ତବ୍ୟକୁ ସମ୍ପୂର୍ଣ୍ଣ ଭୁଲ ବୁଝାଯାଇଛି ଏବଂ ଏହି ମାମଲାରେ କମିଶନଙ୍କର କୌଣସି ଅଧିକାର ନାହିଁ। ଏହା ସେନ୍ସରସିପ୍ ଏବଂ ଉତ୍ପୀଡ଼ନର ଏକ ନୂତନ ରୂପ, କମିଶନର କାର୍ଯ୍ୟକୁ ଉଲ୍ଲେଖ କରି ମହମୁଦବାଦ କହିଛନ୍ତି। ମୁଁ ଆଇନ ପ୍ରକ୍ରିୟାରେ ବିଶ୍ୱାସ ରଖେ ଏବଂ ଜାଣେ ଯେ ମୋର ମୌଳିକ, ସାମ୍ବିଧାନିକ ଏବଂ ବୈଧାନିକ ଅଧିକାର ସୁରକ୍ଷିତ ରହିବ ବୋଲି ସେ କହିଛନ୍ତି।

● ଖୁସି ଛଡ଼ାଇନେଲା ପାକିସ୍ତାନ ଗୁଳି

## ଆସିଥିଲେ ଏକାଠି, ଗଲେ ଏକାଠି



**ପୁଞ୍ଚ, ୧୮।୫:** ପାକିସ୍ତାନ ଗୁଳି ନେଇଗଲା ଜୀବନ। ଏକାଠି ଜନ୍ମ ହୋଇଥିଲେ ଆଉ ଏକାଠି ବି ଚାଲିଗଲେ। ଏପରି ଏକ ଛାତିଥରା ଘଟଣା ଜମ୍ମୁ ଓ କାଶ୍ମୀରର ପୁଞ୍ଚ ଜିଲ୍ଲାରେ ଘଟିଛି। ୧୨ ବର୍ଷ ବୟସର ଯମଜ ଉର୍ବା ଫାତିମା ଏବଂ ଜୈନ ଅଲି ଏକାଠି ଜନ୍ମ ହୋଇଥିଲେ ଏବଂ ମେ ୭ ତାରିଖ ସକାଳେ ପାକିସ୍ତାନୀ ସେନା ଦ୍ୱାରା ମାଡ଼ ହୋଇଥିବା ଏକ ସେଲ୍ ସେମାନଙ୍କ ଉପରେ ପଡ଼ି ବିସ୍ଫୋରଣ ହୋଇଥିଲା। ଚାରି ଜଣିଆ ପରିବାର ଗୁଳି ମାଡ଼ରୁ ରକ୍ଷା ପାଇବାକୁ ଏବଂ ସୁରକ୍ଷିତ ସ୍ଥାନକୁ ଯିବାକୁ ଚେଷ୍ଟା କରିବା ସମୟରେ ଏପରି ଦୁର୍ଘଟଣା ଘଟିଥିଲା। ସେମାନଙ୍କର ଛୋଟ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଅଂଶୀଦାର କରିଥିବା ଯମଜମାନେ ଏବେ କବରସ୍ଥାନରେ ପାଖାପାଖି କବର ପାଇଛନ୍ତି। ଚାରି ଜଣିଆ ପରିବାର ଉର୍ବା, ଜୈନ, ସେମାନଙ୍କ ବାପା ରମିଜ୍ ଅହମ୍ମଦ ଖାନ ଏବଂ ସେମାନଙ୍କ ମାଆ ଉର୍ଶା ଖାନ ପୁଞ୍ଚ ସହରର ଡୋଙ୍ଗସ୍ ଅଞ୍ଚଳରେ ଏକ ଭଡା ଘରେ ରହୁଥିଲେ। ଯେତେବେଳେ ମେ ୭ ତାରିଖ ରାତିରେ ଗୁଳିବର୍ଷା ଆରମ୍ଭ ହୋଇଥିଲା, ପରିବାରରେ ଭୟ ଖେଳିଗଲା। ବିଶେଷକରି ପିଲାମାନେ ଯେଉଁମାନେ ଜୀବନରେ ପ୍ରଥମ ଥର ପାଇଁ ଜୋରଦାର ବିସ୍ଫୋରଣ ଶୁଣି ଭୟଭୀତ ହୋଇଯାଇଥିଲେ। ଯମଜ ସନ୍ତାନଙ୍କ ବାପା ତାଙ୍କ ଜଣେ ସମ୍ପର୍କୀୟ (ଶାଳକ)ଙ୍କୁ ସେହି ଅଞ୍ଚଳରୁ ଉଠାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଡାକିଥିଲେ ବୋଲି ସେମାନଙ୍କ ମାମୁ ଅଲତାଫ ଅହମ୍ମଦ କହିଛନ୍ତି। ସେ ସକାଳ ପ୍ରାୟ ୬.୩୦ ସମୟରେ ଗୁଳିବର୍ଷା ଚାଲିଥିବା ସମୟରେ ସେମାନଙ୍କ ମାମୁ ସେହି ଅଞ୍ଚଳରେ ପହଞ୍ଚିଥିଲେ। ଅତି କମରେ ତିନୋଟି ଗୁଳି ସେହି ଅଞ୍ଚଳରେ ପଡ଼ିଥିଲା। ଦୁଇଟି ଗୁଳି ମୋ ଘରକୁ ବାଜିଲା, ଯାହା ଏହାକୁ କ୍ଷତି ପହଞ୍ଚାଇଲା ଏବଂ ଅନ୍ୟ ଏକ ପାଖ ଘର ଉପରେ ବାଜିଲା ବୋଲି ସେମାନଙ୍କ ପଡ଼ୋଶୀ ମହତାବ ଦିନ ଶେଖ କହିଛନ୍ତି। ସେ କହିଛନ୍ତି ଯେ ଗୁଳିବର୍ଷା ଆରମ୍ଭ ହେବା ପରେ ତାଙ୍କ ପରିବାର ଆହତ ହୋଇ ରକ୍ଷା ପାଇଥିଲେ, କିନ୍ତୁ ସେମାନଙ୍କ ପଡ଼ୋଶୀମାନେ ଖୋଲା ସ୍ଥାନରେ ଫସି ଯାଇଥିଲେ। ଯମଜ ଉର୍ବା ଏବଂ ଜୈନ, ସେମାନଙ୍କ ପିତା ରମିଜ ଗୁରୁତର ଆହତ ହୋଇଥିଲେ। ମେଡିକାଲରେ ପିଲାମାନେ ପରସ୍ପରଠାରୁ କିଛି ମିନିଟ୍ ମଧ୍ୟରେ ମୃତ୍ୟୁବରଣ କରିଥିଲେ। ଯମଜ ପୁଞ୍ଚର ଖ୍ରୀଷ୍ଟ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢ଼ୁଥିଲେ। ସେମାନେ ଏକାଠି ଜନ୍ମ ହୋଇଥିଲେ, ଏକାଠି ଏକ ସଂକ୍ଷିପ୍ତ ଜୀବନ ବିତାଇଥିଲେ, ଏକାଠି ସେମାନଙ୍କର ଶେଷ ପଦଯାତ୍ରା କରିଥିଲେ, ଏକାଠି ମୃତ୍ୟୁବରଣ କରିଥିଲେ ଏବଂ ବର୍ତ୍ତମାନ ପାଖରେ କବର ପଡ଼ିଥିଲେ। ସେମାନଙ୍କର ଦୁଃଖଦ ମୃତ୍ୟୁ ସମଗ୍ର ପରିବାରକୁ ଭାଙ୍ଗି ପକାଇଛି। ପିଲାମାନଙ୍କ ମାଆ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଯମଜ ପୁଅଙ୍କ ବାପା ରମିଜ୍ ହସ୍ପିଟାଲରେ ସୁସ୍ଥ ହେବା ସମୟରେ ତାଙ୍କ ପିଲାମାନଙ୍କୁ ଖୋଜି ଥିଲେ। ଯେତେବେଳେ ପିଲାଙ୍କ ମୃତ୍ୟୁ ଖବର ଜାଣିଲେ ରମିଜ୍ ଅସହ୍ୟ ଭାବରେ ଭାଙ୍ଗି ପଡ଼ିଥିଲେ ଏବଂ ତାଙ୍କ କାନ୍ଦ ସମଗ୍ର ୱାର୍ଡରେ ପ୍ରତିଧ୍ୱନିତ ହୋଇଥିଲା। ଏହା ଆମ ସମସ୍ତଙ୍କ ପାଇଁ ଏକ ଅତ୍ୟନ୍ତ ଯନ୍ତ୍ରଣାଦାୟକ ମୁହୂର୍ତ୍ତ ଥିଲା।

**ପ୍ରଥମ ଘଟଣା**

## ଗ୍ରୀଷ୍ମାବକାଶରେ ଶୁଣାଣି କରିବେ ସିଜେଆଇ



**ନୂଆଦିଲ୍ଲୀ, ୧୮।୫:** ଭାରତର ମୁଖ୍ୟ ବିଚାରପତି ବି.ଆର. ଗବାଇ ଗ୍ରୀଷ୍ମ ଛୁଟିରେ ସିଜେଆଇଙ୍କ ସମେତ ବରିଷ୍ଠ ବିଚାରପତିମାନେ କୋର୍ଟ ଶୁଣାଣି କରିବେ ନାହିଁ ବୋଲି ପ୍ରଥା ଉପରେ ରୋକ ଲଗାଇଛନ୍ତି। ସୁପ୍ରିମକୋର୍ଟ ମଇ ୨୬ରୁ ଜୁଲାଇ ୧୩ ପର୍ଯ୍ୟନ୍ତ ଗ୍ରୀଷ୍ମ ଛୁଟିରେ କାର୍ଯ୍ୟ କରୁଥିବା ବେଞ୍ଚଗୁଡ଼ିକ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ସିଜେଆଇ ମଧ୍ୟ ନିଷ୍ପତ୍ତି ନେଇଛନ୍ତି ଯେ ସେ ମେ ୨୬ ରୁ ଜୁନ୍ ୧ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ପରିଚାଳନା କରିବେ। ୧୪ ଜୁଲାଇରୁ କୋର୍ଟର ନିୟମିତ କାର୍ଯ୍ୟ ପୁନର୍ବାର ଆରମ୍ଭ ହେବ। ଗ୍ରୀଷ୍ମ ଛୁଟିକୁ 'ଆଂଶିକ କୋର୍ଟ କାର୍ଯ୍ୟ ଦିବସ' ବୋଲି ଅଭିହିତ କରି ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ସମୟ ମଧ୍ୟରେ ଦୁଇରୁ ପାଞ୍ଚଟି ଛୁଟି ବେଞ୍ଚ ବୈଠକ କରିବେ।

ପୂର୍ବ ପ୍ରଥା ଅନୁଯାୟୀ, ଗ୍ରୀଷ୍ମ ଛୁଟିରେ କେବଳ ଦୁଇଟି ଛୁଟି ବେଞ୍ଚ ରହୁଥିଲା, ଏବଂ ବରିଷ୍ଠ ବିଚାରପତିମାନେ କୋର୍ଟ ପରିଚାଳନା କରିବା କଥା ନଥିଲା। ସିଜେଆଇ ଗବାଇ ଏହି ସମୟ ମଧ୍ୟରେ ମାମଲା ଶୁଣାଣି ପାଇଁ ୨୧ ଟି ବେଞ୍ଚ ମନୋନୀତ କରିଛନ୍ତି - ମେ ୨୬ ରୁ ଜୁନ୍ ୧ ପର୍ଯ୍ୟନ୍ତ ପାଞ୍ଚଟି ବେଞ୍ଚ; ଜୁନ୍ ୨ ରୁ ୮ ପର୍ଯ୍ୟନ୍ତ ତିନୋଟି ବେଞ୍ଚ; ଜୁନ୍ ୯ ରୁ ୧୫ ପର୍ଯ୍ୟନ୍ତ ଦୁଇଟି ବେଞ୍ଚ; ଜୁନ୍ ୧୬ ରୁ ୨୨ ପର୍ଯ୍ୟନ୍ତ ଦୁଇଟି; ଜୁନ୍ ୨୩ ରୁ ୨୯ ପର୍ଯ୍ୟନ୍ତ ତିନୋଟି; ଜୁନ୍ ୩୦ ରୁ ଜୁଲାଇ ୬ ପର୍ଯ୍ୟନ୍ତ ତିନୋଟି; ଏବଂ ଜୁଲାଇ ୭ ରୁ ୧୩ ପର୍ଯ୍ୟନ୍ତ ତିନୋଟି। ମଇ ୨୬ରୁ ଜୁଲାଇ ୧୩ ପର୍ଯ୍ୟନ୍ତ ଏହି ସମୟ ମଧ୍ୟରେ ଶନିବାର (୧୨ ଜୁଲାଇ ବ୍ୟତୀତ), ରବିବାର ଏବଂ ଅନ୍ୟାନ୍ୟ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ସୁପ୍ରିମକୋର୍ଟ ରେଜିଷ୍ଟ୍ରି ସକାଳ ୧୦ ରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ଖୋଲା ରହିବ। ଏହି ଦିନଗୁଡ଼ିକରେ ମଧ୍ୟ ଅଣ-କ୍ଲରିକାଲ୍ ସଦସ୍ୟମାନେ ସକାଳ ୯:୩୦ ରୁ ସନ୍ଧ୍ୟା ୫:୩୦ ପର୍ଯ୍ୟନ୍ତ କାମ କରିବେ।

**ତୁର୍କୀର ବିବାଦୀୟ ମାନଚିତ୍ର**

## ଓଡ଼ିଶା ବୃହତ୍ ବାଂଲାଦେଶର ଅଂଶ

**ଢାକା, ୧୮।୫:** ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ସହିତ ସମର୍ଥନ କରିବାର ମୂଲ୍ୟ ତୁର୍କୀ ଦେଉଛି। ସୁରକ୍ଷା ଠାରୁ ଆରମ୍ଭ କରି ବିମାନ ଚଳାଚଳ, ଶିକ୍ଷା ଏବଂ ବାଣିଜ୍ୟ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଭାରତ ସମ୍ପର୍କ ଛିନ୍ନ କରିଛି। ଭାରତର ଏହି ପଦକ୍ଷେପ ଯୋଗୁଁ ତୁର୍କୀ ବିପୁଳ କ୍ଷତି ସହିବାକୁ ଯାଉଛି । ଏହାପରେ ତୁର୍କୀ ନିଜର ଭାରତ ବିରୋଧୀ ଗତିବିଧି ବଢାଇଦେଇଛି । ଏକ ତୁର୍କୀ ସମର୍ଥିତ ସଂଗଠନ ସେଠାରେ ନିରନ୍ତର ଇସଲାମିକ ଚିନ୍ତାଧାରା ପ୍ରଚାର କରୁଛି। ସଲତନତ-ଇ-ବାଂଲା (ଏସଇଏମ୍) ନାମକ ସଂଗଠନ ମଧ୍ୟଯୁଗୀୟ ବଙ୍ଗ ସଲତନତର ଐତିହାସିକ ଐତିହ୍ୟ ବିଷୟରେ କହୁଛି ଏବଂ ପ୍ରକାଶିତ ମାନଚିତ୍ରରେ ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ସମଗ୍ର ଉତ୍ତର-ପୂର୍ବକୁ ଗ୍ରେଟର ବାଂଲାଦେଶର ଅଂଶ ଭାବରେ ଦର୍ଶାଯାଇଛି। ଏଥର ତୁର୍କୀ ବାଂଲାଦେଶ ସହିତ ହାତ ମିଳାଇ ଭାରତ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଥିବାର ଏକ ମାମଲା ସାମ୍ନାକୁ ଆସିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ତୁର୍କୀ ହଠାତ୍ ବାଂଲାଦେଶରେ ସକ୍ରିୟ ହୋଇଗଲାଣି। ଗୁପ୍ତଚର ସୂତ୍ରଗୁଡ଼ିକ ଚେତାବନୀ ଦେଇଛନ୍ତି ଯେ ଏସଇଏମ୍ କେବଳ ବିପଜ୍ଜନକ ଚିନ୍ତାଧାରାକୁ ପୁନର୍ଜୀବିତ କରୁନାହିଁ ବରଂ ବାଂଲାଦେଶର ଯୁବପିଢ଼ିଙ୍କୁ, ବିଶେଷକରି ଛାତ୍ରମାନଙ୍କୁ, 'ଗ୍ରେଟର ବାଂଲାଦେଶ' ର ଦୃଷ୍ଟିକୋଣକୁ ସମର୍ଥନ କରିବା ପାଇଁ ସକ୍ରିୟ ଭାବରେ ସଂଗଠିତ କରୁଛି।

## ଭାରତବିରୋଧୀ ଦେଶର ଅର୍ଥନୀତିକୁ ସାହାଯ୍ୟ ସମ୍ଭବ ନୁହେଁ: ଧନଖଡ଼



**ନୂଆଦିଲ୍ଲୀ, ୧୮।୫:** ଭାରତ ବିରୁଦ୍ଧରେ ପାକିସ୍ତାନକୁ ସମର୍ଥନ କରୁଥିବା ଅଭିଯୋଗରେ ତୁର୍କୀ ସାମଗ୍ରୀ ବର୍ଜନ ଏବଂ ସେ ଦେଶକୁ ଯାତ୍ରା ନକରିବା ପାଇଁ ବଢୁଥିବା ଆହ୍ୱାନ ମଧ୍ୟରେ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ ସ୍ପଷ୍ଟ ଭାବରେ ତୁର୍କୀର ନାମ ନ ନେଇ ଶନିବାର ଦିନ ଦୃଢ଼ ଭାବରେ କହିଛନ୍ତି ଯେ ସଙ୍କଟ ସମୟରେ ଭାରତ ବିରୋଧରେ ଠିଆ ହେଉଥିବା ଦେଶମାନଙ୍କ ସହିତ ସମ୍ପର୍କ ରଖିବା ଉଚିତ ନୁହେଁ। ଆମେ ଆଉ ସେ ଦେଶକୁ ଯାତ୍ରା କିମ୍ବା ଆମଦାନୀ କରିବାକୁ ସାମର୍ଥ୍ୟ ରଖିପାରିବୁ ନାହିଁ। ଆମ ସ୍ୱାର୍ଥର ବିରୋଧୀ ଏବଂ ସଙ୍କଟ ସମୟରେ ଆମ ବିରୁଦ୍ଧରେ ସ୍ଥିତି ସୃଷ୍ଟି କରୁଥିବା ଦେଶଗୁଡ଼ିକୁ ଆଉ ସଶକ୍ତ କରି ହେବନାହିଁ। ଜୟପୁରିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଭାଷଣ ଦେଇ ଉପ-ରାଷ୍ଟ୍ରପତି 'ଅର୍ଥନୈତିକ ଜାତୀୟତାବାଦ'ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆମର ଅଂଶଗ୍ରହଣ ଯୋଗୁଁ ସେହି ଦେଶଗୁଡ଼ିକର ଅର୍ଥନୀତି ଉନ୍ନତ ହୋଇଛି। ସଙ୍କଟ ସମୟରେ ସେହି ଦେଶଗୁଡ଼ିକ ଆମ ବିରୁଦ୍ଧରେ ସ୍ଥିତି ସୃଷ୍ଟି କରିଛନ୍ତି। ତେଣୁ, ମୁଁ ଦୃଢ଼ ଭାବରେ ବିଶ୍ୱାସ କରେ ଯେ ଆମକୁ ସର୍ବଦା ଗୋଟିଏ କଥା ମନେ ରଖିବାକୁ ପଡିବ, ସେ ଦୃଢ଼ ଭାବରେ କହିଛନ୍ତି ଯେ 'ଦେଶ ଆଗ' ସମସ୍ତ ନିଷ୍ପତ୍ତିର ମାର୍ଗଦର୍ଶକ ନୀତି ଏବଂ ଆଧାର ହେବା ଉଚିତ। ଶିକ୍ଷାର ବର୍ଦ୍ଧିତ ବାଣିଜ୍ୟକରଣ ଉପରେ ଚିନ୍ତା ପ୍ରକାଶ କରି ସେ କହିଛନ୍ତି ଯେ ଦେଶ ଆଉ ଶିକ୍ଷାର 'ବ୍ୟବସାୟୀକରଣ' ଏବଂ 'ବସ୍ତୁକରଣ' ସହ୍ୟ କରିପାରିବ ନାହିଁ। ଏହା ଅସ୍ୱୀକାର୍ଯ୍ୟ ଏବଂ ଗମ୍ଭୀର ଚିନ୍ତାର ବିଷୟ ଯେ ଏହା ହିଁ ହେଉଛି। ଆମର ମାନସିକତାରେ ପରିବର୍ତ୍ତନ ଆସିବା ଆବଶ୍ୟକ ବୋଲି ସେ ଦୃଢ଼ ଭାବରେ କହିଛନ୍ତି। ପାକିସ୍ତାନରେ ଅବସ୍ଥିତ ଆତଙ୍କବାଦୀ ସଂଗଠନ ବିରୁଦ୍ଧରେ 'ଅପରେସନ୍ ସିନ୍ଦୂର' ସମୟରେ ଭାରତର ସଶସ୍ତ୍ର ବାହିନୀଙ୍କ ସାହସିକତା ପାଇଁ ପ୍ରଶଂସା କରି ଉପରାଷ୍ଟ୍ରପତି ଏହାକୁ ବର୍ବର ପହଲଗାମ୍ ଆକ୍ରମଣର ଏକ ଉପଯୁକ୍ତ ଜବାବ ବୋଲି କହିଥିଲେ। ଏହା ଏକ ଉଲ୍ଲେଖନୀୟ ପ୍ରତିଶୋଧ ଥିଲା, ଯାହା ପହଲଗାମ୍ ରେ ଘଟିଥିବା ବର୍ବରତା ପ୍ରତି ଆମର ଶାନ୍ତି ଏବଂ ସ୍ଥିରତାର ନୀତିକୁ ସଠିକ ଦର୍ଶାଇଥିଲା। ଯାହା ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଆମ ନାଗରିକଙ୍କ ଉପରେ ସବୁଠାରୁ ମାରାତ୍ମକ ଆକ୍ରମଣ ଥିଲା।

## ସୋଲାପୁର ଟେକ୍ସଟାଇଲ ମିଲରେ ଅଗ୍ନିକାଣ୍ଡ

### ମାଲିକ, ନାତି ସମେତ ୮ ମୃତ



**ମୁମ୍ବାଇ, ୧୮।୫:** ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାରେ ଥିବା ଏକ ଟେକ୍ସଟାଇଲ ମିଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ତିନି ଜଣ ମହିଳା ଏବଂ ଜଣେ ଶିଶୁ ସମେତ ୮ ଜଣଙ୍କର ଶୋଚନୀୟ ମୃତ୍ୟୁ ହୋଇଛି। ମୁମ୍ବାଇରୁ ପ୍ରାୟ ୪୦୦ କିଲୋମିଟର ଦୂର ସୋଲାପୁର ଏମଆଇଡିସିର ଅକ୍କଲକୋଟ ରୋଡରେ ଅବସ୍ଥିତ ସେଣ୍ଟ୍ରାଲ ଟେକ୍ସଟାଇଲ ମିଲ୍ସରେ ପ୍ରାୟ ଭୋର ୩ଟା ୪୫ ମିନିଟ ସମୟରେ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ମୃତକଙ୍କ ମଧ୍ୟରେ ମିଲ ମାଲିକ ହାଜି ଉସମାନ ହାସନଭାଇ ମନସୁରୀ, ତାଙ୍କ ଦେଢ଼ ବର୍ଷର ନାତି ସମେତ ପରିବାରର ତିନି ଜଣ ସଦସ୍ୟ ଏବଂ ଚାରି ଜଣ ଶ୍ରମିକ ଅଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ ମୃତକଙ୍କ ମଧ୍ୟରେ ତିନି ଜଣ ମହିଳା ଅଛନ୍ତି। ଅଗ୍ନିକାଣ୍ଡର ତୀବ୍ରତା ଯୋଗୁଁ ଅଗ୍ନିଶମ ବାହିନୀ କର୍ମଚାରୀମାନଙ୍କୁ ପ୍ରଚଣ୍ଡ ନିଆଁକୁ ନିୟନ୍ତ୍ରଣ କରିବାକୁ ପାଞ୍ଚରୁ ଛଅ ଘଣ୍ଟା ସମୟ ଲାଗିଥିଲା।

## ଉତ୍ତରାଖଣ୍ଡରେ ୬ ବାଂଲାଦେଶୀ ଗିରଫ

**ଡେରାଡୁନ, ୧୮।୫:** ଉତ୍ତରାଖଣ୍ଡର ରାଜଧାନୀ ଡେରାଡୁନ ଏବଂ ପବିତ୍ର ହରିଦ୍ୱାର ସମେତ ବିଭିନ୍ନ ସ୍ଥାନରୁ ୨ ଜଣ ମହିଳା ସମେତ ୬ ଜଣ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରାଯାଇଛି। ରାଜ୍ୟରେ ସେମାନଙ୍କର ଅବୈଧ ଉପସ୍ଥିତିକୁ ସହଜ କରିବା ଅଭିଯୋଗରେ ଜଣେ ଭାରତୀୟ ମହିଳାଙ୍କୁ ମଧ୍ୟ ହେପାଜତକୁ ନିଆଯାଇଛି। ପୁଲିସ ଦ୍ୱାରା ପ୍ରାପ୍ତ ଗୁପ୍ତ ସୂଚନା ପରେ ଗିରଫ କରାଯାଇଛି। ଜଣେ ବରିଷ୍ଠ ପୁଲିସ ଅଧୀକ୍ଷକ (ଅଜୟ ସିଂହ ଏହି ଅଭିଯାନକୁ ନିଶ୍ଚିତ କରିଛନ୍ତି।

କ୍ଲେମେଣ୍ଟ ଟାଉନରେ ରହୁଥିବା କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପସ୍ଥିତି ସମ୍ପର୍କରେ ଆମେ ଗୁପ୍ତ ସୂଚନା ପାଇଥିଲୁ ବୋଲି ଶ୍ରୀ ସିଂହ କହିଛନ୍ତି। ଏହାପରେ ସ୍ପେଶାଲ ଅପରେସନ୍ସ ଗ୍ରୁପ୍, ସ୍ଥାନୀୟ ଗୁଇନ୍ଦା ୟୁନିଟ୍ ଏବଂ କ୍ଲେମେଣ୍ଟ ଟାଉନ୍ ପୁଲିସ ଟିମକୁ ଯାଞ୍ଚ ପାଇଁ ପଠାଯାଇଥିଲା। ଏହା ପୋଷ୍ଟ ଅଫିସ୍ ରୋଡ୍ ଲେନ୍ ନମ୍ବର ୧୧ରୁ ୫ଜଣ ବାଂଲାଦେଶୀ ନାଗରିକ - ନିର୍ମଳ ରାୟ, ଶେମ୍ ରାୟ, ଲିପି ରାୟ, କୃଷ୍ଣ ଓରଫ ସନ୍ତୋଷ ଏବଂ ମୁନିର ଚନ୍ଦ୍ର ରାୟଙ୍କୁ ଗିରଫ କରିଥିଲା। ସେମାନଙ୍କ ସହିତ ପୂଜା ରାଣୀ ଓରଫ ରୋସନା ନାମକ ଜଣେ ଭାରତୀୟ ମହିଳା ରହୁଥିବା ଜଣାପଡ଼ିଥିଲା। ବ୍ୟକ୍ତିମାନେ ବୈଧ କାଗଜପତ୍ର ଦେଖାଇ ପାରିନଥିଲେ। ପୁଲିସ ତଲାସ ସମୟରେ ମୁନିର ଚନ୍ଦ୍ର ରାୟଙ୍କଠାରୁ ଦୁଇଟି ଅବୈଧ ଆଧାର କାର୍ଡ ଏବଂ କୃଷ୍ଣ ଏବଂ ନିର୍ମଳ ରାୟଙ୍କଠାରୁ ବାଂଲାଦେଶୀ ପରିଚୟପତ୍ର ଉଦ୍ଧାର କରାଯାଇଥିଲା। ଏହି ଗୋଷ୍ଠୀ ସହିତ ମିଳିଥିବା ଚାରି ଜଣ ଶିଶୁଙ୍କୁ ସୁରକ୍ଷା ଦିଆଯାଇଛି। ଭାରତରେ ଅବୈଧ ଭାବରେ ରହୁଥିବାରୁ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରାଯାଇଥିଲା। ପୂଜା ରାଣୀଙ୍କୁ ଗିରଫ କରାଯାଇ ସେମାନଙ୍କୁ ସହାୟତା କରିବା ପାଇଁ ମାମଲା ରୁଜୁ କରାଯାଇଛି। ପୁଲିସ, ସାମରିକ ଗୁଇନ୍ଦା ଏବଂ ଗୁଇନ୍ଦା ବ୍ୟୁରୋର କର୍ମଚାରୀମାନଙ୍କୁ ନେଇ ଗଠିତ ଏକ ମିଳିତ ଦଳ ବର୍ତ୍ତମାନ ଗିରଫ ବ୍ୟକ୍ତିମାନଙ୍କୁ ପଚରାଉଚରା କରୁଛି। ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଅଭିଯୁକ୍ତମାନେ ସମୟ ସହିତ ସେହି ଅଞ୍ଚଳରେ ବସତି ସ୍ଥାପନ କରିଥିଲେ, କେତେକ ଦୀର୍ଘ ସମୟ ଧରି ଶ୍ରମିକ ଭାବରେ କାମ କରୁଥିଲେ।

### ପାକିସ୍ତାନକୁ ମିଳିନି ପରବର୍ତ୍ତୀ ଅନୁଦାନ !

## କଠୋର ହେଲା ଆଇଏମ୍ଏଫ୍: ରଖିଲା ୧୧ଟି ସର୍ତ୍ତ




**ନ୍ୟୁୟର୍କ, ୧୮।୫:** ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଆଇଏମଏଫ ପାକିସ୍ତାନ ଉପରେ ଏହାର ରିଲିଫ୍ କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟ ଜାରି କରିବା ପାଇଁ ୧୧ଟି ନୂତନ ସର୍ତ୍ତ ଲାଗୁ କରିଛି। ଏହା ସହିତ ଆଇଏମଏଫ ପାକିସ୍ତାନକୁ ଚେତାବନୀ ଦେଇଛି ଯେ ଭାରତ ସହିତ ଉତ୍ତେଜନା ଯୋଜନାର ଆର୍ଥିକ, ବାହ୍ୟ ଏବଂ ସଂସ୍କାର ଲକ୍ଷ୍ୟ ପ୍ରତି ବିପଦ ବୃଦ୍ଧି କରିପାରେ। ରବିବାର ଏକ ଗଣମାଧ୍ୟମ ରିପୋର୍ଟରେ ଏହି ସୂଚନା ଦିଆଯାଇଛି।

ନୂଆ ସର୍ତ୍ତ ମଧ୍ୟରେ ପାକିସ୍ତାନ ଉପରେ ଲାଗୁ ହୋଇଥିବା ନୂତନ ସର୍ତ୍ତଗୁଡ଼ିକ ମଧ୍ୟରେ ୧୭.୬ ଟ୍ରିଲିୟନ ଟଙ୍କାର ନୂତନ ବଜେଟକୁ ସଂସଦର ଅନୁମୋଦନ, ବିଦ୍ୟୁତ୍ ବିଲ୍ ଉପରେ ଋଣ ପରିଶୋଧ ସରଚାର୍ଜ ବୃଦ୍ଧି ଏବଂ ତିନି ବର୍ଷରୁ ପୁରୁଣା କାର ଆମଦାନୀ ଉପରେ ପ୍ରତିବନ୍ଧକ ଉଠାଇବା ଅନ୍ତର୍ଭୁକ୍ତ। ଆଇଏମଏଫ ଦ୍ୱାରା ପ୍ରକାଶିତ କର୍ମଚାରୀ ସ୍ତରୀୟ ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା, ଯଦି ଜାରି ରହେ କିମ୍ବା ଆହୁରି ଖରାପ ହୁଏ, ତେବେ କାର୍ଯ୍ୟକ୍ରମର ଆର୍ଥିକ, ବାହ୍ୟ ଏବଂ ସଂସ୍କାର ଲକ୍ଷ୍ୟ ପ୍ରତି ବିପଦ ବୃଦ୍ଧି କରିପାରେ। ରିପୋର୍ଟରେ ଆହୁରି କୁହାଯାଇଛି ଯେ ଗତ ଦୁଇ ସପ୍ତାହ ମଧ୍ୟରେ ପାକିସ୍ତାନ ଏବଂ ଭାରତ ମଧ୍ୟରେ ଉତ୍ତେଜନା ଯଥେଷ୍ଟ ବୃଦ୍ଧି ପାଇଛି, କିନ୍ତୁ ଏପର୍ଯ୍ୟନ୍ତ ବଜାର ପ୍ରତିକ୍ରିୟା ମୃଦୁ ରହିଛି, ଷ୍ଟକ୍ ବଜାର ଏହାର ସାମ୍ପ୍ରତିକ ଲାଭର ଅଧିକାଂଶ ବଜାୟ ରଖିଛି ଏବଂ ବିସ୍ତାର ମଧ୍ୟମ ଭାବରେ ବୃଦ୍ଧି ପାଇଛି। ଆଇଏମଏଫ ରିପୋର୍ଟରେ ଆଗାମୀ ଆର୍ଥିକ ବର୍ଷ ପାଇଁ ପ୍ରତିରକ୍ଷା ବଜେଟ୍ ୨.୪୧୪ ଟ୍ରିଲିୟନ ଟଙ୍କା ଦର୍ଶାଯାଇଛି, ଯାହା ୨୫୨ ବିଲିୟନ ଟଙ୍କା କିମ୍ବା ୧୨% ଅଧିକ। ଆଇଏମଏଫର ଆକଳନ ତୁଳନାରେ ସରକାର ଏହି ମାସର ଆରମ୍ଭରେ ଭାରତ ସହିତ ମୁକାବିଲା ପରେ ୨.୫ ଟ୍ରିଲିୟନ ଟଙ୍କା କିମ୍ବା ୧୮% ଅଧିକ ବଜେଟ୍ ଆବଣ୍ଟନ କରିବାକୁ ସୂଚିତ କରିଛନ୍ତି। ଆଇଏମଏଫ ପାକିସ୍ତାନ ଉପରେ ଆଉ ୧୧ ଟି ସର୍ତ୍ତ ଲଗାଇଛି, ଯାହା ମୋଟ ସର୍ତ୍ତ ସଂଖ୍ୟା ୫୦ କୁ ନେଇଛି। ଏହା ଜୁନ୍ ଶେଷ ସୁଦ୍ଧା କାର୍ଯ୍ୟକ୍ରମ ଲକ୍ଷ୍ୟ ପୂରଣ କରିବା ପାଇଁ ଆଇଏମଏଫ କର୍ମଚାରୀ ଚୁକ୍ତି ସହିତ କ୍ରମାଗତ ଭାବରେ ଆର୍ଥିକ ବର୍ଷ ୨୦୨୬ ବଜେଟର ସଂସଦୀୟ ଅନୁମୋଦନ ସୁନିଶ୍ଚିତ କରିବାର ନୂତନ ସର୍ତ୍ତ ଲାଗୁ କରିଛି। ଆଇଏମଏଫ ରିପୋର୍ଟରେ ସଂଘୀୟ ବଜେଟର ମୋଟ ଆକାର ୧୭.୬ ଟ୍ରିଲିୟନ ଟଙ୍କା ଦର୍ଶାଯାଇଛି, ଯେଉଁଥିରେ ବିକାଶ ଖର୍ଚ୍ଚ ପାଇଁ ୧.୦୭ ଟ୍ରିଲିୟନ ଟଙ୍କା ଅନ୍ତର୍ଭୁକ୍ତ। ଆଉ ଏକ ନୂତନ ସର୍ତ୍ତରେ କୁହାଯାଇଛି ଯେ ସରକାର ୨୦୨୭ ପରବର୍ତ୍ତୀ ଆର୍ଥିକ କ୍ଷେତ୍ର ରଣନୀତିକୁ ରୂପରେଖା ଦେଇ ଏକ ଯୋଜନା ପ୍ରସ୍ତୁତ ଏବଂ ପ୍ରକାଶ କରିବେ, ୨୦୨୮ପରଠାରୁ ସାଂସ୍ଥାଗତ ଏବଂ ନିୟାମକ ପରିବେଶକୁ ରୂପରେଖା ଦେବେ। ଆଇଏମଏଫ ଏକ ସର୍ତ୍ତ ମଧ୍ୟ ଲଗାଇଛି ଯେ ପାକିସ୍ତାନ ୨୦୩୫ ସୁଦ୍ଧା ସ୍ୱତନ୍ତ୍ର ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଏବଂ ଅନ୍ୟାନ୍ୟ ଶିଳ୍ପ ପାର୍କ ଏବଂ ଜୋନ୍ ସମ୍ପର୍କରେ ସମସ୍ତ ପ୍ରୋତ୍ସାହନକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ପାଇଁ କରାଯାଇଥିବା ମୂଲ୍ୟାଙ୍କନ ଉପରେ ଆଧାରିତ ଏକ ଯୋଜନା ପ୍ରସ୍ତୁତ କରିବ। ଏହି ବର୍ଷ ଶେଷ ସୁଦ୍ଧା ରିପୋର୍ଟ ପ୍ରସ୍ତୁତ କରିବାକୁ ପଡିବ।

ଶେଷରେ ଏକ ଗ୍ରାହକ-ଅନୁକୂଳ ସ୍ଥିତିରେ, ଆଇଏମଏଫ ପାକିସ୍ତାନକୁ ବ୍ୟବହୃତ ମୋଟର ଯାନର ବାଣିଜ୍ୟିକ ଆମଦାନୀ ଉପରେ ସମସ୍ତ ପରିମାଣାତ୍ମକ ପ୍ରତିବନ୍ଧକ ଉଠାଇବା ପାଇଁ ସମସ୍ତ ଆବଶ୍ୟକୀୟ ଆଇନ ସଂସଦରେ ଦାଖଲ କରିବାକୁ କହିଛି (ପ୍ରାରମ୍ଭରେ କେବଳ ଜୁଲାଇ ଶେଷ ସୁଦ୍ଧା ପାଞ୍ଚ ବର୍ଷରୁ କମ୍ ପୁରୁଣା ଯାନ ପାଇଁ। ବର୍ତ୍ତମାନ, କେବଳ ତିନି ବର୍ଷ ପର୍ଯ୍ୟନ୍ତ ପୁରୁଣା କାର ଆମଦାନୀ କରାଯାଇପାରିବ)।

## ଲସ୍କର ଆତଙ୍କୀ ସୈଫୁଲ୍ଲା ଖଲିଦ୍ ନିହତ

**ନୂଆଦିଲ୍ଲୀ, ୧୮।୫:** ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବକୁ ବଡ଼ ଝଟକା । ଆତଙ୍କୀ ସୈଫୁଲ୍ଲା ଖଲିଦ୍ ନିହତ ହୋଇଥିବା ସୂଚନା। ଅଜ୍ଞାତ ଆତତାୟୀଙ୍କ ଗୁଳି ମାଡ଼ରେ ପ୍ରାଣ ହରାଇଛି ଦୁର୍ଦ୍ଧର୍ଷ ଆତଙ୍କୀବାଦୀ । ଭାରତରେ ତିନୋଟି ବଡ଼ ହମଲାରେ ସାମିଲ ଥିଲା ସୈଫୁଲ୍ଲା ଖଲିଦ୍। ନେପାଳରେ ରହି ଲସ୍କରକୁ ଅପରେଟ୍ କରିବା ସହିତ ଭାରତ ବିରୋଧରେ ଷଡ଼ଯନ୍ତ୍ର ରଚୁଥିଲା। ବର୍ତ୍ତମାନ ସେ ସିନ୍ଧ୍ ପ୍ରାନ୍ତର ମତଲୀ,ବଦୀନରେ କାର୍ଯ୍ୟ କରୁଥିଲା । ଲସ୍କର-ଇ-ତୋଏବାର ଆତଙ୍କବାଦୀ ସୈଫୁଲ୍ଲା ଖଲିଦ୍ ମହାରାଷ୍ଟ୍ର ନାଗପୁରରେ ଥିବା ଆରଏସଏସ ମୁଖ୍ୟାଳୟ ହମଲାର ମାଷ୍ଟର ମାଇଣ୍ଡ୍ ଥିଲା । ୨୦୦୬ରେ ଷଡ଼ଯନ୍ତ୍ର ରଚି ସ୍ୱୟଂ ସେବକ ସଂଘ କାର୍ଯ୍ୟାଳୟକୁ ଟାର୍ଗେଟ୍ କରିଥିଲା । ସେହିପରି ୨୦୦୮ରେ ରାମପୁର ସିଆରପିଏଫ୍ କ୍ୟାମ୍ପକୁ ଟାର୍ଗେଟ୍ କରିଥିଲା । ୨୦୦୫ରେ ଷଡ଼ଯନ୍ତ୍ର ରଚି ବେଙ୍ଗାଲୁରୁରେ ହମଲା କରାଇଥିଲା। ଭାରତୀୟ ବିଜ୍ଞାନ ସଂସ୍ଥାନର ଅଡିଟୋରିୟମରୁ ଅତିଥିମାନେ ବାହାରୁ ଥିବାବେଳେ ଆତଙ୍କବାଦୀମାନେ ଟାର୍ଗେଟ୍ କରି ଗୁଳିମାଡ଼ କରିଥିଲେ। ଏହି ଆକ୍ରମଣରେ ଜଣେ ପ୍ରଫେସରଙ୍କ ମୃତ୍ୟୁ ହୋଇଥିଲା ।

# ଇଣ୍ଡିଆନ୍ ଗ୍ରାଁ ପ୍ରି-୨: ଅନିମେଷ ଦ୍ରୁତତମ

**ଭୁବନେଶ୍ୱର, ୧୮।୫ (ସଂଚାର ବ୍ୟୁରୋ):** କେରଳର ତ୍ରିଭେନ୍ଦ୍ରମଠାରେ ଶନିବାର ଆୟୋଜିତ ଇଣ୍ଡିଆନ୍ ଗ୍ରାଁପ୍ରି-୨ରେ ଓଡ଼ିଶା ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ଉଚ୍ଚପ୍ରଶଂସିତ ହୋଇଛନ୍ତି। ବିଶେଷ କରି ପୁରୁଷ ୧୦୦ ମିଟରର ପ୍ରଥମ ୩ସ୍ଥାନରେ ଓଡ଼ିଶାର ୩ଜଣ ଖେଳାଳି ରହିବା ଉଲ୍ଲେଖନୀୟ ରହିଛି। ୧୦.୩୧ ସେକେଣ୍ଡ ସମୟ ସହ ଅନୀମେଷ କୁଜୁର ପ୍ରତିଯୋଗିତାର ଦ୍ରୁତତମ ଧାବକ ହୋଇଥିଲା ବେଳେ ତାଙ୍କ ପଛକୁ ରହିଛନ୍ତି ଲାଲୁ ପ୍ରସାଦ ଭୋଇ (୧୦.୫୬୫ ସେକେଣ୍ଡ) ଓ ଦଣ୍ଡପତି ମୃତ୍ୟମ ଜୟରାମ (୧୦.୫୬୯)। ଏହା ରାଜ୍ୟ ଦୌଡ଼କୁଦ ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଛି। ଅନ୍ୟତମ ଓଡ଼ିଆ ଅଭିନାଶ ସାହୁ (୧୦.୭୪ ସେକେଣ୍ଡ) ନିଜ ଗ୍ରୁପ୍ (ସି)ର ପ୍ରଥମ ସ୍ଥାନରେ ରହିଥିଲେ ମଧ ମୋଟ ଉପରେ ସପ୍ତମ ସ୍ଥାନ ଅଧିକାର କରିଥିଲେ। ପୁରୁଷ ୨୦୦ ମିଟରରେ ମଧ ଅନିମେଷ ବାଜି ମାରି ନେଇଥିଲେ। ୨୦.୫୫ ସେକେଣ୍ଡ ସହ ସେ ପ୍ରଥମ ସ୍ଥାନରେ ରହିଥିଲା ବେଳେ ଲାଲୁପ୍ରସାଦ ଭୋଇ (୨୧.୨୩) ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୮୦୦ ମିଟରରେ ଓଡ଼ିଶାର ଦୟାନିଧି ମୁଣ୍ଡା (୧:୫୨.୮୦) ତୃତୀୟ ସ୍ଥାନରେ ରହିଥିଲେ। ମହିଳା ୧୦୦ ମିଟରରେ କିନ୍ତୁ ଅଭିଜ୍ଞ ଓଡ଼ିଆ ଧାବିକା ଶ୍ରାବଣୀ ନନ୍ଦ ଆଶାଜନକ ପ୍ରଦର୍ଶନ କରି ପାରି ନଥିଲେ। ମହିଳା ୮୦୦ ମିଟରରେ କିନ୍ତୁ ଲକ୍ଷ୍ମୀପ୍ରିୟା କିଶାନ ଏହି ଦୁଃଖକୁ ଦୂର କରିଥିଲେ। ୨:୦୯.୧୦ ମିନିଟ୍ ସମୟ ସହ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିଭଳି ମହିଳା ୧୧୦ ମିଟର ବାଧାଦୌଡ଼ରେ ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୩.୨୭) ଓ ସବିତା ଟପ୍ପୋ (୧୪.୨୦) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିବା ଜାତୀୟ ଦୌଡ଼କୁଦ ଦୃଶ୍ୟପଟ୍ଟରେ ଓଡ଼ିଶାର ବର୍ଦ୍ଧିତ ଆକାରକୁ ଦର୍ଶାଇଥିଲା।





## ଭାରତୀୟ କନିଷ୍ଠ ମହିଳା ହକି ଦଳରେ ଓଡ଼ିଶାରୁ ୩

ଭୁବନେଶ୍ୱର, ୧୮।୫ (ସଂଚାର ବ୍ୟୁରୋ): ଆର୍ଜେଣ୍ଟିନାର ରୋଜାରିଓଠାରେ ଆୟୋଜକ ଆର୍ଜେଣ୍ଟିନା, ଉରୁଗୁଏ, ଚିଲି ଓ ଭାରତକୁ ନେଇ ଚଳିତ ମେ ୨୫ରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଚତୁଃରାଷ୍ଟ୍ରୀୟ କନିଷ୍ଠ ମହିଳା ହକି ପ୍ରତିଯୋଗିତା ଲାଗି ହକି ଇଣ୍ଡିଆ ଶନିବାର ୨୪ ଜଣିଆ ଦଳ ଘୋଷଣା କରିଛି। ଆସନ୍ତା ଡିସେମ୍ବର ମାସରେ ଖେଳାଯିବାକୁ ଥିବା କନିଷ୍ଠ ହକି ବିଶ୍ୱକପ୍ ପାଇଁ ପ୍ରସ୍ତୁତି କରିବା ଲକ୍ଷ୍ୟ ନେଇ ଆୟୋଜିତ ଏହି ପ୍ରତିଯୋଗିତାରେ ପ୍ରତ୍ୟେକ ଦଳ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳିବେ। ଏହା ଦ୍ୱାରା ସେମାନେ ନିଜ ଦୋଷ, ଦୁର୍ବଳତା, ତାଳମେଳ ଓ କଳା କୌଶଳକୁ ଆକଳନ କରି ଏହାକୁ ପରବର୍ତ୍ତୀ ସମୟରେ ଆହୁରି ଶାଣିତ କରିବାକୁ ଚେଷ୍ଟା କରିବେ। ଏହି ଦଳରେ ଓଡ଼ିଶାର ଆଞ୍ଜେଲ ହର୍ଷରାଣୀ ମିଞ୍ଜ୍ ଦ୍ୱିତୀୟ ଗୋଲ୍‌ରକ୍ଷକ ଭାବେ ସ୍ଥାନ ପାଇବା ରାଜ୍ୟ ମହିଳା ହକି ପାଇଁ ସମ୍ଭାବନାର ସୂଆ ସୁଯୋଗ ସୃଷ୍ଟି କରିଛି। ଭାରତୀୟ ଦଳରେ ସ୍ଥାନ ପାଇଥିବା ଅନ୍ୟ ଦୁଇ ଓଡ଼ିଆ ଖେଳାଳି ହେଲେ ପୂଜା ସାହୁ ଓ ସୁପ୍ରିୟା କୁଜୁର। ସେହିଭଳି ଓଡ଼ିଶାର ଅନ୍ୟତମ ମଧଭାଗ ଖେଳାଳି ମୁନମୁନି ଦାସ ଷ୍ଟାଣ୍ଡବାଏ ଭାବେ ରହିଛନ୍ତି। ପୂଜା ରକ୍ଷଣଭାଗ ଏବଂ ସୁପ୍ରିୟା ମଧଭାଗରେ ଖେଳି ନିଜ ଦକ୍ଷତାର ପରିପ୍ରକାଶ କରିବା ସହ ବରିଷ୍ଠ ଦଳରେ ସ୍ଥାନ ପାଇବା ଲାଗି ଦାବିଦାରି ଉପସ୍ଥାପନ କରିବେ। ପ୍ରଥମ ପସନ୍ଦର ଗୋଲ୍ ରକ୍ଷକ ଭାରତୀୟ ଦଳର ଅଧିନାୟିକା ନିଧି ଏବଂ ଅଗ୍ରଭାଗ ଖେଳାଳି ହିନା ବାନୁ ଉପଅଧିନାୟିକା ଦାୟିତ୍ୱ ତୁଲାଇବେ।

## ଏସୀୟ ଅଭିଜ୍ଞତା ନେଇ ଫେରିଲେ ରଂଜିତ, ଆର୍ଯ୍ୟନ



ଭୁବନେଶ୍ୱର, ୧୮।୫(ସଂଚାର ବ୍ୟୁରୋ): ବ୍ୟକ୍ତିଗତ ପ୍ରଚେଷ୍ଟା ବଳରେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିଥିବା ଦୁଇ ହ୍ୟାଣ୍ଡ୍‌ବଲ୍ ଖେଳାଳି ରଂଜିତ ମହାନ୍ତି ଓ ଆର୍ଯ୍ୟନ୍ ବ୍ରାହ୍ମୀନ ଶୁକ୍ରବାର ଏସୀୟ ଅଭିଜ୍ଞତା ନେଇ ଫେରିଛନ୍ତି। ଓମାନର ମସ୍କଟ୍‌ରେ ମେ’ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏସୀୟ ବିଚ୍ ଭଲିବଲ୍ ପ୍ରତିଯୋଗିତାରେ ଭାରତୀୟ ଦଳରୁ ଖେଳିଥିଲେ ଏହି ଦୁଇ ଓଡ଼ିଆ ପୁଅ। ଏହି ଅଭିଜ୍ଞତା ସେମାନଙ୍କ ପାଇଁ ଭବିଷ୍ୟତରେ ଭଲ ସହାୟକ ହେବ ବୋଲି ବିଶ୍ୱାସ କରାଯାଉଛି। ସୂଚନାଯୋଗ୍ୟ, ଆର୍ଯ୍ୟନ ବ୍ରାହ୍ମୀନ ୨୦୨୨ରେ ଇରାନ୍‌ରେ ଅନୁଷ୍ଠିତ ଏସୀୟ ଯୁବ ବିଚ୍ ହ୍ୟାଣ୍ଡ୍‌ବଲ୍‌ରେ ବି ଖେଳିଥିଲେ। ରଂଜିତ କିନ୍ତୁ ଏଥର ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି।

## ଧୋନି ଏବେ ଅବସର ନେବେ ନାହିଁ

**ଚେନ୍ନାଇ, ୧୮।୫:** ବିଗତ କିଛି ବର୍ଷ ହେବ ମହେନ୍ଦ୍ର ସିଂହ ଧୋନିଙ୍କ ଆଇପିଏଲ୍ ଅବସରକୁ ନେଇ ଢେର ଚର୍ଚ୍ଚା ହୋଇଥିଲେ ବି ଏହାର ଅନ୍ତ ଘଟିପାରିନାହିଁ। ପ୍ରତିଟି ସଂସ୍କରଣ ଶେଷ ଆଡ଼କୁ ଏହି ଚର୍ଚ୍ଚା ଜୋର ଧରିଥାଏ ଏବଂ ଧୋନିଙ୍କ ଶାନ୍ତ ସ୍ୱଭାବ ଭଳି ଏହି ଚର୍ଚ୍ଚା ବି ଶାନ୍ତ ପଡ଼ିଯାଏ। ଚଳିତ ଆଇପିଏଲ୍‌ରେ ସେହି ସମାନ ଅବସ୍ଥା ଦେଖିବାକୁ ମିଳିଛି। ସିଏସ୍‌କେ ଏଥର ୧୨ ମ୍ୟାଚ୍‌ରୁ ୯ ହାରି ପଏଣ୍ଟ୍ ଟେବୁଲ୍‌ର ଶେଷରେ ରହିବା ସହ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି। ଶେଷ ଦୁଇ ମ୍ୟାଚ୍ କେବଳ ଔପଚାରିକତା ରହିଛି। ତେବେ ଧୋନିଙ୍କ ଅବସର ଚଳିତ ସଂସ୍କରଣ ଶେଷରେ ହେବ ନାହିଁ ବୋଲି ସିଏସ୍‌କେର ଏକ ଆଭ୍ୟନ୍ତରୀଣ ସୂତ୍ର ପ୍ରକାଶ କରିଛି। ‘ଥାଲା’ଙ୍କ ପକ୍ଷରୁ ସେଭଳି କୌଣସି ସଙ୍କେତ ମିଳିନାହିଁ। ଏଥି ପାଇଁ ଅଧିକ ସମୟ ଲାଗିବ ବୋଲି କୁହାଯାଇଛି। ସେ ଅଧିନାୟକ ପଦ ଛାଡ଼ିଲେ ବି ତାଙ୍କ ଅଭିଜ୍ଞତା ଓ ଫିଟନେସ୍ ଦଳ ପାଇଁ ବହୁମୂଲ୍ୟ ରହିଛି। କାରଣ ଦଳ ଏବେ ଋତୁରାଜ ଗାଏକ୍ୱାଡଙ୍କ ଅଧୀନରେ ପୁନର୍ଗଠନ ପ୍ରକ୍ରିୟାରେ ରହିଛି। ସୂଚନାଯୋଗ୍ୟ, ଧୋନିଙ୍କ ନେତୃତ୍ୱରେ ସିଏସ୍‌କେ ୨୦୨୩ରେ ପଞ୍ଚମ ଆଇପିଏଲ୍ ଟ୍ରଫି ଜିତିଥିଲା। ଚଳିତ ଋତୁ ପ୍ରାରମ୍ଭରୁ ଗାଏକ୍ୱାଡ ଆହତ ହୋଇପଡ଼ିବାରୁ ଧୋନିଙ୍କୁ ପୁଣି ନେତୃତ୍ୱ ଦାୟିତ୍ୱ ମିଳିଥିଲେ ବି ଦଳର ଦୟନୀୟ ପ୍ରଦର୍ଶନ ଜାରି ରହିଥିଲା। ଅନ୍ୟ ଏକ ସୂତ୍ରରୁ ପ୍ରକାଶ ଧୋନିଙ୍କ ଅବସର ଘୋଷଣା ଆଇପିଏଲ୍ ଚାଲିଥିବାବେଳେ ନୁହେଁ, ଅଫ୍ ସିଜନ୍‌ରେ ହେବାର ସମ୍ଭାବନା ଅଧିକ ରହିଛି।



### ଖେଲୋ ଇଣ୍ଡିଆ ବେଳାଭୂମି କ୍ରୀଡ଼ା



## ଓଡ଼ିଶା ମହିଳା ସକ୍କର୍ ଦଳ ଘୋଷିତ

ଭୁବନେଶ୍ୱର, ୧୮।୫ (ସଂଚାର ବ୍ୟୁରୋ): କେନ୍ଦ୍ର ଶାସିତ ଅଞ୍ଚଳ ଦମନ ଓ ଡିୟୁଠାରେ ଚଳିତ ମେ ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ପ୍ରଥମ ଖେଲୋ ଇଣ୍ଡିଆ ବେଳାଭୂମି କ୍ରୀଡ଼ା ଲାଗି ୧୨ ଜଣିଆ ଓଡ଼ିଶା ମହିଳା ବିଚ୍ ସକ୍କର୍ ଦଳ ଘୋଷିତ ହୋଇଛି। ଗୀତାଞ୍ଜଳି ଖୁଣ୍ଟିଆ ଦଳର ମୁଖ୍ୟ ପ୍ରଶିକ୍ଷକ ଥିଲା ବେଳେ ଗୋମତି ବାରା ପ୍ରବନ୍ଧକ ଓ ସୁଚିତ୍ରା ସ୍ୱାଇଁ ଫିଜିଓ ଅଛନ୍ତି। ରାଜ୍ୟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସକ୍ରୋ ହେମ୍ବ୍ରମ୍, ସସ୍ମିତା ପରିଡ଼ା, ଆକାଶୀ ନାୟକ, ଶିବାନୀ ମୁନ୍ଦରୀ, ସୁଲେଖା କହଁର, ଅଙ୍କିତା ନାୟକ, ଯଶୋଦା ମୁଣ୍ଡା, ଜୋସ୍ନା ମୁଣ୍ଡାରୀ, ସତ୍ୟବତୀ ଖାଡ଼ିଆ, ଲକ୍ଷ୍ମୀପ୍ରିୟା ଲେଙ୍କା, ସୁଭଦ୍ରା ସାହୁ, କୁନି ମୁଣ୍ଡା।

## ଭାରତରେ ଆୟୋଜିତ ହେବ ସୁଟିଂ ଲିଗ୍ ‘ଏସ୍‌ଏଲ୍‌ଆଇ’

- ନଭେମ୍ବର ୨୦ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ଖେଳାଯିବ
- ଅଂଶଗ୍ରହଣ କରିବେ ୮ ଦଳ, ଜୁନ୍ ୪ରେ ଲୋଗୋ ଉନ୍ମୋଚନ
- ଏସ୍‌ଏଲ୍‌ଆଇ ଭାରତୀୟ ସୁଟିଂ ଦୃଶ୍ୟପଟ୍ଟରେ ବୈପ୍ଳବିକ ପରିବର୍ତ୍ତନ ଆଣିବ: କଳିକେଶ

**ନୂଆଦିଲ୍ଲୀ, ୧୮।୫:** କ୍ରିକେଟ୍, ହକି, ଫୁଟବଲ୍ ଓ କବାଡ଼ି ଭଳି ସୁଟିଂରେ ମଧ ଏକ ପେସାଦାର ଲିଗ୍ ଆୟୋଜିତ ହେବ। ଯାହାର ନାଁ ସୁଟିଂ ଲିଗ୍ ଅଫ୍ ଇଣ୍ଡିଆ ବା ଏସ୍‌ଏଲ୍‌ଆଇ ରଖାଯାଇଛି। ଜାତୀୟ ରାଇଫଲ୍ ସଂଘ (ଏନ୍‌ଆର୍‌ଏଆଇ)ର ପରିଚାଳନା ପରିଷଦ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମିଳିତ ହୋଇ ଏହି ପେସାଦାର ଲିଗ୍‌ର ଢାଞ୍ଚା, ନୀତିନିୟମ, ବର୍ଗ, ପୁରସ୍କାର ରାଶି, ଖେଳାଳି ନିଯୁକ୍ତି ଏବଂ ଲୋଗୋ ଉନ୍ମୋଚନ ନେଇ ବିସ୍ତୃତ ଆଲୋଚନା କରିଛି। ସୁଟିଂକୁ ସାରା ଦେଶରେ ଲୋକପ୍ରିୟ କରାଇବା ନେଇ ଏଭଳି ଏକ ପେସାଦାର ଲିଗ୍‌ର ପରିକଳ୍ପନା କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଏହି ଅବସରରେ ସୁଟିଂ ବୈଷୟିକ କମିଟିର ଅନେକ ଗୁରୁତ୍ୱପୂର୍ଣ୍ଣ ସୁପାରିସକୁ ପରିଷଦ ଗ୍ରହଣ କରିଥିଲା।

ସୂଚନା ଅନୁସାରେ ଏହି ପ୍ରତୀକ୍ଷିତ ଲିଗ୍‌ର ପ୍ରଥମ ସଂସ୍କରଣରେ ୧୦ ଓ ୨୫ ମିଟର ପିସ୍ତଲ, ୧୦ ଓ ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ୍ ଏବଂ ସଟଗନ୍ (ଟ୍ରାପ୍ ଓ ସ୍କିଟ୍)ର ମିଶ୍ରିତ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଲିଗ୍ ନଭେମ୍ବର ୨୦ରୁ ଆରମ୍ଭ ହୋଇ ୨ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ୮ଟି ଦଳକୁ ଚାରିଟି ଲେଖାଏଁ ଦଳର ଦୁଇଟି ପୁଲ୍‌ରେ ବିଭକ୍ତ କରାଯିବ। ନଭେମ୍ବର ୨୧ରୁ ୨୬ ଲିଗ୍ ପର୍ଯ୍ୟାୟ ଖେଳାଯିବ। ପ୍ରତ୍ୟେକ ପୁଲ୍‌ର ଶୀର୍ଷ ଦୁଇ ଦଳ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏଥିରେ ଭାରତ ଓ ଅନ୍ତର୍ଜାତୀୟସ୍ତରର ପ୍ରତିଷ୍ଠିତ ସୁଟିଂ ତାରକା ଅଂଶଗ୍ରହଣ କରିବେ। ସବୁ ଦଳରେ ସନ୍ତୁଳନ ରକ୍ଷା କରିବା ଲାଗି ଖେଳାଳିଙ୍କୁ ଚାରିଟି ସ୍ତର ଯଥା ଏଲିଟ୍ ଚାମ୍ପିଅନ୍ସ, ୱାର୍ଲଡ ଏଲିଟ୍, ନ୍ୟାସନାଲ ଚାମ୍ପିଅନ୍ସ ଏବଂ ଜୁନିଅର୍ ଓ ଯୁଥ୍ ଚାମ୍ପିଅନ୍ସରେ ବିଭକ୍ତ କରାଯିବ। ପ୍ରତିଯୋଗିତାର ଲୋଗୋ ନୂଆଦିଲ୍ଲୀରେ ଜୁନ୍ ୪ ତାରିଖରେ ଉନ୍ମୋଚିତ ହେବ।

ଏଥିନେଇ ପୂର୍ବତନ ଅନ୍ତର୍ଜାତୀୟ ସୁଟିଂ ତାରକା, ବଲାଙ୍ଗୀରର ସାଂସଦ ତଥା ଏନ୍‌ଆର୍‌ଏଆଇ ସଭାପତି କଳିକେଶ ନାରାୟଣ ସିଂହଦେଓ କହିଛନ୍ତି, ଏହା ହେଉଛି ଏକ ଶୀର୍ଷସ୍ତରୀୟ କ୍ରୀଡ଼ା ସହ ଲିଗ୍ ଶୈଳୀ ମନୋରଞ୍ଜନର ସମିଶ୍ରଣ। ଏସ୍‌ଏଲ୍‌ଆଇ, ସୁଟିଂକୁ ଏକ ଖେଳ ଭାବେ ନୂଆ ସ୍ତରକୁ ନେଇ ଆଗାମୀ ପିଢ଼ିଙ୍କୁ ଅନୁପ୍ରେରିତ କରିବ। ଏହାକୁ ଏବେ ଚାରିଆଡ଼ୁ ସମର୍ଥନ ମିଳୁଛି। ଏସ୍‌ଏଲ୍‌ଆଇ ଭାରତୀୟ ସୁଟିଂ ଦୃଶ୍ୟପଟ୍ଟରେ ବୈପ୍ଳବିକ ପରିବର୍ତ୍ତନ ଆଣି ନୂଆ ସୀମା ସରହଦ ଛୁଇଁବ। ପ୍ରଥମ ଥର ଲାଗି ଏଭଳି ଏକ ଲିଗ୍‌ର ପରିକଳ୍ପନା କରି ଆମେ ଗର୍ବିତ। ଫ୍ରାଞ୍ଚାଇଜ ଭିତ୍ତିକ ଲିଗ୍ ପାଇଁ ବହୁ ବିଶ୍ୱସ୍ତରୀୟ ସୁଟର୍ ଗୋଟିଏ ଦଳରୁ ଖେଳିବାର ସୁଯୋଗ ପାଇବେ। ନିଜ ନିଜ ମଧରେ ଅଭିଜ୍ଞତା ବାଣ୍ଟିବାର ସୁଯୋଗ ବି ପାଇବେ। ଏହାଦ୍ୱାରା କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ସୁଟିଂର ଉନ୍ନତି ହେବ। ବହୁ ଯୁବ ପ୍ରତିଭା ମଧ ଏହି ଖେଳ ପ୍ରତି ଆକର୍ଷିତ ହେବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପାକ୍ ଏଜେଣ୍ଟଙ୍କ...

ବୋଲି ସେ କହିଛନ୍ତି। ଆଧୁନିକ ଯୁଦ୍ଧ ଏବେ କେବଳ ସୀମାରେ ହେଉନି, ପାକିସ୍ତାନୀ ଏଜେଣ୍ଟମାନେ ସେମାନଙ୍କର କାହାଣୀକୁ ଆଗକୁ ବଢ଼ାଇବା ପାଇଁ ସୋସିଆଲ ମିଡିଆ ପ୍ରଭାବଶାଳୀମାନଙ୍କୁ ବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି। ସେ ଏହା ମଧ୍ୟ ପ୍ରକାଶ କରିଛନ୍ତି ଯେ ଜ୍ୟୋତି ମାଲହୋତ୍ରା ଥରେ ଚୀନ୍ ଗସ୍ତ କରିଥିଲେ ଏବଂ ତାଙ୍କ ଯାତ୍ରା ଖର୍ଚ୍ଚ ତାଙ୍କ ଘୋଷିତ ଆୟ ତୁଳନାରେ ଅସାମାନ୍ୟ ମନେହୁଏ। ଆମେ ତାଙ୍କର ଆର୍ଥିକ ବିବରଣୀ ବିଶ୍ଲେଷଣ କରୁଛୁ। ସଂଘର୍ଷ (ଭାରତ-ପାକ୍) ସମୟରେ, ସେ ପିଆଇଓମାନଙ୍କ ସହିତ ଯୋଗାଯୋଗରେ ଥିଲେ... ତାଙ୍କ ଯାତ୍ରା ବିବରଣୀ ତାଙ୍କ ମୋଟ ଆୟ ସହିତ ଫରକ କରୁଛି ବୋଲି ଅଧିକାରୀ ଜଣକ କହିଛନ୍ତି।

## ଜାରି ରହିବ...

ରଖିବାକୁ ନିଷ୍ପତ୍ତି ନେଇଥିଲେ। ଏହି ବ୍ୟବସ୍ଥା ମୂଳତଃ ଦୁଇ ଦିନ ପାଇଁ ହୋଇଥିଲା ଯେତେବେଳେ ଡିଜିଏମଓ ମେ ୧୦ ରେ ହଟଲାଇନ୍ ମାଧ୍ୟମରେ ଆଲୋଚନା କରିଥିଲେ। ମେ ୧୨ ତାରିଖରେ ଡିଜିଏମଓଙ୍କ ଆଲୋଚନାରେ ଯୁଦ୍ଧ ବିରତି ଜାରି ରଖିବା ବିଷୟରେ ଯେଉଁ ନିଷ୍ପତ୍ତି ନିଆଯାଇଛି, ତାହାର କୌଣସି ସମାପ୍ତି ତାରିଖ ନାହିଁ ବୋଲି ଭାରତୀୟ ସେନା ଏକ ସଂକ୍ଷିପ୍ତ ସ୍ପଷ୍ଟୀକରଣରେ କହିଛି। ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଗଣମାଧ୍ୟମର ଏକ କ୍ଷେତ୍ରରେ ରିପୋର୍ଟ ହୋଇଥିବା ଅନୁସାରେ ରବିବାର ପାଇଁ କୌଣସି ଡିଜିଏମଓ ଆଲୋଚନା ପାଇଁ ସ୍ଥିର କରାଯାଇ ନାହିଁ। ମେ ୧୦ ତାରିଖରେ ହୋଇଥିବା ଏହି ବ୍ୟବସ୍ଥା ଚାରି ଦିନର ତୀବ୍ର ଶତ୍ରୁତା ପରେ ଆସିଥିଲା ଯେଉଁଥିରେ ଉଭୟ ପକ୍ଷ ପରସ୍ପରର ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଡ୍ରୋନ୍, କ୍ଷେପଣାସ୍ତ୍ର ଏବଂ ଦୂରଗାମୀ ଅସ୍ତ୍ରଶସ୍ତ୍ର ଦ୍ୱାରା ଟାର୍ଗେଟ କରିଥିଲେ। ଯାହା ଏକ ବ୍ୟାପକ ସାମରିକ ସଂଘର୍ଷର ଆଶଙ୍କା ସୃଷ୍ଟି କରିଥିଲା। ମେ ୧୨ ତାରିଖରେ ଭାରତ ଏବଂ ପାକିସ୍ତାନର ଡିଜିଏମଓମାନେ ‘ବିପକ୍ଷତାପୂର୍ଣ୍ଣ’ ସାମରିକ କାର୍ଯ୍ୟାନୁଷ୍ଠାନକୁ ଏଡାଇବା ପାଇଁ ପୁଣି ଥରେ ଆଲୋଚନା କରିଥିଲେ ଏବଂ ସୀମା ଏବଂ ଆଗୁଆ ଅଞ୍ଚଳରୁ ଦୁଇ ସାମରିକ ବାହିନୀର ସୈନ୍ୟଙ୍କୁ ହ୍ରାସ କରିବା ପାଇଁ ତୁରନ୍ତ ପଦକ୍ଷେପ ବିଚାର କରିବାକୁ ସହମତ ହୋଇଥିଲେ।ଆଲୋଚନାରେ, ଦୁଇ ଅଧିକାରୀ ଏହି ପ୍ରତିଶ୍ରୁତି ଜାରି ରଖିବା ଉପରେ ଧ୍ୟାନ ଦେଇଥିଲେ ଯେ ଉଭୟ ପକ୍ଷ ‘ଗୋଟିଏ ଗୁଳି’ ଚଳାଇବେ ନାହିଁ କିମ୍ବା ପରସ୍ପର ବିରୁଦ୍ଧରେ କୌଣସି ‘ଆକ୍ରମଣାତ୍ମକ ଏବଂ ଶତ୍ରୁତାପୂର୍ଣ୍ଣ’ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବେ ନାହିଁ।

## ଭୟଙ୍କର ଅଗ୍ନିକାଣ୍ଡ...

ବାହାରକୁ ବାହାରିବାର ସୁଯୋଗ ପାଇନଥିଲେ। ତେବେ ସବୁଠାରୁ ଦୁଃଖର ବିଷୟ ଯେ ମୃତ୍ୟୁବରଣ କରିଥିବା ସମସ୍ତେ ଗୋଟିଏ ପରିବାରର ସଦସ୍ୟ। ଗ୍ରୀଷ୍ମାବକାଶରେ ଉକ୍ତ କୋଠାର ମାଲିକ ପ୍ରହ୍ଲାଦଙ୍କ ଘରକୁ ତାଙ୍କର କେତେକ ସମ୍ପର୍କୀୟ ଆସିଥିଲେ। ଏହି ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ମାଲିକ ପ୍ରହ୍ଲାଦଙ୍କ ବୟସ ୭୦ ବର୍ଷ ହୋଇଥିବା ବେଳେ ଉକ୍ତ କୋଠାଟି ୧୨୫ ବର୍ଷ ତଳର ବୋଲି ଜଣାପଡ଼ିଛି। ତେଲେଙ୍ଗାନା ମନ୍ତ୍ରୀ ପୋନ୍ନମ ପ୍ରଭାକରଙ୍କ ଅନୁଯାୟୀ, ସମସ୍ତ ପୀଡ଼ିତ ଗୋଟିଏ ପରିବାରର। ମୃତକଙ୍କ ମଧ୍ୟରେ ପ୍ରହ୍ଲାଦଙ୍କ ବ୍ୟତୀତ ମୁନ୍ନି (୭୦), ରାଜେନ୍ଦର (୬୫), ସୁମିତ୍ରା (୬୦), ହମେ (୭), ଅଭିଷେକ (୩୧), ଶୀତଲ (୩୫), ପ୍ରିୟାଂଶ (୪), ଇରାଜ (୨), ଆରୁଷି (୩), ରିଷଭ (୪), ପ୍ରଥମ (୧), ଅନୁୟାନ (୩), ବର୍ଷା (୩୫), ପଙ୍କଜ (୩୬), ରଜ୍ନିନୀ (୩୨), ଇଦ୍ଦୁ (୪) ଅଛନ୍ତି। ତେଲେଙ୍ଗାନା ବିପର୍ଯ୍ୟୟ ପ୍ରଶମନ ଏବଂ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ୱାଇ ନାଗି ରେଡ୍ଡିଙ୍କ ଅନୁଯାୟୀ, କ୍ରିଷ୍ଣା ପର୍ଲ୍ସରୁ ନିଆଁ ଆରମ୍ଭ ହୋଇଥିଲା ଏବଂ ବାସିନ୍ଦାମାନେ ରହୁଥିବା ଉପର ମହଲାକୁ ଦ୍ରୁତ ଗତିରେ ବ୍ୟାପି ଯାଇଥିଲା। ସେ ନିଶ୍ଚିତ କରିଛନ୍ତି ଯେ ଏହାର କାରଣ ସର୍ଟ ସର୍କିଟ୍ ଥିଲା। ଅଗ୍ନିଶମ ବିଭାଗ ସକାଳ ୬.୧୬ ମିନିଟରେ କଲ୍ ପାଇଲା ଏବଂ ସକାଳ ୬.୧୭ ମିନିଟ ସୁଦ୍ଧା ପର୍ଯ୍ୟାପ୍ତ କର୍ମଚାରୀ ସହିତ ୧୧ ଟି ଦମକଳ ଗାଡ଼ି ପହଞ୍ଚିଥିଲା। ଉଦ୍ଧାରକାରୀ ଦଳ ୧୭ ଜଣ ଅଧିକାରୀ ଏବଂ ୭୦ ଜଣ କର୍ମଚାରୀଙ୍କ ସହାୟତାରେ କୋଠା ଭିତରେ ଫସି ରହିଥିବା ୧୭ ଜଣଙ୍କୁ ସଫଳତାର ସହ ଉଦ୍ଧାର କରିଥିଲେ ଏବଂ ଏହି ଅପରେସନ ଦୁଇ ଘଣ୍ଟା ଧରି ଚାଲିଥିଲା। ତେଲେଙ୍ଗାନା ମନ୍ତ୍ରୀ ପୋନ୍ନମ୍ ପ୍ରଭାକର ମଧ୍ୟ ଚାଲୁଥିବା କାର୍ଯ୍ୟ ତଦାରଖ କରିବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୂର୍ବତନ ଚାରମିନାର ବିଧାୟକ ଏବଂ ମୁମତାଜ୍ ଅହମ୍ମଦ ଖାନ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

## ପୁରୀକୁ ଲମ୍ବିଛି..

ମାତ୍ରାରେ ଅବଗତ ନ ଥିଲି। ସେ ପାକିସ୍ତାନ ଗୁପ୍ତଚର ଭାବେ କାମ କରୁଛନ୍ତି ବୋଲି ମୁଁ ଜାଣିଥିଲେ କେବେ ବି ତାଙ୍କ ସହ ଯୋଗାଯୋଗରେ ଆସି ନ ଥାନ୍ତି। ତାଙ୍କ ସମ୍ପର୍କରେ ଏସବୁ ଜାଣିବା ପରେ ଏବେ ମୋତେ ମଧ୍ୟ ଆଶ୍ଚର୍ଯ୍ୟ ଲାଗୁଛି। ଯଦି କୌଣସି ତଦନ୍ତକାରୀ ସଂସ୍ଥା ମୋତେ ପ୍ରଶ୍ନ ପଚାରନ୍ତି ତେବେ ମୁଁ ସମ୍ପୂର୍ଣ୍ଣ ସହଯୋଗ କରିବି। ଅନ୍ୟପଟେ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଏବଂ ସାହି ବାସିନ୍ଦାଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣାର ଉପଯୁକ୍ତ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ସେହିପରି ପୁରୀ ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେବା ସହ ଘଟଣାର ତଦନ୍ତ କରାଯାଉଥିବା ପୁରୀ ଏସ୍‌ପି ବିନିତ ଅଗ୍ରୱାଲ ପ୍ରତିକ୍ରିୟା ରଖିଛନ୍ତି। ଘଟଣାର ସବୁ ଦିଗକୁ ନେଇ ତଦନ୍ତ ହେଉଛି। ରାଜ୍ୟ ଏବଂ କେନ୍ଦ୍ର ଗୋଇନ୍ଦା ବିଭାଗ ସହ ଆମେ ଯୋଗାଯୋଗରେ ଅଛୁ। ତଦନ୍ତ ପରେ ସବୁ କଥା ସାମ୍ନାକୁ ଆସିବ। ରଥଯାତ୍ରା ପାଇଁ ୟୁଟୁବରମାନଙ୍କୁ କଟକଣା ସମ୍ପର୍କରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା ହେବ। ପ୍ରିୟଙ୍କା ସେନାପତିଙ୍କୁ ଜେରା ଚାଲିଛି। ଜ୍ୟୋତିଙ୍କ ସମ୍ପର୍କରେ ହରିୟାଣା ପୁଲିସ ସହ ଯୋଗାଯୋଗରେ ଅଛୁ। ଘଟଣାକୁ ଗୁରୁତର ସହ ନେଇଛୁ। ସାଇବର ଏକ୍ସପର୍ଟଙ୍କ ପରାମର୍ଶ ନିଆଯିବ ବୋଲି ଏସ୍‌ପି କହିଛନ୍ତି। ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପୁଲିସ ଟିମ ପ୍ରିୟଙ୍କାଙ୍କ ଘରକୁ ଯାଇ ଅନେକ ସମୟରେ ଧରି ପଚରାଉଚରା କରିଥିଲେ। ତେବେ ଜ୍ୟୋତି ଓ ପ୍ରିୟଙ୍କାଙ୍କ ହୋଟେଲ ରୁମରେ ଥିବାର ଏକ ଭିଡିଓ ଦେଖିବାକୁ ମିଳିଛି। କଶ୍ମୀରରେ ଥିବା ବେଳେ ସେମାନେ କଶ୍ମୀର ସମ୍ପର୍କରେ ଆଲୋଚନା କରୁଥିବା ଦେଖିବାକୁ ମିଳୁଛି। ପ୍ରିୟଙ୍କା ସମ୍ପ୍ରତି ପାକିସ୍ତାନର କରତାରପୁର ସାହିବ ଗୁରୁଦ୍ୱାର ମଧ୍ୟ ଯାତ୍ରା କରିଥିଲେ। ଜ୍ୟୋତିଙ୍କ ପୁରୀ ଗସ୍ତ ସମୟରେ ଜଗନ୍ନାଥ ମନ୍ଦିର ଏବଂ ପୁରୀର ନିକଟସ୍ଥ ସରକାରୀ ପ୍ରତିଷ୍ଠାନ ସମେତ ରଣନୈତିକ ସ୍ଥାନଗୁଡ଼ିକର ଫଟୋ ଏବଂ ଭିଡିଓ କଏଦ କରିଥିବା ଜଣାପଡ଼ିଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ବିଶ୍ୱାସ କରନ୍ତି ଯେ ଏହି ସ୍ଥାନଗୁଡ଼ିକରୁ ଏହି ଦୃଶ୍ୟ ଏବଂ ତଥ୍ୟ ଅତ୍ୟାଧୁନିକ ଡିଜିଟାଲ୍ ଉପକରଣ ବ୍ୟବହାର କରି ବିଦେଶୀ କାର୍ଯ୍ୟକର୍ତ୍ତାଙ୍କ ନିକଟକୁ ପଠାଯାଇଥାଇପାରେ। ପ୍ରିୟଙ୍କାଙ୍କ ବାପା କହିଛନ୍ତି ଯେ ତାଙ୍କ ଝିଅ ଚାରି ମାସ ପୂର୍ବରୁ ପହଲଗାମ ଗସ୍ତ କରିଥିଲେ। ସେହି ସମୟରେ ଜ୍ୟୋତି ମାଲହୋତ୍ରା ତାଙ୍କ ସହିତ ଥିଲେ କି ନାହିଁ, ମୁଁ ଜାଣିନାହିଁ। ସେମାନେ ବନ୍ଧୁ। ଦିଲ୍ଲୀର ଏକ ଟ୍ରାଭେଲ୍ କମ୍ପାନୀ ମୋ ଝିଅର ଯାତ୍ରାକୁ ପ୍ରାୟୋଜିତ କରିଥିଲା ଏବଂ କେବଳ ଗୋଟିଏ ନୁହେଁ, ଅନେକ କମ୍ପାନୀ ମଧ୍ୟ ତାଙ୍କୁ ପ୍ରାୟୋଜକତା ପ୍ରଦାନ କରିଥିଲେ ବୋଲି ସେ କହିଛନ୍ତି।

## ଆଶା ଆଶଙ୍କାରେ...

ଭଣଜାଭାଣିଜୀ, ପୁତୁରାଝିଆରୀଙ୍କ ପାଇଁ ଫଣ୍ଡିଂ ମଧ୍ୟ କରିପାରିବେ। କିନ୍ତୁ ଚଳିତ ବର୍ଷ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପରିବର୍ତ୍ତିତ ଗାଇଡଲାଇନ କହୁଛି ବିଦେଶରେ ରହୁଥିବା ବାପା-ମା’ମାନେ ହିଁ କେବଳ ନିଜ ପିଲାଙ୍କ ପାଇଁ ଏନଆରଆଇ କୋଟାର ସୁବିଧା ପାଇପାରିବେ।

ପ୍ରଶ୍ନ ଉଠୁଛି, ବାପା-ମା’ ଯଦି ବିଦେଶରେ ରହୁଥିବେ ତେବେ ସେମାନେ ନିଜ ପିଲାଙ୍କୁ ବିଦେଶରେ ମେଡିକାଲ ନପଢେଇ ଭାରତକୁ କାହିଁକି ପଠେଇବେ। ସେହିଭଳି ଭାରତରେ ଏନଆରଆଇ କୋଟାରେ ପାଠ ପଢିବାକୁ ହେଲେ ବର୍ଷରେ ଅନ୍ୟୂନ ୧୮୨ ଦିନ ରହିଥିବାର ପ୍ରମାଣପତ୍ର ସାଙ୍ଗକୁ ଭାରତର ପାର୍ସପୋର୍ଟ ଦାଖଲ କରିବାକୁ ପଡିବ। ଏହାଦ୍ୱାରା ବହୁ ଆଗ୍ରହୀ ଛାତ୍ରଛାତ୍ରୀ ଏନଆର କୋଟାରେ ନାମ ଲେଖାଇପାରିବେ ନାହିଁ। ସାଧାରଣତଃ ଏହି କୋଟାର ସୁବିଧା ସେଇମାନେ ପାଇଥାନ୍ତି, ଯେଉଁମାନଙ୍କ ନିକଟ ସମ୍ପର୍କୀୟମାନେ ବିଦେଶରେ ରହୁଛନ୍ତି ଏବଂ ସେମାନେ ନିଜ ପିଲାଙ୍କୁ ମେଡିକାଲ ପଢେଇବାକୁ ଆଗ୍ରହୀ। କିନ୍ତୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପରିବର୍ତ୍ତିତ ଗାଇଡଲାଇନରୁ ବହୁ ଛାତ୍ରଛାତ୍ରୀ ଚଳିତ ବର୍ଷ ଏହି ସୁବିଧା ପାଇବାର ବଞ୍ଚିତ ହେବାକୁ ଯାଉଛନ୍ତି। ଡିମଡ୍ ମେଡିକାଲ କଲେଜଗୁଡିକ ମଧ୍ୟ ଏହାଦ୍ୱାରା ବ୍ୟାପକ ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ଆଗ୍ରହୀ ଛାତ୍ରଛାତ୍ରୀ ଓ ମେଡିକାଲ କଲେଜଗୁଡିକ ଏବେଠୁ କେନ୍ଦ୍ର ସରକାରଙ୍କ ନିକଟରେ ଏଭଳି ଦ୍ୱନ୍ଦ୍ୱାତ୍ମକ ଗାଇଡଲାଇନରେ ସଂଶୋଧନ ପାଇଁ ଦାବି କରୁଛନ୍ତି।

## ଦୁଇ ବିରୋଧୀଦଳରେ...

ରାସ୍ତାରେ କଂଗ୍ରେସ ବୋଲି କହିବା ଆରମ୍ଭ କରିଛନ୍ତି। କାରଣ ବିଜେଡି ସଂଗଠନରେ ବି ସମାନ ସ୍ଥିତି ଉପୁଜିଛି। ଦଳରେ ହୋଇଥିବା ସାଙ୍ଗଠନିକ ତାଲିକାରେ ବରିଷ୍ଠମାନେ କୋଣଠେସା ହୋଇଛନ୍ତି। ଏହି ତାଲିକାରେ ଥିବା ଭୂପିନ୍ଦର ସିଂହ, ଶଶୀଭୂଷଣ ବେହେରାଙ୍କ ଭଳି ନେତାମାନେ ଖୋଲାଖୋଲି ବିଷ ଓଗାଳିଲେଣି। ଆଗକୁ ଏହା ଭୟଙ୍କର ରୂପ ନେବାକୁ ଯାଉଥିବା ସୂଚନା ମିଳୁଛି। କେବଳ ବରିଷ୍ଠ ନୁହେଁ, ଅରୁଣ, ଅତନୁଙ୍କ ଭଳି ନେତାଙ୍କର ମଧ୍ୟ ଏକପ୍ରକାର ପର କାଟି ଦିଆଯାଇଛି। ଦଳର ରାଜନୈତିକ ବ୍ୟାପାର କମିଟିରେ ଏମାନଙ୍କ ଭଳି ନେତା ନାହାନ୍ତି। ସାଂସଦ ମୁନ୍ନା ଖାଁ ନବୀନଙ୍କ ତାଲିକାକୁ ଚ୍ୟାଲେଞ୍ଜ କରି ସଂଖ୍ୟାଲଘୁ ସେଲ୍ ଛାଡ଼ି ପଳାଇଲେଣି। ତେବେ ରାଜ୍ୟର ପ୍ରମୁଖ ଦୁଇ ବିରୋଧୀଦଳର ସଂଗଠନକୁ ନେଇ କୁହୁଳୁଥିବା ଅସନ୍ତୋଷ କିନ୍ତୁ ବିଜେପିକୁ ବେଶ୍ ସୁହାଇଛି। ନିଜ ଦଳରେ ଗୋଷ୍ଠୀ କନ୍ଦଳରେ ମାତିଥିବା ନେତାମାନେ ସରକାରଙ୍କ ଦୋଷ ଦୁର୍ବଳତା ଖୋଜିବାକୁ ସମୟ ପାଉନାହାନ୍ତି। ତେବେ ଏବେ ବି ବିଜେପି ରାଜ୍ୟ ସଭାପତି ନିଯୁକ୍ତି ସହିତ ନିଗମ ଓ ବୋର୍ଡଗୁଡିକରେ ନିଯୁକ୍ତି ହେବାକୁ ବାକି ଥିବାରୁ ତାହା ଉପରେ ବିରୋଧୀଦଳଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ନଜର ରହିଛି।

## କାର୍ଯ୍ୟର ଗୁଣବତ୍ତାରେ...

ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ବିଶଦ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୌଦ୍ଧ ଜିଲ୍ଲାରେ ଏହିସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଓ ଏହାର କାର୍ଯ୍ୟକାରୀ ହାରକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ଏହାର ଆହୁରି ପ୍ରଗତି ପାଇଁ ନିର୍ଦ୍ଦେଶ ଦେଇଥିଲେ।

ବୌଦ୍ଧ ଜିଲ୍ଲାରେ ଅନେକ ବିକାଶମୂଳକ ପ୍ରକଳ୍ପ ଯଥା ରାସ୍ତା ଓ ପୋଲ ନିର୍ମାଣ, ପାନୀୟ ଜଳ ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣରେ ଉଲ୍ଲେଖନୀୟ ପ୍ରଗତି ହୋଇଛି। ଏଥିସହ ଜନଶୁଣାଣି, ଭତ୍ତା ବଣ୍ଟନ, ବରିଷ୍ଠ ଅଧିକାରୀ ଓ ମନ୍ତ୍ରୀଙ୍କ ପରିଦର୍ଶନ, ମଧ୍ୟାହ୍ନଭୋଜନ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନା, ମିଶନ ଶକ୍ତି ଇତ୍ୟାଦିରେ ଉଲ୍ଲେଖନୀୟ ସଫଳତା ପାଇଁ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ସମସ୍ତ ଅଧିକାରୀଙ୍କୁ ସରକାରୀ ଅର୍ଥର ସଠିକ ବ୍ୟବହାର ସୁନିଶ୍ଚିତ କରିବା ସହ କୌଣସି ଅନିୟମିତତା ଦୃଷ୍ଟିଗୋଚର ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଉକ୍ତ ସମୀକ୍ଷା ବୈଠକରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଆରକ୍ଷୀ ମହାନିରୀକ୍ଷକ ନୀତି ଶେଖର, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ସିଡିଓ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ପ୍ରଶାସନିକ କର୍ମଚାରୀ ଉପସ୍ଥିତ ଥିଲେ।

## ସିନ୍ଦୂର ଶୋଭାଯାତ୍ରାରେ...

ବୌଦ୍ଧ ଜିଲ୍ଲାର ସରସରା ଗ୍ରାମଠାରେ ଆୟୋଜିତ ସିନ୍ଦୂର ଶୋଭାଯାତ୍ରାରେ କହିଥିଲେ। ଏହି ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟକ ମହିଳା ଯୋଗ ଦେଇ ହାତରେ ତ୍ରିରଙ୍ଗା ପତାକା ଧରି ‘ଜୟ ହିନ୍ଦ, ଭାରତ ମାତା କି ଜୟ ଧ୍ୱନୀ’ରେ ଯାତ୍ରା ସମ୍ପୂର୍ଣ୍ଣ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମେତ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମଧ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ‘ଅପରେସନ ସିନ୍ଦୂର’ ଅନେକ ପ୍ରକାରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ପ୍ରଥମେ ୧୯୭୧ ପରେ ପାକିସ୍ତାନର ସୀମା ଭିତରେ ଏମିତି ପ୍ରଚଣ୍ଡ ଆକ୍ରମଣ କେବେ ହୋଇନଥିଲା। ପହଲଗାମଠାରୁ ବି ଅଧିକ ଭୟଙ୍କର ନରସଂହାର ମୁମ୍ବାଇରେ ହୋଇଥିଲା। କିନ୍ତୁ, ସୀମାପାର ଆତଙ୍କବାଦୀଙ୍କୁ ସୁରକ୍ଷା ଦେଉଥିବା ଶକ୍ତିଙ୍କୁ ତାଙ୍କ ମାଟିରେ ଦଣ୍ଡ ଦେବା ପାକିସ୍ତାନ ପାଇଁ ଥିଲା ଅକଳ୍ପନୀୟ, ଅବିଶ୍ୱସନୀୟ।

## କକେଇ ଅନ୍ତ୍ୟେଷ୍ଟିରେ...

କେଶାଇବାହାଲ ନିକଟସ୍ଥ ସୋଲବଗାରେ ବିବାହ କରିଥିଲେ। ସେ ସମ୍ବଲପୁରର ଏକ ଜୁଏଲାରି ଦୋକାନରେ ଚାକିରି କରିବା ସହ ସେଠାରେ ରହୁଥିଲେ। ପରେ ବାପାଙ୍କ ଜମିବାଡି ସମ୍ପତ୍ତିରୁ ସେ ଭାଗ ଦାବି କରିଥିଲେ। ବଡ଼ ଭଉଣୀ ପୁଷ୍ପାଞ୍ଜଳି ଓ ସାନପୁଅ ଗୋଲକ ଅବିବାହିତ ଥିବାରୁ ଭାଗବଣ୍ଟା ନେଇ ଭାଇଭଉଣୀଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଏନେଇ ଲୀନା କୁଚିଣ୍ଡା କୋର୍ଟରେ କେସ୍ ମଧ୍ୟ କରିଥିଲେ, ଯାହା ଏବେ ବି ବିଚାରାଧୀନ ରହିଛି। ଏହାକୁ ନେଇ ଲୀନା ସହ ହତ୍ୟାକାରୀ ଭଉଣୀ ଓ ଭାଇଙ୍କ ମଧ୍ୟରେ ଶତ୍ରୁତା ବଢ଼ିଚାଲିଥିଲା। ରବିବାର ଅରକ୍ଷିତଙ୍କ ବାପାଙ୍କ ଅନ୍ତିମ ସଂସ୍କାର ଚାଲିଥିଲା। ଲୀନା ବଡବାପାଙ୍କ ଅନ୍ତ୍ୟେଷ୍ଟିରେ ଯୋଗଦେବାକୁ ଆସିଥିଲେ। ତାଙ୍କୁ ଦେଖି ପୂର୍ବାହ୍ନ ପ୍ରାୟ ୧୧ଟା ୧୦ରେ ଗୋଲକ ଓ ପୁଷ୍ପାଞ୍ଜଳି ତାଙ୍କୁ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଲୀନା ସଂଜ୍ଞାହୀନ ହୋଇ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ଶୁଦ୍ଧିକ୍ରିୟାରେ ଉପସ୍ଥିତ ବନ୍ଧୁ ବାନ୍ଧବ ଏହାଦେଖି ତୁରନ୍ତ ଗୋବିନ୍ଦପୁର ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଭୁବନେଶ୍ୱରରେ ଏନଆଇଏ...

ସହ ଜଡିତ ଅପରାଧ ଓ ଜାତୀୟ ସୁରକ୍ଷା ଏବଂ ସାର୍ବଭୌମତ୍ୱକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ବିଷୟଗୁଡ଼ିକର ତଦନ୍ତ ଏବଂ ବିଚାର କରିବା। ଏନଆଇଏ ମଧ୍ୟ ଆତଙ୍କବାଦୀ ନେଟୱାର୍କଗୁଡ଼ିକୁ ଭାଙ୍ଗିବା ଉପରେ ଲକ୍ଷ୍ୟ ରଖିଥାଏ।

‘ଅପରେସନ ସିନ୍ଦୂର’ ପରେ ଦେଶରେ ଆତଙ୍କବାଦୀଙ୍କ ସବୁ ଲିଙ୍କ ଉପରେ ନଜର ରଖିବାକୁ କେନ୍ଦ୍ର ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଗତକାଲି ଭାରତରୁ ୬ ଜଣ ପାକିସ୍ତାନୀ ଗୁପ୍ତଚର ଗିରିଫ ହୋଇଛନ୍ତି। ଏହାପରେ ଦେଶର ବିଭିନ୍ନ ସ୍ଥାନରେ ଗୁପ୍ତଚରମାନେ ସକ୍ରିୟ ଥିବା ସନ୍ଦେହ କରାଯାଉଛି। ଏମିତି ବି ବର୍ଷ ବର୍ଷ ଧରି ଟୁରିଷ୍ଟ ଭିସାରେ ଭାରତ ଆସି ଆଉ ଫେରିନାହାଁନ୍ତି ବହୁ ଭାରତୀୟ। ସେମାନଙ୍କ ଲିଙ୍କରେ ମଧ୍ୟ ଆତଙ୍କବାଦୀଙ୍କ ଗୁପ୍ତଚରମାନେ ଓଡିଶାରେ ଆତ୍ମଗୋପନ କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ତେଣୁ ରାଜ୍ୟ ସରକାର ଓଡ଼ିଶାରେ ଏନଆଇଏର ଶାଖା ଖୋଲିଥିବା ବେଳେ ଜଣେ ଏସପି ଏହା ଦାୟିତ୍ୱରେ ରହିବେ ବୋଲି କୁହାଯାଇଛି।

ଜନବସତି ଠାରୁ ମାତ୍ର ଶହେ ମିଟର ଦୂରରେ ବେଆଇନ୍ ଭାବେ ଚାଲିଛି ଇଟାଭାଟି

# ନିଆଁ ଧାସରେ ଲୋକେ ଆଉଟୁପାଉଟୁ

**ସାଲେପୁର, ୧୮।୫ (ସଂଚାର ବ୍ୟୁରୋ) :** ଏବେ ସାଲେପୁର ତହସିଲ ଅଞ୍ଚଳରେ ବ୍ୟାପକ ମାତ୍ରାରେ ବେଆଇନ୍ ଭାବେ ଇଟା ପକାଯାଇ ଜନବସତି ନିକଟରେ ଇଟା ପୋଡ଼ାଯାଉଥିବାରୁ ଲୋକମାନେ ଇଟାଭାଟି ତାତିରେ କଲବଲ ହେଉଥିଲେ ମଧ ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ ଇଟାଭାଟି ମାଫିଆ ନିର୍ଭୟରେ ସାଲେପୁର ତହସିଲର ବିଭିନ୍ନ ଅଞ୍ଚଳରେ ଶହ ଶହ ସଂଖ୍ୟକ ଇଟାଭାଟି ଲଗାଇ ଇଟା ପୋଡ଼ି ମୋଟା ଅଙ୍କରେ ଅର୍ଥ ଉପାର୍ଜନ କରୁଥିବା ଜଣାଯାଇଛି। ଇଟା ମାଫିଆମାନେ ତହସିଲ ପ୍ରଶାସନର କେତେକ ଅଧିକାରୀଙ୍କୁ ହାତ କରି ବେଆଇନ୍ ଭାବେ ଜନବସତି ନିକଟରେ ଇଟା ଭାଟି ପୋଡୁଥିବା ଅଭିଯୋଗ ହେଉଛି।

ଏଭଳି ଚିତ୍ର ଦେଖିବାକୁ ମିଳିଛି ସାଲେପୁର ତହସିଲ ଅଞ୍ଚଳର ମହନାପୁର ଗ୍ରାମର ମିଶ୍ରସାହି ବଟେଶ୍ୱର ମନ୍ଦିର ନିକଟରେ ଥିବା ସରକାରୀ ଜମି ପ୍ଲଟ୍ ନଂ-୯୨୪ ଉପରେ। ଇଟାମାଫିଆମାନେ ବେଆଇନ୍ ଭାବେ ଜନବସତିଠାରୁ ମାତ୍ର ୧ଶହ ମିଟର ଦୂରରେ ଶହ ଶହ ସଂଖ୍ୟାରେ ଇଟା ଭାଟି ପୋଡୁଥିବାରୁ ଇଟାଭାଟି ତାତିରେ ଲୋକମାନେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ସମଗ୍ର ରାଜ୍ୟରେ ଏବେ ଖରାର ପ୍ରକୋପ ବଢ଼ି ଚାଲିଥିବାବେଳେ ଖରାତାତିରେ ଲୋକ ସିଝୁଥିବାବେଳେ ଜନବସତି ନିକଟରେ ବେଆଇନ୍ ଭାବେ ଇଟାଭାଟି ପୋଡ଼ି ଲୋକମାନଙ୍କୁ ନିଆଁ ତାତିରେ ଆଉଟୁ ପାଉଟୁ କରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ତହସିଲଦାର ସାଲେପୁର, ଏସ୍‌ପି, କଟକ ଓ ଆଇଆଇସିଙ୍କୁ ଲିଖିତ ଅଭିଯୋଗ କରିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଶିବିରରେ ମଧ ଅଭିଯୋଗ କରିଥିଲେ ମଧ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଇଟା ମାଫିଆମାନେ ନିର୍ଭୟରେ ବେଆଇନ୍ ଭାବେ ଶହ ଶହ ସଂଖ୍ୟକ ଇଟାଭାଟିରେ ନିଆଁ ଲଗାଇ ଜନବସତି ନିକଟରେ ପୋଡ଼ି ଚାଲିଛନ୍ତି। ସ୍ଥାନୀୟ କେତେକ କୁଜି ନେତା ଓ ପ୍ରଶାସନିକ ଅଧିକାରୀଙ୍କ ସହ ଭିତିରି ସମ୍ପର୍କ ସ୍ଥାପନ କରି ଏଭଳି ଭାବେ ବେଆଇନ୍ ଭାବେ ଇଟାଭାଟି ପୋଡ଼ାଯାଉଥିବାରୁ ଲୋକମାନେ ଇଟାଭାଟି ତାତିରେ ନିଜ ଘରେ ବହୁ କଷ୍ଟରେ ରହୁଛନ୍ତି। ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଜନବସତି ନିକଟରୁ ବେଆଇନ୍ ଭାବେ ପ୍ରବଳ ରୌଦ୍ରତାପ ସମୟରେ ପୋଡ଼ାଯାଉ ଥିବାରୁ ଇଟାଭାଟିକୁ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହୋଇଛି।

ଏ ସମ୍ପର୍କରେ ଆମ ପ୍ରତିନିଧି ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହଙ୍କୁ ପଚାରିବାରୁ ମୁଁ ଘଟଣା ସମ୍ପର୍କରେ ଜାଣିନାହିଁ। ଏବେ ଅବଗତ ହେଲି, ବେଆଇନ୍ ଭାବେ ସରକାରୀ ଜାଗାରେ ଇଟା ପୋଡ଼ାଯାଉଥିବାରୁ ତଦନ୍ତ କରାଯାଇ ସେମାନଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।



# ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା




**ମହାକାଳପଡ଼ା, ୧୮।୫ (ସଂଚାର ବ୍ୟୁରୋ):** ଆତଙ୍କବାଦ ବିରୋଧ ଲଢ଼େଇ 'ଅପରେସନ ସିନ୍ଦୂର'ର ସଫଳତାରେ ଆମ ବୀର ଓ ସାହସୀ ଯବାନମାନଙ୍କର ଶୌର୍ଯ୍ୟ, ବୀରତ୍ୱ ଓ ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଛି। ଭାରତୀୟ ସେନାର ଏହି ଅସୀମ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ତରଫରୁ ମହାକାଳପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାବର ବଜାର ଦୁର୍ଗା ମନ୍ଦିର ଠାରୁ ଗଗୁଆ ଗାନ୍ଧୀ ମୂର୍ତ୍ତୀ ପର୍ଯ୍ୟନ୍ତ ଏକ "ତ୍ରିରଙ୍ଗା ଶୋଭାଯାତ୍ରା" ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣଙ୍କ ସହ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ସାମିଲ ହୋଇ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟ ଯେତେବେଳେ ତ୍ରିରଙ୍ଗା ତଳେ ଏକଜୁଟ୍ ହେବେ ସେତେବେଳେ ବିଶ୍ୱର କୌଣସି ଦୁଷ୍ଟ ଶକ୍ତି ଆମକୁ ପ୍ରତିହତ କରିପାରିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ଦାସ, ରଞ୍ଜନ କୁମାର ଚୌଧୁରୀ, ପ୍ରଶାନ୍ତ ସେଠୀ, ଅଲେଖ ଚନ୍ଦ୍ର ପ୍ରଧାନ, ସରୋଜ କାନ୍ତ ପରିଡ଼ା, ସରପଞ୍ଚ ପ୍ରମୋଦ କୁମାର ଦାସ, ଲକ୍ଷ୍ମୀ ଧର ରାଜ, ମାନସ ମହାନ୍ତି, ପବିତ୍ର ଚୌଧୁରୀ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧରେ ଦୀପକ ଦାସ, ପ୍ରଦୀପ କୁମାର ସେଠୀ, କେଶବ ଚନ୍ଦ୍ର ଭୋଳ, ଚିତ୍ତ ରଂଜନ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନୂତନ ଧାନମଣ୍ଡି ପାଇଁ ଶିଳାନ୍ୟାସ କଲେ ବିଧାୟକ



**ନିଶ୍ଚିନ୍ତକୋଇଲି, ୧୮।୫ (ସଂଚାର ବ୍ୟୁରୋ):** କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଅଧିନରେ ଥିବା ବହୁ ପୁରାତନ କେନ୍ଦୁପାଟଣା ସେବା ସମବାୟ ସମିତିର ପୂର୍ବ ସରକାର ତଥା ସ୍ଥାନୀୟ ବିଜୁ ଜନତା ଦଳର ସ୍ଥାନୀୟ ନେତା ମାନଙ୍କ ପ୍ରୋତ୍ସାହନ ଅଭାବରୁ ନିଜସ୍ୱ ଧାନମଣ୍ଡି ଗୃହ ତଥା ଉନ୍ନତିକରଣ କାର୍ଯ୍ୟ ଦୀର୍ଘ ବର୍ଷ ବର୍ଷ ହେବ ସମବାୟ ସମିତିର ନିଜସ୍ୱ ଜମି ଥାଇ ମଧ ଗୃହ ନିର୍ମାଣ କାର୍ଯ୍ୟ ହୋପାରୁନଥିଲା। ଚାଷୀମାନେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରାଇବା ପରେ ଚାଷୀ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଧାୟକଙ୍କ ପ୍ରଚେଷ୍ଟା ବଳରେ ଧାନମଣ୍ଡି ଗୃହ ନିର୍ମାଣ ଏବଂ ଉନ୍ନତିକରଣ କାର୍ଯ୍ୟ ନିମନ୍ତେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନରେ ୪୬ଲକ୍ଷ ଟଙ୍କା ବ୍ୟୟ ବରାଦରେ ଆଜି ଅପରାହ୍ନରେ ମାନ୍ୟବର ମାହାଙ୍ଗା ବିଧାୟକ ସାରଦା ପ୍ରଧାନଙ୍କ କରକମଳରେ ଶୁଭ ଶିଳନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଧାୟକ ଶ୍ରୀଯୁକ୍ତ ପ୍ରଧାନଙ୍କୁ କଟକ ଚାନ୍ଦବାଲି ରାସ୍ତା ଛତରକଣ୍ଟା ଠାରୁ ବିଧାୟକଙ୍କ ଶତାଧିକ କର୍ମକର୍ତ୍ତାମାନେ ପାଛୋଟି ନେଇଥିବା ବେଳେ ବ୍ଲକ୍ ଉପାଧକ୍ଷ ନୃସିଂହ ମିଶ୍ର, ସରପଞ୍ଚ ପ୍ରଗତିପ୍ରଭା ମହାନ୍ତି,ଗୋପବନ୍ଧୁ ସେଠି,ସମିତି ସଭ୍ୟା ଭାରତୀ ରାଉତ,ସସ୍ମିତା ସାମଲ,ସମାଜସେବୀ ପ୍ରକାଶ ସାମଲ,ଉଦ୍ୟଗପତି ପ୍ରସାନ୍ତ କୁମାର ସାମଲ, କେନ୍ଦୁପାଟଣା ବିକାଶ ପରିଷଦ ପଂଚାୟତ ସଭାପତି ମାନଗୋବିନ୍ଦ ରାଉତ, ଦେବାସିଶ ବେଉରା, ଯଦୁମଣି ସାହୁ, ସୁଦର୍ଶନ ଦାସ, ସୋମନାଥ ବେହେରା, ନରେଶ ବେହେରା, ଦିପକ ବେହେରା, ସମବାୟ ସଂପ୍ରସାରଣ ଅଧିକାରୀ ଅଜୟ କୁମାର ସାହୁ,ମଣ୍ଡି ସଭାପତି ସାରଦା ପ୍ରସନ୍ନ ନାୟକ, ଉପସଭାପତି ରଙ୍ଗଲତା ସାହୁ, ସଂପାଦକ ମନୋଜ କୁମାର ନାୟକ, ବୋର୍ଡ କମିଟି ସଦସ୍ୟ ନାରାୟଣ ସାହୁ,ସୋମନାଥ ବେହେରା,କୃଷ୍ଣଚନ୍ଦ୍ର ରାଉତ, ହୃଷୀକେଶ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଚୋରି ହେଉଛି ଧୋୟାଞ୍ଚଳରେ ଷ୍ଟ୍ରିଟଲାଇଟ, ପ୍ରଶାସନ ଚୁପ

**ପଟ୍ଟାମୁଣ୍ଡାଇ, ୧୮।୫ (ସଂଚାର ବ୍ୟୁରୋ) :** ଗ୍ରାମାଞ୍ଚଳ ରାସ୍ତାକୁ ଆଲୋକିତ କରିବାକୁ ରାଜ୍ୟ ସରକାର ପ୍ରତି ପଞ୍ଚାୟତକୁ ଲକ୍ଷ ଲକ୍ଷ ଟଙ୍କା ଦେଉଛନ୍ତି। ଗ୍ରାମର ମୁଖ୍ୟ ସଡ଼କ ସହିତ ଗଳିକନ୍ଦି ରାସ୍ତାରେ ମଧ ଇଲେକ୍ଟ୍ରି ଖୁଣ୍ଟିରେ ଏଲଇଡ଼ି ଲାଇଟ ସବୁ ଲଗାଯାଉଛି। ପ୍ରତି ଷ୍ଟ୍ରିଟ ଲାଇଟରେ ହାରାହାରି ୪ହଜାର ଟଙ୍କା ଖର୍ଚ୍ଚ ହେଉଛି। ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟା ଅଞ୍ଚଳର ଅମୃତମଣୋହିଁ, ବଲୁରିଆ, ଅଣ୍ଟରା ଓ ସିଂହଗାଁ ପଞ୍ଚାୟତର ପଡ଼ାଗ୍ରାମରେ ଷ୍ଟ୍ରିଟଲାଇଟ ବ୍ୟାପକ ଭାବେ ଚୋରି ହେଉଥିବା ଅଭିଯୋଗ ହୋଇଛି। ଏହାଛଡା ସନ୍ଧ୍ୟାବେଳେ ଜଳୁଥିବା ଷ୍ଟ୍ରିଟ ଲାଇଟ ରାତି ପାହିଲା ବେଳକୁ ଉଭାନ ହୋଇଯାଉଛି। ଗତ ଶନିବାର ସନ୍ଧ୍ୟା ସମୟରେ ଅମୃତମଣୋହିଁ ଶାନ୍ତିପଡ଼ାର ପାର୍ଥସାରଥୀ ଦାଶ ଓ ବିପ୍ର ମଲ୍ଲିକଙ୍କ ଘର ସମ୍ମୁଖ ରାସ୍ତାରୁ ଷ୍ଟ୍ରିଟ ଲାଇଟ ଦୁର୍ବୃତ୍ତମାନେ ଖୋଲି ନେଇଯାଇଛନ୍ତି । ଏହି ଚୋରୀ ଘଟଣା ପରେ ଗ୍ରାମବାସୀ ତୁରନ୍ତ ଚଉଦକୁଲାଟ ଫାଣ୍ଡିକୁ ଖବର ଦେବାରୁ ପୋଲିସ ପେଟ୍ରୋଲିଙ୍ଗ ଗାଡି ମଧ ଆସିଲେ ମଧ ଦୁର୍ବୃତ୍ତଙ୍କ ପତ୍ତା ପାଇନଥିଲେ। ଗତ ୩ ବର୍ଷ ତଳେ ନାହିଆଡିଆ ବ୍ରାହ୍ମଣୀ ବ୍ରିଜ ଉପରେ ସରକାରୀ ଅନୁଦାନରେ ଲଗାଯାଇଥିବା ଷ୍ଟ୍ରିଟ ଲାଇଟ( ସୌରଚାଳିତ) ମାତ୍ର ୬ ମାସ ମଧରେ ଚୋରି ହୋଇଗଲା ! ବିଜୁଳି ବିଭାଗ ର ଚରମ ଅବହେଳା ଓ ପୁଲିସ ପେଟ୍ରୋଲିଙ୍ଗ ଅଭାବରୁ ଏଭଳି ଘଟଣା ବାରମ୍ବାର ଘଟୁଛି। ରାଜ୍ୟ ପୋଲିସ ପ୍ରଶାସନ ଉଚ୍ଚ କର୍ତୃପକ୍ଷ ଏ ଦିଗରେ ତୁରନ୍ତ ଧ୍ୟାନ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜାଗାବାଡ଼ି ବିବାଦରୁ ମହିଳାଙ୍କୁ ଆକ୍ରମଣ

**ଆଳି, ୧୮।୫ (ସଂଚାର ବ୍ୟୁରୋ):** ଆଳି ଥାନା ଅଧୀନ ଆୟତପୁର ଗ୍ରାମରେ ଜାଗାବାଡ଼ି ସମସ୍ୟା କୁ ନେଇ ଅସହାୟ ଆଶାକର୍ମୀ ଦିଦି ଙ୍କୁ ମରଣାନ୍ତକ ଆକ୍ରମଣ। ଆକ୍ରମଣର ଶିକାର ହୋଇଥିବା ମହିଳା ଜଣଙ୍କ ହେଉଛନ୍ତି ଆୟତ୍ତପୁର ଗ୍ରାମର ଆଶାକର୍ମୀ କବିତା ଦାସ । କବିତା ଦାସ ଓ ଜଗନ୍ନାଥ ଦାସ ଙ୍କ ମଧରେ ଜାଗାବାଡି ସମସ୍ୟା କୁ ନେଇ ଦୀର୍ଘ ଦିନ ହେବ ତିକ୍ତତା ଲାଗିରହିଥିବା ବେଳେ। ଗତକାଲି ଉଭୟ ଙ୍କ ମଧରେ ଗଣ୍ଡଗୋଳ ଉଗ୍ର ରୂପ ନେବା ସହ ଅପରାହ୍ନ ପାଖାପାଖି ଏକ ଘଟିକା ସମୟରେ ଅଭିଯୁକ୍ତ ସୁଶାନ୍ତ ଦାସ ଓ ତାଙ୍କ ସହିତ ଆସିଥିବା କିଛି ଅସାମାଜିକ ବ୍ୟକ୍ତି ସନ୍ତୋଷ ନାୟକ ଅସହାୟ କବିତା ଦାସ ଙ୍କୁ ଗୋରୁ ଗୁହାଳରୁ ଘୋଷାଡ଼ି ଆଣି ମହିଳାଙ୍କ ଚୁଟିକୁ ଧରି ଠେଙ୍ଗା ବାଡ଼ି ଓ ନାତ ଗୋଇଠା ସାହାଯ୍ୟରେ ମାରିଥିବା ସହ ମୋ ପୁଅକୁ ଆକ୍ରମଣ କରିଥିବା ନେଇ କବିତା ଦାସ ଆଳି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟ ପଟେ କବିତା ଦାସ ଙ୍କ ସ୍ୱାମୀ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କ ସରଳତାର ସୁଯୋଗ ନେଇ ତାଙ୍କୁ ଜଗନ୍ନାଥ ଦାସ ଙ୍କ ଦୁଇ ସହଯୋଗୀ ସୁଶାନ୍ତ ଦାସ ଓ ସନ୍ତୋଷ ନାୟକ ମୋତେ ଓ ମୋ ପରିବାର କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି ବୋଲି ଏତଲା ରେ ଦର୍ଶାଇଛନ୍ତି। ଅନ୍ୟ ପଟେ ନ୍ୟାୟ ପାଇଁ ଆଜି ସନ୍ଧ୍ୟାରେ କବିତା ଦାସ ଗୁରୁତର ଅବସ୍ଥାରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଚିକିତ୍ସିତ ପରେ ଆଳି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ଚୋରକୁ ଧରି ପୁଲିସ ଜିମାଦେଲେ ଲୋକେ

**କାକଟପୁର/ଅସ୍ତରଙ୍ଗ, ୧୮।୫ (ସଂଚାର ବ୍ୟୁରୋ):** ବାରମ୍ବାର ଚୋରି କରୁଥିବାରୁ ସ୍ଥାନୀୟ ଲୋକେ ଚୋରକୁ ଧରି ପୁଲିସ ଜିମା ଦେଇଛନ୍ତି। ଖବର ମୁତାବକ ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ନରଣପୁର ଗ୍ରାମରେ ଗତ ୧୨ତାରିଖ ବିଳମ୍ବିତ ରାତ୍ରରେ ଏକ ମୋଟର ସାଇକେଲ ଚୋରି କରୁଥିବା ବେଳେ ଗଗନ ବିହାରୀ ଛୁଆଳ ସିଂକୁ ସ୍ଥାନୀୟ ଲୋକେ ଧରିବା ସହ ଆପୋଷ ଆଲୋଚନା ମାଧ୍ୟମରେ ଛାଡିଦେଇଥିଲେ। କିନ୍ତୁ ପୁନର୍ବାର ଗତ ୧୭ତାରିଖ ରାତ୍ର ୩ଘଟିକା ସମୟରେ ନରଣପୁର ଗ୍ରାମର ଶିକ୍ଷାବିତି ତଥା କବି ହୃଦାନନ୍ଦ ଶାସମଲଙ୍କ ଘରେ ଥିବା ଏକ ମୋଟର ସାଇକେଲକୁ ଗଗନ ବିହାରୀ ଛୁଆଳସିଂ ପୁନର୍ବାର ଚୋରି କରୁଥିବା ବେଳେ ନିଜେ ଶିକ୍ଷାବିତି ଉଠି ଚୋରକୁ କାବୁ କରିବା ସହ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଏ ନେଇ କାକଟପୁର ଥାନାରେ ଲିଖିତ ଅଭିଯୋଗ ଦେବା ପରେ କାକଟପୁର ଥାନା କେଶ ନମ୍ବର ୧୦୭/୨୫ରେ ମାମଲା ରୁଜୁ କରି ତଦନ୍ତକାରୀ ଅଧିକାରୀ ଏ ଏସ ଆଇ ପ୍ରମୋଦ ସେଠୀ ଦୁର୍ବୃତ୍ତ ଗଗନ ବିହାରୀ ଛୁଆଳ ସିଂକୁ ଅଦାଲତ ଚାଲାଣ କରିଛନ୍ତି ବୋଲି କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ ସୂଚନା ଦେଇଛନ୍ତି।

ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

# ହଟିବ ବେଆଇନ୍ ଜବରଦଖଲ

**କେନ୍ଦ୍ରାପଡା, ୧୮।୫ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ବସୁନ୍ଧରା ଯୋଜନା ଲାଗୁ କରିବା ପାଇଁ ଭୂମିହୀନ ପରିବାର ର ସର୍ଭେ କରାଯାଇ ତାଲିକା ପ୍ରସ୍ତୁତ କରିବା ଓ ଜିଲ୍ଲାରେ କେତେ ସରକାରୀ ଜମି ଜବର ଦଖଲକାରୀଙ୍କ କବଜାରେ ରହିଛି ତାହାକୁ ଉଦ୍ଧାର କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତି ନିଆଯାଇଛି । ଓ ପ୍ରଭାବଶାଳୀ ବ୍ୟକ୍ତିମାନେ ଦଖଲରେ ରଖିଥିବା ସରକାରୀ ଜମିକୁ ମୁକ୍ତ କରାଯିବାକୁ ସମସ୍ତ ତହସିଲଦାର ମାନଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ଜିଲ୍ଲା ମଧରେ ଥିବା ବିଭିନ୍ନ ବାଲି ସୈରାତ ରୁ ବାରମ୍ବାର ବାଲି ଚୋରୀ ସମେତ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣର ଚାଲାଣରେ ଅଙ୍କୁଶ ଲାଗିପାରୁ ନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ବାଲି ଚୋରା ଚାଲାଣକାରୀ ମାନେ ତଳ ସ୍ତରର କର୍ମଚାରୀ ମାନଙ୍କୁ ହାତ କରି ଅବାଧରେ ଦୈନିକ ଶହ ଶହ ହାଇୱା ବୋଝେଇ କରି କୋଟି କୋଟି ଟଙ୍କା ମୁନାଫା କମାଇବା ସହ ରାଜସ୍ୱ ହାନୀ ଘଟାଉ ଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠନ ଗ୍ରହଣ କରି ଗାଡି ଜବତ ଓ ଜରିମାନା ଆଦାୟ କରିବାକୁ ନିଷ୍ପତି ନିଆଯାଇଛି ।

ଆଳି ଏକ ନମ୍ବର ଜୋନ୍‌ରେ ବିଜେପିର ମିଶ୍ରଣ ପର୍ବ

# ବିଜେଡି ଗଡ଼ରେ ବଳ ବାନ୍ଧୁଛି ବିଜେପି



**ଆଳି, ୧୮।୫ (ସଂଚାର ବ୍ୟୁରୋ):** ଆଳିରେ ଏକ ନମ୍ବର ଜୋନ୍ ଗୋବିନ୍ଦପୁର ଠାରେ ବିଜେପିର ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଓ କଂଗ୍ରେସ ଦଳ ଛାଡ଼ି ଦୁଇଶହରୁ ଉର୍ଦ୍ଧ ପରିବାର ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ। ଏହାକୁ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ସେଠୀ ଓ ଆଳି ବିଜେପି ବିଧାୟକ ପାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା ଉତ୍ତରୀୟ ଓ ପୁଷ ଗୁଚ୍ଛ ଦେଇ ଦଳରେ ସାମିଲ କରାଯାଇଥିଲା। ଅନ୍ୟ ପଟେ ବିଜେଡି ଗଡ ଭାବେ ଏକ ନମ୍ବର ଜୋନ୍ ଧୋୟା ଅଞ୍ଚଳ ପରିଚିତ ଥିବା ବେଳେ ଏବେ ବଳ ବାନ୍ଧୁଛି ବିଜେପି। ଯାହାର ଜ୍ୱଳନ୍ତ ଉଦାହରଣ ବିଭିନ୍ନ ପଞ୍ଚାୟତ ଯଥା ଜୁଆଣିଆ, ଗୋବିନ୍ଦପୁର, ପେଡପଡା, ଦେସାହି, ଡିମିରିପାଳ ପଞ୍ଚାୟତରୁ ଲୋକେ ଆସି ବିଜେପିରେ ମିଶିଥିଲେ। ସେପଟେ ବକ୍ତାମାନେ ନିଜର ବକ୍ତବ୍ୟ ରଖିବା ଏବଂ ପୂର୍ବ ସରକାରଙ୍କୁ କଟାକ୍ଷ କରିବା ସହ ଏକ ନମ୍ବର ଜୋନ୍ ବା ଧୋୟାରେ ଚବିଶ ବର୍ଷ ଶାସନରେ କିଛିବି ବିକାଶ ହୋଇ ନାହିଁ ବୋଲି କହିଥିଲେ। ମଞ୍ଚରେ ଥିଲେ ବିଜେବି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ଓ ବିଜେପି ବିଧାୟକ ପାର୍ଥ କୃଷ୍ଣ ଚନ୍ଦ୍ର ପଣ୍ଡା, ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ଶୋଭନ ଆଚାର୍ଯ୍ୟ ଜିଲ୍ଲା ଯୁବମୋର୍ଚ୍ଚା ବିଜେପି ଓମ ପତି, ସରୋଜ କର ମଣ୍ଡଳ ସଭାପତି, ଚିନୁ ପଣ୍ଡା ପ୍ରମୁଖ ଯୋଗ ଦେଇଥିବା ବେଳେ ଅନନ୍ତ ରଥ ମଞ୍ଚ ପରିଚାଳନା କରିଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅନୁଶାସନରେ ଅନୁପ୍ରାଣିତ ହୋଇ ଆଳିରେ ବିଜେପି ଦଳ ପ୍ରତି ଆକୃଷ୍ଟ ହୋଇ ବିଜେପି ସ୍ରୋତରେ ସାମିଲ ହେବା କ୍ରମଶଃ ଦଳ ମଜବୁତ ହେଉଥିବାର ଦେଖା ଯାଇଛି।

# ଓଉ ଘର ପୋଖରୀ ଅମୃତ ସରବର ଯୋଜନାରେ ପୁନରୁଦ୍ଧାର

**ବାଲିଅନ୍ତା, ୧୮।୫ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧିନସ୍ତ ଉମାଦେଇ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ହୀରାପୁର ମୌଜାରେ ଥିବା ଓଉ ଘର ପୋଖରୀଟି ବହୁଦିନ ହେବ ଅସ୍ୱାସ୍ଥ୍ୟକର ଓ ଦଳଦ୍ୱାର ଆଚ୍ଛାଦିତ ହୋଇ ପଡ଼ି ରହିଥିଲା। ଗତ ଶନିବାର ଦିନ ଉମଦେଇ ବ୍ରହ୍ମପୁର ସରପଞ୍ଚ ରମଲତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖନନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ।

ପ୍ରକାଶ ଥାଉକି ଗ୍ରୀଷ୍ମ ଦିନେ ଆଖପାଖର ହଜାର ହାଜର ଗାଈ ଗୋରୁ, ମଇଁଷି ଓ ରାତିଚର ଜୀବଜନ୍ତୁ ପାନୀୟ ଜଳରୁପେ ପୋଖରି ଉପରେ ନିର୍ଭର କରିଥାନ୍ତି । ପୋଖରୀଟି ମହାମାୟା ମନ୍ଦିରର ମୁଖ୍ୟ ରାସ୍ତା କଡ଼ରେ ଥିବାରୁ ମନ୍ଦିର ଦର୍ଶନ ପାଇଁ ଆସୁଥିବା ବହୁ ପର୍ଯ୍ୟଟକ ମଧ ପୋଖରୀକୁ ବ୍ୟବହାର କରିଥାନ୍ତି । ଅଞ୍ଚଳର ବହୁ ବୁଦ୍ଧିଜୀବୀ ପୋଖରିକୁ ପଙ୍କ ଓ ଦଳ ଉଦ୍ଧାର ସହିତ ଚତୁପର୍ଶ୍ୱରେ ବୃକ୍ଷ ରୋପଣ ଓ ଯାତ୍ରୀମାନଙ୍କ ବସିବା ନେଇ ସିମେଣ୍ଟ ଚେୟାର ବ୍ୟବସ୍ଥା ସଂପର୍କରେ ସରପଞ୍ଚଙ୍କ ନିକଟରେ ଦାବି କରି ଆସୁଥିଲେ। ସମସ୍ତ ପରିସ୍ଥିତିକୁ ନଜରରେ ରଖି ପୋଖରୀକୁ ମହାତ୍ମାଗାନ୍ଧୀ ନିସ୍ଚିତ କର୍ମ ନିଯୁକ୍ତି ଯୋଜନାର 'ଅମୃତ ସରବର' ପ୍ରକଳ୍ପ ବ୍ୟୟ ଅଟକଳ ମୂଲ୍ୟ ୫.୫୦ ଲକ୍ଷ ବ୍ୟୟରେ ପୋଖରି ପୁନରୁଦ୍ଧାର ଲକ୍ଷ ଧାର୍ଯ୍ୟ କରାଯାଇଛି । ଏହି କାର୍ଯ୍ୟ କ୍ରମରେ କନିଷ୍ଠ ଯନ୍ତ୍ରୀ ବନ୍ଦିତା ନାୟକ, ପଞ୍ଚାୟତ ଡିଓ ନିରଞ୍ଜନ ଦଳେଇ, ସ୍ଥାନୀୟ ୱାର୍ଡ ସଭ୍ୟା ସୁଚିତ୍ରା ଭୋଇ ଓ ଗାଁ ସାଥୀ ଦୀନବନ୍ଧୁ ଭୋଇଙ୍କ ସମେତ ଜବ୍ କାର୍ଡ ଶ୍ରମିକ ୨୫ ଜଣ ଉପସ୍ଥିତ ଥିଲେ ।



# ସାର ପ୍ରଦାନରେ ଅନିୟମିତତା ହେଲେ କାର୍ଯ୍ୟାନୁଷ୍ଠାନ ହେବ

**ନବରଙ୍ଗପୁର, ୧୮।୫ (ସଂଚାର ବ୍ୟୁରୋ):** ଚଳିତ ଖରିଫ ଚାଷରେ ରାସାୟନିକ ସାର ଓ ବିହନ ପ୍ରଦାନରେ କୌଣସି ଅନିୟମିତତା ଅଭିଯୋଗ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆଜି କୃଷକ ତାଲିମ କେନ୍ଦ୍ରରେ ଆୟୋଜିତ ଅଧିକୃତ ବିକ୍ରେତା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତପନକୁମାର ଖୁଣ୍ଟିଆ ଏଭଳି ସତର୍କ କରାଇଛନ୍ତି । ହାଇବ୍ରିଡ ଧାନ ଓ ମକା ବିହନ ସୁଲଭ ମୂଲ୍ୟରେ ବିକ୍ରିବଟା ପାଇଁ ପଞ୍ଜୀକୃତ କମ୍ପାନିଙ୍କୁ କେବଳ ଅନୁମତି ଦିଆଯିବ। ଅତ୍ୟଧିକ ନାନୋ ୟୁରିଆ ଓ ଡିଏପି ପ୍ରୟୋଗ ଦ୍ୱାରା ଜମି ନଷ୍ଟ ହେଉଥିବା କୃଷି ଅଧିକାରୀମାନେ କହିଛନ୍ତି। ସେଭଳି ବିକ୍ରେତାଙ୍କ ପୋସ ମେସିନ୍ ଷ୍ଟକ୍ ସହିତ ଗୋଦାମ ଷ୍ଟକ୍ ପରିମାଣ ସମାନ ରହିବା ଜରୁରି । ପୋର୍ଟାଲରେ ସମସ୍ତ ସାର ଓ ବିହନ କାରବାରକୁ ଅପଲୋଡ କରିବା ବାଧ୍ୟତାମୂଳ ବୋଲି କୁହାଯାଇଛି। ଗତ ଏପ୍ରିଲରୁ ମେ ପର୍ଯ୍ୟନ୍ତ ଜିଲ୍ଲାକୁ ୨୧ ହଜାର ୯୨୨ ଟନ୍ ରାସାୟନିକ ସାର ଯୋଗାଣ ହୋଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଆବଶ୍ୟକକୁ ଦୃଷ୍ଟିରେ ରଖି ଯୋଗାଣ ହେବ । ଜିଲ୍ଲାରେ ଖରିଫ ଋତୁରେ ୬୮ ହଜାର ୯୬୦ ହେକ୍ଟର ଜମିରେ ମକା ଚାଷ ହେଉଥିବା ନେଇ କୃଷି ବିଭାଗ କହିଛି । କିନ୍ତୁ ଜଙ୍ଗଲଜମି ଓ ଅନ୍ୟାନ୍ୟ ଜମିରେ ଡେରଗୁଣ ମକା ଚାଷ ହେଉଛି । ଏଥିପାଇଁ ଅଧିକ ସାର ଯୋଗାଣ ପାଇଁ କ୍ରେତାମାନେ ଦାବି କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧରେ କୃଷି ଅଧିକାରୀ ବିଶ୍ୱଜିତ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ପ୍ରତିନିଧି ପ୍ରଣୟ ମନ୍ତ୍ରୀ, ରାମଚନ୍ଦ୍ର ମୁଦୁଲିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଦୁଇଟି ପର୍ଯ୍ୟାୟ ବୈଠକରେ ୬ଟି ବ୍ଲକର ୧୨୦ ଅଧିକୃତ ବିକ୍ରେତା ଯୋଗ ଦେଇଥିଲେ।

# କମୁଛି ଚାଷ ଜମି, ଘରଡିହ ବଢୁଛି



**କାକଟପୁର/ଅସ୍ତରଙ୍ଗ, ୧୮।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଗତ କିଛି ବର୍ଷ ହେଲା ଚାଷ ଜମିରେ ବାସଗୃହ ନିର୍ମାଣ ଆଶାତିତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ହେକ୍ଟର ହେକ୍ଟର ଚାଷ ଉପଯୋଗୀ ଜମି ମଧରୁ ୮ହଜାର ହେକ୍ଟରରୁ ଉର୍ଦ୍ଧ ଧାନ ଚାଷ ଜମିରେ କରାଯାଉଛି। କିନ୍ତୁ ପ୍ରତିବର୍ଷ ଏହି ଚାଷ ଜମି ହ୍ରାସ ପାଉଥିବା ବେଳେ ଧାନଚାଷ ମଧ ହେଉଥିବା ଜମି କମି ଚାଲିଛି। ବାସ୍ତବ ଚିତ୍ରକୁ ଆକଳନ କଲେ ବିଭିନ୍ନ କାରଣରୁ ଚାଷୀ ଚାଷ କାର୍ଯ୍ୟରୁ ମୁହଁ ଫେରାଇ ନେଉଥିବା ଜଣାପଡିଛି। ତିନିଟି ପ୍ରମୁଖ କାରଣ ଯୋଗୁଁ ଏ ଅଂଚଳରେ ଧାନ ଫସଲ ପ୍ରତିବର୍ଷ କମି କମି ଯାଉଛି। ଧାନ ଫସଲ ପାଇଁ ଅଧିକ ସମୟ ଲାଗୁଥିବା ବେଳେ କମ୍ ଲାଭ ମିଳୁଛି। ଅସ୍ତରଙ୍ଗ ବ୍ଲକର ଛୁରିଆନା, ସରିପୁର, ଶିଶୁଅ ଅଂଚଳରେ ଜଙ୍ଗଲୀ ଜନ୍ତୁଙ୍କ ଉପଦ୍ରବ ଚାଷୀ ମଧ୍ୟ ଧାନ ଚାଷରୁ ମୁହଁ ଫେରାଇ ନେଉଥିବା ଦେଖିବାକୁ ମିଳୁଛି। ଚାଷୀ ନିଜ ପିଲା ମାନଙ୍କ ଉଜ୍ଜଳ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାରୀ ହେଉ କି ବେସରକାରୀ ଚାକିରୀ ପ୍ରତି ଲୋଭ ଯୋଗୁଁ ମଧ୍ୟ ଧାନ ଚାଷରୁ ନିଜକୁ ଦୂରେଇ ନେଉଥିବା ଆଉ ଏକ କାରଣ।

ଚାଷୀ ମାନଙ୍କ ଉପରୋକ୍ତ ଅବସ୍ଥାର ଫାଇଦା ଉଠାଇ ଜମି ମାଫିଆମାନେ ସେମାନଙ୍କ ଜମିକୁ ଶସ୍ତାରେ କିଣି ନେଇ ପ୍ଲଟିଙ୍ଗ କରି ବିକି ଦେଉଛନ୍ତି। ଗ୍ରାମ୍ୟ ରାସ୍ତା ପାର୍ଶ୍ୱ ଜମିରେ ମୂଲ୍ୟ ଆକାଶ ଛୁଆଁ ହୋଇଛି। ବଡ଼ ବଡ଼ ଜମି ମାଫିଆ ବହୁମୂଲ୍ୟ ଦେଇ ଏହି ସବୁ ଜମିକୁ କିଣି ନେବା ପରେ ସରକାରୀ କଟକଣାକୁ ନମାନି ସବରେଜିଷ୍ଟର କାର୍ଯ୍ୟାଳୟର କର୍ମଚାରୀଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ଚାଷ ଜମିକୁ ପ୍ଲଟିଙ୍ଗ କରି ବିକ୍ରି କରି ଦେଉଥିବା ଯଥେଷ୍ଟ ପ୍ରମାଣ ରହିଛି। ଯଦି ଏହିଭଳି ଚାଷ ଜମିରେ ବାସଗୃହ ନିର୍ମାଣ ବଳବତ୍ତର ରୁହେ, ଆଗାମୀ ଦିନରେ ଚାଷ ଜମିର ଘୋର ଅଭାବ ହେବ। ଏହା ଖାଦ୍ୟାଭାବର କାରଣ ମଧ ହେବ।

# ୧୯ରେ ଲମତାପୁଟରେ ଯୁଗ୍ମ ଅଭିଯୋଗ ଶୁଣାଣି

**କୋରାପୁଟ/ବୋରିଗୁମ୍ମା, ୧୮।୫ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାରେ ଚଳିତ ମାସ ୧୯ ତାରିଖରେ ଲମତାପୁଟ ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏହା ସକାଳ ୭ ଘଟିକାରୁ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅନ୍‌ଲାଇନ ମାଧମରେ ବ୍ୟକ୍ତି ବିଶେଷମାନେ ନିଜ ଅଭିଯୋଗ ଶୁକ୍ରବାର ଦିନ ୧୧ ଘଟିକା ଠାରୁ ଶନିବାର ରାତ୍ର ୧୧. ୫୯ ମିନିଟରେ ଜନଶୁଣାଣି ପୋର୍ଟାଲ ମାଧମରେ ଅଗ୍ରିମ ସ୍ଲଟ ପଞ୍ଜିକରଣ କରିପାରିବେ ବୋଲି ଉଲ୍ଲେଖ କରାଯାଇଥିଲା। ଜନସାଧାରଣ ପଞ୍ଜିକରଣ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜଣାଇ ପାରିବେ ପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ତୁଳସୀ କ୍ଷେତ୍ରରୁ ଶ୍ରୀକ୍ଷେତ୍ରକୁ ଗଡ଼ିବ ସରକାରୀ ବସ୍

ସେବା ଆରମ୍ଭ ପାଇଁ ପ୍ରସ୍ତାବ ଦେଇଥିଲା ଉତ୍କଳମଣି ଯୁବକ ସଙ୍ଘ




**କେନ୍ଦ୍ରାପଡ଼ା,୧୮।୫ (ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ର, କେନ୍ଦ୍ରାପଡ଼ାରୁ ଶ୍ରୀ କ୍ଷେତ୍ର, ପୁରୀକୁ ସରକାରୀ ବସ୍ ଚଳାଚଳ କରିବାକୁ ବାଟ ଫିଟିଛି। ଓଡ଼ିଶା ରାଜ୍ୟ ସଡ଼କ ପରିବହନର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦେଇଥିବା ମତାମତ ବସ୍ ସେବା ଆରମ୍ଭ ପାଇଁ ସବୁଜ ସଙ୍କେତ ଦେଇଛି। କେନ୍ଦ୍ରାପଡ଼ାରୁ ପୁରୀକୁ କୌଣସି ବସ୍ ସେବା ନାହିଁ। କେନ୍ଦ୍ରାପଡ଼ା ଓ ପୁରୀକୁ ବସ୍ ସେବା ଆରମ୍ଭ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଉତ୍କଳମଣି ଯୁବକ ସଙ୍ଘର ସଭାପତି ଗୌତମ ବେହେରା। ଓଡ଼ିଶା ସଡ଼କ ପରିବହନ ନିଗମ ତରଫରୁ ଏହି ସରକାରୀ ବସ୍ ସେବା ଆରମ୍ଭ କରିବାକୁ ସେ ଲିଖିତ ପ୍ରସ୍ତାବ ବିଭାଗୀୟ ମନ୍ତ୍ରୀ, ସଚିବ, କେନ୍ଦ୍ରାପଡ଼ା ସାଂସଦ, ଜିଲ୍ଲାପାଳଙ୍କୁ ଦୃଷ୍ଟି ଗୋଚର କରାଇଥିଲେ। ଏହି ବସ୍ ସେବା ଆରମ୍ଭ ହେଲେ ଦୁଇ ଜିଲ୍ଲା ମଧରେ ଭାଇଚାରା ସୁଦୃଢ଼ ହେବା ସହିତ ସଂସ୍କୃତି ପରମ୍ପରା ଓ ପର୍ଯ୍ୟଟନ ଭିତ୍ତିରେ ଜନସମାଗମ ବୃଦ୍ଧି ହେବା ଓ ଆର୍ଥିକ ଅଭିବୃଦ୍ଧିରେ ଏହା ସହାୟକ ହେବ ବୋଲି ସେ ଉଲ୍ଲେଖ କରିଥିଲେ। ଯାହାର ଉତ୍ତରରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କହିଛନ୍ତି, ଏହି ଦୁଇଟି ସ୍ଥାନ ସମଗ୍ର ଓଡ଼ିଶାରେ ଭକ୍ତଙ୍କ ପାଇଁ ଧାର୍ମିକ ଏବଂ ସାଂସ୍କୃତିକ ଗୁରୁତ୍ୱ ବହନ କରେ। ନୂତନ ବସ୍ କିଣିବା ପରେ, ଏହି ରୁଟ୍ ନିର୍ଦ୍ଧାରିତ କରାଯିବ।

ଶ୍ରୀ ବଳଦେବଜୀଉ ମନ୍ଦିର ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ସ୍ଥଳ। ଶ୍ରୀକ୍ଷେତ୍ର ପୁରୀ, ବିଶ୍ୱ ସ୍ତରରେ ପ୍ରଭୁ ଜଗନ୍ନାଥ ଏବଂ ତାଙ୍କ ଭାଇଭଉଣୀଙ୍କ ବାସସ୍ଥାନ ଭାବରେ ପ୍ରସିଦ୍ଧ। ଏହି ଦୁଇଟି ସ୍ଥାନ ଓଡ଼ିଶା ଏବଂ ବାହାରର ଭକ୍ତମାନଙ୍କ ପାଇଁ ଅତ୍ୟନ୍ତ ଧାର୍ମିକ ଏବଂ ସାଂସ୍କୃତିକ ଗୁରୁତ୍ୱ ବହନ କରି ଆସୁଛି। ରାଜ୍ୟ ପରିବହନ ବିଭାଗ ବିଭିନ୍ନ ଜିଲ୍ଲାର ଅନେକ ଧାର୍ମିକ ସ୍ଥଳକୁ ସଂଯୋଗ କରୁଥିବା ବସ୍ ସେବା ପ୍ରଦାନ କରିଛନ୍ତି। କିନ୍ତୁ କେନ୍ଦ୍ରାପଡ଼ାର ତୁଳସୀ କ୍ଷେତ୍ର ଏହାର ଗୁରୁତ୍ୱ ସତ୍ତ୍ୱେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସେବାରୁ ବଞ୍ଚିତ ହୋଇଛି ବୋଲି ଗୌତମ ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ।




## ଲକ୍ଷ୍ମଣ ଫେରିଲେ, ରାମଙ୍କୁ ଅପେକ୍ଷା

ଓଡିଶା କଂଗ୍ରେସରେ ଏବେ ଘରବାହୁଡା ପର୍ବ ଆରମ୍ଭ ହୋଇଛି। ରାଗ ରୁଷା ଭୁଲି କଂଗ୍ରେସିଆମାନେ ଏକଜୁଟ ହେବାରେ ଲାଗିଛନ୍ତି। ଭକ୍ତଙ୍କ ଉଦ୍ୟମ ଧିରେ ଧିରେ କାମ ଦେଉଛି। ଏ କ୍ଷେତ୍ରରେ ପ୍ରଥମେ ପାଦ ଥାପିଛନ୍ତି ଦଳର ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ। ସାନଭାଇ ଲକ୍ଷ୍ମଣ ଅର୍ଥାତ୍ ରଞ୍ଜୀବଙ୍କ ଆଗମନ ପରେ ଏବେ ବଡଭାଇ ରାମଚନ୍ଦ୍ର ଅର୍ଥାତ୍ ଚିରଞ୍ଜୀବ ବାହୁଡିବେବୋଲି କଂଗ୍ରେସ କର୍ମୀମାନେ କହି ବୁଲିଲେଣି। ରାମ-ଲକ୍ଷ୍ମଣ ହେଉଛନ୍ତି ବରିଷ୍ଠ କଂଗ୍ରେସ ନେତା ବସନ୍ତ ବିଶ୍ୱାଳଙ୍କ ସୁପୁତ୍ର। ଏମାନଙ୍କ ଦେହରେ କଂଗ୍ରେସ ରକ୍ତ ପ୍ରବାହିତ। ତେବେ ଗତ ନିର୍ବାଚନର ଅବ୍ୟବହିତ ପୂର୍ବରୁ ବଡଭାଇ ଚିରଞ୍ଜୀବ ବିଜେଡିରେ ସାମିଲ ହୋଇଗଲେ। ସମସ୍ତେ ଭାବିଥିଲେ ସିଏ ଜଗତସିଂହପୁରରୁ ବିଜେଡି ପ୍ରାର୍ଥୀ ହେବେ। ଏହାକୁ ନେଇ ଜିଲ୍ଲାର ଉଭୟ କଂଗ୍ରେସ ଓ ବିଜେଡି କର୍ମୀମାନେ ଉତ୍ସାହିତ ଥିଲେ। ହେଲେ ଚିରଞ୍ଜୀବଙ୍କୁ ଟିକଟ ମିଳିଲା ନାହିଁ। ଶେଷରେ ଚିରଞ୍ଜୀବ ଯାଇ ବିଜେଡି ପ୍ରାର୍ଥୀ ପ୍ରଶାନ୍ତଙ୍କ ପ୍ରଚାର କଲେ। ଏହାକୁ ଲୋକେ ସହଜରେ ଗ୍ରହଣ କରିପାରିଲେ ନାହିଁ। ପ୍ରଶାନ୍ତ ବି ହାରିଲେ। ଚିରଞ୍ଜୀବଙ୍କ ମାନ ମହତ ରହିଲା ନାହିଁ। ଏବେ ବି ତାଙ୍କର ପ୍ରିୟ କର୍ମୀମାନେ ବୁଝିପାରୁ ନାହାନ୍ତି ଚିରଞ୍ଜୀବ କାହିଁକି ବିଜେଡିକୁ ଗଲେ ଓ କାହିଁକି ନିର୍ବାଚନ ଲଢିଲେ ନାହିଁ। ଏଭଳି ଭାବନା ଭିତରେ ଦୀର୍ଘଦିନର ନିରାବତ୍ତା ଭାଙ୍ଗି ସାନଭାଇ କଂଗ୍ରେସ ଭବନରେ ପାଦ ପକାଇଥିବାବେଳେ ବଡଭାଇ କେବେ ଘରବାହୁଡା କରୁଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର।



## ଲୋକସମ୍ପର୍କ ବିଭାଗର ପରାକ୍ରମ ଚିଠି

ସୂଚନା ଓ ଲୋକସମ୍ପର୍କ ବିଭାଗଟି ହେଉଛି ସମ୍ପୂର୍ଣ୍ଣ ସରକାରୀ। ଏହି ବିଭାଗରୁ ଯାହାକୁ ଯେଉଁ ଚିଠି ଦିଆଯାଏ ତାହା ପୂରା ସରକାରୀ ବ୍ୟବସ୍ଥାରେ। ଅର୍ଥାତ୍ ଚିଠିରେ ନମ୍ବର, ତାରିଖ, ପ୍ରେରକଙ୍କ ଦସ୍ତଖତ ଆଦି ସବୁକିଛି ସ୍ପଷ୍ଟ ଭାବରେ ଉଲ୍ଲେଖ ଥାଏ। ହେଲେ ରାଜଧାନୀରେ ଆୟୋଜିତ ପରାକ୍ରମ ଶୋଭାଯାତ୍ରା ପାଇଁ ଗଣମାଧ୍ୟମ ପାଇଁ ବିଭାଗ ଯେଉଁ ଚିଠି ଜାରି କରିଥିଲା ତାହାକୁ ଦେଖି ଅନେକ ସନ୍ଦେହରେ ପଡିଥିଲେ। ଏହା ଅସଲ କି ନକଲି ବୁଝିପାରିଲେ ନାହିଁ। ଯେହେତୁ ଚିଠିଟିକୁ ଜଣେ ସୂଚନା ଅଧିକାରୀ ପକାଇଥିଲେ ଓ ତାହା ପୁଣି ସରକାରୀ ଗ୍ରୁପରେ ପଡିଥିଲା ତାହାକୁ ଅନେକ ସତବୋଲି ଭାବିଲେ। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏହି ଚିଠିରେ କୌଣସି ତାରିଖ କିମ୍ବା ନମ୍ବର ଉଲ୍ଲେଖ ନଥିଲା। ଚିଠିର କିଛି ଅଂଶ ହାତଲେଖା ହୋଇଥିବାବେଳେ ଅନ୍ୟ ଅଂଶ ଟାଇପ୍ ହୋଇଥିଲା। ହେଲେ ଯେଉଁ ଶୋଭାଯାତ୍ରାକୁ ନିମନ୍ତ୍ରଣ ପାଇଁ ଏହି ପରାକ୍ରମ ଚିଠିଟି ଆସିଥିଲା ସେହି ଶୋଭାଯାତ୍ରାର ମୁଖ୍ୟ ଥିଲେ ଖୋଦ୍ ମୁଖ୍ୟମନ୍ତ୍ରୀ। ସେ କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି, ସୂଚନା ଓ ଲୋକସମ୍ପର୍କ ବିଭାଗର ମନ୍ତ୍ରୀ ମଧ। ତେଣୁ ତାଙ୍କରି କାର୍ଯ୍ୟକ୍ରମକୁ ଏଭଳି କବନ୍ଧ ମାର୍କା ଚିଠି ଦେଖିଲା ପରେ କେବଳ ବାବୁମାନଙ୍କ ଖାମଖିଆଲି କଥାକୁ ନେଇ ଆଲୋଚନା କରୁନାହାନ୍ତି ପରାକ୍ରମ ଶୋଭାଯାତା ପାଇଁ ଲୋକସମ୍ପର୍କ ବିଭାଗର ଏହା ପରାକ୍ରମ ଚିଠି ବୋଲି ମଧ ପରିହାସ ଛଳରେ କହୁଛନ୍ତି।




## ବିଧାୟକଙ୍କ ନିଦ ହଜିଗଲାଣି

ରାଜ୍ୟର ବିଧାୟକମାନଙ୍କର ଏବେ ନିଜ ହଜିଗଲାଣି। ରାତି ପାହିଲେ ଦୁଆର ମୁହଁରେ ଖାଲି ଗୁରୁ ଓ ଗୁରୁ ମା'। ମାନେ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ମେଳା ଲାଗୁଛି। ଯେଉଁଦିନ ରାଜ୍ୟ ସରକାର ଶିକ୍ଷକ ବଦଳି ପାଇଁ ବିଧାୟକମାନଙ୍କୁ ସୁପାରିଶ୍ କ୍ଷମତା ଦେଲେ ତାହା ପରଠାରୁ ଏବେ ବିଧାୟକଙ୍କ ଏଭଳି ଅବସ୍ଥା। ସରକାର କହିଛନ୍ତି ମାତ୍ର ୧୫ଜଣ ଶିକ୍ଷକଙ୍କର ସ୍ୱତନ୍ତ୍ର ସ୍ଥିତିରେ ବଦଳି ପାଇଁ ବିଧାୟକ ସୁପାରିଶ୍ କରିପାରିବେ। ଏହା ଶୁଣିଲା ପରେ ବଦଳିପାଇଁ ଦୀର୍ଘଦିନ ଧରି ଉଦ୍ୟମ ଚଳାଇଥିବା ଶିକ୍ଷକମାନେ ଏବେ ନିଜ ନିଜ ବିଧାୟକଙ୍କ ଘରେ ହାଜର। ସହଜେ ତ ଶିକ୍ଷକ ହେଉଛନ୍ତି ଗାଁ ଗହଳର ରାଜନେତା। ଯାହାକୁ ଯେଉଁଠି ଭୋଟ ଦେବାକୁ କହିବେ ସିଏ ଗୁରୁ ଆଜ୍ଞା ଶିରୋଧାର୍ଯ୍ୟ ନୀତିରେ ଭୋଟ ଦେବେ। ତେଣୁ ଶିକ୍ଷକମାନଙ୍କ ସହିତ ବିଧାୟକଙ୍କର ସିଧାସଳଖ ସମ୍ପର୍କ। ହେଲେ ସେହି ସମ୍ପର୍କ ଏବେ ସଙ୍କଟରେ। କାରଣ ବିଧାୟକଙ୍କ ନିକଟରେ ଯେତେ ଶିକ୍ଷକ ପହଞ୍ଚୁଛନ୍ତି ତାଙ୍କୁ ଦେଖି ବିଧାୟକଙ୍କ ଅକଲ ଗୁଡୁମ। କାହାପାଇଁ ସୁପାରିଶ୍ କରିବେ ଓ କାହାପାଇଁ ନକରିବେ ତାହାକୁ ନେଇ ଚିନ୍ତାରେ ପଡିଛନ୍ତି। ଏମିତି ତ କ୍ଷମତାରୁ ବର୍ଷୁଟିଏ ଯିବାକୁ ବସିଲାଣି। ଆଉ ଅଢେଇ ବର୍ଷ କ୍ଷମତାରେ ରହିବାପରେ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ହେବ। ମଝିରେ ପୁଣି ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ ନିର୍ବାଚନ ଅଛି। ଯଦି ଏବେଠାରୁ ଗୁରୁମାନେ ରାଗିବେ ତେବେ ସେତେବେଳେ ଖେଳ କରିଦେବେ। ତେଣୁ କିଛି ବିଧାୟକ ଏବେ ଚିକେନ ବାବାଙ୍କ ଫର୍ମୁଲାରେ ଯିଏ ଆସିବ ସମସ୍ତଙ୍କ ପାଇଁ ସୁପାରିଶ୍ କରିଦେବେ ବୋଲି ବିଚାରୁଥିବାବେଳେ ଆଉ କିଛି ବିଧାୟକ କାହାପାଇଁ ହେଲେ ସୁପାରିଶ୍ କରି ବିପଦକୁ ଡାକିବେ ନାହିଁ ବୋଲି କହିଲେଣି। ହେଲେ ଶିକ୍ଷକମାନେ ଯେମିତି ରାତି ପାହିଲେ ବିଧାୟକଙ୍କୁ ଖୋଜୁଛନ୍ତି ତାହା ଆଗାମୀ ଦିନରେ ବୁମେରାଂ ହେବବୋଲି କିଛି ବିଧାୟକଙ୍କୁ ବି ଜଳ ଜଳ ହୋଇ ଦିଶିଲାଣି।



## ସିନ୍ଦୂରା ଦେଖାଇଲେ ପରାକ୍ରମ



ଭାରତର ସଫଳ ଅପରେସନ ସିନ୍ଦୂରକୁ ନେଇ ରାଜଧାନୀରେ ଆୟୋଜିତ ହେଉଛି ପରାକ୍ରମ ଶୋଭାଯାତ୍ରା। ଏହି ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ଅଫିସରଙ୍କ ଠାରୁ ଆରମ୍ଭକରି ସାଧାରଣ ଲୋକେ ସାମିଲ ହେଉଛନ୍ତି। ତେବେ ଗତ ଶୁକ୍ରବାର ଦିନ ମାଷ୍ଟରକ୍ୟାଣ୍ଟିନ ଛକର ବାହାରିଥିବା ଶୋଭାଯାତ୍ରାରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ସଭାଯାତ୍ରାରେ ସାମିଲ ଥିଲେ ଶତାଧିକ ମହିଳା। କାଳେ ମହିଳାଙ୍କୁ ଶୋଷ ଲାଗିବ ତେଣୁ ଆୟୋଜନକାରୀ ଥଣ୍ଡାପାନୀୟ ବ୍ୟବସ୍ଥା କରିଥିଲେ। ପାନୀୟ ପେଟି ଯେମିତି ଶୋଭାଯାତ୍ରା ସ୍ଥଳରେ ପହଞ୍ଚିଯାଇଛି ସଂଗେ ସଂଗେ ମହିଳାମାନେ ତାହା ଉପରକୁ ଝାମ୍ପି ପଡିଲେ। ଠିକ୍ ଯେମିତି ଭାରତର ସୈନ୍ୟମାନ ପାକିସ୍ତାନ ଉପରେ ଝାମ୍ପିପଡିଥିଲେ। ଯିଏ ଯେମିତି ପାରିଲା ଥଣ୍ଡା ବୋତଲ ନେଲା। କିଏ ଭ୍ୟାନିଟ୍‌ରେ ଭର୍ତ୍ତିକଲା ତ ଆଉ କିଏ ଶାଢୀରେ ବାନ୍ଧିଲା। କିଛି ମହିଳା ମୁଣ୍ଡରେ ପିନ୍ଧିଥିବା ଟୋପିରେ ଥଣ୍ଡା ରଖିବାକୁ ପଛାଇଲେ ନାହିଁ। କିଛି ଥଣ୍ଡା ବୋତଲ ଏହି ଯୁଦ୍ଧରେ ବଳି ପଡିଲେ। ରାଲି ବାହାରିଲା ବେଳକୁ ଥଣ୍ଡା ନେବା ଯୁଦ୍ଧରେ ପରାକ୍ରମ ଦେଖାଇଥିଲା ମହିଳା (ସିନ୍ଦୂରା) ମାନଙ୍କ ମଧରୁ ଅନେକ ହାଲିଆ। ଶୋଭାଯାତ୍ରାରେ ଯିବା ବଦଳରେ ଅନେକ ଏକତ୍ର କରିଥିବା ଥଣ୍ଡାକୁ ଧରି ଘରକୁ ଯିବାକୁ ବାହାରିଥିଲେ। ହେଲେ ଯେତେବେଳେ ଶୁଣିଲେ କିଛି ସମୟ ପରେ ବିରିୟାନୀ ମିଳିବ ସେତେବେଳେ ଥଣ୍ଡା ବୋତଲକୁ ଧରି ଆଗକୁ ବଢିଲେ। ତେବେ ସିନ୍ଦୂରାମାନଙ୍କର ଏହି ପରାକ୍ରମ ଦେଖି ଅନେକ ଆଗଧାଡିର ଶୋଭାଯାତ୍ରାକାରୀ ନିଜକୁ ଅତି ଅସହାୟ ଅନୁଭବ କରୁଥିବା ଦେଖିବାକୁ ମିଳିଥିଲା।

## ସହରୀ ବସ୍‌କୁ 'ଆମ' ଅଡୁଆ




ରାଜଧାନୀ ସମେତ ରାଜ୍ୟର ସହରାଞ୍ଚଳରେ ଚାଲୁଥିବା ବସ୍‌କୁ ଗୁଆଡେ 'ଆମ' ଶବ୍ଦ ଅଡୁଆ ହେଲା। ପୂର୍ବରୁ ଏହାର ନାମ ମୋ ବସ୍ ଥିଲା। ହେଲେ ସରକାର ବଦଳିବା ସହିତ ଏହାର ନାମ ଆମ ବସ୍ ହୋଇଗଲା। ଅର୍ଥାତ୍ 'ମୋ' କଟି 'ଆମ' ହେଲା। ହେଲେ ଏହି ନୂଆ ନାମକରଣ ପରଠାରୁ ପ୍ରତିଦିନ ଖାଲି ଦୁର୍ଘଟଣା ଖବର। କେଉଁ ବସ୍ ପିଟିଲାଣି ତ ଆଉ କେଉଁଠି ବସ୍‌କୁ କିଏ ପିଟିଲାଣି। ଅବସ୍ଥା ଏଭଳି ହୋଇଛି ଯେ ଲୋକେ ବସ୍ ଡିପୋ ଭିତରେ ପଶି ବାଡେଇବାକୁ ପଚାଉ ନାହାନ୍ତି। ଏହାକୁ ନେଇ ବସ୍ କର୍ମଚାରୀ ବି ଆନ୍ଦୋଳନ କଲେଣି। ତେବେ ହେଉଥିବା ଆଲୋଚନା ଅନୁଯାୟୀ ଏହି ବସ୍ ଚଳାଉଥିବା ସଂସ୍ଥାର ଜଣେ ବଡ ବାବୁ ଜଣେ ଜ୍ୟୋତିଷକଙ୍କ ପାଖକୁ ଯାଇଥିଲେ। ସବୁ ପ୍ରକାର ଉଦ୍ୟମ ସତ୍ତ୍ୱେ କାହିଁକି ବସ୍ ଏଭଳି ଧକ୍କା ହେଉଛି ବୋଲି ପଚାରିଲେ। ହେଲେ ଜ୍ୟୋତିଷଙ୍କ କଥା ଶୁଣି କୁଆଡେ ତାଙ୍କ ମୁଣ୍ଡ ଘୂରାଇଦେଲା। ଜ୍ୟୋତିଷ କହିଲେ ନୂଆ ନାମକରଣର ଇଏ କୁଆଡେ ସାଇଡ୍ ଇଫେକ୍ଟ। ଏହା ସହିତ କୁଆଡେ ବସ୍‌ର ତିନି ପ୍ରକାର ରଙ୍ଗ ପାଇଁ ଏଭଳି ଦୁର୍ଘଟଣା ହେଉଛି। ନୀଳ, ସବୁଜ ଓ ଗେରୁଆ ଗାଡି ଗୋଟିଏ ସ୍ଥାନରେ ରହିବା ଯୋଗୁଁ କୁଆଡେ ତାହାର ନକରାତ୍ମକ ପ୍ରଭାବ ପଡୁଛି। ଏହାର ପ୍ରତିକାର ନହେଲେ ଦୁର୍ଘଟଣା ରୋକିବା ସହଜ ହେବ ନାହିଁ। ଏକଥା ଶୁଣିବାପରେ ବାବୁ ଜଣଙ୍କ ଏବେ ଚିନ୍ତା କରୁଛନ୍ତି କ'ଣ କରିବେ। ଯାହା କଲେ ବି ନିଶ୍ଚିତ ବିପଦ ଜଳ ଜଳ ହୋଇ ଦିଶୁଛି। ତେଣୁ ଏବେ ବାବୁ କୁଆଡେ ନୂଆ ଜ୍ୟୋତିଷଙ୍କ ଅନ୍ୱେଷଣରେ ଥିବା ନେଇ ବସ୍ କର୍ମଚାରୀମାନେ ଆଲୋଚନା ଚଳାଇଛନ୍ତି।

# ବିଜେପିରେ ମିଶିଲେ ଶତାଧିକ ବିଜେଡି କର୍ମୀ



ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ, ବିଜେପିର ବିଚାରଧାରା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଷ୍ଠାପର ଜନସେବାରେ ଆକୃଷ୍ଟ ହୋଇ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ୩୦ ନମ୍ବର ୱାର୍ଡର ଶତାଧିକ ବିଜେଡି କର୍ମୀ ବିଜେପିରେ ସାମିଲ୍ ହୋଇଛନ୍ତି। ମଧ୍ୟ ନିର୍ବାଚନମଣ୍ଡଳୀର ପ୍ରମୁଖ ନେତା ଜଗନ୍ନାଥ ପ୍ରଧାନଙ୍କ ନେତୃତ୍ୱରେ ଝାରପଡା ବିଜେପି କାର୍ଯ୍ୟାଳୟରେ ଶହୀଦ ନଗର ଅଞ୍ଚଳର ମୁଣ୍ଡା ସାହି ଓ ତେଲୁଗୁ ବସ୍ତିର ଶତାଧିକ ବିଜେଡି କର୍ମୀ ଏକ ପଟୁଆରରେ ଆସି ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ଶ୍ରୀ ପ୍ରଧାନ ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଗତ ଦିନରେ ଏହି କର୍ମୀମାନେ ବିଜେଡିରେ ନାନାଦି ପ୍ରକାରେ ପ୍ରତାରଣା ଓ ମିଛ ପ୍ରତିଶ୍ରୁତିରେ ଅତିଷ୍ଠ ହୋଇପଡ଼ିଥିଲେ। ସେମାନେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଜନପ୍ରିୟ ଓ ଲୋକକଲ୍ୟାଣ କାର୍ଯ୍ୟରେ ଉତ୍ସାହିତ ହୋଇ ବିଜେପିରେ ସାମିଲ ହୋଇଛନ୍ତି। ସେମାନଙ୍କ ଯୋଗଦାନ ବଳରେ ନିର୍ବାଚନମଣ୍ଡଳୀରେ ବିଜେପି ନିଶ୍ଚିତ ଭାବେ ସଶକ୍ତ ହେବା ସହ ଏକ ମଜବୁତ ଓ ବିକାଶଶୀଳ ସମାଜ ଗଠନରେ ଏମାନଙ୍କ ଯୋଗଦାନ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି। ବିଜେପିରେ ସାମିଲ୍ ହୋଇଥିବା କର୍ମୀଙ୍କ ମଧ୍ୟରେ ବିର୍ସା ମୁଣ୍ଡା-୨ ବସ୍ତିର ସେବତୀ ଦିଗଲ, ସୁନନ୍ଦା ଦିଗଲ, ନମିତା ଦିଗଲ, ସୁକାନ୍ତି ଦିଗଲ, ବିଷ୍ଣୁପ୍ରିୟା ପରିଡା, ରେଣୁବାଲା ଏବଂ ତେଲୁଗୁ ସାହିରୁ ମନୋଜ ଗୋଛାୟତ, ରବୀନ୍ଦ୍ର ବେହେରା, ସନ୍ତୋଷ ନାୟକ, କହ୍ନେଇ ଗୋଛାୟତ ପ୍ରମୁଖ। ସେହିପରି ଶହୀଦ ନଗର ଅଞ୍ଚଳର ଯୁବନେତା ଆନନ୍ଦ ଦ୍ୱିବେଦୀ ଓ ଆଲୋକ ପୃଷ୍ଟି, ମଣ୍ଡଳ ସଭାପତି ରାଜେନ୍ଦ୍ର ଦାଶ ଓ ସ୍ୱୟମ୍ଭୁ ମୋହନ ପଟ୍ଟନାୟକ ଏହି ମିଶ୍ରଣ ପର୍ବ ପରିଚାଳନା କରିଥିଲେ।

## ନକଲି ୱେବସାଇଟ୍ ମାଧ୍ୟମରେ ଠକେଇ, ୩ ଗିରଫ



ଭୁବନେଶ୍ୱର,୧୮।୫(ସଂଚାର ବ୍ୟୁରୋ): ନକଲି ୱେବସାଇଟ୍ ଖୋଲି ଟଙ୍କା ନିବେଶ ନାଁରେ ଶହ ଶହ ଲୋକଙ୍କୁ ଠକିଥିବା ୩ ଜଣ ସାଇବର୍ ଠକଙ୍କୁ ଆଜି ସାଇବର ଥାନା ପୁଲିସ୍ ଗିରଫ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ ଅବିନାଶ ସାହୁ, ସିଦ୍ଧାର୍ଥ ପୂଜାରୀ ଓ ବିବେକ ସିଂ। ପୁଲିସ୍ ସିଦ୍ଧାର୍ଥଙ୍କୁ କୋରାପୁଟରୁ, ଅବିନାଶଙ୍କୁ ଖୋର୍ଦ୍ଧାରୁ ଓ ବିବେକଙ୍କୁ ଜୟପୁର ଟାଉନ ଥାନା ଅଞ୍ଚଳରୁ ଗିରଫ କରିଥିବା ଜଣାପଡ଼ିଛି।ଏ ସଂକ୍ରାନ୍ତରେ ଆଜି ଭୁବନେଶ୍ୱର ଡିସିପି ଜଗମୋହନ ମିନା ଦେଇଥିବା ସୂଚନାନୁଯାୟୀ, ୩ ଅଭିଯୁକ୍ତ ଏକ ନକଲି ୱେବସାଇଟ୍ ଖୋଲି ରାଜ୍ୟର ପ୍ରାୟ ସବୁ ଜିଲ୍ଲାରେ ଜଣେ ଲେଖାଏଁ ଏଜେଣ୍ଟଙ୍କୁ ନିଯୁକ୍ତି ଦେଇଥିଲେ। ଉକ୍ତ ଏଜେଣ୍ଟମାନେ ବିଭିନ୍ନ ଲୋକଙ୍କୁ ଅଧିକ ଲାଭର ଲୋଭ ଦେଖାଇ ଉକ୍ତ ୱେବସାଇଟରେ ଲକ୍ଷାଧିକ ଟଙ୍କା ନିବେଶ କରିବା ସକାଶେ ପ୍ରବର୍ତ୍ତାଇଥିଲେ। ଭୁବନେଶ୍ୱରର ସୌମ୍ୟ ନାମକ ଜନୈକ ବ୍ୟକ୍ତି ସେମାନଙ୍କ ଜାଲରେ ଫସି ୧୦ ଲକ୍ଷ ଟଙ୍କା ନିବେଶ କରିଥିଲେ। କିନ୍ତୁ ପରେ ସେ ଠକେଇର ଶିକାର ହେବାରୁ ତୁରନ୍ତ ସାଇବର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ସାଇବର୍ ଥାନା ପୁଲିସ ତଦନ୍ତ କରିବା ସହ ଜଣେ ଏଜେଣ୍ଟଙ୍କ ମାଧ୍ୟମରେ ୩ ଜଣଙ୍କୁ ଗିରଫ କରିଛି। ତେଣୁ କେହି ବି ଏପରି ନିବେଶଠାରୁ ଦୂରେଇ ରହିବା ସକାଶେ ଶ୍ରୀ ମିନା ପରାମର୍ଶ ଦେଇଛନ୍ତି।

### କାଳବୈଶାଖୀର ତାଣ୍ଡବ

## ଧସିଲା ମାଟି ଅତଡ଼ା, ରାସ୍ତା ଜାମ୍

**ବଜ୍ରପାତରେ ୨୦ ଛେଳି ମୃତ**

କୋରାପୁଟ/ନାରାୟଣପାଟଣା,୧୮।୫(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ନାରାୟଣପାଟଣାରେ ଆଜି କାଳବୈଶାଖୀ ତାଣ୍ଡବ ରଚିଛି। କାଳବୈଶାଖୀ ସମୟରେ ଭୀଷଣ ବର୍ଷା ହୋଇଥିବା ବେଳେ ଏହି ସମୟରେ ବଜ୍ରପାତରେ ନାରାୟଣପାଟଣା ବ୍ଲକ୍ ଉପରଗୁମାଣ୍ଡି ଗାଁରେ ୨୦ଟି ଛେଳି ମୃତ୍ୟୁବରଣ କରିଛନ୍ତି। ଏହାଛଡ଼ା ଭୀଷଣ ବର୍ଷାରେ ତଳଗୁମାଣ୍ଡି ପଞ୍ଚାୟତ ଅନ୍ତର୍ଗତ ଭିତରପଡ଼ା ପାହାଡ଼ରୁ ମାଟି ଅତଡ଼ା ଧସିବା ଫଳରେ ରାସ୍ତା ବନ୍ଦ ହୋଇଯାଇଛି। ଚିକଲ ଗୁମାଣ୍ଡି ରାସ୍ତାରେ ଏହି ମାଟି ଅତଡ଼ା ଧସିଛି। ଅଞ୍ଚଳର ଏକାଧିକ ସ୍ଥାନରେ ମାଟି ଅତଡ଼ା ଧସିବା ଫଳରେ ରାସ୍ତାଘାଟ ଜାମ୍ ହୋଇଯାଇଛି। ତଳଗୁମାଣ୍ଡିରୁ ନାରାୟଣପାଟଣା ବ୍ଲକ୍ ସଦର ମହକୁମାକୁ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ଆଜି ନାରାୟଣପାଟଣା ସାପ୍ତାହିକ ହାଟ ଥିବାରୁ

## ଆମ୍ବୁଲାନ୍ସ ଧକ୍କାରେ ମହିଳା ମୃତ, ଦୁଇ ଗୁରୁତର

କୋଷାଗୁମୁଡ଼ା,୧୮।୫(ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ଅନ୍ତର୍ଗତ ବାଲେଙ୍ଗା ନିକଟରେ ରବିବାର ଅପରାହ୍ନରେ ଆମ୍ବୁଲାନ୍ସ ସହ ବାଇକ୍ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତ ମହିଳା ଜଣକ ହେଲେ ସାନଗୁମୁଡ଼ା ଗ୍ରାମର ମଙ୍ଗଳଦେଈ ମିର୍ଗାନ (୪୫)। ଏନେଇ କୋଡ଼ିଙ୍ଗା ଥାନାରେ ୯୦।୨୫ରେ ଏକ ମାମଲା ରୁଜୁ କରି ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମିଳିଥିବା ସୂଚନାନୁସାରେ, ସାନଗୁମୁଡ଼ା ଗ୍ରାମର ମଙ୍ଗଳଦେଈ ମିର୍ଗାନ୍ ସ୍ୱାମୀ ଡଲା ମୀର୍ଗାନ ଓ ଗ୍ରାମର ଅନ୍ୟ ଜଣେ ଯୁବକ ପିଣ୍ଟୁ ମିର୍ଗାନ ସହ



କୌଣସି କାମରେ ବାଇକ ଯୋଗେ କୋଷାଗୁମୁଡ଼ା ଯାଉଥିଲେ। ଅପରପକ୍ଷେ କୋଷାଗୁମୁଡ଼ାଠାରୁ ଏକ ଆମ୍ବୁଲାନ୍ସ କୋଟାଗାଁ ଅଭିମୁଖେ ଯାଉଥିବାବେଳେ ବାଲେଙ୍ଗା ନିକଟରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ମଙ୍ଗଳଦେଈଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଡ଼ଲା ମିର୍ଗାନ ହାତ, ପିଣ୍ଟୁର ଗୋଡ ଭାଙ୍ଗି ଯାଇ ଗୁରୁତର ହୋଇଥିବା ସୂଚନା ମିଳିଛି।

## ଗାଡ଼ି ଦେବା ନାମରେ ୧.୮୦ ଲକ୍ଷ ଟଙ୍କା ଲୁଟ୍, ଅଭିଯୁକ୍ତ ଗିରଫ

କଟକ, ୧୮।୫ (ସଂଚାର ବ୍ୟୁରୋ) : ଫେସବୁକ୍‌ରେ ଗାଡ଼ି ବିକ୍ରି ନାମରେ ପାଖାପାଖି ୧ ଲକ୍ଷ ୮୦ ହଜାର ଟଙ୍କାର ଠକେଇ ହୋଇଥିବା ବେଳେ ଏହି ମାମଲାରେ ମଙ୍ଗଳାବାଗ ପୁଲିସ୍ ଆଜି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ପ୍ରିୟବ୍ରତ ଦାସ ବୋଲି ଜଣାପଡ଼ିଥିବା ବେଳେ ଗିରଫ ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ସେ ଗାଡ଼ି ଦେବା ନାମରେ ଜନୈକ ବ୍ୟକ୍ତିଙ୍କଠାରୁ ଟଙ୍କା ଲୁଟି ନେଇଥିଲା। ଏହି ମାମଲାରେ ତଦନ୍ତ କରୁଥିବା ମଙ୍ଗଳାବାଗ ଥାନା ପୁଲିସ ପ୍ରିୟବ୍ରତକୁ ଗିରଫ କରିବା ସହ ତା' ପାଖରୁ ୭୫ ହଜାର ଟଙ୍କା ଜବତ କରିଛି। ତେବେ ସେ ଜଣେ ପେସାଦାର ଠକ ଓ ପୂର୍ବରୁ ସୋସିଆଲ ମିଡିଆରେ ୭ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଠକିଥିବା ତଦନ୍ତ ସମୟରେ ଜଣାପଡ଼ିଛି ବୋଲି କଟକ ଡିସିପି ଋଷିକେଶ ଖିଲାରି କହିଛନ୍ତି।

### ପୁଣି ବିବାଦରେ ରାଜଧାନୀ ଅପେରା

## ମ୍ୟାନେଜର ଛୁ', ଭୋକ ଉପାସରେ ୧୫ କର୍ମଚାରୀ



ବାଲେଶ୍ୱର,୧୮।୫(ସଂଚାର ବ୍ୟୁରୋ): ପୁଣି ଥରେ ବିବାଦ ଘେରକୁ ଆସିଛି ରାଜଧାନୀ ଅପେରା। ସ୍ଥାନୀୟ ମାର୍କୋଣା ରାବଣପୋଡ଼ି ପଡ଼ିଆରେ ଗତ ୧୧ ତାରିଖରୁ ୪ ଦିନ ପାଇଁ ଯାତ୍ରା କରିବା ସକାଶେ ରାଜଧାନୀ ଅପେରା ଆସିଥିବା ବେଳେ ଏଠାରେ ଗୋଟିଏ ପରେ ଗୋଟିଏ ବିବାଦରେ ଛନ୍ଦି ହୋଇପଡ଼ିଛି। ଅଦ୍ୟାବଧି ପଡ଼ିଆରେ ଅପେରା ପାର୍ଟିର ଟେଣ୍ଟ୍ ଖୋଲାଯାଇନାହିଁ ଏବଂ ଯାତ୍ରା କଳାକାର ଓ ଟେଣ୍ଟ୍ ଗାଡ଼ି ପଡ଼ିଆରେ ଅଟକିରହିଛି। ଏହାରି ଭିତରେ ବକେୟା ଦରମାକୁ ନେଇ ମାଲିକ ପବିତ୍ର ପାତ୍ର ଓ ଅପେରାର ଖଳନାୟକ ମଣ୍ଟୁଙ୍କ ମଧ୍ୟରେ ବିବାଦ ଉପୁଜି ସିମୁଳିଆ ଥାନାରେ ପହଞ୍ଚିଥିଲା। ନିଜ ପ୍ରାପ୍ୟ ପାଇଁ ମଣ୍ଟୁ ମାଲିକଙ୍କ ବିରୋଧରେ ଆଇନର ଆଶ୍ରୟ ନେଇଥିବା ବେଳେ ଥାନାରେ ଭୋ ଭୋ ହୋଇ କାନ୍ଦୁଥିବା ଭଳି ସ୍ଥିତି ମଧ୍ୟ ଦେଖିବାକୁ ପଡ଼ିଥିଲା।

ଏବେ ପୁଣି ଥରେ ପାର୍ଟି ଚର୍ଚ୍ଚା ଘେରକୁ ଆସିଛି। ଏଠାରେ ଥିବା କଳାକାର ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କ ଖାଇବା ପାଇଁ ମେସ୍‌ରେ ରୋଷେଇ ସକାଶେ ମାଲିକ ମେସ୍ ମ୍ୟାନେଜର୍ ବିକ୍ରମ ସାମଲଙ୍କୁ ୩୬ ହଜାର ଟଙ୍କା ଦେଇଥିଲେ। କିନ୍ତୁ ବିକ୍ରମ ଉକ୍ତ ଟଙ୍କା ମେସ୍ ପାଇଁ ଖର୍ଚ୍ଚ ନ କରି କୁଆଡ଼େ ଫେରାର୍ ହୋଇଯାଇଛନ୍ତି। ଫଳରେ ଗତକାଲିଠାରୁ ୧୫ ଜଣ କର୍ମଚାରୀ ଭୋକ ଉପାସରେ ଏଠାରେ ପଡ଼ିଛନ୍ତି। ସେମାନେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେମାନଙ୍କ ଦୁଃଖ ଜଣାଇବା ସମୟରେ କାନ୍ଦୁଥିବା ମଧ୍ୟ ଦେଖିବାକୁ ମିଳିଛି। ମ୍ୟାନେଜର ଜଣଙ୍କ ମେସ ଟଙ୍କା ସହ ଯାତ୍ରା ପାର୍ଟିର ଲକ୍ଷାଧିକ ଟଙ୍କାର ଲାଇଟ ଏବଂ ଲେଜର ଆଦି ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ବିକ୍ରମ ଗତକାଲି ବିଳମ୍ବିତ ରାତିରେ ଯାତ୍ରା ପାର୍ଟିର ୫ଟି ସେଲଫି ଓ ଏକ ଲକ୍ଷ ଟଙ୍କା ମୂଲ୍ୟର ୬ଟି ଲେଜର ଚୋରି କରିନେଇ ଛୁ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି। ଫଳରେ ଗତକାଲି ରାତିରୁ ରୋଷେୟା, ଲେବର, ଲାଇଟ କର୍ମଚାରୀ, ୫ ଜଣ ଡ୍ରାଇଭର ଏବଂ ପ୍ରଚାରକ ବସନ୍ତଙ୍କ ସମେତ ୧୫ ଜଣ ଭୋକ ଉପାସରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ପ୍ରଥମେ ଦରମାକୁ ନେଇ ମାଲିକ ଓ ଖଳନାୟକ ମଧ୍ୟରେ ବିବାଦ ଏବଂ ଏବେ ମେସ ମ୍ୟାନେଜର ଛୁ' ମାରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

### ● କ୍ରସର କର୍ମଚାରୀଙ୍କ ମୃତ୍ୟୁ ଘଟଣା

# ଭୁବନେଶ୍ୱରରୁ ଧରାହେଲେ ଦୁଇ ଅଭିଯୁକ୍ତ

ଧର୍ମଶାଳା,୧୮।୫(ସଂଚାର ବ୍ୟୁରୋ) ଧର୍ମଶାଳା ଥାନା ରାହାଡପୁରସ୍ଥିତ ପଦ୍ମାବତୀ କ୍ରସର କର୍ମଚାରୀ ଇଞ୍ଜିନିୟରିଂ ଛାତ୍ର ହତ୍ୟା ଘଟଣାକୁ ୧୭ ଦିନ ବିତିବା ପରେ ଗତକାଲି ପୁଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ରାଜଧାନୀରୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ହରିଦାସପୁରର ସୌମ୍ୟ ରଞ୍ଜନ ବିଶାଳ ଓ ଜାବରାର ହେମନ୍ତ କୁମାର ଦେଓ। ଏହି ଘଟଣାରେ ୪ ଜଣ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୂର୍ବରୁ ଏହି ହତ୍ୟା ଘଟଣାରେ ସତ୍ୟନାରାୟଣ ବଳ (ରନି)କୁ ପୁଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା। ତେବେ ଅନ୍ୟ ଅଭିଯୁକ୍ତମାନଙ୍କୁ ପୁଲିସ କେବେ ଗିରଫ କରିବ, ସେନେଇ ପ୍ରଶ୍ନ ଉଠିଥିଲା। ତେବେ ଆଜି ଦୁଇ ଜଣଙ୍କୁ ଗିରଫ କରାଯିବା ପରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜ୍ଞାନ ରଞ୍ଜନ ମହାପାତ୍ର (ସିଲୁ)କୁ କେବେ ପୁଲିସ୍ ଗିରଫ କରିବ, ତା' ଉପରେ ସମସ୍ତଙ୍କ ନଜର ରହିଛି।

ସୂଚନାଯୋଗ୍ୟ ଯେ ଗତ ମେ' ୧ ତାରିଖରେ ଧର୍ମଶାଳା ବ୍ଲକ ଜାରକାସ୍ଥିତ ଜାମୁବଣିଆ ଗ୍ରାମର ଅଜୟ ଜେନାଙ୍କ ପୁଅ ଅରଜିତ୍‌ଙ୍କୁ କ୍ରସର ଟଙ୍କା ହଡ଼ପ କରିଥିବା ଅଭିଯୋଗ ଆଣିବା ସହ କ୍ରସର ମାଲିକଙ୍କ ଭଣଜା ରନ ଓ କ୍ୟାଶିଅର ମିଶି ନିସ୍ତୁକ ମାଡ଼ ମାରିଥିଲେ। ଏପରିକି ସେମାନେ ଅରଜିତ୍‌ଙ୍କୁ ଗରମ ଚେଙ୍କ ଦେଇ ବର୍ବରତାର ସବୁ ସୀମା ଟପିଯାଇଥିଲେ।



**ପରିବାର ପାଇଁ ୧୦ କୋଟି କ୍ଷତିପୂରଣ ଦାବି**

ମାଡ଼ ଓ ଚେଙ୍କରେ ଗୁରୁତର ଭାବେ ଆହତ ହୋଇଥିବା ଅରଜିତ୍‌ଙ୍କର ପରବର୍ତ୍ତୀ ସମୟରେ କଟକ ବଡ଼ ମେଡିକାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏପରି ଏକ ଘଟଣା ସେତେବେଳେ ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଥିଲା।

ଅନ୍ୟପକ୍ଷରେ ହତ୍ୟାକାଣ୍ଡକୁ ୧୮ ଦିନ ବିତିଯାଇଥିଲେ ମଧ୍ୟ ସ୍ଥାନୀୟ ପୁଲିସ୍‌ର ଅପାରଗପଣିଆ ଓ କେତେକ ରାଜନେତାଙ୍କ ସହ କ୍ରସର୍ ମାଲିକଙ୍କ ଘନିଷ୍ଠ ସମ୍ପର୍କ କାରଣରୁ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରାଯାଇପାରୁନାହିଁ ବୋଲି ଅଭିଯୋଗ କରିଛନ୍ତି ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳ। ଏପରି ଏକ ସମ୍ବେଦନଶୀଳ ଘଟଣାରେ ନା ବିଜେପି ନା ବିଜେଡି ନା କଂଗ୍ରେସ, କେହି ବି କୌଣସି ପ୍ରକାର ଦାବି କରିନାହାନ୍ତି। ବିଜେଡି ଅମଳରେ କ୍ଷମତାଶାଳୀ ହୋଇଥିବା ଏଠାକାର ପଥର ମାଫିଆମାନେ ଏବେ ବି ବଳ ହରାଇନାହାନ୍ତି। ସ୍ଥାନୀୟ ବିଧାୟକ ମଧ୍ୟ ଅରଜିତ୍‌ଙ୍କ ପରିବାର ସହ ଆଲୋଚନା କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତର ଗିରଫଦାରୀ ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଇନଥିବା ଶ୍ରୀ ବିଶ୍ୱାଳ ଅଭିଯୋଗ କରିଛନ୍ତି। ଶ୍ରୀ ବିଶ୍ୱାଳଙ୍କ ନେତୃତ୍ୱାଧୀନ ଏକ ପ୍ରତିନିଧି ଦଳ ଆଜି ଅରଜିତ୍‌ଙ୍କ ପରିବାରକୁ ଭେଟିବା ସହ ଯାଜପୁର ଏସ୍‌ପି ଦେଇଥିବା ପ୍ରତିଶ୍ରୁତି ଅଦ୍ୟାବଧି ପାଳନ କରିନଥିବା ତାଙ୍କ ପିତା ଅଭିଯୋଗ କରିଥିବା କହିଛନ୍ତି। ସେହିପରି ପୀଡ଼ିତ ପରିବାରକୁ ତୁରନ୍ତ ୧୦ କୋଟି ଟଙ୍କାର କ୍ଷତିପୂରଣ ଯୋଗାଇଦେବା ସକାଶେ ଶ୍ରୀ ବିଶ୍ୱାଳ ଦାବି କରିଛନ୍ତି। ଏନେଇ ସେ ଆଗାମୀ ଦିନରେ ଉପଯୁକ୍ତ ଫୋରମ୍‌ରେ ଦାବି ଉପସ୍ଥାପନ କରିବେ ବୋଲି ମଧ୍ୟ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ପରିବା କମିଲା, ସଉଦା ଦାମ୍ ବଢ଼ିଲା

## ଅଟା, ଚିନି, ସୁଜି, ନଡ଼ିଆ ତେଲ ମହଙ୍ଗା

## ଏବେଠୁ ପଦକ୍ଷେପ ନ ନେଲେ ଆଗକୁ ଆଳୁ ମହଙ୍ଗା

## ଖୁଚୁରା ବଜାର ଦର ସରକାର ନିୟନ୍ତ୍ରଣ କରନ୍ତୁ: ବ୍ୟବସାୟୀ ମହାସଂଘ



**ଭୁବନେଶ୍ୱର, ୧୮।୫:** କିଛି ମାସ ତଳେ ପିଆଜ, ଅଦା, ରସୁଣ ଦର ମହଙ୍ଗା ଥିଲା। ଏବେ ପୂର୍ବ ତୁଳନାରେ ଏସବୁର ଦର କମିଛି। ରସୁଣ କେଜି ୪୦୦ଟଙ୍କାରୁ ଖସି ୧୦୦ଟଙ୍କାରେ ପହଞ୍ଚିଛି। ଅଦା ପୂର୍ବରୁ କେଜି ୨୫୦ଟଙ୍କାରେ ବିକ୍ରି ହେଉଥିଲା। ଏବେ କେଜି ୭୦ଟଙ୍କା। ପିଆଜ ୨୫, ଆଳୁ ୨୦ଟଙ୍କାରେ ବିକ୍ରି ହେଉଛି। ହେଲେ ହାଣ୍ଡିଶାଳରେ ମହଙ୍ଗା ମାଡ଼ର ପ୍ରଭାବ କମିନି। ଏଇଥିପାଇଁ ଯେ ଇତିମଧ୍ୟରେ ଅଟା, ସୁଜି, ମଇଦା, ଚିନି, ଜିରା, ଫୁଟଣ, ନଡ଼ିଆ ତେଲ ଦାମ୍ ହଠାତ୍ ବଢ଼ିଯାଇଛି। ଖାଉଟିଙ୍କୁ ଏସବୁ ଢେର୍ ବାଧୁଛି। ଦୁଇସପ୍ତାହ ତଳେ ବଜାରରେ ନଡ଼ିଆ ତେଲ ୨୦୦ ଏମ୍ଏଲ୍‌କୁ ଥିଲା ୭୦ଟଙ୍କା। ଏବେ ତାହା ୯୦ଟଙ୍କାକୁ ବଢ଼ିଛି। ଅର୍ଥାତ୍ ଲିଟର ପିଛା ବୃଦ୍ଧିପାଇଛି ୧୦୦ଟଙ୍କା। ନଡ଼ିଆ ଉତ୍ପାଦନରେ ଓଡ଼ିଶା ଦେଶର ଅନ୍ୟତମ ଅଗ୍ରଣୀ ରାଜ୍ୟ। ଏଣୁ ଏଠାରେ ନଡ଼ିଆ ତେଲ ଦର ମହଙ୍ଗା ହେବା ସ୍ୱାଭାବିକ ଭାବେ ଲୋକଙ୍କୁ ବାଧୁଛି। ସେହିଭଳି ସୋରିଷ ତେଲ ଦାମ୍ ଲିଟର ୧୫୫ରୁ ବଢ଼ିକି ୧୬୫ଟଙ୍କା ହୋଇଛି। ରିଫାଇନ୍ ଲିଟର ବି ୧୦ଟଙ୍କା ବଢ଼ି ୧୭୦ଟଙ୍କା ହୋଇଛି। ବଜାରରେ ବିଭିନ୍ନ ମସଲା ଦାମ୍ ଉଚ୍ଚା ରହିଛି। ଜିରା ୧୦୦ଗ୍ରାମ୍‌କୁ ୪୦ଟଙ୍କା ଥିଲା। ସପ୍ତାହେ ହେଲା ଏହା ୫୦ଟଙ୍କାରେ ବିକ୍ରି ହେଉଛି। ନୂଆ ମାଲ୍‌ରେ ୧୦୦ ଗ୍ରାମ୍ ଦାମ୍ ୭୦ ଟଙ୍କା ହେଲାଣି। ଅର୍ଥାତ୍ ଦୁଇ ଦିନ ପରେ ଖାଉଟି ଜିରା ୧୦୦ ଗ୍ରାମ୍ ଉପରେ ଆହୁରି ୨୦ ଟଙ୍କା ଅଧିକ ଗଣିବେ। ଫୁଟଣ ଦାମ୍ ବି ୧୦୦ଗ୍ରାମ୍‌ରେ ୧୦ଟଙ୍କା ବଢ଼ିଯାଇଛି।

କେନ୍ଦ୍ର ସରକାର କହୁଛନ୍ତି ଦେଶରେ ଗହମ ଯୋଗାଣରେ ନିଅଣ୍ଟାବସ୍ଥା ନାହିଁ। କିନ୍ତୁ ଗହମ ଉତ୍ପାଦିତ ସାମଗ୍ରୀ ଦାମ୍ ହୁହୁ ହୋଇ ବଢ଼ି ଚାଲିଛି। ମାସକ ମଧ୍ୟରେ ଅଟା ୫କେଜି ପ୍ୟାକେଟ୍ ଉପରେ ୧୫ରୁ ୨୦ଟଙ୍କା ବଢ଼ିଗଲାଣି। ସୁଜି କେଜି ୬୦ରୁ ୭୦ଟଙ୍କା, ମଇଦା ୫୦ରୁ ୬୦ଟଙ୍କା ବଢ଼ିଲାଣି। ସାଧାରଣତଃ ମଧ୍ୟବିତ୍ତ ପରିବାର ଲୋକ ଜଳଖିଆରେ ଯେଉଁ ରୁଟି, ଉପମା ଖାଆନ୍ତି ତାହା ଉପରେ ଏବେ ପ୍ରଭାବ ପଡ଼ିଛି। ଗହମ, ବୁଟ ଦାମ୍ ମଧ୍ୟ ବଢ଼ିଥିବାରୁ ଛତୁଆ କିଣି ଖାଇବା ସମସ୍ତଙ୍କ ପକ୍ଷେ ସମ୍ଭବପର ହେଉନି। କେବଳ ଏତିକି ନୁହେଁ, ରାଜ୍ୟ ସରକାର ରାସନ୍ କାର୍ଡ ହିତାଧିକାରୀଙ୍କୁ ଗହମ ଦେଉନାହାନ୍ତି। କେନ୍ଦ୍ରରୁ ଗହମ ଆସୁନଥିବା କଥା କହି କର୍ତ୍ତୃପକ୍ଷ ସମୟ ଟାଳୁଛନ୍ତି। ଯେଉଁ ଡାଇବେଟିସ୍ ରୋଗୀ, ବୟସାଧିକ ଲୋକ ରାତିରେ ରୁଟି ଖାଉଥିଲେ ସେମାନେ ବି ଅଟା, ସୁଜି କିଣି ଖାଇପାରୁନାହାନ୍ତି। ବଜାର ଦର ଏବେ ସମସ୍ତଙ୍କୁ ଦୁଇ ଓଳି ଭାତ ଖାଇବାକୁ ଏକରକମ ବାଧ କରିଦେଇଛି। ଏହାବାଦ୍ ସବୁ ଖାଦ୍ୟ ଓ ପାନୀୟରେ ଚିନି ବ୍ୟବହାର ହେଉଥିବାବେଳେ ଏବେ ଚିନି କ୍ୱିଣ୍ଟାଲ୍ ପାଖାପାଖି ୩୦୦ଟଙ୍କା ବଢ଼ିଯାଇଛି। ସପ୍ତାହେ ତଳେ ଚିନି କେଜି ୪୫ଟଙ୍କା ଥିବାବେଳେ ଏବେ ୪୮, ସ୍ଥଳବିଶେଷରେ ୫୦ଟଙ୍କା ହେଲାଣି। ଅପରପକ୍ଷେ ସପ୍ତାହକ ତଳେ ଆଳୁ ବସ୍ତା ୫୦୦ଟଙ୍କା ଥିବାବେଳେ ଏବେ ବସ୍ତା ପିଛା ୩୦୦ଟଙ୍କା ବଢ଼ିଯାଇଛି। ଅର୍ଥାତ୍ ବସ୍ତା ୮୦୦ଟଙ୍କାରେ ମିଳୁଛି।

ସବୁ ଦର ବଢ଼ିବା ନେଇ ବ୍ୟବସାୟୀ ଦୀପ୍ତିରଂଜନ ସାହୁ କହିଛନ୍ତି, ବଜାର ଦର ହଠାତ୍ ବଢ଼ିଯାଇଛି। ମାର୍ଚ୍ଚ, ଏପ୍ରିଲରେ ଦରଦାମ୍ ଟିକେ କମିଥିଲା। ଅର୍ଥାତ୍ ୭/୮ମାସ ତଳେ ଯେଉଁ ଦର ଥିଲା ସେହି ଦରକୁ ଫେରିଥିଲା। କିନ୍ତୁ ଏବେ ସବୁ ସଉଦା ସାମଗ୍ରୀ ବଢ଼ିଯାଇଛି। ଆମେ ଉଚ୍ଚା ଦାମରେ କିଣୁଛୁ ମାନେ ତ ଉଚ୍ଚାରେ ବିକିବୁ। ଆଳୁ କିଛି ଦିନ ଦାମ୍ କମ୍ ଥିଲା। ବଜାରରେ ନୂଆ ଆଳୁ ଥିବାରୁ ବସ୍ତା ୫୦୦ ଟଙ୍କାରେ କିଣୁଥିଲୁ। ବହୁତ ଶଢ଼ା ବାହାରୁଥିବାରୁ ୧୮ରୁ ୨୦ଟଙ୍କାରେ ବିକୁଥିଲୁ। ଏବେ ଶଢ଼ା ଟିକେ କମିଛି, କିନ୍ତୁ ଦାମ୍ ଏକାବେଳେ ବସ୍ତାକୁ ୩୦୦ଟଙ୍କା ବଢ଼ି ୮୦୦ ଟଙ୍କା ହୋଇଛି। ଏବେ କେଜି ପିଛା ସେହି ୨୦ଟଙ୍କାରେ ବିକୁଛୁ, କିନ୍ତୁ ଆଗକୁ ଆଳୁ ଆହୁରି ବଢ଼ିବ, କମିବନି। କାରଣ ଜୁନ୍ ମାସ ବେଳକୁ ଆଳୁ ଦର ଯେତିକି ବଢ଼ିବା କଥା ଚଳିତବର୍ଷ ତାହା ମେ' ମାସରୁ ବଢ଼ିଲାଣି। ସରକାର ଏବେଠୁ ଆଳୁ କଥା ଚିନ୍ତା ନକଲେ ଏଥର ଆଳୁ ଦର ନିୟନ୍ତ୍ରଣ ବାହାରକୁ ଚାଲିଯିବ। ସେହିପରି ଓଡ଼ିଶା ବ୍ୟବସାୟୀ ମହାସଂଘ ମହାସଚିବ ସୁଧାକର ପଣ୍ଡା କହିଛନ୍ତି, ପାଇକାରୀ ବଜାରରେ ସବୁ ଦାମ୍ ଠିକଠାକ୍ ଅଛି। କୌଣସି ସାମଗ୍ରୀ ଦାମ୍ ଚିନ୍ତାଜନକ ହେଲାଭଳି ବଢ଼ିନି। ଖୁଚୁରା ବଜାରରେ ଯଦି ଦାମ୍ ବଢ଼ିଛି ତେବେ ସରକାର ଏ ନେଇ ପଦକ୍ଷେପ ନିଅନ୍ତୁ।



## ଆସିବ ନୂଆ ୨୦ ଟଙ୍କିଆ ନୋଟ୍



ନୂଆଦିଲ୍ଲୀ, ୧୮।୫: ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ନୂଆ ୨୦ ଟଙ୍କିଆ ନୋଟ୍ ଜାରି କରିବ। ମହାତ୍ମାଗାନ୍ଧୀ (ନୂଆ)ସିରିଜ୍‌ରେ ଏହି ନୋଟ୍‌ଗୁଡ଼ିକ ଆସିବ। ଏଥିରେ ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲ୍‌ହୋତ୍ରାଙ୍କ ଦସ୍ତଖତ ରହିବ। ବର୍ତ୍ତମାନ ପ୍ରଚଳନରେ ଥିବା ୨୦ ଟଙ୍କିଆ ନୋଟ୍ ଭଳି ନୂଆ ନୋଟ୍‌ଗୁଡିକ ରହିବ। ମାତ୍ର ଏଥିରେ କେବଳ ଗଭର୍ଣ୍ଣରଙ୍କ ଦସ୍ତଖତ ଭିନ୍ନ ରହିବ। ଲୋକଙ୍କ ଚିହ୍ନିବା ଏବଂ ବ୍ୟବହାର କରିବାରେ ଯେଭଳି କୌଣସି ଦ୍ୱନ୍ଦ୍ୱ ନ ରୁହେ, ସେ ଦିଗକୁ ଧ୍ୟାନରେ ରଖାଯାଇଛି। ସେହିଭଳି ପୂର୍ବରୁ ଜାରି ହୋଇଥିବା ୨୦ ଟଙ୍କିଆ ନୋଟ୍‌ଗୁଡ଼ିକ ପ୍ରଚଳନ ଜାରି ରହିବ ବୋଲି ଆର୍‌ବିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ସାବିତ୍ରୀ ଉପଲକ୍ଷେ ଚାନ୍ଦି ଭଣ୍ଡାରର 'ସଙ୍ଗମ' କଲେକ୍ସନ

### ଗଢ଼ା ମଜୁରି ଉପରେ ୨୦% ରିହାତି



ଭୁବନେଶ୍ୱର, ୧୮।୫: ସାବିତ୍ରୀ ଉପଲକ୍ଷେ ରୁପା ଗହଣାର ଏକ୍ସକ୍ଲୁସିଭ ସୋ'ରୁମ ଚାନ୍ଦି ଭଣ୍ଡାର ଆଣିଛି 'ସଙ୍ଗମ' କଲେକ୍ସନ। ଏହି କଲେକ୍ସନରେ ଷ୍ଟର୍ଲିଂ ସିଲଭରରେ ଅତି ଯତ୍ନର ସହ ପ୍ରସ୍ତୁତ ପ୍ରତ୍ୟେକ ମଙ୍ଗଳସୂତ୍ର ପରମ୍ପରା ଓ ସମସାମୟିକ ଆକର୍ଷଣର ସୁସଙ୍ଗତ ମିଶ୍ରଣକୁ ଦର୍ଶାଉଛି। ଚମତ୍କାର ଜିର୍‌କନ୍ ପଥର, ସୂକ୍ଷ୍ମ ମୁକ୍ତା ଓ ଜଟିଳ ଅକ୍ସିଡାଇଜ୍‌ଡ ଡିଟେଲିଂରେ ସୁସଜ୍ଜିତ ଏହି ମଙ୍ଗଳସୂତ୍ରଗୁଡ଼ିକ ବିବାହର ଅନନ୍ତ ପବିତ୍ରତାର ପ୍ରତୀକ ଏବଂ ନାରିତ୍ୱର ସୁନ୍ଦର ଶକ୍ତିକୁ ପରିପ୍ରକାଶ କରୁଛି। ମହିଳାମାନଙ୍କ ପାଇଁ ଜିର୍‌କନ୍‌ଖଚିତ ନେକ୍‌ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସଲେଟ୍ ଏବଂ ଆଙ୍କଲେଟ୍‌ର ଭଳିକି ଭଳି ସମ୍ଭାର ଏଠାରେ ରହିଛି। ପୁରୁଷଙ୍କ ରୁପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଏଠାରେ ଅମୋଘ କଲେକ୍ସନ ଉପଲବ୍ଧ କରାଯାଇଛି, ଯେଉଁଥିରେ ବ୍ରେସଲେଟ୍, ମୁଦି, କଫଲିଙ୍କ୍ ଏବଂ ଚେନ୍ ଆଦି ରହିଛି। ପିଲାମାନଙ୍କ ପାଇଁ କୌତୁକିଆ ଏବଂ ପ୍ରିମିୟମ କିଡ୍‌ସ ରେଞ୍ଜ ଉପଲବ୍ଧ। ଚାନ୍ଦିଭଣ୍ଡାର ମଧ୍ୟ ପରିବର୍ଦ୍ଧିତ ଲାଇଫଷ୍ଟାଇଲ ବର୍ଗର ଶୁଭାରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କୁହନ୍ତି, ଆମ କଲେକ୍ସନ ମହିଳାଙ୍କୁ ସଂପୂର୍ଣ୍ଣ ଏବଂ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଛି। ସାବିତ୍ରୀ ଅବସରରେ ଗ୍ରାହକଙ୍କ ଖୁସିକୁ ବଢ଼ାଇବା ପାଇଁ ଚାନ୍ଦି ଭଣ୍ଡାର ଆକର୍ଷଣୀୟ ରିହାତି ପ୍ରଦାନ କରୁଛି। ଏହା ଅନ୍ତର୍ଗତ ଗ୍ରାହକମାନେ ମେ ୧୭ରୁ ୨୬ ଯାଏଁ ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦ ପ୍ରତିଶତ ରିହାତି ପାଇପାରିବେ।

## ଟ୍ରାଇଡେଣ୍ଟ୍ ପକ୍ଷରୁ ଓଡ଼ିଶା ଡିପ୍ଲୋମା ସ୍କୁଲ୍ସ ଇନୋଭେସନ୍ ପ୍ରତିଯୋଗିତା

ଭୁବନେଶ୍ୱର, ୧୮।୫: ଟ୍ରାଇଡେଣ୍ଟ୍ ପକ୍ଷରୁ 'ଓଡ଼ିଶା ଡିପ୍ଲୋମା ସ୍କୁଲ୍ସ ଇନୋଭେସନ୍ ପ୍ରତିଯୋଗିତା'ର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ପୂର୍ବବର୍ଷ ୩୦ରୁ ଅଧିକ ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିଥିବାବେଳେ ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଆଦିତ୍ୟ ବିର୍ଲା , ଅଲଟ୍ରାଟେକ୍ ଏବଂ ଟିପିସିଓଡିଏଲ୍‌ର ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ। ପ୍ରତିଯୋଗିତାର ଶେଷରେ ଅଭିନବ ପ୍ରକଳ୍ପ ଓ ଅଲ୍ ଓଡ଼ିଶା ଟେକ୍ କୁଇଜ୍‌ର ଗ୍ରାଣ୍ଡ ଫିନାଲେର କୃତୀ ପ୍ରତିଯୋଗୀଙ୍କୁ ଦକ୍ଷତା ବିକାଶ ନିର୍ଦ୍ଦେଶାଳୟ, ନିଯୁକ୍ତିର ଉପନିର୍ଦ୍ଦେଶକ ବିଜୟ କୁମାର ପାତ୍ରଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। ବିଜେତାଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଭାବେ ନୀଳାଚଳ ପଲିଟେକ୍‌ନିକ୍‌କୁ ସ୍ମାର୍ଟ କୃଷି ପ୍ରୋଟୋଟାଇପ୍ ପାଇଁ ୧୦ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ଭାବେ ବୋଷ କଟକକୁ ମୁଭିଂ ଇଲେକ୍ଟ୍ରିକ୍ ଭେଇକିଲ ମଡେଲ୍ ପାଇଁ ୭ ହଜାର ଟଙ୍କା, ତୃତୀୟ ସ୍ଥାନଭାବେ ସରକାରୀ ପଲିଟେକ୍‌ନିକ୍ ନୟାଗଡ଼କୁ, କଲେଜ କ୍ୟାମ୍ପସରେ ଡିଜିପିଏସ୍ ସର୍ଭେ ପାଇଁ ୫ ହଜାର ଟଙ୍କା ଓ ଚତୁର୍ଥ ସ୍ଥାନଭାବେ ସରକାରୀ ପଲିଟେକ୍‌ନିକ୍, ରାଉରକେଲାକୁ ଶିଳ୍ପ ସୁରକ୍ଷା ମଡେଲ୍ ପାଇଁ ୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

## ଭାରତୀୟ ଶେୟାର ବଜାର ଉପରେ ବିଦେଶୀ ନିବେଶକଙ୍କ ଭରସା

ନୂଆଦିଲ୍ଲୀ, ୧୮।୫: ଭାରତର ଶେୟାର ବଜାର ଉପରେ ଭରସା ବଜାୟ ରଖିଲେ ବିଦେଶୀ ନିବେଶକ ବା FPI । ମେ ମାସରେ ଏପର୍ଯ୍ୟନ୍ତ କଲେଣି ୧୮ ହଜାର ୬୨୦ କୋଟି ଟଙ୍କାର ନିବେଶ। ଏହି ନିବେଶ ଘରୋଇ ଆର୍ଥିକ ସ୍ଥିତିରେ ସୁଦୃଢ଼ତା ଏବଂ ବିଶ୍ୱ ଅର୍ଥନୀତିରେ ସୁଧାର କାରଣରୁ ଆସିଥିବା କହିଛନ୍ତି ବିଶେଷଜ୍ଞ। ବଡ଼ କଥା ହେଲା ଲଗାତାର ଦ୍ୱିତୀୟ ମାସରେ ଏଫପିଆଇ ଭାରତୀୟ ବଜାରରେ ଟଙ୍କା ନିବେଶ କରିଛନ୍ତି। ପୂର୍ବରୁ ଏପ୍ରିଲରେ ୪ ହଜାର ୨୨୩ କୋଟି ଟଙ୍କାର ନିବେଶ କରିଥିଲା ଏଫପିଆଇ। ଯାହା ତିନି ମାସର ହ୍ରାସ ପରେ ପ୍ରଥମ ଥର। ପ୍ରକୃତରେ ଜାନୁଆରୀରୁ ମାର୍ଚ୍ଚ ମାସରେ ଏଫପିଆଇ ନିବେଶ ନକାରାତ୍ମକ ଥିଲା। ଜାନୁଆରୀରେ ବିଦେଶୀ ନିବେଶକ ଭାରତୀୟ ଶେୟାର ବଜାରରୁ ୭୮ ହଜାର ୨୭ କୋଟି ଟଙ୍କା କାଢ଼ିଥିଲେ । ସେହିଭଳି ଫେବ୍ରୁଆରୀରେ ୩୪ ହଜାର ୫୭୪ କୋଟି ଏବଂ ମାର୍ଚ୍ଚରେ ୩ ହଜାର ୯୭୩ କୋଟି ଟଙ୍କା ବାହାର କରିଥିଲେ। ବିଶେଷଜ୍ଞଙ୍କ ମତରେ, ବିଦେଶୀ ନିବେଶକ ମେ ମାସରେ ଏପର୍ଯ୍ୟନ୍ତ ଶୁଦ୍ଧ ଭାବରେ ୧୮, ୬୨୦ କୋଟି ଟଙ୍କାର ନିବେଶ କରିଛନ୍ତି। ଅବଶ୍ୟ ପୂରା ୨୦୨୫ରେ ଏପର୍ଯ୍ୟନ୍ତ ୯୩ ହଜାର ୭୩୧ କୋଟି ଟଙ୍କାର କାଢ଼ି ସାରିଛନ୍ତି। ହେଲେ ବର୍ତ୍ତମାନ ଘରୋଇ ଆର୍ଥିକ ସ୍ଥିତିରେ ସୁଦୃଢ଼ତା ଏବଂ ବିଶ୍ୱ ଅର୍ଥନୀତିରେ ସୁଧାର କାରଣରୁ ନିବେଶ ବଢ଼ୁଛି। ଏହା ଆଗକୁ ଜାରି ରହିପାରେ। ଯାହାଦ୍ୱାରା ବଡ଼ କମ୍ପାନିର ଶେୟାର ମଜଭୁତ ରହିବ। ଭାରତର ଶେୟାର ବଜାରରେ ଏପ୍ରିଲ ମାସରୁ ହିଁ ଏଫପିଆଇର ସକ୍ରିୟ ନିବେଶ ରହିଛି। ଯାହା ମେ ମାସରେ ମଧ୍ୟ ବଜାୟ ରହିଛି। ଯେଉଁଥିରୁ ଜଣାପଡୁଛି ବିଦେଶୀ ନିବେଶକ ଭାରତୀୟ ବଜାର ଉପରେ ଭରସା ବଢ଼ିଛି। ବିଶେଷଜ୍ଞଙ୍କ ମତରେ




### ଏପ୍ରିଲରୁ ଜାରି ରହିଛି ନିବେଶରେ ବୃଦ୍ଧି

ଭାରତ- ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା କାରଣରୁ କ୍ଷେତ୍ରୀୟ ଚାପ କମିଛି ଯାହା ବିଦେଶୀ ନିବେଶକଙ୍କ ପାଇଁ ଆଶ୍ୱସ୍ତି ଆଣିଛି। ଏହା ସହ ଆମେରିକା ଏବଂ ଚୀନ ମଧ୍ୟରେ ୯୦ ଦିନ ପାଇଁ ଟାରିଫ୍ ଯୁଦ୍ଧରେ ବିରାମ କାରଣରୁ ବିଶ୍ୱରେ ଆର୍ଥିକ ସ୍ଥିତିରେ ସୁଧାର ହୋଇଛି। ଏହି କାରଣରୁ ବିଦେଶୀ ନିବେଶକ ବିକାଶଶୀଳ ବଜାର ଆଡ଼କୁ ମୁହାଁଇଛନ୍ତି। ଯେଉଁଥିରେ ଭାରତ ପ୍ରମୁଖ। ଏହା ସହ ଭାରତର ମଜଭୁତ ଆର୍ଥିକ ସମ୍ଭାବନ, କୋହଳ ମୁଦ୍ରାନୀତି ଏବଂ କର୍ପୋରେଟ ସେକ୍ଟରରେ ଭଲ ରେଜଲ୍ଟ କାରଣରୁ ମଧ୍ୟ ଏଫପିଆଇରେ ଭଲ ନିବେଶ ହେଉଛି।

## ଟେଲିକମ୍ କମ୍ପାନିଙ୍କ ମାସିକ ଆୟ ୧୦୦ କୋଟି ବଢ଼ିଛି

ଭୁବନେଶ୍ୱର, ୧୮।୫: ଓଡ଼ିଶାରେ ଟେଲିକମ୍ କମ୍ପାନିଙ୍କ ମାସିକ ଆୟ ପ୍ରାୟ ୬୮୮ କୋଟି ଟଙ୍କା ରହିଛି। ଗତବର୍ଷ ଜୁଲାଇରେ ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନିଗୁଡ଼ିକ ମୋବାଇଲ ଶୁଳ୍କ ବୃଦ୍ଧି କରିବା ପରେ ସେମାନଙ୍କ ଆୟ ବଢ଼ିଛି।

୨୦୨୪ ମସିହାର ଅକ୍ଟୋବର-ଡିସେମ୍ବର ଅବଧିରେ ରାଜ୍ୟରେ ଟେଲିକମ୍ କମ୍ପାନିଗୁଡ଼ିକର ମୋଟ ଆୟ ୨୦୬୪.୮ କୋଟି ଟଙ୍କାରେ ପହଞ୍ଚିଛି। ପ୍ରଥମ ଥର ପାଇଁ ଟେଲିକମ୍ ସେବା ପ୍ରଦାନକାରୀଙ୍କ ରାଜସ୍ୱ ଓଡ଼ିଶାରେ ୨୦୦୦ କୋଟି ଟଙ୍କା ଟପିଛି। ରାଷ୍ଟ୍ରାୟତ୍ତ କମ୍ପାନି ବିଏସ୍ଏନ୍ଏଲ୍ ସମେତ ଘରୋଇ କମ୍ପାନି ଜିଓ, ଏୟାରଟେଲ, ଭୋଡାଫୋନ ଆଇଡିଆ ଏବଂ ଟାଟା ଟେଲିସର୍ଭିସେସ୍ ରାଜ୍ୟରେ ଟେଲିକମ୍ ବ୍ୟବସାୟ କରୁଛନ୍ତି। ଟ୍ରାଇର ଆର୍ଥିକ ରିପୋର୍ଟରୁ ଏହା ଜଣାଯାଇଛି ଯେ ଓଡ଼ିଶାରେ ୨୦୨୪ ମସିହାର ଅକ୍ଟୋବର-ଡିସେମ୍ବର ତ୍ରୟମାସରେ ଟେଲିକମ୍ କମ୍ପାନିଗୁଡ଼ିକ କରିଥିବା ମୋଟ ୨୦୬୪ କୋଟି ଆୟ ମଧ୍ୟରୁ ଜିଓର ରାଜସ୍ୱ ସର୍ବାଧିକ ୧୦୧୫.୮୪ କୋଟି ରହିଛି। ଏହା ପଛକୁ ଏୟାରଟେଲ୍‌ର ରାଜସ୍ୱ ୮୧୮.୬୮ କୋଟି, ବିଏସ୍ଏନ୍ଏଲ୍‌ର ରାଜସ୍ୱ ୧୭୩.୨୯ କୋଟି, ଭୋଡାଫୋନ ଆଇଡିଆର ୫୨.୭୮ କୋଟି ଏବଂ ଟାଟା ଟେଲିସର୍ଭିସେସ୍‌ର ଆୟ ୪.୨୧ କୋଟି ଟଙ୍କା ରହିଛି। ଅର୍ଥାତ୍ ଟେଲିକମ୍ କମ୍ପାନିଙ୍କ ମାସିକ ହାରାହାରି ଆୟ ପ୍ରାୟ ୬୮୮ କୋଟି ଟଙ୍କାରେ ପହଞ୍ଚିଛି।

ଘରୋଇ କମ୍ପାନିଗୁଡ଼ିକ ଗତବର୍ଷ ଜୁଲାଇରେ ଶୁଳ୍କ ବୃଦ୍ଧି କରିବାର ପୂର୍ବ ତ୍ରୟମାସ ଅର୍ଥାତ୍ ୨୦୨୪ ଏପ୍ରିଲ-ଜୁନ୍‌ର ଆର୍ଥିକ ରିପୋର୍ଟ ଉପରେ ନଜର ପକାଇଲେ ଜଣାଯାଏ ଯେ ଜିଓର ରାଜସ୍ୱ ୮୮୨.୬୨ କୋଟି, ଏୟାରଟେଲର ରାଜସ୍ୱ ୬୦୯.୨୨ କୋଟି, ବିଏସ୍ଏନ୍ଏଲ୍‌ର ରାଜସ୍ୱ ୧୦୫.୬୩ କୋଟି, ଭୋଡାଫୋନ ଆଇଡିଆର ରାଜସ୍ୱ ୫୧.୯୧ କୋଟି ଏବଂ ଟାଟା ଟେଲିସର୍ଭିସେସ୍‌ର ରାଜସ୍ୱ ୪.୫୧ କୋଟି ଟଙ୍କା ରହିଥିଲା। ଅର୍ଥାତ୍ ଦରବୃଦ୍ଧି ହେବାର ପୂର୍ବ ତ୍ରୟମାସ ଅର୍ଥାତ୍ ଏପ୍ରିଲ-ଜୁନ ଅବଧିରେ ଓଡ଼ିଶାରେ ଟେଲିକମ୍ କମ୍ପାନିଙ୍କ ମୋଟ ରାଜସ୍ୱ ୧୬୬୪.୪୧ କୋଟି ଟଙ୍କା ରହିଥିଲା। ଏହାର ଠିକ୍ ପର ତ୍ରୟମାସ ଅର୍ଥାତ୍ ୨୦୨୪ ଜୁଲାଇ-ସେପ୍ଟେମ୍ବର ଅବଧିରେ ଟେଲିକମ୍ କମ୍ପାନିଙ୍କ ରାଜସ୍ୱ ପ୍ରାୟ ୧୮୯୨ କୋଟିରେ ପହଞ୍ଚିଥିଲା। କିନ୍ତୁ ଅକ୍ଟୋବର-ଡିସେମ୍ବର ତ୍ରୟମାସରେ ଏହା ୨୦୬୪.୮ କୋଟି ଟଙ୍କାରେ ପହଞ୍ଚିଛି। ଜୁଲାଇରେ ଘରୋଇ ଟେଲିକମ୍ କମ୍ପାନିଗୁଡ଼ିକ ଦରବୃଦ୍ଧି କରିଥିଲେ ମଧ୍ୟ ଅଧିକାଂଶ ଗ୍ରାହକ ଏହା ପୂର୍ବରୁ ୩ ମାସ କିମ୍ବା ଅଧିକ ସମୟ ପାଇଁ ରିଚାର୍ଜ କରିଥିଲେ। ତେଣୁ ସବୁ ଗ୍ରାହକଙ୍କ ଉପରେ ଶୁଳ୍କବୃଦ୍ଧିର ପ୍ରତିଫଳନ ୨୦୨୪ ଅକ୍ଟୋବର-ଡିସେମ୍ବରରେ ହିଁ ଦେଖାଦେଇଥିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏଥିପାଇଁ ୨୦୨୪ ଏପ୍ରିଲ-ଜୁନ୍ ତୁଳନାରେ ଅକ୍ଟୋବର-ଡିସେମ୍ବରରେ ଟେଲିକମ କମ୍ପାନିଙ୍କ ରାଜସ୍ୱ ଓଡ଼ିଶାରେ ପ୍ରାୟ ୩୦୦ କୋଟି ଟଙ୍କା ବଢ଼ିଛି। ଅର୍ଥାତ୍ ଟେଲିକମ୍ କମ୍ପାନିଗୁଡ଼ିକ ମାସିକ ୧୦୦ କୋଟି ଟଙ୍କା ଅଧିକ ଆୟ କରିବାକୁ ସମର୍ଥ ହୋଇଛନ୍ତି। ଏଥିଯୋଗୁ ଓଡ଼ିଶାରେ ଗ୍ରାହକ ପିଛା ମାସିକ ହରାହାରି ରାଜସ୍ୱ (ଏଆର୍‌ପିୟୁ) ୨୦୨୪ ଅକ୍ଟୋବର-ଡିସେମ୍ବର ଅବଧିରେ ୧୭୨ ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ଓଡ଼ିଶାରେ ଜଣେ ବ୍ୟକ୍ତି ମାସକୁ ୧୭୨ ଟଙ୍କା ମୋବାଇଲ ଫୋନ ସେବା ବାବଦରେ ଖର୍ଚ୍ଚ କରୁଛି। ଗତବର୍ଷ ଜୁଲାଇରେ ଶୁଳ୍କ ବୃଦ୍ଧି ପୂର୍ବରୁ ରାଜ୍ୟରେ ଗ୍ରାହକ ପିଛା ହାରାହାରି ରାଜସ୍ୱ ୨୦୨୪ ଏପ୍ରିଲ-ଜୁନ ସମୟରେ ୧୫୩ ଟଙ୍କା ରହିଥିଲା। ଅର୍ଥାତ୍ ଗ୍ରାହକମାନେ ମାସିକ ଅଧିକ ୧୯ ଟଙ୍କା ଫୋନ୍ ସେବା ବାବଦରେ ଖର୍ଚ୍ଚ କରୁଛନ୍ତି।



### ଗ୍ରାହକ ପିଛା ମାସିକ ଖର୍ଚ୍ଚ ୧୭୨ ଟଙ୍କା

## ସୁନା ଓ ରୂପା ଦର



ବଢ଼ୁଛି ସୁନା ଦର। ଉଭୟ ୨୨ ଓ ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ଦର ବଢ଼ୁଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୬, ୧୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୭ ହଜାର ୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୫, ୧୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୭ ହଜାର ୨୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୫, ୧୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୭, ୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୫, ୨୮୦ ଟଙ୍କା ଓ ୨୨ କ୍ୟାରେଟ୍ ୮୭,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୫, ୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୭, ୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୬, ୬୧୦ ଓ ୮୮, ୫୬୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୭,୦୦୦ ଟଙ୍କା ହୋଇଛି।

## ପେଟ୍ରୋଲ, ଡିଜେଲ ଦର



ଦେଶରେ ପେଟ୍ରୋଲ ଓ ଡିଜେଲର ନୂଆ ମୂଲ୍ୟ ଜାରି କରାଯାଇଛି। ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦.୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୫ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ମହାନଗର ନିଗମର ଅପାରଗତା

# ବ୍ରହ୍ମପୁରବାସୀଙ୍କୁ କଲବଲ କରୁଛନ୍ତି 'ମଶା'






**ବ୍ରହ୍ମପୁର,୧୮।୫ (ସଂଚାର ବ୍ୟୁରୋ):** ରେଶମ ନଗରୀରେ ବର୍ଷ ତମାମ୍ ମଶାଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଘର ହେଉ କିମ୍ବା ବାହାରେ ରହିବା ଲୋକଙ୍କ ପାଇଁ ମୁସ୍କିଲ ହୋଇପଡୁଛି। ସହରରେ ଦିନକୁ ଦିନ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ବିଏମସି ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଯଦିଓ ମହାନଗର ନିଗମରେ ଟିଫା ମେସିନ୍ ଉପଲବ୍ଧ ରହିଛି କିନ୍ତୁ ବ୍ୟବହାର କରାଯାଉନଥିବା ଜଣାପଡିଛି। ସେହିପରି ପୂର୍ବରୁ ହାତ ମେସିନ୍ ବି କିଣାଯାଇଛି। ହେଲେ ସେଗୁଡିକର ବ୍ୟବହାର ହେଉନାହିଁ। ଯାହା ଫଳରେ ମଶା ବଂଶ ବୃଦ୍ଧି ପାଉଛି। ମ୍ୟାଲେରିଆ, ଡେଙ୍ଗୁ ଭଳି ରୋଗରେ ଆକ୍ରାନ୍ତ ହେବାର ଆଶଙ୍କାରେ ବ୍ରହ୍ମପୁରବାସୀ ଦିନ କାଟୁଛନ୍ତି।

### କାମରେ ଆସୁନି ଟିଫା ଓ ହ୍ୟାଣ୍ଡ ପମ୍ପିଙ୍ଗ ମେସିନ୍

ଖବର ପ୍ରକାରେ, ୨୦୧୯ରେ ବ୍ରହ୍ମପୁର ସହର ପାଇଁ ଏକ ଟିଫା ମେସିନ୍ କିଣାଯାଇଥିଲା। କିଛି ଦିନ ଏହାକୁ ବ୍ୟବହାର ମଧ କରାଯାଇଥିଲା। କିନ୍ତୁ ସହରର ୪୨ଟି ୱାର୍ଡ ପାଇଁ ଗୋଟିଏ ମେସିନ୍ ନିଅଁଣ୍ଟ ହେଉଥିବା ଜଣାପଡିଛି। ଏହାଛଡା ଛୋଟ ଛୋଟ ହ୍ୟାଣ୍ଡ ପମ୍ପିଙ୍ଗ ମେସିନ୍ ମଧ କିଣାଯାଇଥିଲା। ହେଲେ ଏସବୁ ଏବେ କେଉଁଠି ଅଛି ତାର ପତ୍ତା ନାହିଁ। ମଶା ବଂଶ ବୃଦ୍ଧି ହେବାର ଆଉ ଏକ ବଡ କାରଣ ହେଉଛି ସହରର ନାଳ ନର୍ଦ୍ଦମା ଗୁଡିକର ନିୟମିତ ସଫେଇ ନହେବା। ଯାହା ଏହି ସମସ୍ୟାକୁ ଦ୍ୱିଗୁଣିତ କରିଛି। ମହାନଗର ନିଗମର ଅପାରଗତା ଯୋଗୁଁ ସହରବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ଥର କାଉନସିଲ ବୈଠକରେ ମଧ କର୍ପୋରେଟର ମାନେ ଏହାକୁ ନେଇ ପ୍ରଶ୍ନ କରିବା ସହ ମେୟର ଏବଂ କମିଶନରଙ୍କୁ ଅବଗତ କରାଇଥିଲେ। ତଥାପି ବିଏମସି ପକ୍ଷରୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନଥିବା ବେଳେ ସହରବାସୀଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଛି।

ପୂର୍ବରୁ ସହରର ଜଣେ ବୁଦ୍ଧିଜୀବୀ ସୂଚନା ଅଧିକାର ଆଇନ ବଳରେ ମାଗିଥିବା ତଥ୍ୟରେ ଗତ ୫ ବର୍ଷରେ ମଶା ମାରିବାକୁ ମହାନଗର ନିଗମ ପାଖାପାଖି ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡିଥିଲା। ଏହି ବିପୁଳ ଧନ ରାଶି ଟିଫା ମେସିନ୍ ରେ ବ୍ୟବହୃତ ହେଉଥିବା ଡିଜେଲ ପାଇଁ ବିଏମସି ଖର୍ଚ୍ଚ କରିଥିବା ସୂଚନା ମିଳିଥିଲା। ଯାହା ଏକ ବଡ ପ୍ରଶ୍ନ ସୃଷ୍ଟି କରିଥିଲା।

## ମାଫିଆଙ୍କ କବଜାରେ ଦେବୋତ୍ତର ଜାଗା

# ଅବାଧରେ ଚାଲିଛି ବିକ୍ରି

**ବୈଶିଙ୍ଗା,୧୮।୫ (ସଂଚାର ବ୍ୟୁରୋ):** ବେତନଟୀରେ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ଏ ୧୫. ୭୭, ଆମ୍ବଯୋଡ଼ାରେ ୫୨.୬୯, ଶୁଖିଲାହାର ସାମିଲ ମହୁଲିଆ ୭୫୨.୮୪ରେ ଶ୍ରୀ ଶ୍ରୀ ରାଧାନାଥ ଗୋବିନ୍ଦ ଜୀଉଙ୍କର ସମ୍ପତି ରହିଥିଲା ବେଳେ ବିଭାଗୀୟ ଅଧିକାରୀ କେତେ ଜଗା ବିକିଛନ୍ତି ଓ କେତେ ରଖିଛନ୍ତି ଏହାର ହିସାବ କାହାରି ପାଖରେ ନାହିଁ। ଠାକୁରଙ୍କ ଜାଗାରେ ସ୍ଥାୟୀ ଘର ହେବାର ନିୟମ ନଥିଲାବେଳେ ବହୁ ଦ୍ୱିତଳ ପ୍ରାସାଦ ମୁଣ୍ଡ ଟେକିଛି, ସେମାନଙ୍କୁ ଜଗା ଲିଜ ଦେବା ସମୟରେ କେଉଁଅବସ୍ଥାରେ ଦିଆଯାଇଥିଲା ତାହା ତଦନ୍ତ ସାପେକ୍ଷ। ଠାକୁରଙ୍କ ସମ୍ପତି ଭିନ୍ନ ସମ୍ପ୍ରଦାୟଙ୍କ ହାତକୁ କେମିତି ଗଲା କିଏ ଦେଲା ତାହାର ଉଚ୍ଚ ସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି। ବେତନଟୀରେ ଥିବା ଦେବୋତ୍ତର ବିଭାଗ କାର୍ଯ୍ୟାଳୟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବା ବେଳେ ଏହି କାର୍ଯ୍ୟାଳୟ ଦାୟିତ୍ୱରେ ରହୁଥିବା ଅଧିକାରୀଙ୍କ କାର୍ଯ୍ୟାଳୟ ଖୋଲା ଯାଉନି କି ଅଧିକାରୀଙ୍କ ଦେଖାମିଳୁନି। ସେ ସନ୍ଧ୍ୟାରେ ଆସି ମାଫିଆଙ୍କ ସହିତ ମିଶି ଦେବୋତ୍ତର ଜାଗାକୁ ବିକି ବେଶ ଲାଭବାନ ହେଉଛନ୍ତି। ଉକ୍ତ ଦେବୋତ୍ତର ଜଗା ଗୁଡିକ କୃଷିକ୍ଷେତ୍ର ନିମନ୍ତେ ବ୍ୟବହାର କରିବାକୁ ଲିଜ ସୂତ୍ରରେ ଚାଷୀ ମାନଙ୍କୁ ଦିଆଯିବାର ବ୍ୟବସ୍ଥା ରହିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଲୋକେ ପ୍ରଭାବିତ ହୋଇ କୋଠା ଘର କରିବାକୁ ପଛାଇଲେ ନାହିଁ। କେତେକ ମାଫିଆ ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ଏବେ ଦେବୋତ୍ତର ଜଗା ବିକ୍ରି କରି ବେଶ ଫାଇଦା ନେଉଥିବା ସାଧାରଣରେ ଆଲୋଚିତ ହେଉଛି। ଉପ ଜିଲାପାଳଙ୍କ ଦାୟିତ୍ୱରେ ଏହି ଠାକୁର ସମ୍ପତି ରହିଥିବା ବେଳେ ସେମାନେ ନବୁଝିବା ଯୋଗୁ ତଳିଆ ଅଧିକାରୀ ଏହାର ଫାଇଦା ନେଇ ପକେଟ ଗରମ କରୁଛନ୍ତି। ବେତନଟୀରେ ଏକ ମସଜିଦ ଦେବୋତ୍ତର ଜାଗାରେ ନିର୍ମାଣ ହେଉଥିବାରୁ ଏହାକୁ ଦୃଢ଼ ବିରୋଧ କରାଯିବା ସହ ଉପ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

## କଣ୍ଟେନର ଦୁର୍ଘଟଣାରେ ୪୬ ଗାଈ ମୃତ

**ବୋରିଗୁମ୍ମା/ପଟ୍ଟାଙ୍ଗି,୧୮।୫ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ଯୋଡ଼ି ମାଦେଲି ଘାଟିରେ କଣ୍ଟେନର ଦୁର୍ଘଟଣାରେ ୪୬ ଗାଈର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ଟିଜି ୧୨ ଟି ୩୪୫୩ ନମ୍ବର କଣ୍ଟେନର ଓଡ଼ିଶାର ନବରଙ୍ଗପୁର ଠାରୁଆନ୍ଧ୍ର ପ୍ରଦେଶର ମାନପୁରମ ହାଟକୁ ଯାଉଥିଲା। ସକାଳ ୬.୩୦ ସମୟରେ ଯୋଡ଼ି ମାଦେଲି ଘାଟି ନିକଟରେ ଗାଡ଼ିରେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପାହାଡ଼କୁ ଧକ୍କା ଦେଇଥିଲା। ଉକ୍ତ ଘଟଣା ନେଇ ପଟ୍ଟାଙ୍ଗି ଥାନା ଅଧିକାରୀ ଚତୁର ଭୁଜ ନାୟକ ସୂଚନା ପାଇ ହୋମ ଗାର୍ଡ ନରସିଂହ ବେହେରା ଏବଂ କନଷ୍ଟେବଳ ଘେନୁ ଖରା ସହ ମିଶି ଘଟଣା ସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣାରେ ଆହତ ହୋଇଥିବା ଡ୍ରାଇଭର ଏବଂ ଦୁଇଜଣଙ୍କୁ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। କଣ୍ଟେନରରେ ମୋଟ ୧୦୧ ଗାଈ ଗୋରୁ ରହିଥିବା ବେଳେ ସେଥିମଧ୍ୟରୁ ୪୬ ଗାଈର ମୃତ୍ୟୁ ଘଟିଛି।

## ପିଏମ୍ କିଷାନ ଯୋଜନାରୁ ବଞ୍ଚିତଙ୍କ ପାଖରେ ପହଞ୍ଚିବେ କୃଷି କର୍ମଚାରୀ

**ନବରଙ୍ଗପୁର,୧୮।୫ (ସଂଚାର ବ୍ୟୁରୋ):** ବିଭିନ୍ନ କାରଣରୁ ପିଏମ୍ କିଷାନ ସହାୟତା ରାଶି ପାଇନଥିବା ୧୪ ହଜାର ୪୭୨ ଚାଷୀଙ୍କ ପାଖରେ ପହଞ୍ଚିବାକୁ ପରାମର୍ଶ ଦେଇଛନ୍ତି ଏଡିଏମ୍ ତପନ ଖୁଣ୍ଟିଆ। ଇ-କେୱାଇସି ଏବଂ ବ୍ୟାଙ୍କ ସିଡିଂ ଅପଡେଟ୍‌ରେ ଚାଷୀଙ୍କୁ ସଚେତନ ଏବଂ ସହଯୋଗ ଲାଗି କୃଷି କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଭିଡ଼ି ଓ କନଫରେନ୍ସରେ ଆୟୋଜିତ ହୋଇଥିଲା କାର୍ଯ୍ୟକ୍ରମ। ଏଡିଏମ୍ ଶ୍ରୀ ଖୁଣ୍ଟିଆ ଏଥିରେ ସଭାପତିତ୍ୱ କରିଥିଲେ। କହିଥିଲେ, କୃଷି ବିଭାଗ କ୍ଷେତ୍ର କର୍ମଚାରୀଙ୍କଠୁ ଆରମ୍ଭ କରି ଅଧିକାରୀମାନେ ଚାଷୀଙ୍କୁ ସଚେତନ କରିବା ଆବଶ୍ୟକ। କାଗଜପତ୍ର ଅପଡେଟ୍ ହେଲେ ଅଟକିଥିବା ସହାୟତା ରାଶି ସେମାନଙ୍କ ବ୍ୟାଙ୍କ ଖାତାରେ ଜମା ହୋଇପାରିବ। ଏଥିଲାଗି ସ୍ୱତନ୍ତ୍ର କ୍ୟାମ୍ପ ସହ ଦୈନିକ ଟାର୍ଗେଟ ଦିଆଯିବ। ଜିଲ୍ଲା ମୁଖ୍ୟକୃଷି ଅଧିକାରୀ ଗୋକୁଳଚନ୍ଦ୍ର ପ୍ରଧାନ, ଅନୀଲ କୁମାର ପ୍ରହରାଜ, ବିଶ୍ୱଜିତ ସାହୁ, ପ୍ରଣୟ ମନ୍ତ୍ରୀ, ଯୋଜନା ଅଧିକାରୀ ପ୍ରମୁଖଙ୍କ ସହ ଅନ୍ୟମାନେ ବୈଠକରେ ସାମିଲ ହୋଇଥିଲେ ।

## ଆର୍ଟ ଅଫ୍ ଗିଭିଂର ଦ୍ୱାଦଶ ବାର୍ଷିକ ଉତ୍ସବ




**କେନ୍ଦ୍ରାପଡା,୧୮।୫ (ସଂଚାର ବ୍ୟୁରୋ):** ବିଶିଷ୍ଟ ଶିକ୍ଷାବିତ୍,ପୂର୍ବତନ ସାଂସଦ ତଥା କିଟ୍ ଓ କିସ୍ ପରି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ପ୍ରୟାସରେ ଆରମ୍ଭ ହୋଇଥିବା ଆର୍ଟ୍ ଅଫ୍ ଗିଭିଂ କାର୍ଯକ୍ରମର ଦ୍ୱାଦଶ ବାର୍ଷିକ ଉତ୍ସବ କେନ୍ଦ୍ରାପଡା ସାନ୍ତସାହି ସ୍ଥିତ ଶ୍ରୀ ବଳଦେବଜୀଉ କଲ୍ୟାଣ ମଣ୍ଡପରେ ମହା ସମାରୋହରେ ପାଳିତ ହୋଇଯାଇଛି । ଅଧାପକ ଅଜୟ କୁମାର ସାମଲଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଡ଼ଃ ଚୈତନ୍ୟ ଚରଣ ପରିଡା, ସାହିତ୍ୟିକ ମଥୁରୀ ଚରଣ ନାୟକ, ଗଣେଶ ସାମଲ, ଆଦିକନ୍ଦ ରାଉଳ, ବୈଷ୍ଣବ ଚରଣ ସ୍ୱାଇଁ, କରୁଣାକର ଦାସ, ଶରତ ଚନ୍ଦ୍ର ବେଉରା, ସୁଶୀଲ ଜେନା, ଆର୍ଟ୍ ଅଫ୍ ଗିଭିଂ ର କର୍ମକର୍ତ୍ତା ଅନନ୍ତ କୁମାର ଖଟୁଆ, ସନ୍ତୋଷ ସରଙ୍ଗି,ରଞ୍ଜିତ ପ୍ରସାଦ ଜେନା, ଅକ୍ଷୟ ମହାନ୍ତି, ଯୋଗ ଦେଇଥିଲେ। ମୃତ୍ୟୁଞ୍ଜୟ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ମହିଳା ସମାଜ ସେବୀ ଶର୍ମିଷ୍ଠା ନାୟକ ଯୋଗଦେଇ ମହିଳା ମାନଙ୍କ ପାଇଁ ଆର୍ଟ ଅଫ ଗିଭିଙ୍ଗର ବାର୍ତ୍ତା ବହ ସାଜିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜକ ଭାବେ ଡ଼ଃ ଅଚ୍ୟୁତ ସାମନ୍ତଙ୍କ ଏକାନ୍ତ ଅନୁଗତ ବିଶିଷ୍ଟ ସମାଜସେବୀ ସଞ୍ଜୟ କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା। ଏମାନଙ୍କ ମଧରେ ଅତିଥି ଭାବେ ବହୁ ଶିକ୍ଷାବିତ ଯୋଗଦେଇ ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟି ସମ୍ପନ୍ନତାର ପ୍ରସଂଶା କରିବା ସହିତ ଏହି ଅଭିଯାନରେ ସାରା ଓଡ଼ିଶା ଓ ସମଗ୍ର ଭାରତବର୍ଷ ସହ ସାରା ବିଶ୍ୱ ଯୋଡି ହେବା ପାଇଁ ଆହ୍ୱାନ ଦେଇଥିଲେ ।

## କନ୍ଧମାଳରେ ଆର୍ଟ ଅଫ ଗିଭିଙ୍ଗର ଦ୍ୱାଦଶ ବାର୍ଷିକୀ ପାଳିତ




**କନ୍ଧମାଳ,୧୮।୫ (ସଂଚାର ବ୍ୟୁରୋ):** ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଶନିବାର ଆର୍ଟ ଅଫ ଗିଭିଙ୍ଗ ଯୋଜନାର ଦ୍ୱାଦଶ ବାର୍ଷିକୀ ପାଳିତ ହୋଇ ଯାଇଛି। ଶିକ୍ଷାବିତ ଅଚ୍ୟୁତ ସାମନ୍ତଙ୍କ ପ୍ରଚେଷ୍ଟାରେ ଚାଲିଥିବା ଏହି ପରିକଳ୍ପନାର ବାର୍ଷିକୀ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ପ୍ରତ୍ୟେକ ମଣିଷ ନିକଟରେ ଦାନର ଭାବନା ଜାଗ୍ରତ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ଦାନର ପରମ୍ପରା ଭାରତ ବର୍ଷରେ ଅତି ପୁରୁଣା ବୋଲି କହିବା ସହ ଏଭଳି ଏକ ପ୍ରୟାସ ସମାଜରେ ସମ୍ବେଦନଶୀଳତା ବୃଦ୍ଧି କରିବାରେ ସହାୟକ ହୋଇଛି ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧରେ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ସର୍ବେଶ୍ୱର ମିଶ୍ର ଏବଂ ଏଏନଏମ ଟ୍ରେନିଂ ସେଣ୍ଟରର ବରିଷ୍ଠ ଟ୍ୟୁଟର ମମତା ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖି ଏହି ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ। ଜିଲ୍ଲା ସଂଯୋଜକ ଭାଗିରଥୀ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାମ୍ବାଦିକ ଶିବପ୍ରସାଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ



**ଜଗତସିଂହପୁର,୧୮।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର ପାରାଦୀପଠାରେ ଅପରେସନ ସିନ୍ଦୂରର ସଫଳତା ଓ ଭାରତୀୟ ସେନାବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ଆଜି ପାରାଦୀପର ସମୁଦ୍ର କୂଳ ଠାରୁ ଗୋପବନ୍ଧୁ ଷ୍ଟାଡିୟମ ପର୍ଯ୍ୟନ୍ତ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଜାତୀୟ ପତାକା ଦେଖାଇ ଏହି ପରାକ୍ରମ ବାଇକ ଶୋଭାଯାତ୍ରାର ଶୁଭ ଉଦଘାଟନ କରିଥିଲେ। ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାକ୍ରମର ଏହି ଶୋଭାଯାତ୍ରା ଦେଶର ସୀମାନ୍ତରେ ଲଢ଼ୁଥିବା ଜାଗ୍ରତ ପ୍ରହରୀ ଭରତୀୟ ସେନାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ବୋଲି କହିଥିଲେ। ଦେଶଭକ୍ତିର ଭାବନାରେ ଉଦବୁଦ୍ଧ ହୋଇ ପ୍ରତ୍ୟେକ ଜନ ସାଧାରଣ ଏଥିରେ ଭାଗ ନେବାପାଇଁ ସେ ଉତ୍ସାହିତ କରିଥଲେ। ଭାରତୀୟ ସେନାର ଅଦମ୍ୟ ସାହସକୁ ସମ୍ମାନ ଜଣାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ସମାଜର ସବୁ ବର୍ଗର ନାଗରିକଙ୍କ ସହ ପ୍ରଶାସନିକ ଅଧିକାରୀ, ପୁଲିସ ବାହିନୀ, ଅବସରପ୍ରାପ୍ତ ସେନା ଅଧିକାରୀ, ସ୍କାଉଟ୍, ଏନସିସି କ୍ୟାଡେଟ, ଏନଏସଏସ, ଶିକ୍ଷକ, ମିଶନ ଶକ୍ତି ମହିଳା, ଛାତ୍ରଛାତ୍ରୀ, କ୍ରୀଡ଼ାବିତ, ବୁଦ୍ଧିଜୀବୀ, ସିଭିଲ ଡିଫେନସ୍ ଓ ଗଣ ମାଧମ ପ୍ରତିନିଧି ପ୍ରମୁଖ ସାମିଲ ହୋଇଥିଲେ।

ଜାମ୍ମୁ କାଶ୍ମୀରର ପହେଲଗାଓଁଠାରେ ହୋଇଥିବା ଆତଙ୍କବାଦୀ ଘଟଣା ପ୍ରତିବଦଳରେ ଅପରେସନ ସିନ୍ଦୁରର ସଫଳତା,ଦେଶର ସୀମା ସୁରକ୍ଷା ଦାୟିତ୍ୱରେ ଥିବା ଜାଗ୍ରତ ପ୍ରହରୀଙ୍କୁ ସମ୍ମାନ ଜଣାଇ ପାରାଦୀପ ସମୁଦ୍ର କୂଳ ଠାରୁ ଆରମ୍ଭ ହୋଇଥିବା ପରାକ୍ରମ ରାଲି ସହର ପରିକ୍ରମା କରି ଗୋପବନ୍ଧୁ ଷ୍ଟାଡିୟମ ଠାରେ ପହଞ୍ଚିଥିଲା। ଏହି ଅବସରରେ ପାରାଦୀପ ପୌର ପରିଷଦର ଅଧକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା, ନିର୍ବାହୀ ଅଧିକାରୀ, ପାରାଦୀପ ପୌର ପରିଷଦ ଅଭିଷେକ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ,ପାରାଦୀପ ସ୍ମୃତି ରଞ୍ଜନ କର, ବିଭିନ୍ନ ଏନଜିଓ , ଓଏନସିସିର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ବହୁ ସଂଖ୍ୟାରେ ଜନସାଧାରଣ ଉତ୍ସାହିତ ହୋଇ ହାତରେ ତ୍ରିରଙ୍ଗା ଧରି ଏହି ବାଇକ୍ ଶୋଭାଯାତ୍ରରେ ସାମିଲ ହୋଇଥିଲେ।

## ଥାନା ପରିସରରେ ନବ ନିର୍ମିତ ପାର୍କ ଉଦ୍‌ଘାଟିତ



**ନୀଳଗିରି,୧୮।୫ (ସଂଚାର ବ୍ୟୁରୋ):** ରବିବାର ପୂର୍ବାହ୍ନରେ ନୀଳଗିରି ଥାନା ପରିସରରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ମାନ୍ୟବର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ କରକମଳରେ ଏକ ନବ ନିର୍ମିତ ପାର୍କର ଶୁଭ ଉଦ୍ଘାଟନ ହୋଇଅଛି। ଏହି କାର୍ଯ୍ୟକ୍ରମରେ ନୀଳଗିରି ଏସ.ଡି.ପି.ଓ ପ୍ରମୋଦ କୁମାର ମଲ୍ଲିକ, ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ, ଅନ୍ୟ ଅଧିକାରୀ ଏବଂ ଅନେକ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ଥିଲେ। ଏହି ପାର୍କଟି ଥାନାକୁ ଆସୁଥିବା ଲୋକମାନେ ଏକ ସୁସ୍ଥ ଓ ସୌନ୍ଦର୍ଯ୍ୟ ମୟ ପରିବେଶର ଅନୁଭୂତି କରିବେ।

## ବର୍ଷ ବର୍ଷ ଧରି ସଫା ହେଉନି ତୁମୁଡିବନ୍ଧ ମାର୍କେଟ ଡ୍ରେନ

# ଟିକିଏ ବର୍ଷାରେ ଘରେ ପଶୁଛି ପାଣି



**କନ୍ଧମାଳ,୧୮।୫ (ସଂଚାର ବ୍ୟୁରୋ):** ସ୍ୱଚ୍ଛ ଭାରତ ଅଭିଯାନରେ କୋଟି କୋଟି ଟଙ୍କା ସରକାର ଖର୍ଚ୍ଚ କରୁଥିବା ବେଳେ କେବଳ ଫଟୋ ଉଠାଇ ସ୍ୱଚ୍ଛ ଭାରତ କରୁଥିବା ଦେଖାଦେଇଛି ତୁମୁଡ଼ିବନ୍ଧ ବ୍ଲକରେ। କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକର ତୁମୁଡିବନ୍ଧ ମୁଖ୍ୟ ବଜାର ଉଭୟ ପାର୍ଶ୍ୱରେ ଥିବା ଡ୍ରେନ ବହୁ ବର୍ଷ ହେଲା ସଫା ହୋଇନଥିବା ଦେଖାଦେଇଛି। ବହୁଦିନ ଧରି ସଫା ହୋଇନଥିବା ହେତୁ ଡ୍ରେନ୍ ଗୁଡିକ ଜାମ୍ ହୋଇ ରହିଛି । ଯାହାଦ୍ୱାରା ଟିକେ ବର୍ଷା ହେଲେ ସେହି ଡ୍ରେନର ଅଳିଆ ଆବର୍ଜନା ଓ ପାଣି ଉଭୟ ପାର୍ଶ୍ୱରେ ଥିବା ଘରେ ପଶି ଆସବା ପତ୍ର ମଧ ନଷ୍ଟ ହେଉଛି ।

ତେବେ ଏହି ବାବଦରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଏ କାମ ଆମର ନୁହେଁ, ଏହି କାମ ପୂର୍ତ୍ତ ବିଭାଗ ବା ପଞ୍ଚାୟତର ବୋଲି କହିଥିଲେ। ତତ୍‌ସହିତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଘ୍ନେଶ୍ୱର ଦିଗାଲଙ୍କୁ ପଚାରିବାରୁ ସେ ବ୍ଲକ ପ୍ରଶାସନ ଉପରେ ଦୋଷ ଢ଼ାଳିବା ସହିତ ଏହି କାର୍ଯ୍ୟ ପୂର୍ତ୍ତ ବିଭାଗର ବୋଲି ମଧ ଉତ୍ତର ରଖିଥିଲେ। ଅନ୍ୟ ପକ୍ଷରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ କୌଣସି ଉତ୍ତର ମିଳିନଥଲା। ପ୍ରତି ବର୍ଷ ଲକ୍ଷ ଲକ୍ଷ ଟଙ୍କା ଏଥି ପାଇଁ ଆସୁଥିବା ବେଳେ ସେହି ଅର୍ଥ କେଉଁ ଆଡ଼େ ଯାଉଛି ତାହା ସାଧାରଣରେ ଆଲୋଚନାର ବିଷୟ ପଲଟିଛି।

ତେବେ ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ପ୍ରଶାସନର ନିଦ ଭାଙ୍ଗୁଛି ନା ଏମିତି ଜଣେ ଅନ୍ୟ ଉପରେ ଦୋଷ ଢ଼ାଳି ଚୁପ୍ ବସିଯିବେ। ତେବେ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଯଥାଶୀଘ୍ର ଏହାର ସମାଧାନ ନକରାଗଲେ ରାଜରାସ୍ତାକୁ ଓଲାଇ ଆସିବେ ବୋଲି ଚେତାବନୀ ଦେଇଛନ୍ତି।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସନ୍ଦୀପ୍ତ ରାୟଙ୍କ ଆଶୁ ଆରୋଗ୍ୟ କାମନା



**ଦଶରଥପୁର,୧୮।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଜଣାଶୁଣା ସାମ୍ବାଦିକ ସନ୍ଦୀପ୍ତ ରାୟ କିଛି ଦିନ ହେବ କିଡିନ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତି ହେଉଛନ୍ତି। ତାଙ୍କର ଦୁଇଟି ଯାକ କିଡିନ ନଷ୍ଟ ହୋଇଯାଇଥିବା ବେଳେ ଚିକିତ୍ସା ପାଇଁ ବହୁ ଅର୍ଥର ଆବଶ୍ୟକତା ଦେଖା ଦେଇଛି। ସାମ୍ବାଦିକ ସନ୍ଦୀପ୍ତ ରାୟ ଜଣେ ସରଳ, ନିଷ୍କପଟ, ଅମାୟିକ ଓ ଲୋକପ୍ରିୟ ବ୍ୟକ୍ତି ଭାବେ ସେ ସାରା ଯାଜପୁର ଜିଲ୍ଲାରେ ନିଜର ବେଶ ଖ୍ୟାତି ଅର୍ଜନ କରିପାରିଛନ୍ତି। ସନ୍ଦୀପ୍ତଙ୍କର ଏପରି ସମୟରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସହଯୋଗ କରିବା ପାଇଁ ଆଗେଇ ଆସିଥିବା ଦେଖିବା ପାଇଁ ମିଳିଛି।

ଏହି ପରିପ୍ରେକ୍ଷୀରେ ଆଜି ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକଙ୍କ ନେତୃତ୍ୱରେ ସଂଘର କୋଷାଧକ୍ଷ ରାକେଶ କୁମାର ସାହୁ, ବରିଷ୍ଠ ସଭ୍ୟ ଆନନ୍ଦ ଚନ୍ଦ୍ର ବାରିକ, ମନୋରଞ୍ଜନ ମଲ୍ଲିକ ଓ ଦଶରଥପୁର ବ୍ଲକର ସାମ୍ବାଦିକ ପ୍ରମୋଦ ପୁହାଣ, ଯୁବ ସମାଜସେବୀ ବିଶ୍ୱଜିତ ପଣ୍ଡା ପ୍ରମୁଖ ଗୁରୁତର ସାମ୍ବାଦିକ ସନ୍ଦୀପ୍ତ ରାୟଙ୍କ ଯାଜପୁର ସ୍ଥିତ ବାସଭବନରେ ପହଞ୍ଚି ସନ୍ଦୀପ୍ତ ରାୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଆସୁ ଆରୋଗ୍ୟ କାମନା କରିଥିଲେ। ଏଥିସହ ଉତ୍କଳ ସାମ୍ବାଦିକ ସଙ୍ଘ ପକ୍ଷରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଏଭଳି ସମୟରେ ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସାମ୍ବାଦିକ ମାନେ ସନ୍ଦୀପ୍ତଙ୍କ ନିକଟରେ ପହଞ୍ଚି ସମବେଦନା ଜଣେଇ ଥିବାରୁ ସନ୍ଦୀପ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଫାର୍ମାସୀ ଅଫିସର ସେବା ସଂଘର ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ

**ସୋହେଲା,୧୮।୫ (ସଂଚାର ବ୍ୟୁରୋ):** ବରଗଡ ଜିଲ୍ଲା ସୋହେଲା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ସଭାଗୃହରେ ଫାର୍ମାସୀ ଅଫିସର ସେବା ସଂଘ (ବରଗଡ ଶାଖା)ର ଏକ ସାଧାରଣ ବୈଠକ ତଥା ନୂତନ କର୍ମକର୍ତ୍ତା ନିର୍ବାଚନ ଆଜି ଅନୁଷ୍ଠିତ ହୋଇଥିଲା । ସର୍ବ ପ୍ରଥମେ ଗତ ଦୁଇ ବର୍ଷର ଆୟ ବ୍ୟୟ ଉପରେ ପୁଙ୍ଖାନୁପୁଙ୍ଖ ହିସାବ ସମସ୍ତ ସଭ୍ୟମାନଙ୍କ ସମ୍ମୁଖରେ ଆଲୋଚନା କରାଯାଇଥିଲା । ସଂଘର କାର୍ଯ୍ୟକାଳ ୨ବର୍ଷ ପୁରୁଣ ହୋଇଥିବାରୁ ତାକୁ ଭଙ୍ଗ କରାଯାଇ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଗଲା । ଏଥିରେ ସଭାପତି ଭାବରେ ସଂଜୀବ କୁମାର ସେଠ, ସଂପାଦକ ଭାବରେ ଅଶୋକ କୁମାର ମହାନ୍ତି, ଉପସଭାପତି ଭାବରେ ଆଶୁତୋଷ ହୋତା, ଯୁଗ୍ମ ସଂପାଦକ ଭାବରେ ଅନ୍ତର୍ଯ୍ୟାମୀ ପଧାନ, କୋଷାଧକ୍ଷ ଭାବରେ ଗିରିଜା ପ୍ରସାଦ ସେଠ, ସଂଗଠନ ସଂପାଦକ ଭାବରେ ଆକାଂକ୍ଷା ପ୍ରସାଦ ଚଇନି, ହିସାବ ରକ୍ଷକ ଭାବରେ ନବୀନ ଚନ୍ଦ୍ର ଗିରି, ହିସାବ ସମୀକ୍ଷକ ଭାବରେ ଶ୍ରୀମତୀ ରଶ୍ମି ରାଉତ, ପରାମର୍ଶ ଦାତା ଭାବରେ ଝସକେତନ ସୁନା ଓ ସୁଶାନ୍ତ କୁମାର ଭୋଇ ତଥା କାର୍ଯ୍ୟକାରୀ ସଦସ୍ୟଭାବରେ ଅନୀଲ କୁମାର ପଧାନ, ବୃନ୍ଦାବନ ମେହେର ଓ ମୃତ୍ୟୁଞ୍ଜୟ ସେଠୀ ମନୋନୀତ ହୋଇଥିଲେ। ଶେଷରେ ଅନ୍ତର୍ଯ୍ୟାମୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଇନଜୀବୀଙ୍କ ବିୟୋଗରେ ଶୋକ

**କଟକ,୧୮।୫ (ସଂଚାର ବ୍ୟୁରୋ):** ବିଶିଷ୍ଟ ଆଇନଜୀବୀ ମହାନଗର ନାଗରିକ ମଞ୍ଚର ବରିଷ୍ଠ ନେତା ପ୍ରଶାନ୍ତ କୁମାର ପଣ୍ଡାଙ୍କର କାଲି ଅପରାହ୍ନରେ ଅଂଶୁଘାତରେ ଅକାଳ ମୃତ୍ୟୁ ଘଟିଛି। ସେ ଜଣେ ନିସ୍ୱାର୍ଥପର ସାମାଜିକ କର୍ମୀ ଥିଲେ। ସେ ପରିବହନ ଓ ଉପଭୋକ୍ତା ଆଇନର ବିଶାରଦ ଥିଲେ ଉପଭୋକ୍ତା ଆନ୍ଦୋଳନର ସର୍ବ ଭାରତୀୟ ନେତା ତଥା କଲ୍ୟାଣ କମିଟିର ସଭାପତି ଥିଲେ ଜନସ୍ୱାର୍ଥ ରକ୍ଷା ପାଇଁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଗଠିତ କମିଟିମାନଙ୍କରେ ସଦସ୍ୟ ରହି ସାଲିସହୀନ ଭାବେ ଜନସ୍ୱାର୍ଥ ରକ୍ଷା କରି ଥିଲେ। ତାଙ୍କ ବିୟୋଗରେ ମହା ନଗର ନାଗରିକ ମଞ୍ଚ ସମେତ ବିଭିନ୍ନ ଗଣ ସଂଗଠନ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ପ୍ରାଥମିକ ଶିକ୍ଷକ ବଦଳି ପାଇଁ ବିଜ୍ଞପ୍ତି ପ୍ରକାଶ

# ସାଂସଦ, ବିଧାୟକଙ୍କ ପାଖରେ ଭିଡ଼

**କାକଟପୁର/ଅସ୍ତରଙ୍ଗ,୧୮।୫ (ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସବୁ ବର୍ଗର ପ୍ରାଥମିକ ଶିକ୍ଷକଙ୍କ ବଦଳି ପାଇଁ ଚିଠି ନଂ ୧୩୪୫୩/୨୫ ଯୋଗେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ତେବେ ଦୀର୍ଘ ଦିନ ଧରି ଗୋଟିଏ ବିଦ୍ୟାଳୟରେ କାର୍ଯ୍ୟ କରିଆସୁଥିବା ଶିକ୍ଷକଙ୍କ ମଧରେ ଭାଳେଣି ପଡିଛି। ଅନ୍ୟପଟେ ବଦଳିକୁ ରଦ୍ଦ କିମ୍ବା ନିଜର ସୁବିଧା ଅନୁସାରେ କରିବାକୁ ଏବେ ବିଧାୟକ ଓ ସାଂସଦଙ୍କ ନିକଟରେ ଭିଡ଼ ଜମୁଛି ବୋଲି ବେଶ ଚର୍ଚ୍ଚା ଅସ୍ତରଙ୍ଗ ଅଂଚଳରେ। ଏପରି ଘଟଣା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଦେଖିବାକୁ ମିଳିଥିବା ବେଳେ ଏହା ସାଧାରଣରେ ବେଶ କୌତୁହଳ ସୃଷ୍ଟି କରିଛି।

ବିଜ୍ଞପ୍ତିରେ ୩ପ୍ରକାର ବଦଳି ସମ୍ପର୍କରେ ଉଲ୍ଲେଖ ରହିଛି। ଗୋଟିଏ ଜିଲ୍ଲାରୁ ଅନ୍ୟ ଜିଲ୍ଲା, ଜିଲ୍ଲା ମଧରେ ଗୋଟିଏ ବ୍ଲକରୁ ଅନ୍ୟ ବ୍ଲକକୁ ବଦଳି ଅନଲାଇନ ମାଧ୍ୟମରେ ଆବେଦନ କରିବା ପାଇଁ ନିର୍ଦ୍ଦେଶନାମା ଉଲ୍ଲେଖ ରହିଛି। ଅପରପକ୍ଷେ ରେସନାଲାଇଜେସନ ବଦଳିରେ ଅଫିସଙ୍କ ନିୟମ ଅନୁଯାୟୀ ପର୍ଯ୍ୟାପ୍ତ ପରିସର ଦିଆଯାଇଛି। ଏହା ଅଫଲାଇନରେ ହେବ। ଏହି ପ୍ରକ୍ରିୟାରେ ଗୋଟିଏ ବିଦ୍ୟାଳୟରେ ୬ବର୍ଷରୁ ଅଧିକ କାର୍ଯ୍ୟରତ ଶିକ୍ଷକ ଅନ୍ୟ ବିଦ୍ୟାଳୟକୁ ବଦଳି ପାଇଁ ଯୋଗ୍ୟ ଏବଂ ଗୋଟିଏ ବିଦ୍ୟାଳୟରେ ୧୦ ବର୍ଷରୁ ଅଧିକ କାର୍ଯ୍ୟରତ ଶିକ୍ଷକ ନିଶ୍ଚିତ ଅନ୍ୟ ବିଦ୍ୟାଳୟକୁ ବଦଳି ପ୍ରକ୍ରିୟାରେ ନର୍ଦ୍ଦେଶ ରହିଛି। ଏଥି ସହିତ ଆବଶ୍ୟକତା ଠାରୁ ଅଧିକ ଶିକ୍ଷକ ଥିବା ବ୍ଲକକୁ ଶିକ୍ଷକ ବଦଳି ହେବେ।

ଏପରି କ୍ଷେତ୍ରରେ ସର୍ବାଧିକ ବର୍ଷ କାର୍ଯ୍ୟରତ ଶିକ୍ଷକ ଅନ୍ୟ ବ୍ଲକକୁ ବଦଳି ହେବେ। ଶିକ୍ଷକ ମାନେ ବଦଳି ପରେ ନୂତନ ବିଦ୍ୟାଳୟରେ ଆଗାମୀ ଜୁନ ୧୩ ତାରିଖରେ କାର୍ଯ୍ୟରେ ଯୋଗ ଦେବେ। ଏହି ନିର୍ଦ୍ଦେଶ ଆସିବା ପରେ ଗୋଟିଏ ବିଦ୍ୟାଳୟରେ ୧୦ବର୍ଷରୁ ଅଧିକ କାର୍ଯ୍ୟରତ ଶିକ୍ଷକଙ୍କ ମଧରେ ଭାଳେଣି ପଡିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଅନେକ ବିଦ୍ୟାଳୟରେ ଜଣେ ଶିକ୍ଷକ ଗୋଟିଏ ଲେଖାଏଁ ବିଦ୍ୟାଳୟରେ ୧୦ବର୍ଷରୁ ଉର୍ଦ୍ଧ ରହିଲେଣି। ଦୀର୍ଘ ବର୍ଷ ପରେ ଶିକ୍ଷକଙ୍କ ପାଇଁ ନିର୍ଦ୍ଦିଷ୍ଟ ବଦଳି ନିୟମ ଲାଗୁ ହେବାକୁ ଯାଉଥିବାରୁ ଅଧିକାଂଶ ଶିକ୍ଷକ ଖୁସିବ୍ୟକ୍ତ କରିଛନ୍ତି। ଅପରପକ୍ଷେ କାକଟପୁର ନିର୍ବାଚନ ମଣ୍ଡଳୀ ତଥା ଜଗତସିଂହପୁର ଲୋକସଭା ସାଂସଦଙ୍କ ନିକଟକୁ ଶିକ୍ଷକ ଦରଖାସ୍ତ ଧରି ସୁପାରିଶ କରିବାକୁ ଦୌଡୁଛନ୍ତି। ତେବେ ରାଜନୈତିକ ଚାପ ନ ପଡିଲେ, ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ରହିବ ବୋଲି ଶିକ୍ଷାବିତିମାନେ ମତ ରଖିଛନ୍ତି। ଅନ୍ୟପଟେ ସାଂସଦ ଓ ବିଧାୟକଙ୍କ ପାଖରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଭିଡ଼କୁ ନେଇ ନାନା ଆଲୋଚନା ଚାଲିଛି।



# ବିଜ୍ଞାନ

## ୨୦୨୬ରୁ ଭାରତରେ ବିମାନ ଟାକ୍ସି ସେବା

# ୭ ମିନିଟ୍‌ରେ ଦିଲ୍ଲୀରୁ ଗୁରୁଗ୍ରାମ!



ଭାରତରେ ବିମାନସେବା ଯୋଗାଉଥିବା ଅନ୍ୟତମ ପ୍ରମୁଖ ସଂସ୍ଥା 'ଇଣ୍ଡିଗୋ'ର ମୂଳ କମ୍ପାନି 'ଇଣ୍ଟରଗ୍ଲୋବ୍ ଏଣ୍ଟରପ୍ରାଇଜେସ୍' ଓ ଆମେରିକାର 'ଆର୍ଚର ଏଭିଏସନ୍' ମିଶି ଖୁବ୍ ଶୀଘ୍ର ଭାରତରେ ବିଦ୍ୟୁତ୍-ବିମାନ-ଟାକ୍ସି ସେବା ଯୋଗାଇବେ ବୋଲି ଜଣାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଏହା ଦିଲ୍ଲୀର କନଟ୍‌ପ୍ଲେସ୍‌ରୁ ହରିୟାଣାର ଗୁରୁଗ୍ରାମ ଯାଏ ଯାତ୍ରୀମାନଙ୍କୁ ନେବା ଆଣିବ କରିବ। ଦୁଇ ସ୍ଥାନ ମଧ୍ୟରେ ୨୭ କି.ମି. ଦୂରତା ଅତିକ୍ରମ କରିବାକୁ ସଡ଼କପଥରେ ସର୍ବନିମ୍ନ ୩୦ ମିନିଟ୍ ସମୟ ଲାଗୁଥିବା ବେଳେ ବିମାନ ଟାକ୍ସିରେ ମାତ୍ର ୭ ମିନିଟ୍‌ରେ ଯାତ୍ରୀମାନେ ପହଞ୍ଚିପାରିବେ।

୨୦୨୬ରେ ଆରମ୍ଭ ହେବାକୁ ଥିବା ଏହି ସେବାରେ ମୋଟ ଶହେ କୋଟି ଡଲାର ଖର୍ଚ୍ଚ ହେବ ବୋଲି ଜଣାଯାଇଛି। ତେବେ ଏକ ପାଞ୍ଚ ଆସନ ବିଶିଷ୍ଟ ବିଦ୍ୟୁତ୍ ଚାଳିତ ବିମାନରେ ଯିବା ଲାଗି ଯାତ୍ରୀ ପିଛା ୨,୦୦୦ରୁ ୩,୦୦୦ ଟଙ୍କା ଲାଗିବ ବୋଲି ଅନୁମାନ କରାଯାଉଛି। ପ୍ରଥମେ ଏହି ସେବା ରାଜଧାନୀ ଦିଲ୍ଲୀରୁ ଆରମ୍ଭ ହେବାକୁ ଥିବା ବେଳେ ପରେ ମୁମ୍ବାଇ ଓ ବେଙ୍ଗାଲୁରୁକୁ ସମ୍ପ୍ରସାରିତ ହେବ। ପଞ୍ଜୀକରଣ ସଂପନ୍ନ ହେଲା ପରେ ଆବଶ୍ୟକ ପରୀକ୍ଷା ନିରୀକ୍ଷା ଓ ନିରାପତ୍ତା ଯାଞ୍ଚ ପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକ (ଡିଜିସିଏ) ୨୦୨୫ ଶେଷ ସୁଦ୍ଧା ବିମାନ-ଟାକ୍ସି ସେବା ପାଇଁ ଅନୁମତି ପ୍ରଦାନ କରିବେ ବୋଲି କମ୍ପାନି ଆଶା ରଖିଛି। ବେଳେବେଳେ ଅତି ଜରୁରୀ କାମରେ ଗଲା ବେଳେ ସଡ଼କପଥରେ ସାଂଘାତିକ ଟ୍ରାଫିକ୍ ଭିଡ଼ ପରି ଅନାହୂତ ସମସ୍ୟା ଯୋଗୁଁ ବିଳମ୍ବ ହେଉଥିଲା ବେଳେ ଏହି ବିଦ୍ୟୁତ୍-ବିମାନ-ଟାକ୍ସି ସେବା ସେଥିରୁ ମୁକ୍ତ କରାଇବ ବୋଲି ଆଶା କରାଯାଉଛି।

## 'ନାସା'ର ରୋଭର୍ ମହାକୁମ୍ଭ

# ଭାରତୀୟ ଛାତ୍ରଙ୍କ ଚମକ

ଭାରତର ଦୁଇ ଦଳ ଛାତ୍ରଙ୍କୁ ଆମେରିକାର ମହାକାଶ ଗବେଷଣା ପ୍ରତିଷ୍ଠାନ 'ନାସା' 'ହ୍ୟୁମାନ ଏକ୍ସପ୍ଲୋରେସନ୍ ରୋଭର୍ ଚ୍ୟାଲେଞ୍ଜ' (ହର୍କ) ପୁରସ୍କାର ପ୍ରଦାନ କରିଛି। ଏହି ପ୍ରତିଯୋଗିତାର 'କ୍ରାସ୍ ଆଣ୍ଡ୍ ବର୍ନ' ବିଭାଗର ପୁରସ୍କାର ଦିଲ୍ଲୀ-ଏନ୍‌ସିଆର୍ ସ୍ଥିତ କେଆଇଇଟି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ସ୍ ପାଇଥିବା ବେଳେ ମୁମ୍ବାଇର କନକିଆ ଇଣ୍ଟର୍‌ନାସନାଲ୍ ସ୍କୁଲକୁ 'ରୁକି ଅଫ ଦି ଇଅର' ପୁରସ୍କାର ମିଳିଛି।

**ପୃଥିବୀ ବାହାରକୁ ମଣିଷ ସହ ମହାକାଶଯାନ ପଠାଇବା ଲାଗି ନୂତନ ଜ୍ଞାନକୌଶଳର ବିକାଶ ତଥା ଗବେଷଣାକୁ ପ୍ରୋତ୍ସାହନ ଦେବା ପାଇଁ 'ନାସା' ପକ୍ଷରୁ ହର୍କ ପ୍ରତିଯୋଗିତା ଆୟୋଜନ କରାଯାଇଆସୁଛି। ଏ ବର୍ଷ ଭାରତର ଦୁଇଟି ଦଳ ପୁରସ୍କୃତ ହୋଇଛନ୍ତି।**




ଆମେରିକାର ହଣ୍ଟସ୍‌ଭାଇଲ୍ ସ୍ଥିତ ଆମେରିକା ମହାକାଶ ଓ ରକେଟ୍ କେନ୍ଦ୍ରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଆମେରିକା ସମେତ ଅନ୍ୟ ୧୩ଟି ଦେଶର ୬୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେମାନଙ୍କ ଭିତରେ ୭ଟି ଭାରତୀୟ ଦଳ ରହିଥିଲେ। ଅନ୍ୟ ୫ଟି ଭାରତୀୟ ଦଳ ହେଲେ, ବିଟ୍‌ସ ପିଲାନି (ଗୋଆ), କାଣ୍ଡର ଇଣ୍ଟରନାସନାଲ ସ୍କୁଲ (ବେଙ୍ଗାଲୁରୁ), ପଞ୍ଜାବ ଇଞ୍ଜିନିଅରିଂ କଲେଜ (ଚଣ୍ଡୀଗଡ଼), ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଚେନ୍ନାଇ) ଏବଂ ୟଙ୍ଗ ମାଇଣ୍ଡ୍ ରିସର୍ଚ୍ଚ ଆଣ୍ଡ୍ ଡେଭଲପ୍‌ମେଣ୍ଟ୍ (ଫରିଦାବାଦ)। ସେମାନଙ୍କ ଭିତରୁ ହାଇସ୍କୁଲ ବିଭାଗରେ ଆମେରିକାର ଡଲାସ୍ ସ୍ଥିତ ପ୍ୟାରିସ ଏପିସ୍କୋପାଲ ସ୍କୁଲ ଶୀର୍ଷ ସ୍ଥାନ ଦଖଲ କରିଥିବା ବେଳେ ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟ ବିଭାଗରେ ଆମେରିକାର ହଣ୍ଟସଭାଇଲ୍ ସ୍ଥିତ ଆଲବାମା ବିଶ୍ୱବିଦ୍ୟାଳୟ ପ୍ରଥମ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଆଗାମୀ ଦିନରେ ପୃଥିବୀ ବାହାରକୁ ମଣିଷ ସହ ମହାକାଶଯାନ ପଠାଇବା ଉଦ୍ଦେଶ୍ୟରେ ନୂତନ ଜ୍ଞାନକୌଶଳର ବିକାଶ ତଥା ଗବେଷଣାକୁ ପ୍ରୋତ୍ସାହିତ କରିବା ଲାଗି 'ନାସା' ପକ୍ଷରୁ ହର୍କ ପ୍ରତିଯୋଗିତାର ଆୟୋଜନ କରାଯାଇଆସୁଛି। ଏକ କି.ମି. ବ୍ୟାପୀ ବିଭିନ୍ନ ପ୍ରତିବନ୍ଧକପୂର୍ଣ୍ଣ ରାସ୍ତାରେ ପ୍ରତିଯୋଗୀମାନେ ସେମାନଙ୍କ ଦ୍ୱାରା ପରିକଳ୍ପିତ ରୋଭର ପରିଚାଳନା କରିଥିଲେ। ରୋଭରଗୁଡ଼ିକର ଆକୃତି, ଗତିଶୀଳତା, ନିରାପତ୍ତା ଓ କାର୍ଯ୍ୟଦକ୍ଷତାକୁ ତର୍ଜମା କରି ସେମାନଙ୍କର ମୂଲ୍ୟାଙ୍କନ କରାଯାଇଥିଲା।

# ରିଅଲ୍‌ମିର ଦୁଇଟି ବଜେଟ୍ ମଡେଲ୍



ରିଅଲ୍‌ମି କମ୍ପାନି ଆଜି ଭାରତୀୟ ବଜାରରେ ଦୁଇଟି ନୂଆ ବଜେଟ୍ ଫୋନ୍ ଉନ୍ମୋଚନ କରିଛି- 'ନାର୍‌ଜୋ ୭୦ ୫ଜି' ଓ 'ନାର୍‌ଜୋ ୭୦ଏକ୍‌ସ ୫ଜି'। ଏ ଦୁଇଟି ଫୋନ୍‌ରେ ମିଡିଆଟେକ୍ ଚିପ୍‌ସେଟ୍ ଲାଗିଛି। ଉଭୟ ଫୋନ୍‌ର ଆଇପି୫୪ ରେଟିଂ ରହିଛି; ୫,୦୦୦ଏମ୍‌ଏଏଚ୍ ବ୍ୟାଟେରିର ୪୫ ବାଟ୍ ଚାର୍ଜିଂ ସପୋର୍ଟ ରହିଛି। ଉଭୟ ଫୋନ୍ ଫରେଷ୍ଟ ଗ୍ରିନ୍ ଓ ଆଇସ୍ ବ୍ଲୁ ରଙ୍ଗରେ ଉପଲବ୍ଧ। ଏହି ଫୋନ୍‌ଗୁଡ଼ିକ ଆଣ୍ଡ୍ରଏଡ୍ ୧୪ ଦ୍ୱାରା ପରିଚାଳିତ ଏବଂ ଏଥିରେ ତିନି ବର୍ଷର ସିକ୍ୟୁରିଟି ଅପ୍‌ଡେଟ୍ ଓ ଦୁଇ ବର୍ଷର ସଫ୍‌ଟୱେର୍ ଅପ୍‌ଡେଟ୍ ମିଳିବ। ନାର୍‌ଜୋ ୭୦ ମଡେଲ୍‌ର ପ୍ରାରମ୍ଭିକ ମୂଲ୍ୟ ହେଉଛି ୧୪,୯୯୯ ଟଙ୍କା। ଏଥିରେ ୬ଜିବି ରାମ୍ ଓ ୧୨୮ ଜିବିର ଷ୍ଟୋରେଜ୍ କ୍ଷମତା ରହିଛି। ଏଥିରେ ୬.୬୭ ଇଞ୍ଚର ଫୁଲ୍-ଏଚ୍‌ଡି ଆମୋଲେଡ୍ ପରଦା ଲାଗିଛି, ଯାହାର ରିଫ୍ରେସ୍ ରେଟ୍ ୧୨୦ହର୍ଜ। ଏଥିରେ ମିଡିଆଟେକ୍ ଡାଇମେନ୍‌ସିଟି ୭୦୫୦ ଚିପ୍‌ସେଟ୍ ଖଞ୍ଜାଯାଇଛି। ଏହାର ପଛ ପାର୍ଶ୍ୱରେ ଦୁଇଟି କ୍ୟାମେରା (୫୦ ମେଗାପିକ୍ସଲ୍ ପ୍ରାଇମେରି ଓ ୨ ମେଗାପିକ୍ସଲ୍ ସୁଟର୍) ଲାଗିଛି। ଏହାର ଫ୍ରଣ୍ଟ୍ କ୍ୟାମେରାଟି ୧୬ ମେଗାପିକ୍ସଲ୍ ବିଶିଷ୍ଟ। ଅପରପକ୍ଷେ ନାର୍‌ଜୋ ୭୦ଏକ୍‌ସ ମଡେଲ୍‌ର ପ୍ରାରମ୍ଭିକ ମୂଲ୍ୟ ୧୦,୯୯୯ ଟଙ୍କା। ଏଥିରେ ୪ଜିବି ରାମ୍ ଓ ୧୨୮ ଜିବିର ଷ୍ଟୋରେଜ୍ ରହିଛି। ଏହାର ଦାମ କମ୍ ହୋଇଥିଲେ ହେଁ ଏଥିରେ ଅପେକ୍ଷାକୃତ ବଡ଼ (୬.୭୨ ଇଞ୍ଚ) ଫୁଲ୍ ଏଚ୍‌ଡି ଆମୋଲେଡ୍ ପରଦା ରହିଛି। ଏଥିରେ ମିଡିଆଟେକ୍ ଡାଇମେନ୍‌ସିଟି ୬୧୦୦+ ଚିପ୍‌ସେଟ୍ ଖଞ୍ଜାଯାଇଛି। ଏହାର ପଛ ପାର୍ଶ୍ୱରେ ଦୁଇଟି କ୍ୟାମେରା (୫୦ ମେଗାପିକ୍ସଲ୍ ପ୍ରାଇମେରି ଓ ୨ ମେଗାପିକ୍ସଲ୍ ସୁଟର୍) ଥିବା ବେଳେ ଏହାର ଫ୍ରଣ୍ଟ କ୍ୟାମେରାଟି ୮ ମେଗାପିକ୍ସଲ୍ ବିଶିଷ୍ଟ।

# ଚେକ୍‌ବହିର ଏମ୍‌ଆଇସିଆର୍ କୋଡ୍

ବ୍ୟାଙ୍କ କାରବାର ସମୟରେ ବେଳେବେଳେ ଆମକୁ ଏମ୍.ଆଇ.ସି.ଆର୍. କୋଡ୍ ଲେଖିବା ପାଇଁ କୁହାଯାଏ। ଏହି କୋଡ୍‌ଟି କ'ଣ? କ'ଣ ଏହାର ବ୍ୟବହାର?

ପ୍ରତ୍ୟେକ ବ୍ୟାଙ୍କ ଶାଖାକୁ ଚିହ୍ନିତ କରିବା ପାଇଁ ତାହାର ବ୍ରାଞ୍ଚ କୋଡ୍ ଓ ଆଇ.ଏଫ୍.ଏସ୍.କୋଡ୍ ଛଡ଼ା ଅନ୍ୟ ଏକ କୋଡ୍ ହେଉଛି ଏମ୍.ଆଇ.ସି.ଆର୍. କୋଡ୍। ଏହା 'ମାଗ୍‌ନେଟିକ୍ ଇଙ୍କ୍ କ୍ୟାରେକ୍ଟର୍ ରେକଗ୍‌ନିସନ୍'କୁ ବୁଝାଏ। ଏହି କୋଡ୍ ମୁଖ୍ୟତଃ ଚେକ୍ କ୍ଲିଅରାନ୍‌ସ ସମୟରେ ଆବଶ୍ୟକ




ହୁଏ। ଚେକ୍ ମାଧ୍ୟମରେ କାହାକୁ ଟଙ୍କା ଦେଲେ, ଚେକ୍ ଗ୍ରହୀତା ତାହାକୁ ନିଜ ବ୍ୟାଙ୍କ ଶାଖାରେ ଜମା କରନ୍ତି ଏବଂ ସମ୍ପୃକ୍ତ ଶାଖା ତାହାକୁ କ୍ଲିଅରିଂ ହାଉସକୁ ପଠାନ୍ତି। ଏହି କ୍ଲିଅରିଂ ସମୟରେ ଏମ୍.ଆଇ.ସି.ଆର୍. କୋଡ୍ ମାଧ୍ୟମରେ ବ୍ୟାଙ୍କ ଶାଖାର ଚିହ୍ନଟ ହୋଇଥାଏ। ଆଜିକାଲି କ୍ଲିଅରିଂ ପାଇଁ କାଗଜ ଚେକ୍ ନପଠାଇ କେବଳ ଏହାର କମ୍ପ୍ୟୁଟର ପ୍ରତିଛବି ପଠାଯାଉଛି।

ଏମ୍.ଆଇ.ସି.ଆର୍. କୋଡ୍ ପ୍ରତି ଚେକ୍ ପୃଷ୍ଠାର ତଳ ଭାଗରେ ଲେଖାଥାଏ। ଏହା ଏକ ନଅ ଅଙ୍କ ବିଶିଷ୍ଟ ସଂଖ୍ୟା। ଏହାର ପ୍ରଥମ ତିନିଟି ଅଙ୍କ ସହରକୁ ଚିହ୍ନାଏ, ଯାହାକି ଡାକବିଭାଗର ପିନ୍‌କୋଡ୍ ସହ ସଂପୃକ୍ତ। ଉଦାହରଣ ସ୍ୱରୂପ ଭୁବନେଶ୍ୱର ସହରର ବ୍ୟାଙ୍କ ଶାଖାଗୁଡ଼ିକର ଏମ୍.ଆଇ.ସି.ଆର୍. କୋଡ୍ ୭୫୧ରୁ ଆରମ୍ଭ। ଏହାର ପରବର୍ତ୍ତୀ ତିନିଟି ଅଙ୍କ ବ୍ୟାଙ୍କକୁ ଓ ଶେଷ ତିନିଟି ଅଙ୍କ ନିର୍ଦ୍ଦିଷ୍ଟ ଶାଖାକୁ ଚିହ୍ନିତ କରିଥାଏ। ଏହି ନଅ ଅଙ୍କ ବିଶିଷ୍ଟ କୋଡ୍ ପ୍ରତି ଚେକ୍ ପୃଷ୍ଠା ଉପରେ ଚୁମ୍ବକୀୟ ଗୁଣ ଥିବା କାଳିରେ ଛାପା ଯାଇଥାଏ, ଯାହାକୁ କମ୍ପ୍ୟୁଟର ଅନାୟାସରେ ପଢ଼ି ନେଇପାରେ। ଚେକ୍ ଉପରେ ଅନ୍ୟ କିଛି ଲେଖା ଥିଲେ ବା ଷ୍ଟାମ୍ପ୍ ଲାଗିଥିଲେ ମଧ୍ୟ ଚୁମ୍ବକୀୟ କାଳିରେ ଲେଖା ଏହି ସଂଖ୍ୟାକୁ କମ୍ପ୍ୟୁଟର ସହଜରେ ପଢ଼ି ନେଇପାରେ।

# ବିଶ୍ୱର ପ୍ରଥମ ୩ଡି ଇ-ସ୍କିନ୍



ଚୀନର ସିଂଘୁଆ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗ କରି ବିଶ୍ୱର ପ୍ରଥମ ଇଲେକ୍ଟ୍ରୋନିକ୍ ଚର୍ମ ବା ଇ-ସ୍କିନ୍ ବିକଶିତ କରିପାରିଛନ୍ତି। ଏହା ବ୍ୟାଣ୍ଡ-ଏଡ୍ ପଟି ପରି ସିଧାସଳଖ ଚର୍ମ ଉପରେ ଚିପକା ଯାଇ ପାରିବ। ଅବିକଳ ମନୁଷ୍ୟ ଚର୍ମର ସମ୍ବେଦନଶୀଳତା ପ୍ରଦାନ କରୁଥିବା ଏହି ଇ-ସ୍କିନ୍ ବିଶେଷ କରି ଜୈବ-ଭେଷଜ ବିଶ୍ଳେଷଣ ପାଇଁ ଆବଶ୍ୟକ ପଡୁଥିବା ରକ୍ତରେ ଅମ୍ଳଜାନ ସ୍ତର କି ହୃଦ୍‌ସ୍ପନ୍ଦନ ପରି ରିଅଲ-ଟାଇମ୍ ସ୍ୱାସ୍ଥ୍ୟଗତ ତଥ୍ୟ ନିରୀକ୍ଷଣ କରିବା ପାଇଁ ଉପଯୁକ୍ତ ବୋଲି କୁହାଯାଇଛି। ଭବିଷ୍ୟତରେ ଏହାକୁ ମେଡିକାଲ ରୋବଟର ଟିପ ଅଗରେ ଲଗାଇ କୌଣସି ଚିକିତ୍ସା ଓ ବିଶ୍ଳେଷଣର ଆଗୁଆ ପୂର୍ବାନୁମାନ କରିହେବ ବୋଲି ଦାବି କରାଯାଇଛି।

ଏଥିରେ ସାନ୍ଦ୍ର ଭାବରେ ରହିଥିବା କୌଶଳଶୀଳ ଗ୍ରାହକ କୋଷଗୁଡ଼ିକର ତିନି ପରିସର(ଥ୍ରି ଡିମେନ୍ସନାଲ) ବିଶିଷ୍ଟ ସ୍ଥାନ ବଣ୍ଟନ ରହିଛି, ଯାହା ବାହ୍ୟ ସମ୍ବେଦନକୁ ଠିକ୍‌ରେ ଅନୁଭବ କରିପାରିବ। ଏହାର ବିଶେଷତ୍ୱ ହେଉଛି ଏହା ଏକା ସମୟରେ ଚାପ, ଘର୍ଷଣ ଓ ଷ୍ଟ୍ରେନ୍ ସଂକେତର ଡିକୋଡିଂ କରିପାରୁଛି। ପୂର୍ବରୁ ଅବଶ୍ୟ ଷ୍ଟାଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷକମାନେ ଗତବର୍ଷ ଏକପ୍ରକାର ଇ-ସ୍କିନ୍ ବିକଶିତ କରିଥିଲେ ଯାହା ସିଧାସଳଖ ମସ୍ତିଷ୍କ ସହ ଯୋଗାଯୋଗ କରି ଚର୍ମର ବାସ୍ତବ ପ୍ରତିକ୍ରିୟାକୁ ଅନୁକରଣ କରିପାରୁଥିଲା। ମାତ୍ର ତାହା ୩ଡି ଇ-ସ୍କିନ୍ ନଥିଲା। ତେବେ ସେମାନଙ୍କ ଉଦ୍ଭାବନରେ ଉତ୍ସାହିତ ହୋଇ ଚୀନୀ ଗବେଷକମାନେ ଏଭଳି ଏକ ୩ଡି ଇ-ସ୍କିନ୍ ବିକଶିତ କରିଛନ୍ତି ଯାହା ଭେଷଜ ବିଶ୍ଳେଷଣ ଓ ଗବେଷଣାରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି ଆଶା କରାଯାଉଛି।

# କାନ୍ଥରେ ପବନ କଳ

ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ଦୂର କରିବା ଲାଗି ଦେଶମାନେ ଏବେ ଉଦ୍ୟମ କରୁଛନ୍ତି। ପବନ ଶକ୍ତି ହେଉଛି ଅକ୍ଷୟ ଶକ୍ତି ଉତ୍ସର ଏକ ଗୁରତ୍ୱପୂର୍ଣ୍ଣ ଉପାଦାନ। ତେବେ ପବନ କଳରୁ ସର୍ବାଧିକ ଶକ୍ତି ଓ ଦକ୍ଷତା ହାସଲ ପାଇଁ ଏହାର ନିର୍ମାତାମାନେ ବର୍ଷକୁ ବର୍ଷ ବଡ଼ ଧରଣର ଟର୍ବାଇନ୍ ନିର୍ମାଣ କରି ଚାଲିଛନ୍ତି। ଫଳରେ ଏହି ବିଶାଳ ଯନ୍ତ୍ରଟି ଶକ୍ତି ଉତ୍ପାଦନରେ ନିଜର ଭାଗୀଦାରି ବୃଦ୍ଧି କରି ପାରୁନାହିଁ। ବରଂ ତାହା ବଦଳରେ ଛାତ ଉପରେ କି ବାଡ଼ିବଗିଚାରେ ସୌର ପ୍ୟାନେଲ ସ୍ଥାପନ ପୂର୍ବକ ଆବଶ୍ୟକ ବିଦ୍ୟୁତ୍ ଶକ୍ତି ମିଳିପାରୁଛି। ତେବେ ନ୍ୟୁୟର୍କରେ ଅବସ୍ଥାପିତ ପବନ କଳ ନିର୍ମାତା ଜୋ ଡୌସେଟ୍ ଏକ ପବନକଳ ଲାଗିଥିବା କାନ୍ଥ ଦ୍ୱାରା ସହରାଞ୍ଚଳରେ ପ୍ରଭୂତ ପରିମାଣର ସ୍ୱଚ୍ଛ ଶକ୍ତି ଉତ୍ପାଦନ ପାଇଁ ଅଣ୍ଟା ଭିଡ଼ିଛନ୍ତି। ୨୦୨୧ ମସିହାରେ ପରିକଳ୍ପିତ ତାଙ୍କର ଏହି କାନ୍ଥଟି ଅନେକ ସଂଖ୍ୟକ ଭୂଲମ୍ବ ପବନ ଟର୍ବାଇନ୍‌କୁ ନେଇ ଗଠିତ। ଏପରି କାନ୍ଥ ଆଖିକୁ ମଧ ବେଶ୍ ସୁନ୍ଦର ଦିଶୁଛି। ତାହାକୁ ବିଭିନ୍ନ ହୋଟେଲ, କର୍ପୋରେଟ୍ ଅଫିସ୍ ଓ ଏପରିକି ବାସଗୃହମାନଙ୍କରେ ମଧ ଅନାୟାସରେ ଖଞ୍ଜାଯାଇପାରିବ। ବିଗତ ଦୁଇ ବର୍ଷ ହେଲା ସେ ନାନା ପରୀକ୍ଷାନିରୀକ୍ଷା କରି ଜାଣିବାକୁ ପାଇଛନ୍ତି ଯେ ପବନକଳରେ କୁଣ୍ଡଳାକୃତି ପଙ୍ଖା ଖଞ୍ଜିବା ଦ୍ୱାରା ସର୍ବାଧିକ ବିଜୁଳି ଉତ୍ପାଦନ ହୋଇପାରୁଛି। ଏପରି ଆଠଟି ଟର୍ବାଇନ୍ ଖଚିତ କାନ୍ଥ ବର୍ଷକୁ ୨,୨୦୦ କିଲୋବାଟ୍ ବିଦ୍ୟୁତ୍ ଶକ୍ତି ଯୋଗାଇପାରୁଛି। ୧୪ ଫୁଟ୍ ଲମ୍ବ ଓ ୭ ଫୁଟ୍ ଓସାର ବିଶିଷ୍ଟ ଏଭଳି ଗୋଟିଏ ଯନ୍ତ୍ରାଂଶର ଆକାରକୁ ବିଚାରକୁ ନେଲେ ତାହା ଯେ କୌଣସି ଘରେ ସ୍ଥାପନ କରିବା ସୁବିଧାଜନକ। ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଡୌସେଟ୍ ତାଙ୍କର ଏହି ଅଭିନବ ଟର୍ବାଇନ୍ ପଙ୍ଖାଗୁଡ଼ିକୁ ୮୦ ପ୍ରତିଶତ ପୁନଃପ୍ରକ୍ରିୟାକୃତ ପଦାର୍ଥରେ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି।





# କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଭେଟିଲେ ଚିକିଟି ବିଧାୟକ

**ବ୍ରହ୍ମପୁର,୧୮।୫ (ସଂଚାର ବ୍ୟୁରୋ):** ଚିକିଟି ବିଧାୟକ ମନରଞ୍ଜନ ଦ୍ୟାନ ସାମନ୍ତରା ଆଜି ଦିଲ୍ଲୀରେ କେନ୍ଦ୍ରୀୟ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଚିକିଟି ନିର୍ବାଚନ ମଣ୍ଡଳୀର ରେଳ ସମ୍ପର୍କିତ ଅନେକ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ତାଙ୍କର ନେତୃତ୍ୱ ଓ ଦୂରଦୃଷ୍ଟି ପାଇଁ ଓଡ଼ିଶାରେ ଅନେକ ରେଳ ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକାରୀ ହେଉଥିବାରୁ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଚିକିଟି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ଦୀର୍ଘଦିନର ଦାବି ଗୁଡ଼ିକୁ ବିଧାୟକ ମାନ୍ୟବର ମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଗୁଡିପଦର ଠାରେ ଏକ ପାସେଞ୍ଜର ହଲ୍ଟ ନିର୍ମାଣ, ସୁରଳ ରୋଡ ଷ୍ଟେସନରେ ଅଧିକ ଟ୍ରେନର ରହଣି, ସୁରଳ କିମ୍ବା ଗୋଳନ୍ଥରା ନିକଟରେ ଏକ କୋଚ୍ ଡିପୋ ସ୍ଥାପନ ଏବଂ ବ୍ରହ୍ମପୁରରେ ସମସ୍ତ ଦୂରଗାମୀ ଟ୍ରେନ୍‌ର ରହଣି ପ୍ରଭୃତି ବିଷୟରେ ଆଲୋଚନା କରିଥିଲେ। ଓଡିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ୍‌ର ବିସ୍ତାର, ହାଓଡ଼ା-ଭୁବନେଶ୍ୱର ଜନଶତାବ୍ଦୀ ଏକ୍ସପ୍ରେସ୍ ଏବଂ ରାଞ୍ଚି-ଭୁବନେଶ୍ୱର ଗରିବ ରଥ ଏକ୍ସପ୍ରେସ୍‌କୁ ବ୍ରହ୍ମପୁର ପର୍ଯ୍ୟନ୍ତ ବିସ୍ତାର କରିବା ପାଇଁ ମଧ ଅନୁରୋଧ କରିଥିଲେ ବିଧାୟକ। ଏହି ସବୁ ପ୍ରକଳ୍ପ ଗଞ୍ଜାମ ଜିଲ୍ଲା ତଥା ଦକ୍ଷିଣ ଓଡିଶାର ରେଳ ସଂଯୋଗକୁ ମଜବୁତ କରିବ ବୋଲି କୁହାଯାଇଛି। ତେବେ କେନ୍ଦ୍ର ରେଳମନ୍ତ୍ରୀ ମନ୍ତ୍ରୀ ଏ ସମସ୍ତ ଦାବି ଗୁଡିକୁ ଶୁଣିବା ସହ ସମାଧାନ ଦିଗରେ କାର୍ଯ୍ୟ କରିବାକୁ ଆଶ୍ୱାସନା ଦେଇଥିବା ଜଣାପଡିଛି। ଯାହା ଦ୍ୱାରା ଚିକିଟି ନିର୍ବାଚନ ମଣ୍ଡଳୀ ଏବଂ ଗଞ୍ଜାମ ଜିଲ୍ଲାର ଜନସାଧାରଣଙ୍କ ଦୀର୍ଘଦିନର ରେଳ ସମ୍ପର୍କିତ ଆଶା ଓ ଆକାଂକ୍ଷା ପୂରଣ ହେବ ବୋଲି ବିଧାୟକ ଆଶା କରିଛନ୍ତି।

## ବେଆଇନ ଇଟାଭାଟିକୁ ପ୍ରଶାସନର ଅନୁକମ୍ପା

# କମୁଛି ରାଜସ୍ୱ, ବଢୁଛି ପାରଦ

**ବାଲିଆପାଳ,୧୮।୫ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକରେ ରହିଛି ୫୦ରୁ ଊର୍ଦ୍ଧ୍ୱ ବେଆଇନ ଇଟାଭାଟି। ପ୍ରଚଳିତ ସରକାରୀ ନିୟମ ଓ ଅଦାଲତ ନିର୍ଦ୍ଦେଶକୁ ମଧ ଅଣଦେଖା କରି ପ୍ରଶାସନ ଏହି ସବୁ ଭାଟି ଚାଲିବାକୁ ଦେଇଛି ଅନୁମତି। ରାଜସ୍ୱ ବିଭାଗର ଅଧିକାରୀ ମାନେ ମାସିକିଆ ପାଉଣା ପାଉଥିବାରୁ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେଇ ନଦେଖିଲା ପରି ନିରବ ରହୁଥିବା ଅଭିଯୋଗ ହୋଇଛି। ଏବେ ପ୍ରଚଣ୍ଡ ଗ୍ରୀଷ୍ମ ଆରମ୍ଭ ହୋଇଥିବା ବେଳେ ଏ ସମସ୍ତ ଇଟାଭାଟିରୁ ନିର୍ଗତ ତାପମାତ୍ରା ପରିବେଶକୁ ଅଧିକ ଉତ୍ତପ୍ତ କରୁଛି। ତତସହିତ ଇଟାଭାଟିରୁ ନିର୍ଗତ ଧୂଆଁ, ପାଉଁଶ ଗୁଣ୍ଡ ଓ କଂଚାମାଲ ପରିବହନ ଯୋଗୁଁ ଉଡୁଥିବା ଧୂଆଁ ପରିବେଶକୁ ଆହୁରି ପ୍ରଦୁଷିତ କରୁଛି। ଏଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ରାଜସ୍ୱ ବିଭାଗ କ୍ଷମତା ଥିଲେ ମଧ ଏଗୁଡିକ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ ବିଭାଗୀୟ ଅଧିକାରୀଙ୍କ ସନ୍ଦେହ ସୃଷ୍ଟି କରିଛି। ଯେଉଁ ପରିମାଣରେ ଇଟା ପ୍ରସ୍ତୁତ ହେଉଛି ସେଭଳି ରୟାଲଟି ମଧ ହେଉନି।

ବାଲିଆପାଳ ବ୍ଲକର ବାଲିଆପାଳ, ବିଷ୍ଣୁପୁର, ବଢାପାଳ, ଜାମକୁଣ୍ଡା, ନିଖିରା ପ୍ରଭୃତି ନଦୀପଠା ଇଲାକାରେ ଏବେ ୫୦ ରୁ ଊର୍ଦ୍ଧ୍ୱ ଇଟାଭାଟିରେ ଇଟା ପୋଡା ଯାଉଥିବା ଦେଖାଯାଉଛି। ନଦୀପଠା ମାଟିରେ ପ୍ରସ୍ତୁତ ଇଟା ନାଲି ରଙ୍ଗ ଧାରଣ କରୁଥିବାରୁ ଏହାର ବିଶେଷ ଚାହିଦା ରହିଛି। ଏହି ଇଟାଭାଟି ଗୁଡିକ ଦ୍ୱାରା ନଦୀପଠାରୁ ବେଆଇନ ମାଟି ଉତ୍ତୋଳନ କରାଯାଉଛି। ବେଆଇନ ଇଟା ବେପାର ଯୋଗୁଁ ସରକାର ବହୁ ରାଜସ୍ୱ ହରାଉଛନ୍ତି। ଅନ୍ୟପକ୍ଷରେ ଇଟା ପୋଡିବା ଲାଗି ଏହି ଅଞ୍ଚଳରେ ଚୋରା କୋଇଲା ବେପାର ବଢିବା ସାଙ୍ଗକୁ ଜଙ୍ଗଲ କ୍ଷୟ ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପରିବେଶ ବିଭାଗ ଅନୁମତି ନଥାଇ ଲୋକଙ୍କ ଧନଜୀବନ ମଧ ସଙ୍କଟାପନ୍ନ ହେଉଛି। ଜନବସତି ନିକଟରେ ଇଟାଭାଟି ନିର୍ମାଣ ଓ ପୋଡିବା ଦିଗରେ ନିଷେଧାଦେଶ ଜାରି କରିବା।



ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ବାଲିଆପାଳ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି।

ବାଲିଆପାଳ, ଜାମକୁଣ୍ଡା ଓ ଶ୍ରୀରାମପୁର



ଆର.ଆଇ. ସର୍କଲରେ ଅନେକ ଇଟାଭାଟି ଜନବସତି, ସ୍କୁଲ, କଲେଜ ଗୁଡିକ ନିକଟରେ ରହିଛି। ଏହି ଭାଟି ଗୁଡିକରେ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରୁ ପୁରୁଷ, ମହିଳା ଓ ନାବାଳକ ମାନେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଶ୍ରମିକ କଲ୍ୟାଣ ଆଇନ ଅନୁଯାୟୀ ସେମାନଙ୍କୁ ସମସ୍ତ ସୁବିଧା ଓ ସୁରକ୍ଷା ଯୋଗାଇ ଦିଆଯାଉନଥିବା ବେଳେ ଇଟାଭାଟି ମାଲିକ ମାନେ ସେମାନଙ୍କୁ ସ୍ୱଳ୍ପ ମଜୁରୀରେ ଖଟାଇ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଚଳିତ ବର୍ଷ ଚେମିନି ଭାଟି ବ୍ୟତୀତ ବହୁ ଗୋଲ ଇଟାଭାଟି ସବୁ ଗଢି ଉଠିଛି। ତେବେ ହାତ ଗଣତି କିଛି ଭାଟିକୁ ଛାଡି ଦେଲେ ଅନ୍ୟ ସମସ୍ତ ଭାଟିରେ କୌଣସି କାଗଜ ପତ୍ର ନଥିବା ଜଣାଯାଇଛି। ବାଲିଆପାଳ ବ୍ଲକର ଇଟାଭାଟି ଗୁଡିକରେ ଚାଲିଥିବା ବେଆଇନ କାର୍ଯ୍ୟ ରୋକିବା ଦିଗରେ ମାଇନ୍ସ ବିଭାଗ, ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ, ଶ୍ରମ ବିଭାଗ ଓ ରାଜସ୍ୱ ବିଭାଗ ଦୃଷ୍ଟି ଦେବା ନିମନ୍ତେ ସାଧାରଣରେ ଦାବି ହେଉଛି। ତେବେ ଏ ସଂପର୍କରେ ବାଲିଆପାଳ ତହସିଲଦାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



## ବ୍ରାଉନସୁଗାର ଜବତ, ଜଣେ ଗିରଫ

**ନୀଳଗିରି,୧୮।୫ (ସଂଚାର ବ୍ୟୁରୋ):** ନୀଳଗିରି ଏବେ ନିଶା ବେପାରୀଙ୍କ ହବ ପାଲଟିଛି। ଯୁବସମାଜ ଏବେ ଜହର ଜାଲରେ। ଫଳରେ ଦିନକୁଦିନ ବୃଦ୍ଧି ପାଉଛି ନିଶା କାରବାର। ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ମାଦକଦ୍ରବ୍ୟ ର ବହୁଳ ବ୍ୟବହାର। ରବିବାର ନୀଳଗିରି ଅବକାରୀ ବିଭାଗର ଅଚାନକ ଚଢ଼ାଉରେ ଜଣେ ବ୍ରାଉନସୁଗାର ବେପାରୀ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ସୂଚନା ଅନୁଯାୟୀ ନୀଳଗିରି ଥାନା ମିରିଗିଣୀ ଛୋଟକାନପୁର ଗ୍ରାମର ରତିକାନ୍ତ ବେହେରା (୫୦)ଙ୍କ ଠାରୁ ୮୦ଗ୍ରାମ ଓଜନର ବ୍ରାଉନ ସୁଗାର(ହିରୋଇନ୍) ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୮ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଅବକାରୀ ଓଆଇସି ଜଗନ୍ନାଥ ବେହେରାଙ୍କ ନେତୃତ୍ୱରେ କନେଷ୍ଟବଳ ସନ୍ତୋଷ କୁମାର ବେହେରା, ତପନ କୁମାର ମଲ୍ଲିକ, ନାହାନ ମୁର୍ମୁ ଚଢାଉ କରି ଅଭିଯୁକ୍ତ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଏନେଇ ୫୧/୨୫ରେ ମାମଲା ରୁଜୁ ହୋଇଥିବା ବିଭାଗ ସୂତ୍ରରୁ ପ୍ରକାଶ।

## ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ଠାବ

**ଭବାନୀପାଟଣା,୧୮।୫ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଲଡୁଗାଁ ପଞ୍ଚାୟତ ସୁନାମାଲ ଭାଲୁପଡା ଗ୍ରାମର ଜଣେ ବିବାହିତା ମହିଳା ବୈଜୟନ୍ତି ମୁଣ୍ଡା(୨୦) ଙ୍କ ଝୁଲନ୍ତା ମୃତଦେହ ଗାଁ ନିକଟସ୍ଥ ଏକ ନିମ୍ବ ଗଛରେ ଠାବ ହୋଇଥିବା ଜଣାପଡିଛି। ମହିଳା ନିଜ ପିନ୍ଧିଥିବା ଶାଢ଼ୀରେ ବେକରେ ଫାଶ ଲଗାଇ ଗଛରେ ଝୁଲି ପଡିଥିବା ଦେଖିବାକୁ ମିଳିଛି। ସୂଚନା ପାଇ ପୁଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ସ୍ଥାନୀୟ କୋକସରା ତହସିଲଦାର ତଥା ମାଜିଷ୍ଟ୍ରେଟ ଓ ସାଆଇଣ୍ଟିଫିକ ଟିମ ଉପସ୍ଥିତିରେ ତଦନ୍ତ ଆରମ୍ଭ କରି ଶବକୁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଧର୍ମଗଡ଼ରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**କଳାହାଣ୍ଡି,୧୮।୫ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ରୋଗ ବ୍ୟାପିବା ଆଶଙ୍କା ଦେଖାଦେଇଛି। ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି।

ପାନୀୟ ଜଳ ଯୋଗାଣ ସମେତ ପରିମଳ ବ୍ୟବସ୍ଥା ପ୍ରତି ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ବିଭାଗ ରହିଛି, ଅଧିକାରୀବି ଅଛନ୍ତି, କିନ୍ତୁ ଅବ୍ୟବସ୍ଥା ପ୍ରତି ଧ୍ୟାନ ଦେଉନାହାନ୍ତି। ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି କର୍ତ୍ତୃପକ୍ଷ ମଧ ଦୃଷ୍ଟି ଦେଉନାହାନ୍ତି। ଏନଏସି ଗଠନ ପୂର୍ବରୁ ବହୁ ସରପଞ୍ଚ, ସମିତି ସଭ୍ୟ ଆସିଲେ ଓ ବୈଠକରେ ଆଲୋଚନା କରିଥିଲେ। ହେଲେ ବୈଠକ ପରେ ସମସ୍ତ ପ୍ରତିଶ୍ରୁତିକୁ ସମସ୍ତେ ଭୁଲିଯାଇଥିବା ଅଭିଯୋଗ ହେଉଛି। ଏଥିନେଇ ଉପରିସ୍ଥ ଅଧିକାରୀ ମଧ କେବେ ତଦାରଖ କରୁନଥିବା କୁହାଯାଉଛି। ଅଭିଯୋଗ ହେଲେ ବି କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି। ଏପଟେ ବିଭିନ୍ନ ୱାର୍ଡରେ ପଡ଼ିରହିଛି କୁଢ଼ କୁଢ଼ ମଇଳା। ତାକୁ ସଫା କରିବାକୁ କେହି ନାହାନ୍ତି। ଚାରିଆଡେ ମଶା, ମାଛି ଏବଂ ଅସ୍ୱାସ୍ଥ୍ୟକର ପରିବେଶ। ପୁରୁଣା ଗୋରୁବଜାର ପଡ଼ା ଗଳିକନ୍ଦିରେ ଦୀର୍ଘ ଦିନହେଲା ଡ୍ରେନ ସଫା ହୋଇନାହିଁ। ରାସ୍ତା ଉପରେ ଥିବା ଡ୍ରେନ ଭରପୁର ମଇଳା ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ପୁଣି ବସଷ୍ଟାଣ୍ଡ ଛକରୁ ଚାରିଛକ ପର୍ଯ୍ୟନ୍ତ ରାସ୍ତାର ପାର୍ଶ୍ୱରେ ଥିବା ଡ୍ରେନରେ ମଇଳା, ପାଣି ଜମି ରହିଥିବା ବେଳେ ଡ୍ରେନ ଅବସ୍ଥା ମଧ ଅନୁରୂପ। ଚାରିଆଡେ ଭରି ରହିଛି ମଇଳା।

## ରୋଗ ବ୍ୟାପିବା ଆଶଙ୍କା

ସେହିପରି ନାଏକ ପଡ଼ା ବସ୍ତିବାସିନ୍ଦା ଦୀର୍ଘ ଦିନ ଠାରୁ ଅଭିଯୋଗ କରି ଆସୁଥିଲେହେଁ ଦୀର୍ଘ ଦିନ ହେବ କୌଣସି ଗଳିକନ୍ଦିରେ ଡ୍ରେନ ଆଜିପର୍ଯ୍ୟନ୍ତ ସଫା ହୋଇ ପାରିନାହିଁ। ସହରର ଜଗନ୍ନାଥ ପଡ଼ାର ଉଭୟ ପାର୍ଶ୍ୱରେ ଡ୍ରେନ ଗୁଡିକ ଶୋଚନୀୟ ଅବସ୍ଥାରେ ରହିଛି। ବର୍ଷା ମାସରେ ଦୁଇ, ତିନି ଦିନ ବର୍ଷା ଲାଗିରହିଲେ ମୁଖ୍ୟ ରାସ୍ତା ଉପରେ ଡ୍ରେନର ମଇଳା ପଡି ରହୁଛି। ଏହା ଦ୍ୱାରା ସାଧାରଣ ଜନତା ଯିବା ଆସିବାରେ ସମସ୍ୟା ଭୋଗୁଛନ୍ତି। ସହର ପ୍ରବେଶ ଦ୍ୱାର ବସଷ୍ଟାଣ୍ଡ ପାଖରେ ଥିବା ପୋଖରୀ ହୁଡ଼ା ଉପରେ ଓ ମୁଖ୍ୟ ରାସ୍ତା କଡରେ ଚାରିଆଡୁ ଅଳିଆ ଆବର୍ଜନା ଆଣି ପକାଯାଉଛି। ଏଭଳି ସ୍ଥିତିରେ ମଶା ମରା ମେସିନ ଥାଇ ସୁଦ୍ଧା ଦିନେ ହେଲେ ମଧ ବ୍ୟବହାର ହେଉ ନାହିଁ। ବ୍ଲିଚିଙ୍ଗ ପାଉଡର ମଧ କାଁ, ଭାଁ କେବେ ବର୍ଷକୁ ଥରେ ପଡେ। ନ ହେଲେ ବାକି ଦିନ ପଡ଼ିବାର ଦେଖାଯାଉନାହିଁ। ବିଭିନ୍ନ ୱାର୍ଡରେ ଘର ନିର୍ମାଣ, ଅନ୍ୟାନ୍ୟ କାର୍ଯ୍ୟ ସମୟରେ ଡ୍ରେନ ଭିତରେ ବାଲି, କଟା ପଥର ଓ ଦୋକାନ, ହୋଟେଲ ମାନଙ୍କର ଦନା, ପଲିଥିନ, ଚାମୁଚ ଇତ୍ୟାଦି ଡ୍ରେନ ଭିତରେ ଜମି ରହିଥିବାରୁ ଡ୍ରେନରୁ ପାଣିଯିବା ଆସିବାରେ ବାଧା ସୃଷ୍ଟି ହେଉଛି।

ଏହି ସ୍ଥିତିରେ ସହର ବାସୀ ଅତିଷ୍ଠ ହୋଇପଡୁଛନ୍ତି। ଡ୍ରେନ ନିର୍ମାଣରେ ତରବରିଆ ଭାବେ ଲେବଲିଂ ନିଆ ନ ଯାଇ ଥିବାରୁ ପାଣି ନିଷ୍କାସନ ଠିକ ଭାବେ ହୋଇ ପାରୁନାହିଁ। ତେବେ ପ୍ରଶାସନ ଏଦିଗରେ ତୁରନ୍ତ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି।



# ପହଙ୍ଗା ପଞ୍ଚାୟତବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ କଲେ ଆକାଶ

**ଯାଜପୁର ରୋଡ଼,୧୮।୫ (ସଂଚାର ବ୍ୟୁରୋ):** କୋରେଇ ପରେ ଏବେ ରସୁଲପୁରର ସର୍ବାଙ୍ଗୀନ ଉର୍ନତି ପଥରେ କୋରେଇ ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀ ଆକାଶ ଦାସ ନାୟକ । କୋରେଇରେ ବିଭିନ୍ନ ପକଳ୍ପର ଶୁଭ ଉଦଘାଟନ ପରେ ଏବେ ବିଧାୟକଙ୍କ ଫୋକସରେ ରସୁଲପୁର ବ୍ଲକର ବିଭିନ୍ନ ପଂଚାୟତ ରହିଛି । ଜନସାଧାରଣଙ୍କ ମୌଳିକ ସମସ୍ୟା ଦୂର କରିବା ଦିଗରେ ସଦାସର୍ବଦା ଅଗ୍ରସର ଆମ କୋରେଇ ବିଧାୟକ ବୋଲି ଲୋକକଥା ପାଲଟିଲାଣି । ଆଜି କୋରେଇ ବିଧାୟକଙ୍କ କରକମଳରେ ରସୁଲପୁର ବ୍ଲକ ଅନ୍ତର୍ଗତ ପହଙ୍ଗା ପଂଚାୟତର ଦୁଇଗୋଟି ନୂତନ ପକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଜଳସେଚନ ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା ଯୋକୋଡ଼ିଆ ଠାରୁ ପହଙ୍ଗା ପର୍ଯ୍ୟନ୍ତ ହାଇ ଲେବଲ କେନାଲ ନଦୀବନ୍ଧର ଉର୍ନତି କରଣ ଓ ପହଙ୍ଗା ପ୍ରାଥମିକ କୃଷି ସମବାୟ ସମିତିର ନୂତନ ଗୃହର ଶୁଭ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଜଳ ସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁବାସ ଚନ୍ଦ୍ର ସାହୁ, ପହଙ୍ଗା ସୋସାଇଟିର ସେକ୍ରେଟେରୀ ସୋମେନ୍ଦ୍ର ସ୍ୱାଇଁ, ରସୁଲପୁର ବ୍ଲକର ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ପ୍ରୀତିରଞ୍ଜନ ସାହୁ, ଧନେଶ୍ୱର ବାରିକ,ଅଯୋଧା ଜେନାଙ୍କ ସମେତ ହଜାର ହଜାର ବିଜେପି କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ବିଧାୟକଙ୍କ ଗୋଟେ ପରେ ଗୋଟେ ଏଭଳି ଜନହିତକାରୀ କାର୍ଯ୍ୟ ଓ ପହଙ୍ଗା ବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନକୁ ପୂରଣ କରିଥିବାରୁ ଅଂଚଳବାସୀ ତାଙ୍କୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଶିଷ୍ୟ ତରଫରୁ ମାଟ୍ରିକ ଟପରଙ୍କୁ ସମ୍ବର୍ଦ୍ଧନା

**ରାଜକନିକା,୧୮।୫ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକର ଅଗ୍ରଣୀ ଶୈକ୍ଷିକ ସାମାଜିକ ଅନୁଷ୍ଠାନ ଶିଷ୍ୟ ପକ୍ଷରୁ ଆଜି ପୂର୍ବାହ୍ନରେ ଚଳିତବର୍ଷ ମାଟ୍ରିକବର୍ଷ ମାଟ୍ରିକ ପରୀକ୍ଷାରେ ଏ ୧ଙ୍କ ସହ ଅନ୍ୟ ପ୍ରତିଭାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ମା' ମାଟିର ସେବା କରିବାକୁ ଆହ୍ୱାନ ଦିଆଯାଇଛି । ନିଜ ଶୈକ୍ଷିକ ବାଗ୍ମୀତାକୁ ସମାଜର କଲ୍ୟାଣରେ ଉତ୍ସର୍ଗ କରି ଗାରିମା ସାଉଁଟିବାକୁ ଆଜି ସମ୍ବର୍ଦ୍ଧନା ଉତ୍ସବରେ କଣ୍ଡିଆ ଫାଣ୍ଡି ଅଧିକାରୀ ଦେବାଶିଷ ପଣ୍ଡା ମତ ପ୍ରକାଶ କରିଛନ୍ତି ।



ମୁଖ୍ୟବକ୍ତା ଭାବରେ ତରାସ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ରଞ୍ଜନ କୁମାର ଓଝା ଜୀବନର ଲକ୍ଷ୍ୟ ସ୍ଥିର କରି ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ତରାସ ନୋଡାଲ ହାଇସ୍କୁଲ ପରିସରରେ ଶିଷ୍ୟ ପରିବାରର ଉପସଭାପତି ସୁକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱାଗତ ସମ୍ବର୍ଦ୍ଧନା ସମାରୋହରେ ଶିଷ୍ୟର ପ୍ରତିଷ୍ଠାତା ସମ୍ପାଦକ ଡ଼ଃ ସଞ୍ଜୟ ବେହୁରା ଶିଷ୍ୟର ଉଦ୍ଦେଶ୍ୟକୁ ସାର୍ବଜନୀନ କରିବା ସହ ସମସ୍ତ ୪ଜଣ ମାଟ୍ରିକ ଏ ୧ଙ୍କ ସହ ସିବିଏସଇର କୃତୀ ଛାତ୍ରୀ ଏବଂ ମା' କାଳୀ ଟ୍ୟୁଟୋରିଆଲ ସ୍ୱୟଂସିଦ୍ଧ ଗୁରୁଙ୍କୁ ଅତିଥିମାନେ ମାନପତ୍ର ଓ ଉତ୍ତରୀୟ ଦେଇ ଉତ୍ସାହିତ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧରେ ଅତିଥି ଭାବରେ ଆଳି କଲେଜର ଅଧ୍ୟାପକ ବିକ୍ରମ ବେହୁରା, ଚାନ୍ଦବାଲି ବିଡ଼ିଓ ସଂଜୀବ କୁମାର ମହାପାତ୍ର ପ୍ରମୁଖ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ନିଷ୍ଠା ଓ ଲକ୍ଷ୍ୟ ସ୍ଥିର କରିବାକୁ ଆହ୍ୱାନ ଦେଇଥିଲେ। ସମାରୋହରେ ଟପ୍ପର ହୋଇଥିବା ରାଜକନିକା ଆରଏନ ହାଇସ୍କୁଲ ଛାତ୍ର ବୈଭବ ବେହୁରା, ଆଦ୍ୟାଶା ବେହୁରା, ଉତ୍କଳମଣି ନୋଡାଲ ହାଇସ୍କୁଲର ଛାତ୍ର ରୁଦ୍ରମାଧବ ଶତପଥୀ, ନମତରା ହାଇସ୍କୁଲର ଛାତ୍ରୀ ଭାଗ୍ୟଲକ୍ଷ୍ମୀ ସାହ ପ୍ରମୁଖଙ୍କୁ ମାନପତ୍ର, ଉତ୍ତରୀୟ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିଷ୍ୟ ପରିବାରର ପାର୍ଥସାରଥୀ ପଣ୍ଡା, ଶୁଭ୍ରଜିତ ବିଶ୍ୱାଳ, ବିଭୁ ପ୍ରସାଦ ଦାଶ, ଅଭିମନ୍ୟୁ ତରାଇ,ରମାକାନ୍ତ ବେହେରା, ସହଯୋଗ କରିଥିବା ବେଳେ ଆଇନଜୀବୀ ବୃନ୍ଦାବନ ରାଉତ ଧନ୍ୟବାଦ ଦେଇଥିଲେ।

## ହାଇୱା ଧକ୍କାରେ ବାଇକ୍ ଆରୋହୀ ମୃତ

# କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

**ବାରିପଦା,୧୮।୫ (ସଂଚାର ବ୍ୟୁରୋ):** ବିଜୟ ଓ୍ୱାଡା- ରାଞ୍ଚି ଜାତୀୟ ରାଜପଥ ୨୨୦ ନମ୍ବର ପାଲଟିଛି ମରଣଯନ୍ତା ।ଆଜି ସକାଳ ସମୟରେ ଜାତୀୟ ରାଜପଥ ୨୨୦ ନମ୍ବର ବିଜୟୱାଡା-ରାଞ୍ଚି ରାଇରଙ୍ଗପୁର ଠାରୁ ୧୨ କିମି ଦୂର ରାସ୍ତା ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗି ଠାରେ ଏକ ଟିଭିଏସ ଏକ୍ସେଲ ବାଇକକୁ ପଛରୁ ଦୃତ ଗତିରେ ଆସୁଥିବା ହାଇଭା ପିଟିବା ଫଳରେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ ବାସିଙ୍ଗି ଗ୍ରାମର ଅନାଦି ସାହୁ (୫୨) ଆଜି ସକାଳେ ନିଜ ଟିଭିଏସ ଏକସେଲ ବାଇକ୍ ରେ ଜାତୀୟ ରାଜପଥ ୨୨୦ ନମ୍ବର ବାସିଙ୍ଗି ରେ ସକାଳ ୭ ଟା ସମୟରେ ଘରକୁ ଫେରୁଥିବା ସମୟରେ ବହଳଦା ଆଡୁ ଝାଡ଼ଖଣ୍ଡ ନମ୍ବର ଥିବା ଏକ ନୂତନ ହାଇଭା ଗାଡ଼ି ପଛରୁ ଧକ୍କା ଦେଇଥିଲା । ଫଳରେ ବାଇକ ଚାଳକ ରାସ୍ତା ଉପରେ ଛିଟିକି ପଡ଼ି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲେ ।କିଛି ସମୟ ପରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ହାଇଭା ଚାଳକ ଘଟଣାସ୍ଥଳ ରୁ ମାଡ଼ ଡରରେ ଗାଡ଼ି ଛାଡି ଛୁ ମାରିଥିଲା ।ସଙ୍ଗେ ସଙ୍ଗେ ଉକ୍ତ ସ୍ଥାନରେ ଲୋକାରଣ୍ୟ ହୋଇ ଉଠିଥିଲା । ଖବର ପାଇ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଦୁନାଥ ଯେନା ଏବଂ ବହଳଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାଇଭାକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ସେହିଭଳି ଖବର ପାଇ ସାଂସଦ ନବ ଚରଣ ମାଝି ଏବଂ ବିଧାୟକ ଜଲେନ ନାଏକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ଏବଂ ଶୋକ ସନ୍ତପ୍ତ ପରିବାରଙ୍କୁ ସାନ୍ତ୍ୱନା ଦେବା ସହ ମୃତକ ପରିବାରକୁ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ । ଉତ୍ତ୍ୟକ୍ତ ଲୋକେ ଓ ପରିବାର ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଲେ। ଚାପା ଉତ୍ତେଜନା ଲାଗି ରହିଥିଲା ପରେ ପୁଲିସ ବୁଝାସୁଝା କଲାପରେ ପିଡିତ ପରିବାର ରାସ୍ତା ଅବରୋଧରୁ ହଟିଥିଲେ । ରେଡ଼କ୍ରସ ତରଫରୁ ମଧ ୨୦ ହଜାର ଟଙ୍କା ସହାୟତା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ନାଉଗାଁ ଫେଷ୍ଟିଭାଲର ଉଦ୍‌ଯାପିତ



**ଜଗତସିଂହପୁର,୧୮।୫ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ସ୍ଥିତ ଗୋବରୀ ନଦୀ ପଠା ମଣିକର୍ଣ୍ଣିକା ଘାଟ ଚଗଲାଦାସ ମଠ ପଡିଆ ନିକଟରେ ନାଉଗାଁ ଫେଷ୍ଟିଭାଲ-୨୦୨୫ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ଚୌଧୁରୀ ସତ୍ୟ ଦାସଙ୍କ ସଭାପତିତ୍ୱରେ ଫେଷ୍ଟିଭାଲର ଉଦଯାପନୀ ଉତ୍ସବକୁ ସଭାପତିତ୍ୱ କରିଥିଲେ। ଏହି ଉଦଯାପନୀ ଉତ୍ସବ ସନ୍ଧ୍ୟାକୁ ମୁଖ୍ୟ ଅତିଥି ଭାବେ ବାଲିକୁଦାର ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ ଉପସଭାପତି ଲଲାଟେନ୍ଦୁ ମହାପାତ୍ର ଉଦ୍ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପ୍ରଦେଶ କଂଗ୍ରେସ ପୂର୍ବତନ ସମ୍ପାଦକ ତଥା ସମାଜ ସେବୀ ଅଭିଳାଷ ମାଣିଆ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ଡକ୍ଟର ଧରଣୀଧର ନାଥ ଏବଂ କୃଷ୍ଣ ଚନ୍ଦ୍ର ଆଇଚି ନିଜ ନିଜର ଓଜସ୍ୱିନୀ ବକ୍ତବ୍ୟ ମାଧମରେ ଶ୍ରୋତା ମାନଙ୍କୁ ଆକୃଷ୍ଟ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିଥି ଭାବେ ଡକ୍ଟର ମଞ୍ଜୁଶ୍ରୀ ଶାସ୍ତ୍ରୀ ଯୋଗ ଦେଇଥିଲେ। ସାହିତ୍ୟ ଓ କଳା କ୍ଷେତ୍ରେ ବିଶିଷ୍ଟ ଶିକ୍ଷାବିତ ତଥା ଉତ୍କଳ ଭାରତୀ କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ସୁକାନ୍ତ କୁମାର ଲେଙ୍କା ଙ୍କୁ ନାଉଗାଁ ଫେଷ୍ଟିଭାଲ-୨୦୨୫ରେ ସମ୍ମାନିତ କରାଯାଇଥିଲା। ଆରମ୍ଭରେ ଫେଷ୍ଟିଭାଲର ସମ୍ପାଦକ ଧନଞ୍ଜୟ ପରିଜା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କଟକ ସ୍ଥିତ ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲ ପକ୍ଷରୁ ପ୍ରାୟୋଜିତ ଉଦଯାପନୀ ଉତ୍ସବରେ ପରିଷଦର ସାଂସ୍କୃତିକ ସମ୍ପାଦକ ସୁନିଲ କୁମାର ମାଟିଆ ସ୍ୱାଗତ ଭାଷଣ ଦେଇଥିଲେ। ସଂଗଠନ ସମ୍ପାଦକ ମନୋଜ ନାୟକ, ତ୍ରିନାଥ ପରିଜା, ଅଭିମନ୍ୟୁ ସାହୁ, ବିବେକାନନ୍ଦ ପରିଜା, ସରୋଜ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ରହିଥିଲେ । କଟକ ସ୍ଥିତ ଶ୍ୟାମ କୁମାର ଙ୍କ ସର୍ଗମ ଅର୍କେଷ୍ଟାର ମେଲୋଡି ନାଇଟିରେ ଝୁମିଥିଲେ ହଜାର ହଜାର ଦର୍ଶକ।

## ଦୁର୍ଗାପୁର-ପୁରୁଣିଆ ରାସ୍ତା ପାଲଟିଛି ଅସାମାଜିକଙ୍କ ଚରାଭୂଇଁ

# ଜନସାଧାରଣଙ୍କ ଧନଜୀବନ ଏବେ ବିପଦରେ

**ବୈଶିଙ୍ଗା,୧୮।୫ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧିନ ଦୁର୍ଗାପୁର - ପୁରୁଣିଆ ରାସ୍ତା ଏବେ ଅସାମାଜିକ ବ୍ୟକ୍ତିଙ୍କ ଚରାଭୂଇଁ ପାଲଟିଛି। ଗୋଟିଏ ସପ୍ତାହ ମଧରେ ଏହି ରାସ୍ତାରେ ଦୁଇଥର ଚିନତାଇ ଘଟଣା ଲୋକଙ୍କୁ ଭୟଭୀତ କରାଇଲାଣି। ଗତ କିଛି ଦିନ ତଳେ ଜଣେ ବାଇକ ଆରୋହୀଙ୍କୁ ଧାରୁଆ ଅସ୍ତ୍ରରେ ହାଣି ଲୁଟି ନେଇଥିବା ବେଳେ ଗତକାଲି ଶନିବାର ରାତିରେ ଜଣେ ବାଇକ ଆରୋହୀ ଙ୍କୁ ଅଟକାଇ ମାଡ ମାରିବା ପରେ ବାଇକ ଟିକୁ ଛଡାଇ ନେଇ ପଳାଉଥିବା ସମୟରେ ଚିତ୍କାର ଶୁଣି କିଛି ଗ୍ରାମବାସୀ ଲୁଟେରା ଙ୍କୁ ଘେରାଉ କରିଦେବା ଯୋଗୁଁ ଲୁଟେରା ଦୁଇ ଜଣ ଅନ୍ଧାରର ସୁଯୋଗ ନେଇ ଛାଡି ପଳାଇଥିଲେ । ଏ ନେଇ ଥାନାରେ କୌଣସି ଅଭିଯୋଗ କରିନାହାନ୍ତି ।

## ଖପ୍ରାଖୋଲ ବ୍ଲକରେ ଅଜବ ନୀତି

# ମାଗଣାରେ ସୂଚନା ଦେବାକୁ ଅଧିକାରୀ ଅମଙ୍ଗ

**ଖପ୍ରାଖୋଲ,୧୮।୫ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର ବିଭିନ୍ନ ଭତ୍ତାକୁ ନେଇ ବଲାଙ୍ଗୀର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପାଖକୁ ଲୋକ ସୂଚନା ଅଧିକାର ମଗା ଯାଇଥିଲା । ସୂଚନା ମୁତାବକ, ବଲାଙ୍ଗିର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗଙ୍କୁ ୨୦୧୮ରୁ ୨୦୨୫ ପର୍ଯ୍ୟନ୍ତ ବିଭିନ୍ନ ଭତ୍ତା ସମ୍ବନ୍ଧରେ ସୂଚନା ଦେବା ପାଇଁ ଲୋକ ସୂଚନା ଅଧିକାର (ଆରଟିଆଇ) ରେ ଆବେଦନ କରାଯାଇଥିଲା। ସେହି ଆବେଦନ ପତ୍ରକୁ ଗତ ତାଃ ୩୧।୦୧।୨୦୨୫ରେ ଗ୍ରହଣ କରି ଖପ୍ରାଖୋଲ ପଞ୍ଚାୟତ କାର୍ଯ୍ୟାଳୟରୁ ସୂଚନା ପ୍ରଦାନ କରିବା ସକାଶେ ପତ୍ର ସଂଖ୍ୟା ୪୩୮ ତାଃ ୨୫।୦୨।୨୦୨୫ରେ ପ୍ରେରଣ କରାଯାଇଛି । ହେଲେ ଖପ୍ରାଖୋଲ ପଞ୍ଚାୟତ କାର୍ଯ୍ୟାଳୟରୁ ପତ୍ର ସଂଖ୍ୟା ୧୧୩୫ ତାଃ ୧୬।୦୪।୨୦୨୫ରେ ଏକ ପତ୍ର ସୂଚନା ମାଗିଥିବା ବ୍ୟକ୍ତି ନିକଟକୁ ପ୍ରେରଣ କରି ସୂଚନା ଦେବା ପରିବର୍ତ୍ତେ ବିଭିନ୍ନ ଆଳ ଦେଖାଇ କିଛି ତଥ୍ୟ ଲୁଚାଇବା ପାଇଁ ଖପ୍ରାଖୋଲ ବ୍ଲକ ପ୍ରଶାସନ ଟାଳଟୁଳ ନିତି କରୁଥିବା ମନେ ହେଉଛି।

ସୂଚନା ଅଧିକାର ନିୟମ ଅନୁସାରେ ୧୯୯୬ ମସିହାରେ ପାଇଥିବା ବିପିଏଲ କାର୍ଡରେ ସୂଚନା ମାଗିଥିଲେ ତାଙ୍କୁ ମାଗଣାରେ ତଥ୍ୟ ଦେବା ପରିବର୍ତ୍ତେ ତାଙ୍କୁ ଟଙ୍କା ଦେବା ପାଇଁ କୁହାଯାଇଛି । କେଉଁ କାରଣରୁ ମଗାଯାଇଥିବା ତଥ୍ୟ ଦେବାରେ ଅବହେଳା ପ୍ରଦର୍ଶନ କରାଯାଉଛି କିଛି ଜଣା ପଡୁନାହିଁ। ବୋଧ ହୁଏ କିଛି ଦୁର୍ନୀତି ଲୁଚାଇବା ପାଇଁ ଚେଷ୍ଟା କରାଯାଉଥିବା ମନେହେଉଛି । ସୂଚନା ଅଧିକାର ଆଇନ ବଳରେ ସମସ୍ତେ ନିଜ ଅଞ୍ଚଳ କିମ୍ବା ବ୍ଲକରେ ହେଉଥିବା ଉନ୍ନତି ମୁଳକ କାମର ସବିଶେଷ ବିବରଣୀ ସମ୍ପୃକ୍ତ ବିଭାଗ ଦେବା କଥା କିନ୍ତୁ ତଥ୍ୟ ପାଇଁ ଆବେଦନ କଲା ପରେ ମଧ ବ୍ଲକ ପ୍ରଶାସନ ତରଫରୁ କୌଣସି ସନ୍ତୋଷ ଜନକ ତଥ୍ୟ ମିଳୁନାହିଁ। ଖପ୍ରାଖୋଲ ବ୍ଲକରେ ତିନିଜଣ ସୂଚନା ଅଧିକାରୀ ରହିଛନ୍ତି ହେଲେ କୌଣସି ପ୍ରକାରର ସୂଚନା ମାଗିଲେ ମିଳୁନଥିବା ପରିତାପର ବିଷୟ ଅଟେ। ଏଣୁ ଏହାର ନିରପେକ୍ଷ ତଦନ୍ତ କଲେ ସତ୍ୟାସତ୍ୟ ଲୋକ ଲୋଚନକୁ ଆସି ପାରନ୍ତା ବୋଲି ଦାବି ହେଉଛି । ଗଣମାଧମରେ ଏହି ଖବର ପ୍ରକାଶିତ ହେଲା ପରେ କେବେ ସୂଚନା ମିଳୁଛି ଦେଖିବାକୁ ବାକି ରହିଲା ।